ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃଆରୀ ୧୬/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, February 16/2025 Page 14 ₹ 7.00

୫୧ଶ ଭାଗ ୮୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 84 ମୂଲ୍ୟ ₹୭/-

ମହାକୁମ୍ଭ: ଗାଡ଼ି ଦୁର୍ଘଟଣାରେ ୧୪ ମୃତ

ପ୍ରୟାଗରାଜ,୧୫।୨

ବିଶ୍ୱର ସର୍ବବୃହତ୍ ମହାକୁମ୍ଭ ମେଳାକୁ ଆସୁଥିବା କିମ୍ବା ଫେରୁଥିବା ଶ୍ରଦ୍ଧାଳୁମାନେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ରାତିରେ ପ୍ରୟାଗରାଜର ମେଜା ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ଏକ ବୋଲେରୋ ଓ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କାହେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଗୁଜରାଟରେ ଅନ୍ୟ ଏକ ଦୁର୍ଘଟଣାରେ ୪ ଜଣଙ୍କ ଜୀବନ ଯାଇଛି। ମିଳିଥିବା ସୂଚନା ଅନୁସାରେ, ଛତିଶଗଡ଼ର କୋର୍ବା ଜିଲାରୁ ୧୦ ଜଣ ଶ୍ରଦ୍ଧାଳୁ ଏକ ବୋଲେରୋରେ କୁମ୍ଭମେଳାରେ ବୁଡ଼ ପକାଇବାକୁ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ବୋଲେରୋର ସମସ୍ତ ୧୦ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ବସ୍‌ର କେତେଜଣ ଯାତ୍ରୀ ଆହତ ହୋଇଥିବା ଡିସିପି ବିବେକଚନ୍ଦ୍ର ଯାଦବ କହିଛନ୍ତି। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ଚାଇନା ଆଗୁଆ

ରୋକି ହେଉନାହିଁ ବାଲ୍ୟବିବାହ

୬ବର୍ଷରେ ଅଧିକାର ହରାଇଛନ୍ତି ୮,୧୫୯ ନାବାଳିକା

ରାଜ୍ୟରେ ବାଲ୍ୟବିବାହ ରୋକିବା ପାଇଁ ୨୦୨୬ରୁ ବାଲ୍ୟବିବାହ ନିରୋଧ ଆଇନ କାର୍ଯ୍ୟ କରୁଛି। ୧୮ବର୍ଷରୁ କମ୍ କିଶୋରୀ ଏବଂ ନାବାଳିକାଙ୍କ ବିବାହ ବେଆଇନ। ଏହା ମାଧ୍ୟମରେ ସେମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଉନ୍ନତ ଜୀବନଶୈଳୀ ଅଧିକାରକୁ ସୁନିଶ୍ଚିତ କରାଯାଇଛି। ତେଣୁ ବାଲ୍ୟବିବାହ ରୋକିବା ନିମନ୍ତେ ଦଣ୍ଡବ୍ୟବସ୍ଥା କରାଯିବା ସହ ସରକାରୀସ୍ତରରେ ଏବଂ ସାମାଜିକ ଅନୁଷ୍ଠାନ ଜରିଆରେ ସଚେତନତା ସୃଷ୍ଟି କରାଯାଉଛି। ଏହାସତ୍ତ୍ୱେ ବାଲ୍ୟବିବାହ ବନ୍ଦ ହୋଇପାରୁ ନାହିଁ। ନାବାଳିକାଙ୍କ ଇଚ୍ଛା ବିରୋଧରେ ସେମାନଙ୍କ ଅଧିକାରକୁ କ୍ଷୁଣ୍ଣ କରି ବିବାହ ବନ୍ଧନରେ ବାନ୍ଧି ଦିଆଯାଉଛି। ଶନିବାର ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦେଇଥିବା ତଥ୍ୟ ଅନୁସାରେ ଗତ ୬ବର୍ଷରେ ରାଜ୍ୟରେ୮,୧୫୯ବାଲ୍ୟବିବାହହୋଇଛି।ନବରଙ୍ଗପୁରଜିଲାରେ ସର୍ବାଧିକ ୧,୩୪୭ ବୋଲି ତଥ୍ୟରୁ ଜଣାପଡ଼ିଛି। ଅସଚେତନତା, ପୁରୁଣା ମାନସିକତା ଏବଂ ଦୁର୍ବଳ ଆର୍ଥିକସ୍ଥିତି ବାଲ୍ୟବିବାହର ପ୍ରମୁଖ କାରଣ ବୋଲି ସାମାଜିକ କର୍ମୀ ମତପ୍ରକାଶ କରିଛନ୍ତି।

ଭୁବନେଶ୍ୱର, ୧୫।୨ (ବନ୍ଦନା ସେଠୀ)

ବିଧାନସଭାର ବଜେଟ ଅଧିବେଶନର ତୃତୀୟ ଦିନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦେଇଥିବା ଲିଖିତ ସୂଚନା ଅନୁଯାୟୀ, ୨୦୧୯ରୁ ୨୦୨୫ ମଧ୍ୟରେ ମୋଟ ୮ ହଜାର ୧୫୯ ବାଲ୍ୟବିବାହ ହୋଇଛି। ସେଥିମଧ୍ୟରୁ ନବରଙ୍ଗପୁର ଜିଲାରେ ସର୍ବାଧିକ ୧,୩୪୭ ବାଲ୍ୟବିବାହ ହୋଇଛି। ଦ୍ୱିତୀୟ ସ୍ଥାନରେ ଗଞ୍ଜାମ ଜିଲା ରହିଥିବାବେଳେ, ଏଠାରେ ୯୬୬ ବାଲ୍ୟ ବିବାହ ହୋଇଛି। ସେହିପରି କୋରାପୁଟରେ

୬୩୬, ମୟୂରଭଞ୍ଜରେ ୫୯୪, ରାୟଗଡାରେ ୪୦୮, ବାଲେଶ୍ୱରରେ ୩୬୧, କେନ୍ଦୁଝରରେ ୩୨୮, ନୟାଗଡ଼ ଓ କନ୍ଧମାଳରେ ୩୦୮ ଲେଖାଏ, କଟକରେ ୧୫୪ ବାଲ୍ୟବିବାହ ହୋଇଛି। ସବୁଠାରୁ ବଡ଼ କଥା ହେଉଛି, ଖୋର୍ଦ୍ଧା ଜିଲା ମଧ୍ୟ ଏହି ତାଲିକାରୁ ବାଦ୍ ପଡିନାହିଁ। ଏଠାରେ ଗତ ୬ବର୍ଷ ମଧ୍ୟରେ ୧୧୦ ବାଲ୍ୟବିବାହ ହୋଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। ତେବେ ସରକାର ବାଲ୍ୟବିବାହକୁ ରୋକ ଲଗାଇବା ପାଇଁ ବ୍ଲକସ୍ତରରେ, ଅଙ୍ଗନୱାଡିରେ ସଚେତନତା କାର୍ଯ୍ୟକ୍ରମ ସହିତ ପ୍ରତି ୩ମାସରେ ବ୍ଲକ, ଗ୍ରାମପଞ୍ଚାୟତସ୍ତରରେ ସଚେତନତା ସଭା କରାଯାଉଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସିଡିପିଓ, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର, ୱାର୍ଡେନ୍/ମାଟ୍ରନ ଅଫ୍‌ରେସିଡେନ୍ସିଆଲ୍ ହଷ୍ଟେଲଗୁଡ଼ିକୁ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ସୂଚିତ କରାଯାଇଛି। ଏଥିସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ/ଉଚ୍ଚଶିକ୍ଷା ☞ପୃଷ୍ଠା–୪

ବନ୍ଦ ଘରୁ ବାପା, ଝିଅ, ନାତିଙ୍କ ମୃତଦେହ ଜବତ

ଢେଙ୍କାନାଳ,୧୫।୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଚାଉଲିଆ ଖମାର ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଏକ ବନ୍ଦ ଘରର ଦୁଇଟି ପ୍ରକୋଷ୍ଠରୁ ବାପା, ଝିଅ ଓ ନାତିଙ୍କ ମୃତଦେହ ଜବତ କରାଯାଇଛି। ବୁଧବାରଠାରୁ ୩ଜଣ ଯାକ ଆତ୍ମହତ୍ୟା

ମୃତ୍ୟୁର କାରଣ ଅସ୍ପଷ୍ଟ

କରିଥିବା ସୂଚନା ମିଳିଛି। ଘର ଭିତରେ ଦୁର୍ଗନ୍ଧ ହେବାରୁ ଶନିବାର ଅପରାହ୍ନ ୨ଟା ପରେ ଘଟଣା ପଦାକୁ ଆସିଥିଲା। ଖବରପାଇ ସଦର ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିଛି। ମୃତକମାନେ ହେଲେ ଗ୍ରାମର ଶଙ୍କର୍ଷଣ ଦାସ (୭୦), ଝିଅ ସୁବର୍ଣ୍ଣ ଦାସ(୪୦) ଓ ☞ପୃଷ୍ଠା–୪

ମହାକୁମ୍ଭରେ ୭ ତମ୍ବୁ ଜଳିଗଲା

ପ୍ରୟାଗରାଜ ମହାକୁମ୍ଭ ମେଳା ସ୍ଥଳରେ ଶନିବାର ପୁଣି ନିଆଁ ଲାଗି ୭ଟି ଟେଣ୍ଟ ଜଳିଯାଇଛି। ସେକ୍ଟର ୧୮ ଏବଂ ୧୯ ମଧ୍ୟଭାଗରେ ଏହି ନିଆଁ ଲାଗିଥିବାବେଳେ ଅଗ୍ନିଶମ ବିଭାଗ ଏହାକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନାହିଁ। ସୂଚନାଯୋଗ୍ୟ, ପୂର୍ବରୁ ୪ ଥର ମହାକୁମ୍ଭ ସ୍ଥଳରେ ନିଆଁ ଲାଗିଥିଲା।

ସଂକ୍ଷେପରେ

ଆତଙ୍କବାଦ ସହ ସମ୍ପୃକ୍ତି ଅଭିଯୋଗ

୩ ସରକାରୀ କର୍ମଚାରୀ ବହିଷ୍କୃତ

ଶ୍ରୀନଗର, ୧୫।୨

ଆତଙ୍କବାଦୀଙ୍କ ସହ ସମ୍ପର୍କ ରଖିଥିବା ଅଭିଯୋଗରେ ଶନିବାର ଜମ୍ମୁ-କଶ୍ମୀର ଉପ ରାଜ୍ୟପାଳ ମନୋଜ ସିହ୍ନା ୩ ଜଣ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରିଛନ୍ତି। ବହିଷ୍କୃତ ସରକାରୀ କର୍ମଚାରୀଙ୍କ ମଧ୍ୟରେ ପୋଲିସ କନ୍‌ଷ୍ଟେବଲ ଫିରଦୌସ୍ ଅହମଦ ଭଟ୍ଟ, ଶିକ୍ଷକ ମହମଦ ଅଶ୍ରଫ ଭଟ୍ଟ ଏବଂ ବନ ବିଭାଗରେ କାର୍ଯ୍ୟରତ ଅର୍ଦ୍ଦଳୀ ନିସାର ଅହମଦ ଖାନ୍ ରହିଛନ୍ତି। ରାଜ୍ୟ ପୋଲିସ ଏବଂ ବିଭିନ୍ନ ଗୋଇନ୍ଦା ଏଜେନ୍ସିର ତଦନ୍ତ ପରେ ସମ୍ବିଧାନର ଧାରା ୩୧୧(୨) (ସି)ର ବ୍ୟବହାର କରି ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଅଧିକାରୀମାନେ କହିଛନ୍ତି। ସମ୍ପ୍ରତି ଏହି ୩ ବହିଷ୍କୃତ ସରକାରୀ କର୍ମଚାରୀ ଆତଙ୍କବାଦୀଙ୍କ ସହ ଜଡ଼ିତ ବିଭିନ୍ନ ମାମଲାରେ ଜେଲରେ ଅଛନ୍ତି। ପ୍ରକାଶ ଯେ, ୨୦୧୯ ଅଗଷ୍ଟରେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ହଟାଯିବା ପରଠାରୁ ବର୍ତ୍ତମାନ ସୁଦ୍ଧା ୬୯ ଜଣ ସରକାରୀ କର୍ମଚାରୀଙ୍କୁ ଦେଶ ବିରୋଧୀ କାର୍ଯ୍ୟକଳାପ ଏବଂ ଆତଙ୍କବାଦୀଙ୍କ ଲିଙ୍କରେ ଜଡ଼ିତ ଥିବା ଦର୍ଶାଇ ଚାକିରିରୁ ବହିଷ୍କୃତ କରାଯାଇଛି।

'ଶିଶ୍‌ମହଲ' ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୫।୨

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସରକାରୀ ବାସଭବନ ୬ ଫ୍ଲାଗଷ୍ଟାଫ୍ ବଙ୍ଗଳାରେ ବ୍ୟୟବହୁଳ ନବୀକରଣ ଏବଂ ସେଥିରେ ମୂଲ୍ୟବାନ ସାମଗ୍ରୀ ସାମିଲ କରାଯିବା ଘଟଣାର ସବିଶେଷ ତଦନ୍ତ ପାଇଁ କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ (ସିଭିସି) ନିର୍ଦ୍ଦେଶ ଦେଇଛନ୍ତି। ୮ ଏକର ଜମି ଉପରେ ଏହି ଶିଶ୍‌ମହଲ ନିର୍ମାଣ ପାଇଁ ବିଲ୍ଡିଂ ନିୟମର ଜାରି ହୋଇଥିବା ଅଭିଯୋଗକୁ କେନ୍ଦ୍ରୀୟ ପୂର୍ତ୍ତ ବିଭାଗ (ସିପିଡବ୍ଲୁଡି) ତଦନ୍ତ କରିବ। କେଜ୍‌ରିୱାଲ୍‌ଙ୍କ ପୂର୍ବ ସରକାରୀ ବାସଭବନ ବେଆଇନ ଭାବେ ନିର୍ମାଣ ହୋଇଥିବା ନେଇ ଭାଜପା ନେତା ବିଜେନ୍ଦ୍ର ଗୁପ୍ତା ଗତବର୍ଷ ଅକ୍ଟୋବର ୧୪ରେ ସିଭିସି ନିକଟରେ ଅଭିଯୋଗ କରିଥିଲେ। ଏଥିପାଇଁ ରାଜପୁର ରୋଡ୍‌ର ୪୫ ଏବଂ ୪୭ ନମ୍ବର ପ୍ଲଟ୍‌କୁ ଏକାଠି କରାଯିବା ସହ ଫ୍ଲାଗ୍‌ଷ୍ଟାଫ୍ ରୋଡ୍‌ର ଦୁଇଟି ବଙ୍ଗଳାକୁ ଭଙ୍ଗାଯାଇ ଏହାକୁ ନୂଆ ବାସଭବନରେ ମିଶାଇ ଦିଆଯାଇଥିଲା, ଯାହା ଫ୍ଲୋର୍ ଏରିଆ ରେସିଓ (ଏଫ୍ଏଆର୍) ନିୟମାବଳୀର ଉଲ୍ଲଂଘନ ଏବଂ ଉପଯୁକ୍ତ ଲେ-ଆଉଟ୍ ପ୍ଲାନ୍ ମଞ୍ଜୁର ହୋଇ ନ ଥିବା ଗୁପ୍ତା ଅଭିଯୋଗ କରିଥିଲେ। ଏଥିସହିତ ବିଲ୍ଡିଂ ନିର୍ମାଣରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିଲା। କେଜ୍‌ରିୱାଲ ଉକ୍ତ ବାସଭବନରେ ବିଳାସପୂର୍ଣ୍ଣ ସୁବିଧା ସାମିଲ କରିବା ପାଇଁ କରଦାତାମାନଙ୍କ ବହୁ କୋଟି ଟଙ୍କା ବ୍ୟୟ କରିଥିଲେ ବୋଲି ଗୁପ୍ତା ଅଭିଯୋଗରେ ଦର୍ଶାଇଥିଲେ।

ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କରୁ ୧୨୨ କୋଟି ଟଙ୍କା ହଡ଼ପ

ମୁମ୍ବାଇ, ୧୫।୨

ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କ ଟ୍ରେଜେରିରୁ ୧୨୨ କୋଟି ଟଙ୍କା ହଡ଼ପ ଅଭିଯୋଗରେ ମୁମ୍ବାଇ ପୋଲିସ୍‌ର ଅର୍ଥନୈତିକ ଅପରାଧ ଶାଖା (ଇଓଏଫ୍) ଉକ୍ତ ବ୍ୟାଙ୍କର ପୂର୍ବତନ ଜେନେରାଲ ମ୍ୟାନେଜର (ଜିଏମ୍) ହିତେଶ ପ୍ରବୀନଚାନ୍ଦ ମେହେଟ୍ଟାଙ୍କ ନାଁରେ ମାମଲା ରୁଜୁ କରିଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬(୫) (ବ୍ୟାଙ୍କରଙ୍କ ଦ୍ୱାରା ଆସ୍ଥାର ଆପରାଧିକ ଉଲ୍ଲଂଘନ) ଏବଂ ୬୧(୨) (ଆପରାଧିକ ଷଡ଼ଯନ୍ତ୍ର)ରେ ମାମଲା ରୁଜୁ ହୋଇଛି।

ମେହେଟ୍ଟା ୨୦୨୦ରୁ ୨୦୨୫ ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କ୍‌ର ଦାଦର ଓ ଗୋରେଗାଁଓ ଶାଖା ପରିଚାଳନା ଦାୟିତ୍ୱରେ ଥିବାବେଳେ ପଦବୀର ଦୁରୁପଯୋଗ କରି ଆର୍ଥିକ ଜାଲିଆତି କରିଥିବା ଅଭିଯୋଗ ହୋଇଛି। ବ୍ୟାଙ୍କର ମୁଖ୍ୟ ଆକାଉଣ୍ଟ ଅଫିସର ଦାଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମେହେଟ୍ଟାଙ୍କ ସହ ଅନ୍ୟ କେହି ସହଯୋଗୀ ଥିବା ପୋଲିସ ସନ୍ଦେହକରି ଅଧିକ ତଦନ୍ତ ପାଇଁ ଇଓଡବ୍ଲ୍ୟୁକୁ ଦାୟିତ୍ୱ ଦେଇଛି। ପରିଚାଳନାଗତ ତ୍ରୁଟିକୁ ନେଇ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଉଦ୍‌ବେଗ ପ୍ରକାଶ କରିବା ସହ ମୁମ୍ବାଇର ଏହି ବ୍ୟାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଇଛି। ଉକ୍ତ ବ୍ୟାଙ୍କ ଋଣ ମଞ୍ଜୁର କରିବା କିମ୍ବା ନବୀକରଣ କରିବା, ସାନି ଜମା ଗ୍ରହଣ କରିବା କିମ୍ବା ଆର୍‌ବିଆଇର ବିନା ଅନୁମୋଦନରେ ଟଙ୍କା ପୈଠ କରିବା ଉପରେ କଟକଣା ଲଗାଇଛି। ଫେବୃଆରୀ ୧୩ରୁ ଲାଗିଥିବା ଏହି କଟକଣା ୬ ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିସହିତ ବ୍ୟାଙ୍କର ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କୁ ୧୨

ପୂର୍ବତନ ଜିଏମ୍‌ଙ୍କ ନାଁରେ ମାମଲା

ମାସ ପାଇଁ ବଦଳାଇବା ସହିତ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ପୂର୍ବତନ ଚିଫ୍ ଜେନେରାଲ ମ୍ୟାନେଜର ଶ୍ରୀକାନ୍ତଙ୍କୁ ଏହାର ଆଡମିନିଷ୍ଟ୍ରେଟର ନିଯୁକ୍ତ କରିଛି। ଶ୍ରୀକାନ୍ତ ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କର ପରିଚାଳନା ତଦାରଖ କରିବେ। ତାଙ୍କୁ କାର୍ଯ୍ୟରେ ସହାୟତା ପାଇଁ ଏକ ପରାମର୍ଶଦାତା କମିଟି ଗଠନ କରାଯାଇଛି। ସେଥିରେ ଏସ୍‌ବିଆଇର ପୂର୍ବତନ ଜିଏମ୍ ରବୀନ୍ଦ୍ର ସାପ୍ରା ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଭିଜିତ ଦେଶମୁଖ ସଦସ୍ୟ ରହିଛନ୍ତି।

ବ୍ୟାଙ୍କ ଜାଲିଆତି ଖବର ପ୍ରକାଶ ପାଇବା ପରେ ଜମାକାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଭୟଭୀତ ଜମାକାରୀମାନେ ସେମାନଙ୍କ ଟଙ୍କା ସୁରକ୍ଷିତ କି ନୁହେଁ ଏବଂ ତାହାକୁ ଉଠାଇପାରିବେ କି ନାହିଁ, ଜାଣିବା ପାଇଁ ଶୁକ୍ରବାରଠାରୁ ବ୍ୟାଙ୍କ୍ ଶାଖାରେ ଲାଇନ୍ ଲଗାଇଛନ୍ତି। ୨୦୨୪ ମାର୍ଚ୍ଚ ସୁଦ୍ଧା ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କର ୩୦ଟି ଶାଖା କାର୍ଯ୍ୟ କରୁଥିବାବେଳେ ଏହାର ଜମା ପରିମାଣ ୨,୪୩୬ କୋଟି ଟଙ୍କା ରହିଛି। ୧,୩୦,୦୦୦ ଜମାକାରୀ ଉକ୍ତ ବ୍ୟାଙ୍କରେ କାରବାର କରୁଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଉକ୍ତ ବ୍ୟାଙ୍କ ୨୨.୭୮ କୋଟି ଟଙ୍କା ଏବଂ ୨୦୨୨-୨୩ରେ ୩୦.୭୪ କୋଟି ଟଙ୍କା କ୍ଷତି ସହିଥିଲା। ଜମାକାରୀ ଟଙ୍କା ଉଠାଇବା ଉପରେ ୬ ମାସ ପାଇଁ ନିଷେଧାଦେଶ ଲାଗିଥିବାବେଳେ ଡିପୋଜିଟ୍ ଇନ୍‌ସ୍ୟୁରାନ୍ସ ଆଣ୍ଡ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେଶନ (ଡିଆଇସିଜିସି)ରେ ବୀମା ହୋଇଥିବାରୁ ଜମାକାରୀଙ୍କ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା ସୁରକ୍ଷିତ। କଟକଣା ଜାରି ଅର୍ଥ ବ୍ୟାଙ୍କର ଲାଇସେନ୍ସ ରଦ୍ଦ ହୋଇନାହିଁ ବୋଲି ଆର୍‌ବିଆଇ କହିଛି।

ଆଫଗାନିସ୍ତାନରୁ ସୋଭିଏଟ୍ ସୈନ୍ୟ ପ୍ରତ୍ୟାହାରର ୩୬ତମ ବାର୍ଷିକୀ ଅବସରରେ ଉକ୍ତ ଯୁଦ୍ଧ ବେଳର ଜଣେ ସୈନ୍ୟ ରୁଷିଆର ସେଣ୍ଟ ପିଟର୍ସବର୍ଗସ୍ଥିତ ସ୍ମାରକୀରେ ପୁଷ୍ପ ଅର୍ପଣ କରୁଛନ୍ତି। ୧୦ ବର୍ଷ ଧରି ଚାଲିଥିବା ଏହି ଯୁଦ୍ଧରେ ପ୍ରାଣ ହରାଇଥିବା ସୈନ୍ୟଙ୍କ ସ୍ମୃତିରେ ଉକ୍ତ ସ୍ମାରକୀ ନିର୍ମାଣ କରାଯାଇଛି।

ଡ୍ରୋନ୍ କିଣାରେ ୧୦ ଲକ୍ଷ ଲାଞ୍ଚ ଦାବି କରିଥିଲେ ପ୍ରତିରକ୍ଷା ଅଡିଟର

ନୂଆଦିଲ୍ଲୀ, ୧୫।୨

ଡ୍ରୋନ୍ କିଣା ବାବଦରେ କମ୍ପାନୀକୁ ୫୫.୯୬ କୋଟି ଟଙ୍କା ପୈଠ ଲାଗି ମଞ୍ଜୁରୀ ପ୍ରଦାନ ନିମନ୍ତେ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରିନ୍ସିପାଲ୍ କଣ୍ଟ୍ରୋଲର ଅଫ୍ ଡିଫେନ୍ସ ଆକାଉଣ୍ଟସ୍ (ପିସିଡିଏ) କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ନ ଦେଲେ ପରବର୍ତ୍ତୀ ବିଲ୍‌କୁ ଅଟକାଯିବ ବୋଲି ସେ ଧମକ ଦେଇଥିଲେ। ଚୁକ୍ତି ଅନୁଯାୟୀ, ଡ୍ରୋନ୍ ନିର୍ମାତା କମ୍ପାନୀ ରାଫେ ଏମ୍‌ଫିବର ୨୦୨୩ ସେପ୍ଟେମ୍ବର ୨୯ରେ ଭାରତୀୟ ସେନାକୁ ଡ୍ରୋନ୍ ଯୋଗାଇଥିଲା। ସେପ୍ଟେମ୍ବର ୨୯ ଏବଂ ଗତବର୍ଷ ନଭେମ୍ବର ୨୩ରେ ହୋଇଥିବା ଇନ୍‌ଭଏସ୍ ଅନୁଯାୟୀ ପ୍ରତିରକ୍ଷା ମନ୍ତ୍ରଣାଳୟରୁ କମ୍ପାନୀ ୫୫.୯୬ କୋଟି ଟଙ୍କା ପାଇବାର ଥିଲା। ବିଲ୍

୩ ଜଣଙ୍କୁ ଗିରଫ କଲା ସିବିଆଇ

ମଞ୍ଜୁର କରିବା ଲାଗି ପ୍ରଥମ ପର୍ଯ୍ୟାୟରେ ପ୍ରତିରକ୍ଷା ବିଭାଗ ଅଧିକାରୀ ୮ ଲକ୍ଷ ଟଙ୍କା ଗ୍ରହଣ କରୁଥିବାବେଳେ ସିବିଆଇ ତାଙ୍କୁ ଧରିଛି। ପ୍ରତିରକ୍ଷା ସାମଗ୍ରୀ କମ୍ପାନୀର ମାଲିକ, ବରିଷ୍ଠ ଅଡିଟରଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। କମ୍ପାନୀ ଅର୍ଥ ବିଭାଗର ବରିଷ୍ଠ ଉପାଧ୍ୟକ୍ଷ ବରୁଣ ନାରଙ୍ଗଙ୍କ ଅଭିଯୋଗ ଆଧାରରେ ଗତ ୭ ତାରିଖରେ ସିବିଆଇ ମାମଲା ରୁଜୁ କରିଥିଲା। ୧୦ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିବା ଅଭିଯୋଗରେ ବରିଷ୍ଠ ଅଡିଟର ଦୀପନାରାୟଣ ଯାଦବ ଏବଂ ପ୍ରତିରକ୍ଷା ସପ୍ଲାୟର ଆକାଶ କପୁରଙ୍କ ନାଁରେ ମାମଲା ରୁଜୁ ହୋଇଛି।

ଆଉ ୩ ପଣବନ୍ଦୀଙ୍କୁ ମୁକ୍ତକଲା ହମାସ୍

କାଇରୋ/ଜେରୁଜେଲମ୍, ୧୫।୨

ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ ଗାଜାର ଶାସକ ହମାସ୍ ଶନିବାର ଆଉ ୩ ଜଣ ପଣବନ୍ଦୀଙ୍କୁ ମୁକ୍ତ କରିଛି। ଜଣେ ଆମେରିକୀୟଙ୍କ ସମେତ ୩ ପଣବନ୍ଦୀ ମୁକ୍ତ ହୋଇଥିବାବେଳେ ଇସ୍ରାଏଲ୍ ମଧ୍ୟ ୩୬୯ ଜଣ ପାଲେଷ୍ଟିନୀୟ ବନ୍ଦୀ ଏବଂ ଅଟକଙ୍କୁ ମୁକ୍ତ କରିବା ଆରମ୍ଭ କରିଛି। ମୁକ୍ତ ହୋଇଥିବା ପଣବନ୍ଦୀମାନେ ହେଲେ ଲାଇରହର୍ନ, ସାଗୁଇ ଡେକେଲ ଚେନ୍ ଏବଂ ସାଶା (ଆଲେକ୍‌ଜାଣ୍ଡର) ଟ୍ରୋଉଫାନୋଭ୍। ଖାନ୍ ୟୁନିସ୍‌ରେ ସଶସ୍ତ୍ର ହମାସ୍ ଆତଙ୍କବାଦୀମାନେ ପଣବନ୍ଦୀମାନଙ୍କୁ ଆଣି ଇସ୍ରାଏଲୀ ସେନାକୁ ହସ୍ତାନ୍ତର କରିଥିଲେ। ୨୦୨୩ ଅକ୍ଟୋବର ୭ରୁ ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥବାବେଳେ ଇତିମଧ୍ୟରେ ଏହା ୪୯୮ ଦିନରେ ପହଞ୍ଚିଛି। ଆମେରିକା, ଇଜିପ୍ଟ ଏବଂ କାତାର ମଧ୍ୟସ୍ଥମାନଙ୍କ ଦୀର୍ଘଦିନର ଉଦ୍ୟମ ପରେ ଗତ ଜାନୁଆରୀ ୧୯ରୁ ଅସ୍ତ୍ରବିରତି ଚୁକ୍ତିନାମା କାର୍ଯ୍ୟକାରୀ ହୋଇଥିଲା। ଇତିମଧ୍ୟରେ ଗାଜା ୬ ଥର ପଣବନ୍ଦୀଙ୍କୁ ମୁକ୍ତ କରିଥିବାବେଳେ ଏହି ରାଜିନାମା ଆଗକୁ ବଢ଼ିବା ନେଇ ଅନିଶ୍ଚିତତା ଦେଖାଦେଇଥିଲା। ଅସ୍ତ୍ରବିରତି ଭଙ୍ଗୁରହେବା ଆଶଙ୍କା ଦେଖାଦେବାରୁ ମଧ୍ୟସ୍ଥମାନେ ଏହାକୁ ଏଡ଼ାଇବାରେ ସହାୟତା କରିଥିଲେ।

ଓବାମାଙ୍କୁ ସମଲିଙ୍ଗୀ କହି ବିବାଦରେ ମସ୍କଙ୍କ ବାପା

ଏରୋଲ ମସ୍କ

ୱାଶିଂଟନ୍, ୧୫।୨

ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏବଂ ଟେସ୍‌ଲା ତଥା ସ୍ପେସ୍ ଏକ୍ସ' ସିଇଓ ଏଲନ ମସ୍କଙ୍କ ବାପା ଏରୋଲ ମସ୍କ ଶନିବାର ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଓ ତାଙ୍କ ସ୍ତ୍ରୀ ମିଶେଲ ଓବାମାଙ୍କୁ ନେଇ ଏକ ବିବାଦୀୟ ଦାବି କରିଛନ୍ତି। ସୋସିଆଲ ମିଡିଆରେ ବିଭିନ୍ନ ବିବାଦୀୟ ମନ୍ତବ୍ୟ ପାଇଁ ଜଣାଶୁଣା ଏରୋଲ ଶନିବାର ଜୋଶୁଆ ରୁବିନଙ୍କ 'ୱାଇଡ୍ ଆୱେକ ପୋଡ୍‌କାଷ୍ଟ'ରେ ଏକ ସାକ୍ଷାତ୍କାର ଦେଇ କହିଛନ୍ତି, ବାରାକ୍ ଓବାମା ଜଣେ ସମଲିଙ୍ଗୀ ଓ ସେ ଜଣେ ପୁରୁଷଙ୍କୁ ବିବାହ କରିଛନ୍ତି, ଯିଏ ମହିଳାଙ୍କ ପରି ପୋଷାକ ପିନ୍ଧନ୍ତି। ଏରୋଲଙ୍କ ଏହି ଦାବିରେ ପୋଡ୍‌କାଷ୍ଟ'ର ହୋଷ୍ଟ ଜୋଶୁଆ ଆଶ୍ଚର୍ଯ୍ୟ ହୋଇ ପଚାରିଥିଲେ, କ'ଣ ମିଶେଲ ଓବାମା ଜଣେ ପୁରୁଷ। ଉତ୍ତରରେ ଏରୋଲ କହିଛନ୍ତି ନିଶ୍ଚିତ। ୨୦୧୪ରେ ଓବାମା ଆମେରିକାର ରାଷ୍ଟ୍ରପତି ଥିବା ସମୟରେ ଆମେରିକୀୟ ହାସ୍ୟାଭିନେତ୍ରୀ ଜନ୍ ରିଭର୍ସ ମିଶେଲଙ୍କ ଲିଙ୍ଗକୁ ନେଇ ଥଟ୍ଟା କରିଥିଲେ। ସେ ବାରାକଙ୍କୁ ସମଲିଙ୍ଗୀ ଓ ତାଙ୍କ ସ୍ତ୍ରୀ ମିଶେଲଙ୍କୁ ପୁରୁଷ ବୋଲି କହିଥିଲେ। ଏହାର ୨ ସପ୍ତାହ ମଧ୍ୟରେ ଜନ୍‌ଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପଛରେ ଏକ ଷଡ଼ଯନ୍ତ୍ର ଥିବା ଏରୋଲ ଦାବି କରିଛନ୍ତି।

ରୁଷିଆ ବିଅର୍ କେନ୍‌ରେ ଗାନ୍ଧିଜୀଙ୍କ ଛବିକୁ ନେଇ ବିବାଦ

ନୂଆଦିଲ୍ଲୀ, ୧୫।୨

ରୁଷିଆର ଏକ ମଦ ପ୍ରସ୍ତୁତ କମ୍ପାନୀ ବିଅର କେନ୍‌ରେ ମହାତ୍ମା ଗାନ୍ଧୀଙ୍କ ଫଟୋ ବ୍ୟବହାର କରି ବିବାଦ ଘେରକୁ ଆସିଛି। ରୁଷିଆ ବ୍ରାଣ୍ଡ ରେୱର୍ଟ ପ୍ରସ୍ତୁତ କରିଥିବା ଉକ୍ତ କେନ୍‌ଗୁଡ଼ିକରେ ମହାତ୍ମା ଗାନ୍ଧୀଙ୍କ ଫଟୋ ଥିବା ଅନ୍‌ଲାଇନରେ ପ୍ରସାରିତ ହେବା ପରେ ବିବାଦ ଜୋର୍ ଧରିଛି। ଭାରତ ସରକାର ଏନେଇ ରୁଷିଆ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରତିବାଦ ଜଣାଇବାକୁ ଦାବି ହୋଇଛି। ସାମାଜିକ ଗଣମାଧ୍ୟମରେ ଏହା ପ୍ରକାଶ ପାଇବା ପରେ ଏଭଳି ଅସମ୍ମାନଜନକ କାର୍ଯ୍ୟକୁ ନେଇ ଅନ୍ୟମାନେ କ୍ଷୁବ୍ଧ ହେବା ସହ ସେମାନଙ୍କ ଅସନ୍ତୋଷ ଜାହିର କରିଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ ବୋଲି ଜଣେ ସୋସିଆଲ୍ ମିଡିଆ ୟୁଜର କହିବା ସହ ମଦ ଏବଂ ଗାନ୍ଧିଜୀଙ୍କ ମଧ୍ୟରେ ସମ୍ପର୍କକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଗାନ୍ଧିଜୀ ମଦଠାରୁ ବହୁ ଦୂରରେ ଥିଲେ। ତେଣୁ ତାଙ୍କ ନାମ ଓ ଫଟୋ ବ୍ୟବହାର ତୁରନ୍ତ ବନ୍ଦ କରାଯାଉ ବୋଲି ସେ ଦାବି କରିଛନ୍ତି। ରେୱର୍ଟ କମ୍ପାନୀ 'ମହାତ୍ମା ଜି' ନାମରେ ବିଅର ବିକ୍ରି କରିବା ଶାନ୍ତି ଓ ସଂଯମତାର ପ୍ରତୀକ ମହାତ୍ମା ଗାନ୍ଧୀଙ୍କ ଲିଗାସି ପ୍ରତି ଉପହାସ। ଏହା ଭାରତୀୟ ମୂଲ୍ୟବୋଧ ଏବଂ ୧୪୦ କୋଟି ଦେଶବାସୀଙ୍କ ପ୍ରତି ଅପମାନ ବୋଲି ଅନେକ ୟୁଜର ଲେଖିଛନ୍ତି।

କ୍ରିପ୍ଟୋ ଠକେଇ ମାମଲା: ଦିଲ୍ଲୀ, ହରିୟାଣାର ୧୧ ସ୍ଥାନରେ ସିବିଆଇ ଚଢ଼ାଉ

ନୂଆଦିଲ୍ଲୀ, ୧୫।୨

୨ ବର୍ଷ ପୁରୁଣା ଏକ କ୍ରିପ୍ଟୋ ଠକେଇ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତକୁ ଜୋରଦାର କରିଛି। ଦିଲ୍ଲୀ, ଏନ୍‌ସିଆର୍ ଏବଂ ହରିୟାଣାର ୧୧ ସ୍ଥାନରେ ଶନିବାର ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ କେନ୍ଦ୍ରୀୟ ଏଜେନ୍ସି ୧.୦୮ କୋଟି ଟଙ୍କାର ନଗଦ ରାଶି ଜବତ କରିଛି। ସିବିଆଇର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ନିଜକୁ ସରକାରୀ ଅଧିକାରୀଙ୍କ ପରିଚୟ ଦେଇ ଲୋକଙ୍କୁ ଠକିବାରେ ସମ୍ପୃକ୍ତ ଥିବା ତଥାକଥିତ ସାଇବର ଅପରାଧୀଙ୍କ ବିଭିନ୍ନ ଠିକଣାରେ ଏହି ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତମାନେ ନିଜକୁ ସରକାରୀ ଅଧିକାରୀ କହି ବିଭିନ୍ନ ବେଆଇନ କାର୍ଯ୍ୟକଳାପ ଏବଂ କ୍ରିପ୍ଟୋ ଠକେଇରେ ଲିପ୍ତ ଥିଲେ। ସେମାନେ

୧.୦୮ କୋଟି ଟଙ୍କାର ନଗଦ ରାଶି ଜବତ

ଲୋକଙ୍କୁ ବିଭିନ୍ନ ନକଲି ବୈଷୟିକ ସହାୟତା ସମ୍ବନ୍ଧିତ ପରାମର୍ଶ ଦେଇ କ୍ରିପ୍ଟୋ କରେନ୍ସି ଆକାରରେ ଅର୍ଥ କାରବାର କରିବାକୁ ଲୋକଙ୍କୁ ପ୍ରବର୍ତ୍ତାଇ ସେମାନଙ୍କୁ ପ୍ରତାରିତ କରୁଥିଲେ। ପରେ ଏହି ଧନରାଶିକୁ ସେମାନେ କ୍ରିପ୍ଟୋ ୱାଲେଟ ମାଧ୍ୟମରେ ପଠାଇ ନଗଦ ଟଙ୍କାରେ ପରିଣତ କରୁଥିଲେ। ବର୍ତ୍ତମାନ ସୁଦ୍ଧା ସିବିଆଇ ଏହି ମାମଲାରେ ୩ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଧାରା ୧୨୦(ବି), ୪୨୦ ଏବଂ ୩୮୪ ଏବଂ ଆଇଟି ଆକ୍ଟ, ୨୦୦୦ର ଧାରା ୬୬ଡି ଅନୁଯାୟୀ ଚାର୍ଜଶିଟ ଦାଖଲ କରିସାରିଛି। ଶନିବାର ଚଢ଼ାଉ ସମୟରେ ସିବିଆଇ ବହୁ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ପ୍ରମାଣ ସଂଗ୍ରହ କରିବା ସହ ୬ଟି ଲାପଟପ୍, ୮ଟି ମୋବାଇଲ ଫୋନ୍ ଏବଂ ଗୋଟିଏ ଆଇ ପ୍ୟାଡ୍ ଜବତ କରିଛି। ସେହିପରି ୧ ହଜାର ଆମେରିକୀୟ ଡଲାର ମୂଲ୍ୟର ବିଦେଶୀ ମୁଦ୍ରା ଓ ୨୫୨ ଗ୍ରାମ ସୁନା ମଧ୍ୟ ଜବତ ହୋଇଛି।

ଫୁରସତ୍

ପ୍ରଥମ ଦିନରେ ୫୦ କୋଟି କ୍ଲବ୍‌ରେ 'ଛାବା'

ମୁମ୍ବାଇ



ଅଭିନେତା ଭିକି କୌଶଲଙ୍କ 'ଛାବା' ଫିଲ୍ମ ଶୁକ୍ରବାର ରିଲିଜ୍ ହୋଇଛି। ରିଲିଜ୍ ହେବାର ପ୍ରଥମ ଦିନରେ ଏହି ଫିଲ୍ମ ବିଶ୍ୱବ୍ୟାପୀ ବକ୍ସ ଅଫିସ୍‌ରୁ ୫୦ କୋଟି ଟଙ୍କା ରୋଜଗାର କରିଛି। ଏନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଶନିବାର ଏକ୍ସ'ରେ ଏକ ପୋଷ୍ଟ କରି ସୂଚନା ଦିଆଯାଇଛି। ସେହିପରି ପ୍ରଥମ ଦିନରେ ଘରୋଇ ବକ୍ସ ଅଫିସରୁ 'ଛାବା' ଫିଲ୍ମ ୩୩.୧ କୋଟି ଟଙ୍କାର ବ୍ୟବସାୟ କରିଛି। ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଜୀବନୀକୁ ନେଇ ଆଧାରିତ ଏହି ଫିଲ୍ମର ନିର୍ଦ୍ଦେଶନା ଲକ୍ଷ୍ମଣ ଉଟେକର ଦେଇଛନ୍ତି। ଫିଲ୍ମରେ ଭିକି ଏବଂ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଯୋଡ଼ିକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ଅକ୍ଷୟ ଖାନ୍ନା, ଆଶୁତୋଷ ରାଣା ଏବଂ ଅଭିନେତ୍ରୀ ଦିବ୍ୟା ଦତ୍ତା ପ୍ରମୁଖ ଏହି ଫିଲ୍ମରେ ଅଭିନୟ କରିଛନ୍ତି।

ଏପ୍ରିଲ ୧୮ରେ 'କେଶରି ଚାପ୍ଟର ୨'

ମୁମ୍ବାଇ

୨୦୧୯ରେ ଅଭିନେତା ଅକ୍ଷୟ କୁମାରଙ୍କ 'କେଶରି' ଫିଲ୍ମ ରିଲିଜ୍ ହୋଇଥିଲା। ତେବେ ଆସନ୍ତା ଏପ୍ରିଲ ୧୮ ଗୁଡ୍ ଫ୍ରାଇଡେ ଅବସରରେ ଏହି ଫିଲ୍ମର ସିକ୍ୱେଲ 'କେଶରି ଚାପ୍ଟର ୨' ରିଲିଜ୍ ହେବ ବୋଲି ଶନିବାର ଫିଲ୍ମ ନିର୍ମାତା କମ୍ପାନୀ ଧର୍ମା ପ୍ରଡକ୍ସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଫିଲ୍ମରେ ଅକ୍ଷୟଙ୍କ ସହ ଅଭିନେତା ଆର୍. ମାଧବନ ଏବଂ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନଜରକୁ ଆସିବେ। ଫିଲ୍ମକୁ ନେଇ ଅକ୍ଷୟଙ୍କ ପ୍ରଶଂସକମାନେ ଖୁବ୍ ଉତ୍ସାହିତ ଅଛନ୍ତି।

କରନ ଜୋହରଙ୍କ ଦ୍ୱାରା ନିର୍ମିତ ଏବଂ କରନ୍ ସିଂ ତ୍ୟାଗୀଙ୍କ ନିର୍ଦ୍ଦେଶିତ 'କେଶରୀ ଚାପ୍ଟର ୨' ଫିଲ୍ମ ଆଇନଜୀବୀ ସି. ଶଙ୍କରନ୍ ନାୟାରଙ୍କ କାହାଣୀକୁ ନେଇ ଆଧାରିତ। ୧୯୨୦ ଦଶକରେ ଜାଲିଆନାୱାଲା ବାଗ୍ ନରସଂହାର ପରେ ବ୍ରିଟିଶ୍ ସାମ୍ରାଜ୍ୟ ବିରୋଧରେ ଲଢ଼ିବାରେ ଶଙ୍କରନଙ୍କର ପ୍ରମୁଖ ଭୂମିକା ରହିଥିଲା। ଲେଖକ ରଘୁ ପଲାଟ ଏବଂ ପୁଷ୍ପା ପଲାଟଙ୍କ ପୁସ୍ତକ 'ଦି କେସ୍ ଦାଟ ଶୁକ୍ ଦି ଏମ୍ପାୟାର'କୁ ନେଇ ଏହି ଫିଲ୍ମ ପ୍ରସ୍ତୁତ ହୋଇଛି। ପ୍ରକାଶ ଯେ, ବ୍ରିଟିଶ ଶାସନ ସମୟ ୧୮୯୭ ମସିହାରେ ହୋଇଥିବା ବ୍ୟାଟେଲ ଅଫ୍ ସାରାଗଡ଼ିକୁ ନେଇ ଫିଲ୍ମ 'କେଶରି'ରେ ଆଧାରିତ ରହିଥିଲା। ଫିଲ୍ମରେ ଅକ୍ଷୟ ହାବିଲଦାର ଈଶ୍ୱର ସିଂଙ୍କ ଭୂମିକାରେ ନଜରକୁ ଆସିଥିଲେ। ଅଭିନେତ୍ରୀ ପରିଣୀତି ଚୋପ୍ରା ଅକ୍ଷୟଙ୍କ ସ୍ତ୍ରୀ ଭୂମିକା ନିର୍ବାହ କରିଥିଲେ।

ଅକ୍ଷୟ କୁମାର

ଦାମ୍ପତ୍ୟ ଜୀବନର ଝଡ଼ ଦୂର କରିବାକୁ 'ଭାଲେଣ୍ଟାଇନ୍ସ ଡେ ଏଗ୍ରିମେଣ୍ଟ'

ନୂଆଦିଲ୍ଲୀ


भारतीय गैर न्यायिक
भारत INDIA
रु. 500 FIVE HUNDRED RUPEES
पाँच सौ रुपये Rs. 500
INDIA NON JUDICIAL
पश्चिमबंगाल WEST BENGAL
On the occasion of Valentine's, Shubham (Party 1) and Anaya (Party 2) will be mentioning some house rules for both parties to avoid frequent arguments and regenerate the love in the marriage that has been suffering for a long time because of Party 1's trading obsession.
Party 1 will:
1. Only talk about family matters at the dining table, any discussions about the trading market are prohibited.
2. Maintain the bedroom decorum and avoid talking about capital gains/losses during intimacy.
3. Will stop calling Anaya by names like 'My beautycoin' and 'My cryptyPie'
4. Refrain from using trading apps such as CoinDCX and watching YouTube videos for coin research after 9 PM.
Party 2 will:
1. Stop complaining about Shubham's mischief to Mom.
2. Avoid bringing Shubham's ex into an argument.

ସୋସିଆଲ ମିଡିଆରେ ଏକ ବିବାହିତ ଦମ୍ପତିଙ୍କ 'ଭାଲେଣ୍ଟାଇନ୍ସ ଡେ ଏଗ୍ରିମେଣ୍ଟ' ସମ୍ବନ୍ଧିତ ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ଉକ୍ତ ଦମ୍ପତିଙ୍କ ମଧ୍ୟରେ ରହିଥିବା ମତଭେଦକୁ ଦୂର କରିବା ପାଇଁ ସେମାନଙ୍କ ଲାଗି 'ଭାଲେଣ୍ଟାଇନ୍ସ ଡେ ଏଗ୍ରିମେଣ୍ଟ' ପ୍ରସ୍ତୁତ ହୋଇଛି। ଶୁଭମ୍ ନାମକ ଜଣେ ଏକ୍ସ ୟୁଜର୍ସ ଏହି ପୋଷ୍ଟ କରିଛନ୍ତି। ସେ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ବିବାହ ଏତେ କଷ୍ଟସାଧ୍ୟ ବୋଲି କେବେ ଭାବି ନ ଥିଲି। ବିବାହର ୨ ବର୍ଷ ପରେ ତାଙ୍କୁ ତାଙ୍କ ସ୍ତ୍ରୀ ଅନାୟା ଏହି 'ଭାଲେଣ୍ଟାଇନ୍ସ ଡେ' ଏଗ୍ରିମେଣ୍ଟ'ରେ ଦସ୍ତଖତ କରିବାକୁ ବାଧ୍ୟ କରୁଛନ୍ତି। ଅନାୟାଙ୍କ ଏହି ଏଗ୍ରିମେଣ୍ଟ ପେପରରେ ଲେଖାଯାଇଛି, ଚଳିତ ଭାଲେଣ୍ଟାଇନ୍ସ ଡେ'ଠାରୁ ଘରେ ରହିବା ସମୟରେ ଶୁଭମ୍ ଏବଂ ଅନାୟାଙ୍କ ପାଇଁ କିଛି ନିୟମ ପ୍ରସ୍ତୁତ କରାଯାଇଛି, ଯାହା ସେମାନଙ୍କୁ ପରସ୍ପର ସହ ଯୁକ୍ତିତର୍କ କରିବାରୁ ଦୂରେଇ ରଖିବ ଏବଂ ଦୀର୍ଘଦିନ ପରେ ସେମାନଙ୍କ ପ୍ରେମ ସମ୍ପର୍କକୁ ପୁନରୁତ୍ଥାନ କରିପାରିବ। ଉକ୍ତ ଏଗ୍ରିମେଣ୍ଟରେ ଘରେ ରହିବା ସମୟରେ ଉଭୟ ଶୁଭମ୍ ଏବଂ ଅନାୟାଙ୍କ ଉପରେ ବିଭିନ୍ନ କଟକଣା ଲଗାଯାଇଥିବା ଦେଖିବାକୁ ମିଳିଛି। ଏହି ଏଗ୍ରିମେଣ୍ଟରେ ଶୋଇବାଠାରୁ ଆରମ୍ଭ କରି ଖାଇବା ପର୍ଯ୍ୟନ୍ତ ବିଭିନ୍ନ ନିୟମ ରହିଛି।

ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅର୍ଥ କମିଶନ ଚେୟାରମ୍ୟାନ

ଭୁବନେଶ୍ୱର,୧୫।୨
(ଅନୁରାଧା ମହାରଣା)

ଲୋକସେବା ଭବନରେ ଶନିବାର ଷଷ୍ଠ ରାଜ୍ୟ ଅର୍ଥ କମିଶନ ଚେୟାରମ୍ୟାନ ଅରୁଣ କୁମାର ପଣ୍ଡା ଓ ଅନ୍ୟ ସଦସ୍ୟମାନେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟ ଅର୍ଥନୀତି ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ସିଂଦେଓ ନିଜର ପୂର୍ବ ଏବଂ ବର୍ତ୍ତମାନର ଅଭିଜ୍ଞତାକୁ ଆଧାର କରି ତୃଣମୂଳସ୍ତରରୁ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚେୟାରମ୍ୟାନ ଅରୁଣଙ୍କ ସମେତ କମିଶନର ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ, ଡ. ବିଭୁ ପ୍ରସାଦ ନାୟକ ଏବଂ ଅର୍ଥ ବିଭାଗ ଯୁଗ୍ମ ଶାସନ ସଚିବ ତାରାକାନ୍ତ ଭକ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ରାଜ୍ୟ ଅର୍ଥ କମିଶନ ଚେୟାରମ୍ୟାନ୍ ଅରୁଣ କୁମାର ପଣ୍ଡାଙ୍କ ଆଲୋଚନା।

ଓୟୁଟିଆର୍‌ରେ 'ପିଏମ୍ ସୂର୍ଯ୍ୟ ଘର ଏବଂ ଉର୍ଜା ସାକ୍ଷରତା' କର୍ମଶାଳା

ଭୁବନେଶ୍ୱର,୧୫।୨
(ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ରେ ଶନିବାର 'ପିଏମ୍ ସୂର୍ଯ୍ୟ ଘର ଏବଂ ଉର୍ଜା ସାକ୍ଷରତା-୨୦୨୫' ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଛାତ ଉପରେ ସୌର ଉର୍ଜା ସଂସ୍ଥାପନକୁ ପ୍ରୋତ୍ସାହନ ଦେବା ଏବଂ ଏଥିପାଇଁ ଅର୍ଥ ସହାୟତା ଦେଇ ଉପଭୋକ୍ତାଙ୍କୁ ନିଶୁଳ୍କ ବିଦ୍ୟୁତ ଉତ୍ପାଦନ କରିବା ପାଇଁ ସହାୟତା ପ୍ରଦାନ କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା। ଏଥିରେ ଓୟୁଟିଆରର କୁଳପତି ବିଭୁତି ଭୂଷଣ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୌର ସମ୍ପଦର ଉଚିତ୍ ବ୍ୟବହାର ଏବଂ ନବୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଇଏସି (ଇଲେକ୍ଟ୍ରିସିଟି) ପ୍ୟାରି ମୋହନ ମିଶ୍ର ତୃଣମୂଳସ୍ତରରେ ଉର୍ଜା କ୍ଷମତା ବୃଦ୍ଧି ଏବଂ ଛାତ୍ରୀଛାତ୍ରଙ୍କ ମାଧ୍ୟମରେ ଉର୍ଜା ସଞ୍ଚୟ ସଚେତନତା ବିସ୍ତାର ଆବଶ୍ୟକତା ବିଷୟରେ ଉଲ୍ଲେଖ କରିଥିଲେ। ପ୍ରଫେସର ଏ. କେ. ବରିସଲ, ପ୍ରଫେସର ଲୋକନାଥ ତ୍ରିପାଠୀ, ପ୍ରଫେସର ଶ୍ରୀବସ୍ତ ବେହେରା ଏବଂ ୟୁ. କେ. ରାଉତ ଯୁବପିଢ଼ିଙ୍କ ମାର୍ଗଦର୍ଶନ କରିଥିଲେ। ବିଦ୍ୟୁତ ସଞ୍ଚୟ, ସୌର ଉର୍ଜାର ଉପକାରିତା ତଥା ଅନ୍ୟାନ୍ୟ ଅଭ୍ୟାସ ସମ୍ପର୍କରେ ଆଲୋଚନା କରିଥିଲେ।

ସମାନ ପ୍ରସଙ୍ଗକୁ ନେଇ ଆରମ୍ଭରୁ ଘେରିଲେ ବିରୋଧୀ

ଭୁବନେଶ୍ୱର,୧୫।୨(ବନ୍ଦନା ସେଠୀ)

ବିଧାନସଭା ତୃତୀୟ ଦିନ

ହୋଇପାରିଲାନି ପ୍ରଶ୍ନ କାଳ

ବିରୋଧୀଙ୍କ ହଟ୍ଟଗୋଳ ପାଇଁ ଲଗାତାର ଦୁଇଦିନ ଧରି ଠିକ୍‌ଭାବେ ଚାଲି ପାରିନି ବିଧାନସଭା। ଶନିବାର ବିଧାନସଭାର ତୃତୀୟ ଅଧିବେଶନରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ନିୟମ ଅନୁଯାୟୀ ପୂର୍ବାହ୍ନ ୧୦ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଆରମ୍ଭରୁ ହିଁ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ ବାଚସ୍ପତିଙ୍କ ପୋଡିୟମ୍ ନିକଟକୁ ଆସି ନାରାବାଜି ଆରମ୍ଭ କରି ଦେଇଥିଲେ। ଅଦିନିଆ ବର୍ଷାରେ ଫସଲ ଧୋଇଯିବା ଫଳରେ ଚାଷୀ ହନ୍ତସନ୍ତ ପ୍ରସଙ୍ଗକୁ ନେଇ ବିଜେଡି ସଦସ୍ୟ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ମଣ୍ଡିରେ କଟ୍‌ନୀ ଛଟ୍‌ନୀ ହେବ ନାହିଁ ବୋଲି ରାଜ୍ୟ ସରକାର କ୍ଷମତାରେ ଆସିବା ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତି ମଣ୍ଡିରେ ଏବେ ଚାଷୀ କାନ୍ଦୁଛି, ବ୍ୟାପକ କଟନୀ ଛଟନୀ ହେଉଥିବା ସେମାନେ ଅଭିଯୋଗ କରିଥିଲେ। ସେହିପରି କଂଗ୍ରେସ ସଦସ୍ୟମାନେ ମଧ୍ୟ ରାଜ୍ୟର ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା, ମହିଳାଙ୍କ ସୁରକ୍ଷା ନେଇ ନାରାବାଜି କରିଥିଲେ। ଫଳରେ ୧୦ଟା ୩୧ରେ ବାଚସ୍ପତି ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ରଖିଥିଲେ। ଏହି ସମୟ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜର ବିବୃତ୍ତି ପ୍ରଦାନ କରିଥିଲେ। ମଧ୍ୟାହ୍ନ ୧୨ଟା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଥିଲା।

ଦୁଇଦିନ ଧରି ଗୃହରେ ସମାନ ଅବସ୍ଥା ଲାଗି ରହିଥିବାରୁ ପ୍ରଶ୍ନକାଳ ବ୍ୟାହତ ହୋଇଥିଲା। ଏଥିସହ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଆଲୋଚନା ମଧ୍ୟ ହୋଇପାରି ନଥିଲା। ଶନିବାର ଆଇନ, ଅବକାରୀ, ପୂର୍ତ୍ତ, ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରଶ୍ନକାଳ ଆଲୋଚନା ହେବାର ଥିଲା। ତେବେ ପ୍ରଶ୍ନକାଳ ସମୟ ଶେଷ ହୋଇ ଯାଇଥିବାରୁ କେବଳ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇଥିଲା। ଅପରପକ୍ଷେ ଏଭଳି ସ୍ଥିତିକୁ ନେଇ ଉଭୟ ଶାସକ ଏବଂ ବିରୋଧୀ ପରସ୍ପରକୁ ଦୋଷ ଲଦାଲଦି ହୋଇଛନ୍ତି। ସରକାର କିଛି ଶୁଣୁ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି। ସେହିପରି ଭାଜପା ସରକାର କେବଳ କଥାକୁହା ସରକାର, କିଛି କାମ କରୁନି। ଏହି ପ୍ରସଙ୍ଗକୁ ନେଇ ଲଢ଼େଇ ହେବ ବୋଲି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସେହିପରି ବିରୋଧୀ ଦଳ ଜାଣିଶୁଣି ଗୃହରେ ହୋହଲ୍ଲା କରୁଥିବା ଭାଜପା ବିଧାୟକ ପଦ୍ମଲୋଚନ ପଣ୍ଡା ପାଲଟା ଅଭିଯୋଗ ଆଣିଛନ୍ତି। ଅଣପ୍ରସଙ୍ଗକୁ ଅଯଥାରେ ପ୍ରସଙ୍ଗ କରୁଛନ୍ତି। ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଥିବାବେଳେ, ବିରୋଧୀ ଦଳ ଜାଣିଶୁଣି ଏଭଳି କରୁଥିବା ପଦ୍ମଲୋଚନ କହିଛନ୍ତି।

ରାଜ୍ୟର ଚିଠା ଆଇଟି ନୀତି ପାଇଁ ମତାମତ ଲୋଡ଼ିଲେ ସରକାର

ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ରାଜ୍ୟ ସରକାର ଚିଠା ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ନୀତି ଉପରେ ଶିଳ୍ପ ପ୍ରତିନିଧିମାନଙ୍କ ମତାମତ ଲୋଡ଼ିଛନ୍ତି। ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ 'ନାସ୍କମ' ପ୍ରତିନିଧିମାନଙ୍କ ସହ ଆଲୋଚନା କରାଯାଇଛି। ବିଭାଗୀ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ସ୍ୱତନ୍ତ୍ର ଶାସନ ସଚିବ ମାନସ ପଣ୍ଡା, ଓକାକ ସିଇଓ ଡ. ପ୍ରଦୀପ ରାଉତ, ନାସ୍କମ ତଥା ଓଡ଼ିଶା ଆଇଟି ଶିଳ୍ପର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ମହାଲିଙ୍ଗ ଓଡ଼ିଶାରେ ଆଇଟି ଶିଳ୍ପର ଦ୍ରୁତ ଅଭିବୃଦ୍ଧି ଓ ଏହାକୁ ଆଗେଇନେବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ସଂପର୍କରେ କହିଥିଲେ। ବିଶାଳ ଦେବ କହିଲେ, ଆଇଟି ଚିଠା ନୀତି ପ୍ରତିଯୋଗିତାମୂଳକ ପରିବେଶକୁ ପ୍ରୋତ୍ସାହିତ କରିବାର ଆଭିମୁଖ୍ୟ ରଖିଛି, ଯାହା ଡିଜିଟାଲ ଅର୍ଥନୀତି କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବ। ମୂଳଦାଆ ପ୍ରସ୍ତୁତିଠାରୁ ଆରମ୍ଭ କରି କୌଶଳ ବିକାଶ, ଗବେଷଣା ଆଦି ଅନେକ ବିଷୟ ଚିଠା ନୀତିରେ ସନ୍ନିବିଷ୍ଟ ହୋଇଛି ବୋଲି ସେ କହିଥିଲେ। ଜନସାଧାରଣଙ୍କ ଅବଗତି ନିମନ୍ତେ ତଥା ସେମାନଙ୍କ ମତାମତ ପାଇଁ ଚିଠା ନୀତିକୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ୱେବ୍‌ସାଇଟ (https://it.odisha.gov.in/) ଏବଂ ଓକାକ ୱେବ୍‌ସାଇଟ (https://www.ocac.in/)ରେ ପ୍ରଦାନ କରାଯାଇଛି। ଏ ସମ୍ପର୍କିତ ସମସ୍ତ ମତାମତ iftp.eit@odisha.gov.inକୁ ପଠାଯାଇପାରିବ।

ଅନ୍ଧାରରେ ୩୧,୪୫୬ ଅଙ୍ଗନୱାଡି କେନ୍ଦ୍ର

ଭୁବନେଶ୍ୱର,୧୫।୨
(ବନ୍ଦନା ସେଠୀ)

ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ରାଜ୍ୟର ୬୮.୫% ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଫେଡାଣ ଆସୁ ନ ଥିବାବେଳେ ୪୮.୫% ପିଲା ଗୁଣନ ଓ ହରଣ ଜାଣି ନ ଥିବା ଶୁକ୍ରବାର ବିଧାନସଭାରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତଥ୍ୟ ଉପସ୍ଥାପନ କରିଥିଲେ। ଏହାକୁନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଶନିବାର ରାଜ୍ୟର ଅଧିକାଂଶ ଅଙ୍ଗନୱାଡିର ଅବସ୍ଥା ମଧ୍ୟ ଶୋଚନୀୟ ରହିଥିବା ତଥ୍ୟ ପ୍ରକାଶ ପାଇଛି। ରାଜ୍ୟର ୩୧ହଜାର ୪୫୬ ଅଙ୍ଗନୱାଡି କେନ୍ଦ୍ର ଅନ୍ଧାରରେ ରହିଥିବାବେଳେ, ୨୧ହଜାର ୪୮୬ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନସଭାରେ ତଥ୍ୟ ରଖିଛନ୍ତି। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୪୭ହଜାର ୭୩୭ ଅଙ୍ଗନୱାଡି କେନ୍ଦ୍ରରେ ପାଚେରୀ ନାହିଁ। ତେବେ ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ୍ ଯୋଗାଣ ନିମନ୍ତେ ସିକ୍ୟୁରିଟି ଡିପୋଜିଟ୍ ସହିତ ଆବଶ୍ୟକ ସ୍ଥାନରେ ନିକଟସ୍ଥ ପୋଲରୁ ଅଙ୍ଗନୱାଡି କେନ୍ଦ୍ର ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣର ବ୍ୟୟବରାଦ ନିମନ୍ତେ ଜିଲାଗୁଡ଼ିକୁ ପର୍ଯ୍ୟାୟ କ୍ରମେ ପାଣ୍ଠି ପ୍ରଦାନ କରାଯାଉଛି। ବର୍ତ୍ତମାନ ପାଚେରୀ ନିର୍ମାଣ ନିମନ୍ତେ କୌଣସି ପ୍ରସ୍ତାବ ନାହିଁ। ସେହିପରି ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ବିକାଶ ପାଇଁ ପର୍ଯ୍ୟାୟ କ୍ରମେ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ପ୍ରଭାତୀ କହିଛନ୍ତି।

୧୭ ଓ ୨୪ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୧୫।୨
(ଅନୁରାଧା ମହାରଣା)

ଆସନ୍ତା ୧୭ ଏବଂ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ (ବଜେଟ ଅଧିବେଶନ) ଜାରି ରହିଥିବାରୁ ଏହି ସୋମବାରଗୁଡ଼ିକରେ ଭୁବନେଶରର ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସାମୁଦ୍ରିକ ମାଛ ଚାଷରେ ନୂଆ ସୁଯୋଗ

ମତ୍ସ୍ୟ-ପ୍ରାଣୀ ସମାବେଶର ଦ୍ୱିତୀୟ ଦିନ

ଭୁବନେଶ୍ୱର,୧୫।୨
(ଅନୁରାଧା ମହାରଣା)

ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆରେ ଚାଲିଥିବା ମତ୍ସ୍ୟ-ପ୍ରାଣୀ ସମାବେଶର ଦ୍ୱିତୀୟ ଦିନରେ 'ସାମୁଦ୍ରିକ ମତ୍ସ୍ୟ ଚାଷରେ ନୂତନ ସୁଯୋଗ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ, ନୂଆପଡ଼ା, ରାୟଗଡ଼ା, ସୁବର୍ଣ୍ଣପୁର ଆଦି ଜିଲାରୁ ୨୦୦ରୁ ଅଧିକ ମତ୍ସ୍ୟଚାଷୀ ଅଂଶଗ୍ରହଣ କରିଥିଲେ। ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ରର ବିକାଶ ପାଇଁ ଥିବା ସମ୍ଭାବନା ସମ୍ପର୍କରେ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ। ଏହି କ୍ଷେତ୍ରରେ ପ୍ରୟୋଗ ହେଉଥିବା ନୂଆ ଜ୍ଞାନ କୌଶଳ ସମ୍ପର୍କରେ ମତ୍ସ୍ୟଚାଷୀମାନେ ପଚାରି ବୁଝିଥିଲେ। ଏହି ଆଲୋଚନାଚକ୍ରରେ ଗବେଷକ ଡ. ପି କାର୍ତ୍ତିକ ସାମୁଦ୍ରିକ ଦଳ ଚାଷ ଉପରେ ଆଲୋକପାତ କରିଥିଲେ। ଗଭୀର ସମୁଦ୍ରରେ ମାଛ ଧରିବାର ଜ୍ଞାନକୌଶଳ ବିଷୟରେ ବରିଷ୍ଠ ବୈଜ୍ଞାନିକ ଡ. ବାଇଜୁମ୍ ଭି. ଆଲୋଚନା କରିଥିଲେ। ସମୁଦ୍ରରେ ପଞ୍ଜୁରୀରେ ମାଛ ଚାଷର ବିଭିନ୍ନ ଦିଗ ଉପରେ ଡ. ଭି.ଆର୍. ସୁରେଶ ବିସ୍ତୃତ ସୂଚନା ଦେଇଥିଲେ। ରଙ୍ଗେଇଲୁଣ୍ଡା ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସୌମେନ୍ଦ୍ର ନନ୍ଦ ସମନ୍ୱିତ ମାଛ ଚାଷର କୌଶଳ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଏଗ୍ରିପୋଷ୍ଟ ଓ ଆକାପୋଷ୍ଟ ମାଗାଜିନର ସମ୍ପାଦକ ପ୍ରଦୀପ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ୨୬ ଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା।

ରୋମାଞ୍ଚ ଭରିଲା ଡଗ୍ ଶୋ'

ମତ୍ସ୍ୟ-ପ୍ରାଣୀ ସମାବେଶ ଅବସରରେ ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳପଡ଼ିଆରେ ଆୟୋଜିତ 'ଡଗ୍ ଶୋ' ଲୋକଙ୍କ ମନରେ ରୋମାଞ୍ଚ ଭରିଥିଲା। ଗ୍ରେଟ୍ ଡେନ, ଲାବ୍ରାଡର୍ ରିଟ୍ରିଭର୍, ଗୋଲ୍ଡେନ ରିଟ୍ରିଭର୍, ବିଗଲ, ଆକିତା ଇନୁ, ଇଣ୍ଡିଆନ ପରିହା, ସ୍ପିଜ, ଜର୍ମାନ ସେଫର୍ଡ, ଫ୍ରେଞ୍ଚ ବୁଲଡଗ, ରୋଟ୍‌ୱିଲର୍ ଆଦି ୪୮ ପ୍ରଜାତିର ଶ୍ୱାନ ଏହି ଶୋ'ରେ ଅଂଶଗ୍ରହଣ କରିଥିଲେ। ଶ୍ୱାନମାନଙ୍କ ଦକ୍ଷତାର ବୈଶିଷ୍ଟ୍ୟ, ଅନୁସରଣ କ୍ଷମତା ଏବଂ ନିଜସ୍ୱ ବ୍ୟବହାର ଶୈଳୀ ଦେଖଣାହାରୀଙ୍କୁ ଆକର୍ଷିତ କରିଥିଲା। ଶ୍ୱାନ ପ୍ରଶିକ୍ଷକ ରଶ୍ମିତା ଗ୍ରେଟ୍ ଡେନ ପ୍ରଜାତିର ଶ୍ୱାନ ଦ୍ୱାରା ଆଦର୍ଶ ନାଗରିକ ବିଧିକୁ ପ୍ରଦର୍ଶନ କରାଇଥିଲେ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଏବଂ ଓଡ଼ିଶା କେନେଲ କ୍ଲବର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଥିଲେ। ଓଡ଼ିଶା କେନେଲ କ୍ଲବ ସଭାପତି ସୁବ୍ରତ ପୃଷ୍ଟି ସମସ୍ତ ପ୍ରଜାତିର ଶ୍ୱାନମାନଙ୍କ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପ୍ରଦର୍ଶନୀ ଶେଷରେ ଅଂଶଗ୍ରହଣକାରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ. ଡମ୍ବରୁଧର ତରାଇ ଧନ୍ୟବାଦ ଦେଇଥିଲେ।

ବିଶ୍ୱର କ୍ଷୁଦ୍ରତମ ଗାଈ 'ପୁଙ୍ଗାନୁର'

ସମାବେଶର ଅନ୍ୟତମ ଆକର୍ଷଣ ସାଜିଛି ବିଶ୍ୱର ସବୁଠାରୁ କ୍ଷୁଦ୍ରତମ କୁଜ ଥିବା ଗୋ ପ୍ରଜାତି 'ପୁଙ୍ଗାନୁର'। ଏହି ଗାଈର ଉଚ୍ଚତା ୭୦-୯୦ ସେଣ୍ଟିମିଟର ହୋଇଥିବା ବେଳେ ଓଜନ ୧୧୫-୨୦୦ କିଲୋଗ୍ରାମ। ଏହା କମ ଖାଦ୍ୟ ଆବଶ୍ୟକ କରିଥାଏ ଏବଂ ଉଭୟ ଶୁଷ୍କ ଓ ଉଷ୍ମ ଜଳବାୟୁରେ ମଧ୍ୟ ଜୀବନଯାପନ କରିପାରେ। ଏହି ପ୍ରଜାତି ଭାରତୀୟ ଜଳବାୟୁ ସହ ଖାପ ଖୁଆଇ ରହିପାରିବ। ଏମାନେ ମୁଖ୍ୟତଃ ଶାନ୍ତ ସ୍ୱଭାବର ଅଟନ୍ତି। ଏହି ଗୋ ପ୍ରଜାତି ଦୈନିକ ହାରାହାରି ୩.୫ ଲିଟର କ୍ଷୀର ଦେଇଥାନ୍ତି ଓ ଏଥିରେ ଘିଅ ଅଂଶ ୮ ପ୍ରତିଶତ ରହିଛି। ବିଶ୍ୱ ପ୍ରସିଦ୍ଧ ତିରୁପତି ଲଡୁ ପୁଙ୍ଗାନୁର ଗାଈର ଘିଅରୁ ପ୍ରସ୍ତୁତ ହୋଇଥାଏ। ଏହି ଗାଈ ଆଞ୍ଚଳିକ ପର୍ବ ପର୍ବାଣୀ, ଉତ୍ସବ ଓ ସମୃଦ୍ଧିର ପ୍ରତୀକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୪ ଜାନୁଆରୀ ୧୪ ମକର ସଂକ୍ରାନ୍ତି ଅବସରରେ ତାଙ୍କ ବାସଭବନରେ ପୁଙ୍ଗାନୁର ଗାଈଙ୍କୁ ଆଦର କରିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ ଭାଇରାଲ ହୋଇଥିଲା। ଏହାପରେ ଏହି ଗାଈ ଲୋକଲୋଚନକୁ ଆସିଥିଲା।



ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ଏବଂ ସତ୍‌ସଙ୍ଗ ବିହାରର ୩୦ତମ ଶ୍ରୀବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜନତା ମଇଦାନ, ସମୟ: ସକାଳ ୬ଟାରୁ ରାତି ୯ଟା ୩୦ ।
- ସାପ୍ତାହିକ ଖବରକାଗଜ 'ପ୍ରବାହ'ର ୧୮ତମ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ମିଡିଆ ଗେଟ୍ ଟୁଗେଦର, ସ୍ଥାନ: ବୁଲନ ଭାଇ ସେବା ଭବନ, ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା ।
- ଭାଇବ୍ରେଣ୍ଟ ଓଡ଼ିଶା କନ୍‌କ୍ଲେଭ, ସ୍ଥାନ: ହୋଟେଲ ନ୍ୟୁ ମାରିୟନ, ସମୟ: ପୂର୍ବାହ୍ନ ୧୧ଟା ।
- ଓଡ଼ିଶା ସରକାରୀ ହାଇସ୍କୁଲ (ମାଧ୍ୟମିକ) ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶିକ୍ଷକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଉତ୍ତର ପୁରୁଷ ନାଟକ ଉତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ କରାଟେ ସ୍କୁଲ ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା ।
- 'ସଂକଳ୍ପ ପଦଯାତ୍ରା' କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ ଭବନ, ସମୟ: ମଧ୍ୟାହ୍ନ ୧୨ଟା ୫ ।
- ଅଧ୍ୟାପିକା/ଅଧ୍ୟାପକଙ୍କ ଦରମା ପ୍ରଦାନ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଦାବରିଶ ସାହିତ୍ୟ ସଂସଦ, ଖାରବେଳନଗର, ସମୟ: ଅପରାହ୍ନ ୪ଟା ।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରସୁଲଗଡ଼ର ଚତୁର୍ବିଂଶତମ ବାର୍ଷିକୋତ୍ସବ, ସ୍ଥାନ: ଜିଜିପି କଲୋନୀ ହାଇସ୍କୁଲ ପାଖ, ସମୟ: ଅପରାହ୍ନ ୪ଟା ।
- ଅଡିଶନ ପ୍ଲେ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା ୪୫ ।
- ସଂସ୍କାର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୪୫ ।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ବାପା', ସ୍ଥାନ: ବିଜୁ ନାଟ୍ୟ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦ ।

ପୁରୀ

- ସତ୍ୟବାଦୀ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ପଞ୍ଚସଖା ଖେଳପଡ଼ିଆ, ସମୟ: ଅପରାହ୍ନ ୫ଟା ।
- ସତ୍ୟବାଦୀ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଯୋଗଦାନ, ସ୍ଥାନ: ପଞ୍ଚସଖା ଖେଳପଡ଼ିଆ ମହୋତ୍ସବ ମଞ୍ଚ, ସମୟ: ଅପରାହ୍ନ ୫ଟା ୩୦ ।

ବାଲେଶ୍ୱର

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ତୃତୀୟ ଦିବସ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର ପରିସର, ନୂଆବଜାର, ବାଲେଶ୍ୱର, ସମୟ: ଦିବସବ୍ୟାପୀ ।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଦିବସବ୍ୟାପୀ ।
- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ, ସ୍ଥାନ: ଭଗବତୀ ବିହାର, ସିମୁଳିଆ, ଗଡ଼ପୋଖରୀ, ଖଇରା, ସମୟ: ସକାଳ ୮ଟା ।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦ ।
- ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ, ସ୍ଥାନ: ବାଲିଖଣ୍ଡ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା ।
- ପୁରାତନ ଛାତ୍ର ସଂସଦର ୩୧ତମ ବାର୍ଷିକ ଉତ୍ସବ, ସ୍ଥାନ: ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ।
- ୭୮ତମ ସାର୍ବଜନୀନ ବାଣୀଶ୍ରୀ ମେଳାର ପଞ୍ଚମ ସନ୍ଧ୍ୟା, ସ୍ଥାନ: ବଗଦା, ଦୁବଲାଗଡ଼ି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା
- ୧୪ତମ ବାର୍ଷିକ ରୂପସା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ପୋଡ଼ାଡିହା ମହୋତ୍ସବ ପଡ଼ିଆ, ରୂପସା, ସମୟ: ସନ୍ଧ୍ୟା ୭ଟା ।
- ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାଟକ 'ସମ୍ପର୍କ' ମଞ୍ଚସ୍ଥ, ସ୍ଥାନ: ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା ।
- ବାଲେଶ୍ୱର ପ୍ରେସ କ୍ଲବର ରୌପ୍ୟଜୟନ୍ତୀ ସମାରୋହ, ସ୍ଥାନ: କ୍ଲବ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା ୩୦ ।

ଭଦ୍ରକ

- ମୁନି ସମାଜର ଜିଲା ଅଧିବେଶନ ଉଦ୍‌ଯାପନୀ, ସ୍ଥାନ: କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟ ପାଖ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ।
- ଆମ ସାମ୍ବାଦିକ ସଂଘର ୨ୟ ବାର୍ଷିକୋତ୍ସବ, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ।
- ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା ।
- ବନ ବିହାରୀ ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ପଧାନପଡ଼ା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଲାୟନ୍ସ କ୍ଲବ ଗଭର୍ନରଙ୍କ ମହାପୁରୁଷ ଆଶ୍ରମ ପରିଦର୍ଶନ, ସ୍ଥାନ: କାଞ୍ଜିଆପାଳ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା ।
- ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍, ସ୍ଥାନ: ଦେହୁଡ଼ି ଆନନ୍ଦପୁର ଖେଳପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା ।
- ଟିଲୋ କପ୍‌ର ଫାଇନାଲ ମ୍ୟାଚ୍, ସ୍ଥାନ: ହନୁମାନଜୀଉ ମିନି ଷ୍ଟାଡିୟମ, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା ।
- ନଟରାଜ ନାଟକ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା ।
- ଜିଲା ମହୋତ୍ସବ 'ଭଦ୍ରାୟଣୀ'ର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା ୩୦ ।

କେନ୍ଦୁଝର

- ସତ୍ୟସାଇ ସମିତି ତରଫରୁ ବାଲ ଶିକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ମରୈଗାଁ, ଡ଼ଅଁର, ହାଟଡିହୀ, ସମୟ : ପୂର୍ବାହ୍ନ ୧୦ଟା ।
- ଲକ୍ଷ୍ମୀ ନାରାୟଣ ସାହିତ୍ୟ ସଂସଦର ୫ମ ବାର୍ଷିକ ଉତ୍ସବ, ସ୍ଥାନ: ମରୈଗାଁ ହାଇସ୍କୁଲ, ହାଟଡିହୀ, ସମୟ :ପୂର୍ବାହ୍ନ ୧୧ ଟା ୧୦ ।
- ବାଦୀପାଲା ଉତ୍ସବ, ସ୍ଥାନ : ଶଡା, ହାଟଡିହୀ, ସମୟ : ରାତି ୯ଟା ।

ମୟୂରଭଞ୍ଜ

- ନ୍ୟାସନାଲ ସେମିନାର, ସ୍ଥାନ: ଜେକେସିସି ସହିତ ମୟୂରଭଞ୍ଜ ରେଡ୍ କ୍ରିକେଟ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡିୟମ ପଡ଼ିଆ, ସମୟ: ସକାଳ ୯ ଟା ।
- ଶ୍ରୀମା ଅରବିନ୍ଦ ଯୋଗ ସାଧନା କେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ବିଜିପୁର ମାନଗୋବିନ୍ଦପୁର, ବଡ଼ସାହି, ସମୟ: ସକାଳ ୯ ଟା ।
- ୬୧ ତମ ବାର୍ଷିକ ଉତ୍ସବ, ସ୍ଥାନ: ରାଇରଙ୍ଗପୁର କଲେଜ ପରିସର, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ ଟା ।
- ଭୀମ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଉଁଶିଆ ଭୀମ ମେଳା ପଡ଼ିଆ, ବଡ଼ସାହି, ସମୟ: ଅପରାହ୍ନ ୫ ଟା ।
- ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା, ସ୍ଥାନ: କଉଡ଼ିଖଣି ସୁହାଗପୁର, ବଡ଼ସାହି, ସମୟ: ସନ୍ଧ୍ୟା ୬ ଟା ।
- ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରର ଯଜ୍ଞାନୁଷ୍ଠାନର ଅଧିବାସ, ସ୍ଥାନ: ମୁର୍ମୁ ଛକ କୁଚେଇବୁଢୀ, ରାଇରଙ୍ଗପୁର, ସମୟ: ସନ୍ଧ୍ୟା ୬ ଟା ।

ଗଞ୍ଜାମ

- ରାଜସ୍ୱମନ୍ତ୍ରୀଙ୍କ ଭଞ୍ଜନଗର ଗସ୍ତ, ସ୍ଥାନ: ଭଞ୍ଜନଗର ଟାଉନ୍ ହଲ୍, ସମୟ: ପୂର୍ବାହ୍ନ ୧୧ ଟା ।
- କଂଗ୍ରେସର ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ବୁଗୁଡ଼ା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ଅପରାହ୍ନ ୩ଟା ।

କନ୍ଧମାଳ

- ହନୁମାନ ଜିଉଙ୍କ ବିଗ୍ରହ, ମନ୍ଦିର ପ୍ରତିଷ୍ଠା ମହୋତ୍ସବ ନିମନ୍ତେ କଳସ ଯାତ୍ରା, ବନଯାଗ, ମଣ୍ଡଳ କରଣ ଏବଂ ଅଙ୍କୁରା ରୋପଣ ପୂଜା, ସ୍ଥାନ: ପାଟଖଣ୍ଡା ମନ୍ଦିର ପରିସର ବାଲିଗୁଡ଼ା, ସମୟ: ସକାଳ ୯ ଟା ।

ଢେଙ୍କାନାଳ

- ଇଣ୍ଡଷ୍ଟ୍ରିଆଲ ଟ୍ରକ୍ ଓନର୍ସ ଆସୋସିଏଶନ ଉଦ୍‌ଘାଟନ, ସ୍ଥାନ: ମୂଳିସିଂହ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ।
- ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ କ୍ରିକେଟ ଉଦ୍‌ଘାଟନ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା ।
- ବୀରବେନ୍ଦୁ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ପରଜଙ୍ଗ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ।
- କପିଳାସ ପ୍ରମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଦିଶା ହସପିଟାଲ ପାଖ, ମହାବୀର ବଜାର, ସମୟ: ମଧ୍ୟାହ୍ନ ୧୨ଟା ।
- ପଞ୍ଚାୟତରାଜ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ 'ସଂକଳ୍ପ', ସ୍ଥାନ: ପଞ୍ଚାୟତରାଜ ଉଚ୍ଚବିଦ୍ୟାଳୟ ପରିସର, କାମାକ୍ଷାନଗର, ସମୟ: ଅପରାହ୍ନ ୩ଟା ।
- ସୁରଭି ସନ୍ଧ୍ୟା, ସ୍ଥାନ: ସାରଙ୍ଗଧର ଷ୍ଟାଡିୟମ, ସମୟ:ଅପରାହ୍ନ ୫ଟା ।
- ମଙ୍ଗଳା ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା, ସ୍ଥାନ: ନୂଆ ରେଙ୍ଗୁଲା, ସମୟ: ଅପରାହ୍ନ ୫ଟା ।
- ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା ।

ଜଗତ୍‌ସିଂହପୁର

- ସର୍ବଭାରତୀୟ ବୃହତ୍ ବନ୍ଦର ଫୁଟବଲ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ତଥା ଉଦ୍‌ଯାପନୀ ସମାରୋହ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା ।

କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା ।
- ପରାଗ ସାହିତ୍ୟ ସଂସଦର ପ୍ରତିଭା ସମ୍ମାନ ଓ ବାର୍ଷିକ ଉତ୍ସବ, ସ୍ଥାନ:ମେଣ୍ଢପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ପଦନପୁର, ଆଳି, ସମୟ:ପୂର୍ବାହ୍ନ ୧୦ଟା ।
- ଅନ୍ଧବର ଲୋକମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଙ୍ଗାରୀ, ଗରଦପୁର, ସମୟ:ସକାଳ ୬ଟା ।

ଯାଜପୁର

- ଗଜରାଜ ସଂଗ୍ରହକେନ୍ଦ୍ରର ରୌପ୍ୟ ଜୟନ୍ତୀ ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକ କାଏମାସ୍ଥିତ ଗଜରାଜ ସଂଗ୍ରହ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ।
- ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏସନ ପକ୍ଷରୁ ଦିନିକିଆ ଟ୍ୟାକ୍ସ କନଫରେନ୍ସ,ସ୍ଥାନ: ଯାଜପୁର ରୋଡ ସଂସ୍କୃତି ଭବନ,ସମୟ: ପୂର୍ବାହ୍ନ ୧୦ଟା ।
- ବ୍ୟାସ ସରୋବର ମହୋତ୍ସବର ୯ମ ଦିବସ, ସ୍ଥାନ: ବ୍ୟାସ ସରୋବର ମେଳା ପଡିଆ, ସମୟ: ଅପରାହ୍ନ ୫ଟା ।
- ଶ୍ରୀଶ୍ରୀ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଶ୍ରୀଚରଣ ମହାନ୍ତିଙ୍କ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତର କାନପୁର ଗ୍ରାମ, ସମୟ: ସନ୍ଧ୍ୟା ୭ଟା ।

ନୟାଗଡ଼

- ମା'ଅନ୍ଧାର ବାଉତୀ ଠାକୁରାଣୀଙ୍କ ହୋମଯଜ୍ଞ ମହୋତ୍ସବର ତୃତୀୟ ଦିବସ, ସ୍ଥାନ:ଓଡ଼ଗାଁ ବ୍ଲକର କଦଳୀବନ୍ଧ ରଗଡି ସାହି, ସମୟ:ସକାଳ ୭ଟା ।
- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ନବମ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ:ସକାଳ ୭ଟା ।
- ରକ୍ତଦାନ ଶିବିର, ଛୋଟ ପିଲାଙ୍କୁ ଖାତା, କଲମ ଓ ବସ୍ତ୍ର ବଣ୍ଟନ, ସ୍ଥାନ:ଦଶପଲ୍ଲା ବ୍ଲକର ଚଢ଼େୟାପଲ୍ଲୀ, ସମୟ:ସକାଳ ୯ଟା ।
- ମହିଳା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳାର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ସେତୁବନ୍ଧ ପତ୍ରିକାର ଲୋକର୍ପଣ ଓ ସମ୍ବର୍ଦ୍ଧନା ପର୍ବର ପ୍ରଥମ ଅଧିବେଶନ, ସ୍ଥାନ:ନୟାଗଡ଼ ବ୍ଲକ ସଭାଗୃହ, ସମୟ:ପୂର୍ବାହ୍ନ ୧୦ଟା୧୦ ।
- ସେତୁବନ୍ଧ ପତ୍ରିକାର ଲୋକର୍ପଣ ଓ ସମ୍ବର୍ଦ୍ଧନା ପର୍ବର ୨ୟ ଅଧିବେଶନ, ସ୍ଥାନ:ନୟାଗଡ଼, ବ୍ଲକ୍ ସଭାଗୃହ, ସମୟ:ମଧ୍ୟାହ୍ନ ୧୨ଟା ୦୫ ।
- ପଠାଣୀ ସାମନ୍ତ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଇଟାମାଟି ବନାମ ନୟାଗଡ଼ କ୍ରୀଡା ଛାତ୍ରାବାସ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା୩୦ ।
- ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ:ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଖଣ୍ଡପଡା, ସମୟ:ଅପରାହ୍ନ ୪ଟା ।

କୋରାପୁଟ

- ରାଧାଶ୍ୟାମ ମନ୍ଦିର ପ୍ରତିଷ୍ଠା, ସ୍ଥାନ: କେନ୍ଦୁଗୁଡା, କୋଟପାଡ଼,ସମୟ: ପୂର୍ବାହ୍ନ ୧୦ଟା ।
- ରାଜ୍ୟ ଡିଜିଟାଲ ମିଡ଼ିଆ ସଂଘର କର୍ମଶାଳା, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ।
- ମେଡ଼ିସିନାଲ ପ୍ଲାଣ୍ଟ୍ ଉପରେ କର୍ମଶାଳା, ସ୍ଥାନ: ତେନ୍ତୁଳିଗୁଡା(ଡୋଲିଆମ୍ବ), ସେମିଳିଗୁଡା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ।

ସମ୍ବଲପୁର

- ହେଣ୍ଡଲୁମ୍ ସିଟି କେନାଲ କ୍ଲବ୍ ପକ୍ଷରୁ ଦିନିକିଆ ଡଗ୍ ଶୋ', ସ୍ଥାନ: କାଇଁଶିର ଫୁଟବଲ ପଡିଆ, ସମୟ: ଅପରାହ୍ନ ୪ଟା ।
- ଦ୍ୱିତୀୟ ବିଜୟ ବାହାଦୁର ସିଂହ ଓ ଭୀମସେନ ଆନ୍ତଜିଲା ଫୁଟବଲ ପ୍ରତିଯୋଗିତା, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ।
- ଷ୍ଟୋର୍ଟିଂ ୟୁନିୟନ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଷ୍ଟୋର୍ଟିଂ ୟୁନିୟନ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୦ ଟା ୩୦
- ସୁରଘୁଙ୍ଗୁର ମହୋତ୍ସବ, ସ୍ଥାନ: ରେଢାଖୋଲ ସ୍ଥିତ କଦମ ପଡିଆ, ସମୟ: ଅପରାହ୍ନ ୫ଟା ।
- କୁଲତା ସମାଜ ସମ୍ବଲପୁରର ବୈଠକ, ସ୍ଥାନ: ଦାନିପାଲି ସ୍ଥିତ ରାମଚଣ୍ଡୀ ସେବା ସଦନ, ସମୟ: ଅପରାହ୍ନ ୫ଟା ।

ବଲାଙ୍ଗୀର

- ଆଗଲପୁର ବ୍ଲକ ରୋତ ମହାବିଦ୍ୟାଳୟ ପୁରାତନ ଛାତ୍ର ସମ୍ମିଳନୀ, ସ୍ଥାନ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଫ୍ରେଣ୍ଡସ୍ କ୍ଲବ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଗ୍ରାଣ୍ଡ ଫାଇନାଲ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ୍, ବଲାଙ୍ଗୀର, ସମୟ: ଅପରାହ୍ଣ ୩ଟା ୩୦ ।

ରାଉରକେଲା

- କଲ୍ୟାଣୀ ରାୟଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ମେ ଫେୟାର ହକି ଭିଲେଜ, ସମୟ: ପୂର୍ବାହ୍ନ ୧୦ଟା ।
- ୨ୟ ରାଉରକେଲା ସାହିତ୍ୟ ଉତ୍ସବ, ସ୍ଥାନ: ସେକ୍ଟର-୫, ଆଦର୍ଶ ପାଠାଗାର, ସମୟ: ଅପରାହ୍ନ ୫ଟା ।
- ଅନ୍ତର୍ଜାତୀୟ ଶାସ୍ତ୍ରୀୟ ନୃତ୍ୟ ଏବଂ ସଙ୍ଗୀତ କାର୍ଯ୍ୟକ୍ରମର ୨ୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ଭେଙ୍କଟେଶ୍ୱରାୟ ସ୍ୱାମୀ ବାଲାଜୀ ମନ୍ଦିର କଲ୍ୟାଣମ୍ (ବିବାହ ଉତ୍ସବ), ସ୍ଥାନ: ପ୍ରଧାନପାଲୀ, ସମୟ: ପୂର୍ବାହ୍ନ ୧୧ଟା ।
- ଡିପ୍ ଲର୍ନର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ତୃତୀୟ ଲାଜରୁସ୍ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ସେକ୍ଟର-୬, ଗ୍ରାସ୍ ଫିଲ୍ଡ, ସମୟ: ଅପରାହ୍ନ ୫ଟା ।
- ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାହିତ୍ୟ ସମାବେଶ, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୫ଟା ୩୦ ।
- ଇସ୍ପାତ ସାହିତ୍ୟ ସଂସଦର ୫୪ତମ ବାର୍ଷିକ ଉତ୍ସବ, ସ୍ଥାନ: ସଂସଦ କାର୍ଯ୍ୟାଳୟ, ସେକ୍ଟର-୭, ସମୟ: ସକାଳ ୯ଟା ୩୦ ।

ସୁନ୍ଦରଗଡ଼

- ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ଓ ବ୍ଲକ ସ୍ତରୀୟ ୭ତମ ବାର୍ଷିକ ଜାଗୃତି ଉତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର, ଲହୁଣୀପଡା ରାଜାମୁଣ୍ଡା, ସମୟ: ସକାଳ ୫ଟା ।
- ନିଖିଳ ଓଡ଼ିଶା ଏମଡିଏମ ପାଚିକା ସହାୟିକା ସଂଘ ସୁନ୍ଦରଗଡ ଜିଲା ପରିଷଦର ପରିବର୍ଦ୍ଧିତ ବୈଠକ, ସ୍ଥାନ: ସୁନ୍ଦରଗଡ ନୂଆ ବସଷ୍ଟାଣ୍ଡ ପାଖ ଲୁହୁରାଡିପା କମ୍ୟୁନିଟି ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା ।
- ଅଖିଳ ଭାରତୀୟ ଅଘରିଆ ସମାଜ, ଓଡ଼ିଶା ପ୍ରଦେଶ ଦଶମ ପ୍ରାନ୍ତୀୟ ମହାସମ୍ମିଳନୀ ଏବଂ ଚତୁର୍ଥ ଗାଙ୍ଗପୁର ଆଞ୍ଚଳିକ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନ ସମାରୋହ, ସ୍ଥାନ: ସବ୍‌ଡେଗା, ସମୟ: ଅପରାହ୍ନ ୩ଟା ୩୦ ।
- ଅଖଣ୍ଡ ଭୂୟାଁ ସମାଜ ମହାସଭା ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଗାଁ ଇଲେକ୍ଟ୍ରିଅଫିସ ନିକଟ ପଡିଆ, ସମୟ: ଅପରାହ୍ନ ୩ଟା ୩୦ ।

ବରଗଡ଼

- ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଦୁର୍ଗା ମନ୍ଦିର ପରିସର, ତୋରା, ବରଗଡ଼,ସମୟ: ସକାଳ ୮ଟା ।
- ଦୁର୍ଗା ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଘେଁସ୍, ସୋହେଲା,ସମୟ:ସକାଳ ୮ଟା ।
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଗୋବିନ୍ଦପାଲି, ବରଗଡ଼,ସମୟ:ସକାଳ ୯ଟା ।
- ବରଗଡ଼ ପ୍ରିମିୟର ଲିଗ୍‌ର ଫାଇନାଲ, ସ୍ଥାନ: ଜଜ୍ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ ଆଜିର ଚନ୍ଦ୍ର ପାପଗ୍ରହ କେତୁଯୁକ୍ତ ଯୋଗୁ କେତେକ କାମ କରିବାକୁ ବାଧହେବେ । ବନ୍ଧୁବତ୍ସଳ, ବୌଦ୍ଧିକ ବିକାଶ ସହ ମନରେ ସାହାଯ୍ୟ ମନୋବୃତ୍ତି ଉଦ୍ରେକ କରିବେ । ଅଟକି ରହିଥିବା କାମ ସକାଶେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ । ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ପଡ଼ିପାରେ ।

ବୃଷ କର୍ମଭାବସ୍ଥ ରବି ଓ ବୁଧ ମିତ୍ର ଶନିଯୁକ୍ତ ହେତୁ ମନ ବୁଝିଲା ଭଳି କଥା କହି ଆକସ୍ମିକ ସମସ୍ୟାକୁ ନିୟନ୍ତ୍ରଣ କରିପାରିବେ । ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ । କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ମନୋରଞ୍ଜନ, ବିଳାସପୂର୍ଣ୍ଣ ଦ୍ରବ୍ୟ ଲାଭର ଯୋଗ ରହିଛି । ତଥାପି ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ ।

ମିଥୁନ ଭାଗ୍ୟସ୍ଥ ଗ୍ରହ ପ୍ରଭାବରେ ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ଅଭିବୃଦ୍ଧି, ଜମିଜମା, ବ୍ୟବସାୟରେ ଶୁଭଫଳ ମିଳିବ । ମକଦ୍ଦମା, ଆଲୋଚନା, ଗବେଷଣାରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବା ଆଶଙ୍କା ଦେଖାଦେବ । ତଥାପି ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି ।

କର୍କଟ ଚନ୍ଦ୍ରଙ୍କ ନବମସ୍ଥ ବୃହସ୍ପତିଜନିତ କର୍ମାରମ୍ଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ଭ୍ରମଣ ସୁଯୋଗ ଏବଂ ସତ୍‌ସଙ୍ଗର ସାନ୍ନିଧ ଲାଭକରିବେ । କିନ୍ତୁ ଅଶ୍ଳେଷାର ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ ମାନସିକ ଦ୍ୱନ୍ଦ୍ୱ ଚିନ୍ତାର୍ଥୀ କରାଇପାରେ । ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ । ବ୍ୟବସାୟ, ଯୋଗାଣ କାରବାରରେ ଉନ୍ନତି କରିବେ ।

ସିଂହ ରବି ସପ୍ତମାଧିପତିଙ୍କ କ୍ଷେତ୍ରରେ ଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ସୁଦ୍ଧା ଟେନ୍‌ସନ ଲାଗି ରହିବ । ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବା ସହ ହାତ ଖାଲିରହିବାଜନିତ ମନରେ ସରସତା ରହିବ ନାହିଁ । କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ । ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ ।

କନ୍ୟା ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ର ରହିଥିବାରୁ ଆଲୋଚନାର ନିଷ୍ପତ୍ତି ସହ ନିବିଡ଼ ବନ୍ଧୁ ସମ୍ପର୍କ କର୍ମକ୍ଷେତ୍ରକୁ ନିରୁପଦ୍ରବ ରଖିବ । ଅପେକ୍ଷା କରିଥିବା ଖବରଟି କିମ୍ବା ଅଭିଳଷିତ ଜିନିଷଟି ପାଇବା ସୂଚନା ରହିଛି । ପରିବାରରେ ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ । କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି ।

ତୁଳା ଉଚ୍ଚସ୍ଥ ଶୁକ୍ର ହେତୁ ମନ ପ୍ରଫୁଲ୍ଲ ରହିବ ଓ କର୍ମକ୍ଷେତ୍ରରେ ସ୍ଥଗିତ କାମ ସମ୍ପନ୍ନ କରିବାରେ ସଫଳ ହେବେ । ନିଜ ଲୋକମାନେ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି । ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ଭ୍ରମଣ ପାଇଁ ମନ ବଳାଇବେ ଓ ବନ୍ଧୁମିଳନ ଘଟିବ । କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି ।

ବିଛା ଚତୁର୍ଥ ସ୍ଥାନରେ ଏକାଧିକ ପାପଗ୍ରହ ଅବସ୍ଥାନ କରିଥିବାରୁ ସ୍ୱାସ୍ଥ୍ୟ ଭଲ ରହିବ, କିନ୍ତୁ ପରିବାରରେ ମତାନ୍ତର ସମ୍ଭାବନା ରହିଛି । ଉଚ୍ଚସ୍ଥ ଶୁକ୍ରଜନିତ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ । କର୍ମକ୍ଷେତ୍ରରେ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ । ବ୍ୟବସାୟ ବଢ଼ାଇବାକୁ ପଦକ୍ଷେପ ଗ୍ରହଣ କରିପାରନ୍ତି ।

ଧନୁ ସପ୍ତମସ୍ଥାନରୁ ରାଶି ପ୍ରତି ମଙ୍ଗଳଙ୍କ ଦୃଷ୍ଟିଜନିତ ସ୍ୱାମୀ/ସ୍ତ୍ରୀଙ୍କ ମଧ୍ୟରେ ବିଚ୍ଛେଦାତ୍ମକ ସ୍ଥିତି ଉତ୍ପନ୍ନ କରିପାରେ । ଶିଳ୍ପ, ବ୍ୟବସାୟିକ ସ୍ଥିତି ଧିମା ଚାଲିବ । ବନ୍ଧୁଙ୍କୁ ସୁସ୍ଥ ମନରେ ବିଚାର ବିନା ସରଳ ବିଶ୍ୱାସକରି ହଇରାଣ ହେବେ । ଶାରୀରିକ ସୁସ୍ଥତା ଫେରିପାଇବେ କିନ୍ତୁ ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହେବା ଠିକ୍ ହେବନାହିଁ ।

ମକର ଶନିଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ନିଜ ଲୋକଙ୍କ ଦ୍ୱାରା ସମସ୍ୟା ମନକୁ ଅସ୍ଥିର କରିବ । ଆଜିର ଯାତ୍ରା, ବାଣିଜ୍ୟ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସୃଷ୍ଟି ହେବ । ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବେ । ପରିବାରରେ ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ ।

କୁମ୍ଭ ସ୍ୱଗୃହୀ ଶନିଙ୍କ ଶୁଭ ପ୍ରଭାବରେ ସ୍ୱାସ୍ଥ୍ୟକୁ ନିରାମୟ ରଖିବାରେ ସାହାଯ୍ୟ କରିବ । ଗୃହ, ଯାନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର କିଣିବା ପାଇଁ ମନ ବଳାଇପାରନ୍ତି । ସାମାଜିକ କ୍ଷେତ୍ର, ଲୋକସମ୍ପର୍କ କ୍ଷେତ୍ରରେ ମର୍ଯ୍ୟାଦା ବଢ଼ିବ । ଆର୍ଥିକ ସମସ୍ୟା, ମାମଲା, ଜମିଜମା ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିପାରେ ।

ମୀନ ଆଜି ରାହୁଯୁକ୍ତ ଶୁକ୍ର ଯୋଗୁ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ । ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ । ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହୋଇପାରନ୍ତି । ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ ।

ଆଜି ଫେବୃଆରୀ ୧୬ ତାରିଖ,ଫାଲ୍‌ଗୁନ କୃଷ୍ଣ ଚତୁର୍ଥୀ ରବିବାର । ରାଶିନକ୍ଷତ୍ର-ହସ୍ତା/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୬।୧୮ ଗତେ, ଘ. ୧୦।୦୬ ମଧ୍ୟେ, ଘ, ୦୧।୨୬ ଗତେ, ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୪।୧୭ ଗତେ, ଘ.୦୫।୪୨ ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

ରୋକି ହେଉନାହିଁ ...

ବିଭାଗର ସମସ୍ତ ଅଧ୍ୟକ୍ଷ ଓ ପ୍ରଧାନ ଶିକ୍ଷକମାନଙ୍କୁ ବାଲ୍ୟବିବାହ ସୂଚନା ଅଧିକାରୀ ଭାବେ ସୂଚୀତ କରାଯାଇଥିବା ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଏନେଇ ଶିଶୁ ଅଧିକାରୀ କର୍ମୀ ଘାସିରାମ ପଣ୍ଡା କହିଛନ୍ତି, ସରକାର ଏବେ ବାଲ୍ୟବିବାହକୁ ନେଇ ସଚେତନ ଅଛନ୍ତି । କିନ୍ତୁ ବିଧାନସଭାରେ ବାଲ୍ୟବିବାହର ଯେଉଁ ତଥ୍ୟ ରଖାଯାଇଛି, ବାସ୍ତବରେ ଓଡ଼ିଶାରେ ବାଲ୍ୟବିବାହ ହାର ଏହାଠାରୁ ଯଥେଷ୍ଟ ଅଧିକ । ତେଣୁ ଏନେଇ ସରକାରଙ୍କୁ ଆହୁରି କଡ଼ା ପଦକ୍ଷେପ ନେବାକୁ ପଡ଼ିବ । ତେବେ ଚଳିତ ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏବଂ ଶିକ୍ଷକମାନଙ୍କୁ ନୂଆ କରି ବାଲ୍ୟବିବାହ ରୋକିବା ଦାୟିତ୍ୱ ପ୍ରଦାନ କରାଯାଇଛି । ଫଳରେ ତଦାରଖ ବ୍ୟବସ୍ଥା ଆହୁରି ସୁଦୃଢ଼ ହୋଇପାରିବ । ଗତ ଅକ୍ଟୋବରରେ ସୁପ୍ରିମକୋର୍ଟ ବାଲ୍ୟବିବାହ ରୋକିବାକୁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ପ୍ରତ୍ୟେକ ରାଜ୍ୟକୁ ନିର୍ଦ୍ଦେଶାବଳୀ ଦେଇଛନ୍ତି । ନିର୍ଦ୍ଦେଶ ଅନୁଯାୟୀ, ପ୍ରତ୍ୟେକ ଜିଲାରେ ଅତି କମ୍‌ରେ ଜଣେ ବାଲ୍ୟ ବିବାହ ନିଷେଧ ଅଧିକାରୀ ଭାବେ ଦାୟିତ୍ୱ ନେବେ । ସେହିପରି ବିଦ୍ୟାଳୟଗୁଡ଼ିକରେ ଯୌନ ଶିକ୍ଷାର ପାଠ୍ୟକ୍ରମ ଯୋଡ଼ାଯିବା ଆବଶ୍ୟକ । କେବଳ କିଶୋରୀମାନଙ୍କୁ ଏଥିରେ ସାମିଲ ନ କରି ଉଭୟ କିଶୋର ଏବଂ ଅଭିଭାବକମାନଙ୍କ ସହ ଯୋଡ଼ି ହେବାକୁ ପଡ଼ିବ ବୋଲି ପଣ୍ଡା କହିଛନ୍ତି ।

ଅପରପକ୍ଷେ ରାଜ୍ୟରେ ଗତ ୬ବର୍ଷ ମଧ୍ୟରେ ୩୨୮ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବା ତଥ୍ୟ ମଧ୍ୟ ଉପମୁଖ୍ୟମନ୍ତ୍ରୀ ବିଧାନସଭାରେ ରଖିଛନ୍ତି । ସର୍ବାଧିକ ୪୦ଜଣ ଶିଶୁ ଶ୍ରମିକ ଝାରସୁଗୁଡାରୁ ଉଦ୍ଧାର ହୋଇଥିବାବେଳେ, ଖୋର୍ଦ୍ଧାରୁ ୩୫ଜଣ, କଟକରୁ ୨୯, ଗଞ୍ଜାମରୁ ୨୬ ଏପରି ମୋଟ ୩୨୮ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି । ଏନେଇ ଶିଶୁ ଅଧିକାର କର୍ମୀ ବେଣୁଧର ସେନାପତି କହିଛନ୍ତି, ରାଜ୍ୟରେ ଶିଶୁ ଶ୍ରମିକ ଆଇନ ଲାଗୁ ହୋଇପାରୁ ନାହିଁ । ପୋଲିସ କେସ୍ କରୁନି, କେବଳ ଡାଏରୀ ମେଣ୍ଟେନ କରିକି ଛାଡ଼ି ଦେଉଛି । ତେଣୁ ସ୍ଥିତିରେ ସୁଧାର ଆସୁନି । ୧୮ବର୍ଷ ପର୍ଯ୍ୟନ୍ତ ଶିକ୍ଷାକୁ ବାଧ୍ୟତାମୂଳକ ଏବଂ ମାଗଣା କରାଗଲେ ସ୍ଥିତିରେ କିଛିଟା ସୁଧାର ଆସିପାରେ । ପିଲାମାନଙ୍କୁ କେବଳ ଉଦ୍ଧାର କଲେ ହେବ ନାହିଁ, ସେମାନଙ୍କ ପାଇଁ ବିଧିବଦ୍ଧ ବ୍ୟବସ୍ଥା ଆଣିବା ଦରକାର । ଉଭୟ ସରକାର ଏବଂ ସାମାଜିକ ସଂଗଠନଗୁଡ଼ିକ ମିଳିତ ଭାବେ କାମ କରିବା ଦରକାର । କିଶୋର ନ୍ୟାୟ ଆଇନ୍ ୨୦୧୫ (ଧାରା ୭୯), ଶିଶୁ ଶ୍ରମିକ ନିରୋଧ ଆଇନ, ୨୦୧୬ (ଧାରା ୧୪)କୁ କଡ଼ାକଡ଼ି ଭାବେ ପାଳନ କରାଗଲେ ଶିଶୁ ଶ୍ରମିକ ପ୍ରଥା ବନ୍ଦ ହୋଇପାରିବ ବୋଲି ସେନାପତି କହିଛନ୍ତି ।

ମହାକୁମ୍ଭ: ଗାଡ଼ି ...

କରାଯାଇଥିବାବେଳେ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପ୍ରୟାଗରାଜର ଏସ୍‌ଆର୍‌ଏନ୍ ହସ୍ପିଟାଲ ପଠାଯାଇଛି । ସେହିପରି ଗୁଜରାଟର ଦାହୋଡ ଜିଲାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣାରେ ୪ ଜଣ ମହାକୁମ୍ଭ ଫେରନ୍ତାଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୬ ଜଣ ଆହତ ହୋଇଛନ୍ତି । ଟୁରିଷ୍ଟ ଭ୍ୟାନ୍‌ଟି ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବା ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା । ଇନ୍ଦୋର-ଅହମଦାବାଦ ଜାତୀୟ ରାଜପଥର ଲିମ୍‌ଖେଦା ନିକଟରେ ରାତି ୨ଟା ୧୫ ମିନିଟ୍ ସମୟରେ ଏହି ଦୁର୍ଘଟଣା ଘଟିଛି । ତୀର୍ଥଯାତ୍ରୀମାନେ ପ୍ରୟାଗରାଜ କୁମ୍ଭମେଳାରେ ଯୋଗଦେଇ ଫେରୁଥିଲେ ।

ସୂଚନାଯୋଗ୍ୟ, ଗତ ମାସ ୨୯ ତାରିଖ ମୌନୀ ଅମାବାସ୍ୟା ଅବସରରେ ମହାକୁମ୍ଭ ଅମୃତ ସ୍ନାନ ବେଳେ ଦଳାଚକଟାରେ ଅନେକ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା । ମୃତ୍ୟୁସଂଖ୍ୟା ୩୦ ବୋଲି ସରକାରୀ ଭାବେ କୁହାଯାଇଥିବାବେଳେ ପ୍ରକୃତ ସଂଖ୍ୟା ଏହାଠାରୁ ବହୁ ଅଧିକ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ଦଳାଚକଟା ମୃତ୍ୟୁର ପ୍ରକୃତ ସଂଖ୍ୟାକୁ ନେଇ ରାଜନୀତି ଜୋର୍ ଧରିଛି ।

ଘର ଆଗରେ ଗ୍ରାମବାସୀ ରୁଣ୍ଡ ହୋଇଛନ୍ତି ।

ବନ୍ଦ ଘରୁ ବାପା, ଝିଅ, ...

ନାତି ସନ୍ତୋଷ କୁମାର ଦାସ(୧୮) । ଅଞ୍ଚଳବାସୀଙ୍କଠାରୁ ଜଣାପଡିଛି, ଶଙ୍କର୍ଷଣ ଦାସ ରେଳ ବିଭାଗରେ ଗେଟ୍‌କିପର ଭାବେ କାର୍ଯ୍ୟ କରୁଥିଲେ । ପ୍ରାୟ ୧୦ବର୍ଷ ତଳେ ଅବସର ଗ୍ରହଣ କରି ସ୍ତ୍ରୀ ପୁଷ୍ପାଞ୍ଜଳି ଦାସ(୬୭)ଙ୍କ ସହ ରହୁଥିଲେ । ଶଙ୍କର୍ଷଣଙ୍କ ଝିଅ ସୁବର୍ଣ୍ଣା ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳରେ ବିବାହ କରିଥିଲେ । କିନ୍ତୁ ପାରିବାରିକ କଳହ ଯୋଗୁ ସେ ସ୍ୱାମୀଙ୍କୁ ଛାଡ଼ି ବାପଘରେ ରହୁଥିଲେ । ତାଙ୍କ ପୁଅ ସନ୍ତୋଷ ଢେଙ୍କାନାଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ଦ୍ୱିତୀୟବର୍ଷ କଳାରେ ପଢୁଥିଲେ । ଶଙ୍କର୍ଷଣଙ୍କ ଏକମାତ୍ର ପୁଅ ପ୍ରସନ୍ନ ଆଜକୁ ୨୦ବର୍ଷ ଧରି ଢେଙ୍କାନାଳ ସହରରେ ରହୁଛନ୍ତି । କୌଣସି କାରଣରୁ ମାନସିକ ଚିନ୍ତାଗ୍ରସ୍ତ ହୋଇ ଏହି ପରିବାର କାହା ସହିତ ନ ମିଶି ଏକାକୀ ରହୁଥିଲେ । ବୁଧବାର ବିଳମ୍ବିତ ରାତିରେ ଶଙ୍କର୍ଷଣ, ଝିଅ ସୁବର୍ଣ୍ଣା ଓ ନାତି ସନ୍ତୋଷ ଘର ଭିତରେ ଥିବା ଦୁଇଟି ପ୍ରକୋଷ୍ଠରେ ରଶି ଲଗାଇ ଦେଇଥିଲେ । ଗୁରୁବାର ସକାଳେ ପୁଷ୍ପାଞ୍ଜଳି ଝିଅକୁ ଡାକିବାକୁ ଘର ଭିତରକୁ ଯାଇ ଦେଖନ୍ତି, ମା' ଓ ପୁଅ ବେକରେ ରଶି ଲଗାଇ ଝୁଲୁଛନ୍ତି । ଅନ୍ୟ ଏକ ପ୍ରକୋଷ୍ଠରେ ସ୍ୱାମୀ ଶଙ୍କର୍ଷଣ ରଶି ସାହାଯ୍ୟରେ ଝୁଲୁଛନ୍ତି । ପୁଷ୍ପାଞ୍ଜଳି ହତବାକ୍ ହୋଇ ଗ୍ରାମବାସୀଙ୍କୁ ଜଣାଇଥିଲେ ମଧ୍ୟ କେହି ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ । ତେଣୁ ସେ ଢେଙ୍କାନାଳ ସହରରେ ରହୁଥିବା ପୁଅ ପ୍ରସନ୍ନଙ୍କ ପାଖକୁ ଯାଇ ସବୁ କଥା କହିଥିଲେ । ଶନିବାର ଘର ଭିତରୁ ଦୁର୍ଗନ୍ଧ ବାହାରିବାରୁ ପଡ଼ୋଶୀମାନେ ଗ୍ରାମ ସଭାପତିଙ୍କୁ ଜଣାଇଥିଲେ । ଗ୍ରାମ ସଭାପତି ପୋଲିସକୁ ଖବର ଦେବା ପରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସଦର ଥାନା ଓ ତରଭା ଫାଣ୍ଡି ପୋଲିସ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି । ଅପରପକ୍ଷରେ ମୃତ ଶଙ୍କର୍ଷଣଙ୍କ ପୁତ୍ର ପ୍ରସନ୍ନ ଶନିବାର ଢେଙ୍କାନାଳରୁ ଆସି ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । କଟକରୁ ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ସନ୍ଧ୍ୟା ୭ଟାରେ ମୃତଦେହ ତଳକୁ ଅଣାଯାଇ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଏ ସଂକ୍ରାନ୍ତରେ ସଦର ଥାନାରେ କେସ୍ ନଂ. ୮/୨୫, ୯/୨୫ ଓ ୧୦/୨୫ରେ ୩ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ କହିଛନ୍ତି, ଏହି ପରିବାର କାହା ସହିତ ନ ମିଶି ଏକାକୀ ଘର ଭିତରେ ରହୁଥିଲେ । ମାନସିକ ଚିନ୍ତାଗ୍ରସ୍ତ ଥିଲେ ବୋଲି ସନ୍ଦେହ କରାଯାଉଛି । ରବିବାର ସକାଳେ ମୃତଦେହ ବ୍ୟବଚ୍ଛେଦ ହେବ । ଘଟଣାର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି । ଗ୍ରାମ ସଭାପତି କାଳନ୍ଦୀ ବାରିକ କହିଛନ୍ତି, ମୁଁ ବହୁବାର ଏହି ରାସ୍ତା ଦେଇ ଯିବାଆସିବା କରୁଥିଲେ ମଧ୍ୟ ପୁଷ୍ପାଞ୍ଜଳି ଘଟଣା ବିଷୟରେ ମୋତେ କିଛି କହିନାହାନ୍ତି ।

ସ୍ଥାନୀୟ ଲୋକଙ୍କ ସହ କଥାବାର୍ତ୍ତାରୁ ଯାହା ଶୁଣିବାକୁ ମିଳିଛି, ସନ୍ତୋଷ ବସ୍‌ରେ କଲେଜ ଯିବାକୁ ବାହାରିଲେ ଆଈ ପୁଷ୍ପାଞ୍ଜଳି ବସ୍ ଆସିଲାଣି କି ନାହିଁ ଦେଖି ଝିଅ ସୁବର୍ଣ୍ଣାଙ୍କୁ ଖବର ଦିଅନ୍ତି । ସୁବର୍ଣ୍ଣା ଏକ ଛୁରି ଧରି ପୁଅ ସହ ବସ୍‌ରେ ଢେଙ୍କାନାଳ ଜୁନିୟର କଲେଜ ଯାଇ ଫାଟକ ନିକଟରେ ବସିରୁହନ୍ତି । ପୁଅର କଲେଜ ଶେଷ ହେବା ପରେ ପୁଣି ଉକ୍ତ ଛୁରି ଧରି ବସ୍‌ରେ ଘରକୁ ଫେରନ୍ତି । ତେବେ ଏହି ଭୟର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ ।

ଭଲ ରୋଜଗାର ଆଶାରେ ଦାଦନମୁହାଁ ଆଦିବାସୀ

କେନ୍ଦୁଝର,୧୫।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରରେ କାମଧନ୍ଦାର ଅଭାବ ଦେଖାଯାଉଛି। ଜିଲା ଖଣି, ଶିଳ୍ପସମୃଦ୍ଧ ହୋଇଥିଲେ ବି କାମ ମିଳୁ ନ ଥିବାରୁ ବହୁ ଭୂୟାଁ ଓ ଜୁଆଙ୍ଗ ଜନଜାତି ଯୁବକ ତଥା ଆଦିବାସୀ ଓ ସାଧାରଣ ବର୍ଗର ଯୁବକ ବାହାର ରାଜ୍ୟକୁ ଯାଇ କାମଧନ୍ଦା କରୁଛନ୍ତି। ଅନେକ ସମୟରେ ସେମାନଙ୍କୁ ସେଠାରେ ନିର୍ଯାତନାର ଶିକାର ହେବାକୁ ପଡୁଥିବା ବେଳେ କେତେଜଣ ଭଲ ରୋଜଗାର କରି ପରିବାର ଚଳାଇ ଆସୁଛନ୍ତି। ଏଭଳି ବାଂଶପାଳ ବ୍ଲକର ଇରିଡ଼ା ଗ୍ରାମର ଦୁଇ ଭୂୟାଁ ସମ୍ପ୍ରଦାୟର ଯୁବକ ଅର୍ଥାତ୍ ୨ ଭାଇ ରଞ୍ଜନ ଦେହୁରୀ ଓ ବିକାଶ ଦେହୁରୀ ପୁଡୁଚେରୀ ଯାଇ ରୋଜଗାରକ୍ଷମ ହୋଇଥିବା କହିଛନ୍ତି।

ଦୁଇ ଭାଇ ସେଠାରେ ଏକ ପ୍ଲାଷ୍ଟିକ୍ କାରଖାନାରେ ହେଲ୍‌ପର ଭାବରେ କାମ କରୁଛନ୍ତି। ୨ ଭାଇ ଅବିବାହିତ ଥିବା ବେଳେ ଘରେ ବାପା ଓ ବଡ଼ଭାଇ ଚାଷକାମ କରୁଛନ୍ତି। ବର୍ତ୍ତମାନର ମହଙ୍ଗା ଯୁଗରେ ଚଳିବା କଷ୍ଟକର। ଅର୍ଥ ଅଭାବରୁ ୫ମରୁ ପାଠ ଛାଡ଼ିବାକୁ ପଡ଼ିଥିଲା। ସ୍ଥାନୀୟ ଅଞ୍ଚଳରେ କାମ ଖୋଜି ପାଇ ନ ଥିଲେ। ସେ ସମୟରେ ଜଣେ ବ୍ୟକ୍ତି ପୁଡୁଚେରୀ ଡାକିନେଇଥିଲେ। ସେଠାରେ ଏବେ ୮ ବର୍ଷ ହେଲା କାମ କରିଆସୁଛନ୍ତି ବୋଲି ରଞ୍ଜନ କହିଛନ୍ତି। ୨ ବର୍ଷ ପରେ ସାନଭାଇ ବିକାଶଙ୍କୁ ନେଇଯାଇଥିଲେ। ଦୁଇ ଭାଇ ପ୍ଲାଷ୍ଟିକ୍ କାରଖାନାରେ ହେଲ୍‌ପର କାମ କରୁଥିବା ବେଳେ ଦିନକୁ ୬୫୦ ଟଙ୍କା ଲେଖାଏ ରୋଜଗାର କରନ୍ତି। ମାସକୁ ଘରକୁ ୨୫ ହଜାର ଟଙ୍କା ପଠାଇଥାନ୍ତି ବୋଲି କହିଛନ୍ତି। ଗତ ଅଗଷ୍ଟରେ ମା' ରଞ୍ଜିତା ଦେହୁରୀଙ୍କ ଦେହାନ୍ତ ହୋଇଯାଇଛି। ଏବେ ଘରେ ବାପା ଦସରୁ ଦେହୁରୀ ଓ ବଡ଼ଭାଇ ରାଉତ ଦେହୁରୀ ଅଛନ୍ତି। ସ୍ଥାନୀୟ ଅଞ୍ଚଳରେ କାମଧନ୍ଦା ମିଳୁନି, ଯାହା ମିଳୁଛି ସେଥିରୁ ଠିକ୍ ପାରିଶ୍ରମିକ ମିଳୁନି। ତେଣୁ ଅଧିକ ରୋଜଗାର ଆଶାରେ ବାହାର ରାଜ୍ୟକୁ ଯିବାକୁ ପଡୁଛି ବୋଲି ୨ ଭାଇ କହିଛନ୍ତି। ଆମ ଅଞ୍ଚଳରୁ ପାଖାପାଖି ୨୦ ପିଲା ଏବେ ସେଠାରେ କାମ କରୁଛନ୍ତି। ଏହି ୨ ଭାଇ ଯଦିଓ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ହୋଇପାରିଛନ୍ତି ତେବେ ସେମାନଙ୍କୁ ପଞ୍ଜୀକରଣ, ସେମାନଙ୍କ ସୁରକ୍ଷା ନେଇ ଶ୍ରମ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଲେ ସମସ୍ତେ ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଉଛି।

ପ୍ରକାଶଯୋଗ୍ୟ, କେନ୍ଦୁଝର ଭଳି ଖଣି ଓ ଶିଳ୍ପ ସମୃଦ୍ଧ ଜିଲାରେ କାମଧନ୍ଦାର ଅଭାବ ରହିଛି। ଏଠାରେ ବାହାର ଲୋକଙ୍କୁ କାମ ମିଳୁଛି କିନ୍ତୁ ସ୍ଥାନୀୟ ଲୋକଙ୍କୁ ନୁହେଁ। ଫଳରେ ଏଭଳି ଅନେକ ଶହ ଯୁବକ ବାହାରକୁ ଯାଇ କାମ କରିବାକୁ ବାଧ ହେଉଛନ୍ତି। ଜିଲାରେ ବିଭିନ୍ନ କାରଖାନା ପ୍ରତିଷ୍ଠା ହୋଇପାରିଲେ ଏଠାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଫଳରେ ସ୍ଥାନୀୟ ଯୁବକମାନେ ବାହାରକୁ ଯିବେ ନାହିଁ କି ନିର୍ଯାତିତ ହେବେ ନାହିଁ ବୋଲି କେନ୍ଦୁଝରର ବ୍ୟବସାୟୀ ଗୁଲାବ ମୁକ୍ତାର ରାଇନ କହିଛନ୍ତି।

ବର୍ଷ ସାରା ହାତୀ ଉପଦ୍ରବ, ସୁରକ୍ଷା ୫ ମାସ

ଗଜସାଥୀଙ୍କ ଅବଧି ବୃଦ୍ଧି ଦାବି

ଚମ୍ପୁଆ,୧୫।୨(ମହେଶ୍ୱର ଦାସ)

କେନ୍ଦୁଝର ବନଖଣ୍ଡ ଚମ୍ପୁଆ ରେଞ୍ଜରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ପୂର୍ବରୁ ବର୍ଷରେ କାଁଭାଁ ହାତୀ ଚଳପ୍ରଚଳ କରୁଥିବା ବେଳେ ୨୦୨୨ରୁ ବର୍ଷ ସାରା ହାତୀ ଉପଦ୍ରବ ଲାଗିରହୁଛି। ହାତୀଙ୍କ ଉପରେ ନଜର ରଖିବା ଓ ହାତୀ ମଣିଷଙ୍କ ମଧ୍ୟରେ ଲଢ଼େଇ ରୋକିବାକୁ ଗଜ ସାଥୀ ନିୟୋଜିତ ହୋଇଛନ୍ତି। ହାତୀଙ୍କ ସୁରକ୍ଷା, ଆଗମନର ସୂଚନା ପାଇଁ ସରକାରୀ ପଦକ୍ଷେପ ମାଧ୍ୟମରେ ହାତୀ ଉପଦ୍ରବ ଅଞ୍ଚଳଗୁଡ଼ିକରେ ଗଜ ସାଥୀଙ୍କୁ ନିଯୁକ୍ତି କରାଯାଇଛି। ମାତ୍ର ବର୍ଷ ସାରା ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ଗଜ ସାଥୀଙ୍କ କାର୍ଯ୍ୟକାଳ ୫ ମାସ ମଧ୍ୟରେ ସୀମିତ ରହିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ହାତୀ ପଲ ଫଟୋ

ସୂଚନା ଅନୁସାରେ, ଚମ୍ପୁଆ, ବାଲିବନ୍ଧ, ଯୋଡ଼ା, ବାମେବାରି ଓ ଉଖୁଣ୍ଡାକୁ ମିଶାଇ ୫ ଗୋଟି ସେକ୍ସନ ଚମ୍ପୁଆ ରେଞ୍ଜ ଅଧୀନରେ ରହିଛି। ଚମ୍ପୁଆ ସେକ୍ସନର ମିରିଗିଶିଙ୍ଗା, ମୁକୁନ୍ଦପୁର, ଜାମୁଦଲକ, ବାଲିବନ୍ଧ ସେକ୍ସନର ଚମକପୁର, ଗୁରୁଡ଼ିହି, ରେଭେନ୍ସାପୁର (କ) ଓ (ଖ), ଟିପିଣ୍ଡା, ହରିଡ଼ାଗୁଟୁ, ଗୁରୁଦରି, ଉଖୁଣ୍ଡା ସେକ୍ସନର ନିଶ୍ଚିନ୍ତପୁର, ମଙ୍ଗଳପୁର, ବାଲିବନ୍ଧ ସେକ୍ସନର ବସନ୍ତପୁର, ଜମିରଡ଼ିହି, କାଇରାମସାହି, ମହାପର୍ବତ ଡିପିଏଫ୍, ଯୋଡ଼ା ସେକ୍ସନର ବଣ୍ଡୁଆବେଡ଼ା, ଖଣ୍ଡବନ୍ଧ, ଟିରିଙ୍ଗପାହାଡ଼ ଆଦି ଅଞ୍ଚଳରେ ବର୍ଷସାରା ହାତୀ ଉପଦ୍ରବ ଲାଗିରହିଛି। ୨୦୨୪ରେ ଚମ୍ପୁଆ ରେଞ୍ଜରେ ୧୦୦ରୁ ଉର୍ଦ୍ଧ୍ୱ ହାତୀଙ୍କର ଆଗମନ ଲାଗି ରହିଥିବା ବେଳେ ବର୍ତ୍ତମାନ ଯୋଡ଼ାରେ ୩୪ ଓ ବାଲିବନ୍ଧରେ ୩୪ ହାତୀ ବୁଲୁଛନ୍ତି। ଉକ୍ତ ଅଞ୍ଚଳରେ ହାତୀ ଉପରେ ନଜର ରଖିବା, ହାତୀ ମଣିଷ ଲଢ଼େଇକୁ ପ୍ରଶମିତ କରିବା ପାଇଁ ଗଜ ସାଥୀଙ୍କୁ ନିୟୋଜିତ କରାଯାଇଛି। ଗଜ ସାଥୀ ଅକ୍ଟୋବରରୁ ଫେବୃଆରୀ ପର୍ଯ୍ୟନ୍ତ ୫ ମାସ ଧରି କାର୍ଯ୍ୟ କରୁଥିବାବେଳେ ବର୍ଷର ଅନ୍ୟ ୭ ମାସ ହାତୀ ଉପଦ୍ରବକୁ ସମ୍ଭାଳିବା ପାଇଁ ବନ ବିଭାଗକୁ ନାକେଦମ ହେବାକୁ ପଡୁଛି। ବିଶେଷ ଭାବରେ ଗଜ ସାଥୀଙ୍କୁ ମାସିକ ୧ ହଜାର ଟଙ୍କା ସହାୟତା ସମେତ ଟିଶର୍ଟ, ଟର୍ଚ୍ଚ ଓ ବୁଟ୍ ବନ ବିଭାଗରୁ ଯୋଗାଇ ଦିଆଯାଇଥାଏ।

୨୦୨୪ରେ ହାତୀପଲ ଦ୍ୱାରା ୧୫୫ ଜଣ ଲୋକଙ୍କର ଘର ଭାଙ୍ଗି ଯାଇଥିବା ବେଳେ ୬ ଜଣଙ୍କର ଜୀବନହାନି ସହିତ ୪ ଗୁରୁତର ହୋଇଛନ୍ତି। ୫୧୫ ଜଣଙ୍କର ଏକର ଏକର ଚାଷ ନଷ୍ଟ ହୋଇଛି। ରାଜ୍ୟ ସରକାର ପୂର୍ବରୁ ଥିବା ସହାୟତା ରାଶି ବୃଦ୍ଧି କରି ଆଂଶିକ ଘରଭଙ୍ଗା ପାଇଁ ୨ ହଜାରରୁ ୧୦ ହଜାର ଟଙ୍କା, ଅଧିକ କ୍ଷତିଗ୍ରସ୍ତ ଘର ଭଙ୍ଗା ପାଇଁ ୧୦ରୁ ୨୦ ହଜାର ଟଙ୍କା, ଫସଲ ନଷ୍ଟ ପାଇଁ ପୂର୍ବରୁ ଏକର ପିଛା ୧୦ ହଜାର ରହିଥିବା ବେଳେ ବର୍ତ୍ତମାନ ତାହା ୨୦ ହଜାର ଟଙ୍କା, ଜୀବନହାନି ହେଲେ ୪ ଲକ୍ଷ ରୁ ୬ ଲକ୍ଷ ଟଙ୍କା, ପନିପରିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୧୨ ହଜାର ଟଙ୍କାରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ମାତ୍ର ଗଜ ସାଥୀଙ୍କ ୫ ମାସ କାର୍ଯ୍ୟକାଳ ବୃଦ୍ଧି ନ ହେଲେ ବର୍ଷ ସାରା ଲାଗି ରହିଥିବା ହାତୀ ଉପଦ୍ରବକୁ କିପରି ପ୍ରଶମିତ କରାଯାଇପାରିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚମ୍ପୁଆ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ କହିଛନ୍ତି, ବର୍ତ୍ତମାନ ଯୋଡ଼ାରେ ୧୬, ବାଲିବନ୍ଧରେ ୧୮, ଚମ୍ପୁଆରେ ୧୬ ଗଜସାଥି କାର୍ଯ୍ୟ କରୁଛନ୍ତି। ସରକାର ଗଜ ସାଥୀଙ୍କୁ ୫ ମାସିଆ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ସେହି ଅନୁଯାୟୀ କାର୍ଯ୍ୟ କରାଯାଉଛି।

ଆବୁଧାବି ବନ୍ଦରରେ ଆଇସିଜିଏସ୍ ସୂର୍

ଭୁବନେଶ୍ୱର,୧୫।୨ (ଅନୁରାଧା ମହାରଣା)

ଭାରତୀୟ ତଟରକ୍ଷୀ ବାହିନୀର ଜାହାଜ 'ଆଇସିଜିଏସ୍ ସୂର' ଶନିବାର ଆବୁଧାବି ବନ୍ଦରରେ ପହଞ୍ଚିଛି। ଏହି ଜାହାଜ ୨୧ ତାରିଖ ପର୍ଯ୍ୟନ୍ତ ଏଠାରେ ରହିବାକୁ ଥିବାବେଳେ ଭାରତ ଏବଂ ୟୁଏଇ ମଧ୍ୟରେ ସାମୁଦ୍ରିକ ସହଯୋଗକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏହି ଗସ୍ତରେ ସମୁଦ୍ର ସୁରକ୍ଷା, ଆଞ୍ଚଳିକ ସ୍ଥିରତା ଏବଂ ଅର୍ଥନୈତିକ ସମୃଦ୍ଧିକୁ ପ୍ରାଧାନ୍ୟ ଦେଉଥିବା ଭାରତର ସାଗର ନୀତି ଗଲ୍ଫ ଅଞ୍ଚଳର ରଣନୈତିକ ଗୁରୁତ୍ୱ ବହନ କରୁଛି। ଆଇସିଜିଏସ୍ ସୂର୍ ୟୁଏଇ ନ୍ୟାଶନାଲ କୋଷ୍ଟଗାର୍ଡ (ୟୁଏଇ ଏନସିଜି) ସହିତ ବୃତ୍ତିଗତ ଯୋଗାଯୋଗ କରିବ, ସାମୁଦ୍ରିକ ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ(ଏମ-ସାର୍), ସାମୁଦ୍ରିକ ପ୍ରଦୂଷଣ ପ୍ରତିକ୍ରିୟା (ଏମ୍‌ପିଆର) ଏବଂ ସାମୁଦ୍ରିକ ଆଇନ ପ୍ରବର୍ତ୍ତନ (ଏମଏଲଇ) ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ମଧ୍ୟ ଧ୍ୟାନ ଦେବ। ଏହା ସାମୁଦ୍ରିକ ତଟ ସୁରକ୍ଷା ପରିଚାଳନାରେ ଦୁଇ ଦେଶ ମଧ୍ୟରେ ସମନ୍ୱୟ ଏବଂ ସୂଚନା ଆଦାନପ୍ରଦାନ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବ। ଏଥିସହ ଆଞ୍ଚଳିକ ସାମୁଦ୍ରିକ ସହଯୋଗକୁ ପ୍ରୋତ୍ସାହିତ କରି ପାରସ୍ପରିକ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବ। ସୁରକ୍ଷା ଆହ୍ୱାନର ମୁକାବିଲା ପାଇଁ ସାମୂହିକ ପ୍ରସ୍ତୁତିରେ ସହାୟକ ହେବ। ଅନ୍ତର୍ଜାତୀୟ ପ୍ରତିରକ୍ଷା ଏବଂ ନାଭାଲ ଡିଫେନ୍ସ ପ୍ରଦର୍ଶନୀ ଏହି ଗସ୍ତର ଏକ ମୁଖ୍ୟ ଆକର୍ଷଣ ରହିବ। ଏଥିସହ ପୁନୀତ ସାଗର ଅଭିଯାନର ଏକ ଅଂଶ ଭାବରେ ୧୫ଟି ନ୍ୟାଶନାଲ କ୍ୟାଡେଟ କର୍ପସ ଆଇସିଜିଏସ୍ ସୂର୍ ୨୫ ତାରିଖରେ ଓମାନର ମସ୍କଟ ପରିଦର୍ଶନ କରିବ ବୋଲି ସୂଚନା ଦିଆଯାଇଛି।

ରାଜଭବନ ପହଞ୍ଚି ନ୍ୟାୟ ମାଗିଲେ ପୀଡ଼ିତ ଏଏସ୍‌ଓଙ୍କ ସ୍ତ୍ରୀ

ପୂର୍ବତନ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣା

ଭୁବନେଶ୍ୱର,୧୫।୨(ସୂର୍ଯ୍ୟକାନ୍ତ ବେହେରା)

ଓଡ଼ିଶାର ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ କୁମାର ଡୁଙ୍ଗିରେ ଥିବା ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ମାଡ଼ ଘଟଣାକୁ ଇତିମଧ୍ୟରେ ୬ ମାସ ବିତିଯାଇଛି। ଏଯାଏ ପୋଲିସ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ପୀଡିତ ଓ ତାଙ୍କ ପରିବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ଓଡିଶାକୁ ନୂଆ ରାଜ୍ୟପାଳ ଆସିବା ପରେ ନ୍ୟାୟ ପାଇବା ଆଶାରେ ଏଏସ୍‌ଓ ବୈକୁଣ୍ଠଙ୍କ ସ୍ତ୍ରୀ ସାୟୋଜ କୁମାରୀ ପ୍ରଧାନ ଶନିବାର ରାଜଭବନରେ ପହଞ୍ଚିଥିଲେ। ସେ ରାଜଭବନରେ ଡିସିଙ୍କୁ ଭେଟି ନ୍ୟାୟ ମାଗିଛନ୍ତି। ଏପଟେ ଘଟଣାକୁ ବହୁ ଦିନ ବିତିଯାଇଥିଲେ ମଧ ବୈକୁଣ୍ଠଙ୍କୁ ନ୍ୟାୟ ମିଳିପାରି ନ ଥିବା ଜଣାଇଛନ୍ତି। ଘଟଣାର ତଦନ୍ତ କେତେ ବାଟ ଯାଇଛି, ସେନେଇ ପୁରୀ ଏସ୍‌ପିଙ୍କୁ ଭେଟି ଚିଠି ନେଇ ଆସିବା ପରେ ରାଜ୍ୟପାଳଙ୍କୁ ଭେଟିବାକୁ ପରାମର୍ଶ ଦେଇଛନ୍ତି ଏଡିସି। ସୂଚନାନୁସାରେ, ଗତ ଜୁଲାଇ ୭ ରାତିରେ ବୈକୁଣ୍ଠ ପୁରୀ ରାଜଭବନ ଦାୟିତ୍ୱରେ ଥିବା ବେଳେ କୌଣସି କାରଣକୁ ନେଇ ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ତାଙ୍କୁ ଆକ୍ରମଣ କରି ଆହତ କରିଥିଲେ।

ପୁରୁଷଙ୍କ ଆକାଉଣ୍ଟକୁ ଯାଉଛି ସୁଭଦ୍ରା ଟଙ୍କା

ବୈପାରୀଗୁଡ଼ା, ୧୫।୨ (କଳ୍ପତରୁ ମହାନ୍ତି)

ସୁଭଦ୍ରା ଯୋଜନାରେ ମହିଳାମାନେ ପ୍ରଥମ କିସ୍ତି ପର୍ଯ୍ୟାୟ କ୍ରମେ ପାଉଥିବା ବେଳେ ବିଭିନ୍ନ କାରଣରୁ କେତେକେ ବାଦ୍ ପଡ଼ିଛନ୍ତି। ବାଟମାରଣାକୁ ସରକାର ରୋକିବାକୁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଇ-କେୱାଇସି ଆବେଦନ କରିବା ସମୟରେ ହିତାଧିକାରୀଙ୍କ ବାୟୋମେଟ୍ରିକ୍ ବାଧ କରାଯାଇଛି। ଏଥିବ୍ୟତୀତ ଆଧାରକାର୍ଡ ସହ ବ୍ୟାଙ୍କ ଆକାଉଣ୍ଟ ନମ୍ବର ସିଡିଂ ବାଧ୍ୟତାମୂଳକ ହୋଇଛି। ତଥାପି ଏତେ ସବୁ କଟକଣା ସତ୍ତ୍ୱେ ସହାୟତା ରାଶି ଜଣେ ପୁରୁଷଙ୍କ ଜମାଖାତାକୁ ଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ହିତାଧିକାରୀ ଫୁଲମତି

ସୂଚନାଯୋଗ୍ୟ, ୨୦୨୪ ସେପ୍ଟେମ୍ବର ୧୧ରେ ବୈପାରୀଗୁଡା ବ୍ଲକ୍ ମାଝିଗୁଡା ପଞ୍ଚାୟତ ଅନ୍ତର୍ଗତ ମହୁଲପୁଟ ଗ୍ରାମର ଜଣେ ମହିଳା ଫୁଲମତି ମାଳୀ ସଭଦ୍ରା ଯୋଜନା ପାଇଁ ଆବେଦନ କରିଥିଲେ। ତାଙ୍କ ସହ ଆବେଦନ କରିଥିବା ଗ୍ରାମର ଅନ୍ୟ ମହିଳାମାନେ ସୁଭଦ୍ରା ଟଙ୍କା ପାଇଥିବା ବେଳେ ସେ ପାଇନାହାନ୍ତି। ସେ ବାରମ୍ବାର ବ୍ୟାଙ୍କକୁ ଯାଇ ଜମାଖାତା ଯାଞ୍ଚ କରୁଥିବା ବେଳେ ତାଙ୍କୁ ହତାଶ ହେବାକୁ ପଡୁଛି। ଏ ନେଇ ଫୁଲମତି ଶନିବାର ସ୍ଥାନୀୟ ସିଡିପିଓ କାର୍ଯ୍ୟାଳୟକୁ ଯାଇ ତାଙ୍କ ଆବେଦନ ଫର୍ମର ଷ୍ଟାଟସ୍ ଯାଞ୍ଚ କରିଥିଲେ। ଜାନୁଆରୀ ୧୭ରେ ବୈପାରୀଗୁଡାସ୍ଥିତ ଏସ୍‌ବିଆଇ ଶାଖାରେ ଖାତା (ନଂ.୩୭୧୩୨୪୭୦୪୮୪)କୁ ଟଙ୍କା ଯାଇଥିବା ଷ୍ଟାଟସ୍‌ରୁ ଜଣାପଡ଼ିଥିଲା। କିନ୍ତୁ ଏହି ଆକାଉଣ୍ଟ ନମ୍ବର ଫୁଲମତିଙ୍କର ନ ଥିଲା। ପରେ ସେ ବ୍ୟାଙ୍କକୁ ଯାଇ ବୁଝିବାରୁ ଉକ୍ତ ପାସବୁକ୍ ରାଜୁ ଡାକୁଆ ନାମକ ଜଣେ ବ୍ୟକ୍ତିଙ୍କର ବୋଲି ଜଣାପଡ଼ିଥିଲା। ଏହା ପରେ ସେ ସିଡିପିଓଙ୍କ କାର୍ଯ୍ୟାଳୟରେ ଏହି ଦାୟିତ୍ୱରେ ଥିବା କର୍ମଚାରୀ ବଣି ମହାପାତ୍ରଙ୍କ ସହାୟତା ନେଇଥିଲେ।

ଏ ସମ୍ପର୍କରେ ମହାପାତ୍ରଙ୍କୁ ପଚାରିବାରୁ ସେ ଏ ନେଇ ଜିଲା ଅଧିକାରୀଙ୍କୁ ଅବଗତ କରିବେ ବୋଲି କହିଥିଲେ।

୨ ଜିଲାପାଳଙ୍କୁ ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିଶନଙ୍କ ଜବାବ ତଲବ

କସ୍ତୁରବା ବାଳିକା ସ୍କୁଲ ଛାତ୍ରୀଙ୍କ ବାଲ୍ୟ ବିବାହ ଘଟଣା

ଯାଜପୁର,୧୫।୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ଏକ କସ୍ତୁରବା ଆବାସିକ ବାଳିକା ବିଦ୍ୟାଳୟର କେତେଜଣ ଛାତ୍ରୀ ଅଧାରୁ ପାଠଛାଡ଼ି ବାଲ୍ୟ ବିବାହ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ୧୪ବର୍ଷ ଭିତରେ ମାତୃତ୍ୱ ଲାଭ କରିଛନ୍ତି। ଫଳରେ ସେମାନେ ସାମାଜିକ ଓ ଅର୍ଥନୈତିକ ସଙ୍କଟ ମଧ୍ୟକୁ ଠେଲି ହୋଇଯାଇଛନ୍ତି। ସେମାନେ ଏବେ କେନ୍ଦୁଝର ଜିଲାରେ ଦୟନୀୟ ଅବସ୍ଥାରେ ରହିଛନ୍ତି। ଉପଯୁକ୍ତ ବୟସ ହୋଇ ନ ଥିବାରୁ ମାତୃତ୍ୱ ଲାଭ କରିଥିବା ଏହି ନାବାଳିକାମାନେ ବିଭିନ୍ନ ସରକାରୀ ଯୋଜନା ତଥା ଖାଦ୍ୟ ସୁରକ୍ଷା ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କିତ ଅଭିଯୋଗକୁ ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିଶନ ଗୁରୁତ୍ୱର ସହ ଗ୍ରହଣ କରି କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହାର ରିପୋର୍ଟ ୭ ଦିନ ମଧ୍ୟରେ ଦେବାକୁ ଯାଜପୁର ଏବଂ କେନ୍ଦୁଝର ଜିଲାପାଳଙ୍କୁ ଗତ ୧୦ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି।

ସାମାଜିକ କର୍ମୀ ମଣ୍ଟୁ ଦାସ ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିଶନଙ୍କ ନିକଟରେ କରିଥିବା ଅଭିଯୋଗ ଅନୁସାରେ ଯାଜପୁର ବ୍ଲକର ଏକ କସ୍ତୁରବା ଆବାସିକ ବିଦ୍ୟାଳୟରୁ ଅନେକ ଛାତ୍ରୀ ଡ୍ରପ୍‌ଆଉଟ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କର ବାଲ୍ୟବିବାହ ହୋଇଛି। ଏପରି କି କମ୍ ବୟସରୁ ନାବାଳିକାମାନେ ମା' ହୋଇଥିବାରୁ ସେମାନେ କେବଳ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ଗୁରୁତର ଆର୍ଥିକ ଦୁର୍ଗତିକୁ ସାମ୍ନା କରୁଛନ୍ତି। ଏଭଳି ଡ୍ରପ୍‌ଆଉଟ୍ ଏବଂ ବାଲ୍ୟବିବାହ ସମ୍ପର୍କରେ ଶିକ୍ଷା ବିଭାଗ, ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସାମାଜିକ କର୍ମୀ ମଣ୍ଟୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକୁ ଭିତ୍ତିକରି କମିଶନ ଶିଶୁ ସୁରକ୍ଷା ଅଧିକାର ଆଇନର ବିଭିନ୍ନ ଧାରା ଅନୁସାରେ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଶିଶୁଭବନ ନୂଆକୋଠାରେ ବହିର୍ବିଭାଗ କାର୍ଯ୍ୟକ୍ଷମ

ଶିଶୁଭବନ ନୂଆକୋଠାରେ ଡାକ୍ତର ଦେଖାଇବା ପାଇଁ ଅପେକ୍ଷା କରିଥିବା ଶିଶୁରୋଗୀଙ୍କ ସମ୍ପର୍କୀୟ।

କଟକ,୧୫।୨(ଶିଲ୍ପା ପ୍ରିୟଦର୍ଶିନୀ)

ସ୍ୱତନ୍ତ୍ର ଭାବେ ଟିକେଟ କାଉଣ୍ଟର, ଡାକ୍ତରଙ୍କ କକ୍ଷ, ପ୍ରତୀକ୍ଷା ସ୍ଥାନ

କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ (ଶିଶୁଭବନ)ର ନୂତନ ଜି+୬ କୋଠାରେ ଶନିବାରଠାରୁ ବହିର୍ବିଭାଗ କାର୍ଯ୍ୟକ୍ଷମ ହୋଇଛି। ଉକ୍ତ କୋଠାର ଗ୍ରାଉଣ୍ଡଫ୍ଲୋରରେ ସକାଳ ୯ଟାରୁ ମେଡିସିନ ଓ ସର୍ଜରି ବହିର୍ବିଭାଗରେ ଡାକ୍ତର ଶିଶୁରୋଗୀଙ୍କୁ ଦେଖିଛନ୍ତି। ପୂର୍ବରୁ ପୁରୁଣା କୋଠାରେ ଗୋଟିଏ କିମ୍ବା ଦୁଇଟି କକ୍ଷରେ ଡାକ୍ତର ରୋଗୀ ଦେଖୁଥିବାବେଳେ ନୂତନ କୋଠାରେ ମେଡିସିନ ବହିର୍ବିଭାଗ ନିମନ୍ତେ ୧୦ଟି ଡାକ୍ତରଙ୍କ କକ୍ଷ କରାଯାଇଛି। ସେଥିମଧ୍ୟରୁ ପ୍ରଥମ ଦିନରେ ୬ଟି କକ୍ଷରେ ରୋଗୀ ଦେଖିଛନ୍ତି ଡାକ୍ତର। ସେହିପରି ସର୍ଜରି ବହିର୍ବିଭାଗରେ ମୋଟ୍ ୪ଟି ଡାକ୍ତରଙ୍କ କକ୍ଷ କରାଯାଇଥିବାବେଳେ ପ୍ରଥମ ଦିନରେ ଗୋଟିଏ କକ୍ଷରେ ରୋଗୀ ଦେଖାଚାଲିଛି। ଏଥିସହ ରୋଗୀଦେଖା ନିମନ୍ତେ ୮ଟି ନୂତନ ଟିକେଟ୍ କାଉଣ୍ଟର, ଔଷଧ ବିକ୍ରୟ କେନ୍ଦ୍ର, ପିଇବା ପାଣି ସୁବିଧା, ପ୍ରତୀକ୍ଷା ସୁବିଧା କରାଯାଇଛି। ନୂତନ କୋଠାକୁ ପ୍ରବେଶ କରୁଥିବା କର୍ମଚାରୀଙ୍କର ଏକ ତାଲିକା ରଖାଯାଉଛି ଏବଂ ସ୍ଥାନୀୟ ଲାଲବାଗ ଥାନାର ପୋଲିସ କର୍ମଚାରୀ ଏଥିପ୍ରତି ନଜର ରଖୁଛନ୍ତି। ନୂତନ କୋଠାରେ ବହିର୍ବିଭାଗ ଡାକ୍ତର ଦେଖାଇ ପୁରୁଣା କୋଠାରେ ଶିଶୁରୋଗୀଙ୍କ ସମସ୍ତ ପରୀକ୍ଷାନିରୀକ୍ଷା କରାଯାଉଛି। ଏନେଇ ମେଡିକାଲକୁ ଆସିଥିବା ଅଡ଼ଶପୁର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ରାଉତରାୟ କହିଛନ୍ତି, ପୂର୍ବରୁ ରୋଗୀ ଦେଖାଇବା ପାଇଁ ଅପେକ୍ଷା କରିବାକୁ ପଡୁଥିଲା। ଏପରି କି ଚେୟାର ନ ଥିବାରୁ ତଳେ ଶିଶୁରୋଗୀଙ୍କୁ ଧରି ବସିବାକୁ ବାଧ ହେଉଥିଲୁ। ହେଲେ ଏବେ ଡାକ୍ତରଙ୍କ କକ୍ଷ ଅଲଗା ହେବାରୁ ଭିଡ କିମ୍ବିଛି ଏବଂ ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ସାଲେପୁର ଅଞ୍ଚଳରୁ ଆସିଥିବା ଶିଶୁରୋଗୀଙ୍କ ସମ୍ପର୍କୀୟ ରଶ୍ମିତା ହୋତା କହିଛନ୍ତି, ନୂଆ କୋଠାର ସ୍ୱଚ୍ଛ ପରିବେଶ ଦେଖି ବହୁତ ଖୁସି ଲାଗୁଛି। ଏଭଳି ସ୍ୱଚ୍ଛତା ଓ ସମସ୍ତ ଜିନିଷର ରକ୍ଷଣାବେକ୍ଷଣା ଉପରେ ମେଡିକାଲ କର୍ତ୍ତୃପକ୍ଷ ସର୍ବଦା ଗୁରୁତ୍ୱ ଦେବା ଜରୁରୀ।

ଇଷ୍ଟକୋଷ୍ଟ କେନାଲର ପୁନରୁଦ୍ଧାର କାର୍ଯ୍ୟ ତଦାରଖ କଲେ କେନ୍ଦ୍ରୀୟ ଟିମ୍

ବାଲେଶ୍ୱର(ବାଞ୍ଛାନିଧି ଦେ)/ ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ ଭୋଗରାଇ(ପ୍ରଦୀପ ଦାସ), ୧୫।୨

ସମୀକ୍ଷା ବୈଠକରେ କେନ୍ଦ୍ରୀୟ ଟିମ୍‌ଙ୍କ ସହ ଏମ୍‌ପି ପ୍ରତାପ ଷଡଙ୍ଗୀ, ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଓ ଅନ୍ୟମାନେ।

ଭାରତ ସରକାରଙ୍କ 'ୱାଟରୱେ ଅଥରିଟି ଅଫ୍ ଇଣ୍ଡିଆ' (ଆଇଡବ୍ଲ୍ୟୁଏଆଇ)ର ଏକ ପ୍ରତିନିଧି ଦଳ ଶନିବାର ବାଲେଶ୍ୱର ଗସ୍ତ କରିଛନ୍ତି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ପ୍ରୋଜେକ୍ଟ କୋର୍ଡିନେଟର ସାହିଲ୍ ରାଓତ୍‌ଙ୍କ ସହ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଡାଇରେକ୍ଟର ଅଜିତ୍ ସିଂ ଓ ସୌମ୍ୟରଞ୍ଜନ ସାମଲ ପ୍ରତିନିଧି ଦଳଙ୍କ ସହ ସରକାରୀ ଦଳ ଉପମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଐତିହାସିକ ଇଷ୍ଟ କୋଷ୍ଟ କେନାଲର ଗୋପୀନାଥପୁର (ନାଲକୁଲି), ସୋଲପଟା, ମାନ୍ଧାତା, ଜାମକୁଣ୍ଡା ଲକ୍, ବାଟଗ୍ରାମ, ଭୋଗରାଇ ଲକ୍‌ଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ସହ ପୁନରୁଦ୍ଧାର ବିକାଶ କାର୍ଯ୍ୟର ତଦାରଖ କରିଛନ୍ତି। ବାଲେଶ୍ୱର ଜିଲା ଜଳସେଚନ ବିଭାଗ ଓ ସମ୍ପୃକ୍ତ ବିଭାଗୀୟ ଉଚ୍ଚ ଅଧିକାରୀମାନେ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ।

ଏହି ପ୍ରତିନିଧି ଦଳ ପୂର୍ବାହ୍ଣରେ ବାଲେଶ୍ୱର ସର୍କିଟ୍ ହାଉସ୍‌ଠାରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କୋଷ୍ଟକେନାଲ୍ ପୁନରୁଦ୍ଧାର ମଞ୍ଚ ପକ୍ଷରୁ ଅନ୍ୟତମ ଆବାହକ ଶୁଭଙ୍କର ମହାପାତ୍ରଙ୍କ ସମେତ ଜିଲାର ବହୁ ସାମାଜିକ ଓ ଗଣ ସଂଗଠନର ନେତୃବୃନ୍ଦ ପ୍ରତିନିଧିଦଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ ସହ ଏହାର ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା କରିଥିଲେ।

ବାଲିଆପାଳ ଦକ୍ଷିଣ ମହାବଲା ଠାରେ କୋଷ୍ଟ କେନାଲ ପୁନରୁଦ୍ଧାର କ୍ରିୟାନୁଷ୍ଠାନ କମିଟି ଓ ଜନସାଧାରଣଙ୍କ ପକ୍ଷରୁ ଏହି ଦଳଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କୋଷ୍ଟ କେନାଲ ବନ୍ଧ ଦେଇ କେନାଲ ଓ ଜାମକୁଣ୍ଡା ଲକ୍ ପରିଦର୍ଶନ ପରେ ଡାକବଙ୍ଗଳାଠାରେ ବିଭାଗ ପକ୍ଷରୁ ସମୀକ୍ଷା ହୋଇଥିଲା। କୃଷି ବୈଜ୍ଞାନିକ ଅଦୈତ୍ୟ ପାତ୍ର, ସାମାଜିକ କର୍ମୀ ଗୋବିନ୍ଦ ଦଳାଇ, ଭାଜପା ବାଲେଶ୍ୱର ଜିଲା ସଭାପତି ଈଶ୍ୱର ବେହେରା, ଉତ୍ତର ବାଲେଶ୍ୱର ସଭାପତି ପ୍ରଦୀପ ପଣ୍ଡା, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଭାଜପା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ଭାଜପା ନେତ୍ରୀ ଶୋଭନା ମହାନ୍ତି ଓ ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏହି ପ୍ରତିନିଧି ଦଳ ଭୋଗରାଇର ଓଡ଼ିଶା ସୀମାନ୍ତ ବାଟଗ୍ରାମ ଓ ଭୋଗରାଇ ଲକ ପର୍ଯ୍ୟନ୍ତ କୋଷ୍ଟ କେନାଲ ଅନୁଧ୍ୟାନ କରିଥିଲେ। ଭୋଗରାଇ ତହସିଲଦାର ସୂର୍ଯ୍ୟ ନାୟକ, ବିଡିଓ ପ୍ରଶାନ୍ତ କୁମାର ମହାରଣା, ଭାଜପା ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି, ଆଶିଷ କୁମାର ମହାନ୍ତି, ରାଧାକାନ୍ତ ପ୍ରଧାନ ପ୍ରମୁଖ କୋଷ୍ଟକେନାଲର ପୁନରୁଦ୍ଧାର ନିମନ୍ତେ ଏମ୍‌ପିଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ଏହି ଦଳ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ। ଏହାପରେ ସେଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସେଠାରୁ ଏହି ଦଳ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ। ଏହାପରେ ସେଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏମ୍‌ପି ଷଡ଼ଙ୍ଗୀ ଅଧ୍ୟକ୍ଷତା କରି ଏହି କେନାଲ ପୁନରୁଦ୍ଧାର ହେଲେ ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗ ରାଜ୍ୟବାସୀ ଲାଭାନ୍ୱିତ ହେବେ। ଏହି କୋଷ୍ଟକେନାଲ ବାଲେଶ୍ୱରର ଜୀବନ ରେଖା। ବାଲେଶ୍ୱର, ଭଦ୍ରକ ସହିତ ଏହି କୋଷ୍ଟ କେନାଲ ପଶ୍ଚିମବଙ୍ଗକୁ ସଂଯୋଗ କରୁଛି। ବ୍ରିଟିଶ ଅମଳର ଏହି କେନାଲର ପୁନରୁଦ୍ଧାର ହେଲେ ବାଣିଜ୍ୟ, ପରିବହନ, ଜଳସେଚନ ଓ ମତ୍ସ୍ୟ ଚାଷ ସମେତ ବହୁବିଧ କ୍ଷେତ୍ରରେ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଏଥିସହ ଜିଲାରେ ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ବାଲେଶ୍ୱର ସହରର ନୁଣିଆଯୋଡ଼ିଠାରେ ଜଳ ବିନୋଦନସ୍ଥଳୀ ନିର୍ମାଣ ହେବ ବୋଲି କହିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସ୍ୱାଗତ ବକ୍ତବ୍ୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

> ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ- ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସମାଗ୍ରିକ ପରିବର୍ତ୍ତନ। କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର। ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ- ପ୍ରକୃତିର ସତ୍ୟ ସହିତ ଏକାତ୍ମ ହେବା। —ଶ୍ରୀଅରବିନ୍ଦ

ଚାଇନା ଆଗୁଆ

ଆକାର ପଟେଲ

ଭାରତୀୟ ଜନତା ପାର୍ଟି (ଭାଜପା) ଏଇ ଦଶନ୍ଧିରେ ଭାରତରେ ତାହାର ବିଚାରଧାରାକୁ ଶକ୍ତିଶାଳୀ କରିଥିଲାବେଳେ ଅନ୍ୟ କୌଣସି ବିଷୟରେ ଅଗ୍ରଗତି କରିପାରିଲା ନାହିଁ। ଦେଖିବାକୁ ଗଲେ ୨୦୧୫ରେ ଚାଇନାର ପ୍ରଧାନମନ୍ତ୍ରୀ ଲି କେକିୟାଙ୍ଗ୍ ବିଦେଶୀ ପ୍ରଯୁକ୍ତି ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଏକ ୧୦ ବର୍ଷିଆ ଯୋଜନା 'ମେଡ୍ ଇନ୍ ଚାଇନା ୨୦୨୫' ଘୋଷଣା କରିଥିଲେ। ଚାଇନା ଆଗକୁ ବଢ଼ି ଜର୍ମାନୀ, ତାଇୱାନ, ଜାପାନ, କୋରିଆ ଏବଂ ଆମେରିକା ଭଳି ବିକଶିତ ଦେଶ ସହ ସିଧାସଳଖ ପ୍ରତିଯୋଗିତା କରିବା ପାଇଁ ଏଥିରେ ଲକ୍ଷ୍ୟ ରଖାଯାଇଥିଲା। ଏହି ଯୋଜନାରେ ସେମି କଣ୍ଡକ୍ଟର, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ରୋବୋ, କମର୍ସିଆଲ ବିମାନ, ଡ୍ରୋନ୍, ହାଇସ୍ପିଡ୍ ଟ୍ରେନ୍, ବୈଦ୍ୟୁତିକ ଯାନ ଓ ବ୍ୟାଟେରି, ଆଧୁନିକ ଜାହାଜ ଏବଂ ସୋଲାର ପ୍ୟାନେଲ ଆଦିର ବିକାଶ ପାଇଁ ସ୍ଥିର କରି ଏହିସବୁ ସେକ୍ଟରକୁ ବର୍ଗୀକୃତ କରିଥିଲା। କେଉଁସବୁ ସେକ୍ଟରରେ ଏହା କେଉଁଠି ପଛରେ ରହିଥିଲା, କେଉଁଠି 'ପ୍ରତିଯୋଗୀ' ଭାବେ ଥିଲା ଏବଂ କେଉଁଠି ବିଶ୍ୱରେ ଆଗରେ ରହିଥିଲା, ତାହାକୁ ନେଇ ଆକଳନ ମଧ୍ୟ କରିଥିଲା। ବ୍ଲୁମ୍ବର୍ଗ ଅନୁଯାୟୀ, ୨୦୧୫ରେ ଅଧିକାଂଶ ସେକ୍ଟରରେ ଚାଇନିଜ୍‌ମାନେ ପଛୁଆ ରହିଥିଲେ। ଦୁଇଟି କ୍ଷେତ୍ର(ହାଇସ୍ପିଡ୍ ଟ୍ରେନ୍ ଓ ବ୍ୟାଟେରି) ରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲା ଏବଂ ସୋଲାର ପ୍ୟାନେଲ ଉତ୍ପାଦନରେ ଆଗୁଆ ରହିଥିଲା।

ଚାଇନାର ଯୋଜନା ଘୋଷଣା ହେବା ପରେ,ଏହା ଆମେରିକା ଓ ଏହାର ମେଣ୍ଟକୁ ଚିନ୍ତାରେ ପକାଇଦେଲା। ଆମେରିକା ରାଷ୍ଟ୍ରପତି ମଧ୍ୟ ଚାଇନାର ଉତ୍ଥାନରେ ଭୟଭୀତ ହୋଇପଡ଼ିଲେ। ଏବେ ଚାଇନାର ଅର୍ଥ ବ୍ୟବସ୍ଥାର ଆକାର ଆମେରିକା ଅର୍ଥ ବ୍ୟବସ୍ଥାର ଦୁଇତୃତୀୟାଂଶ ଏବଂ ଆଗାମୀ ୨ଦଶନ୍ଧିରେ ଏହା ସମାନ ହୋଇଯିବାର ସମ୍ଭାବନା ରହିଛି। ଚାଇନାର ମହତ୍ତ୍ୱାକାଂକ୍ଷା ପ୍ରତି ଆମେରିକାର ଘୃଣାଭାବ ଏତେ ଥିଲା ଯେ, ଏହା 'ମେଡ୍ ଇନ୍ ଚାଇନା' ୨୦୨୫ ସମ୍ପର୍କରେ କହିବା ବନ୍ଦ କରିଦେଲା। ୨୦୧୭ରେ ଡୋନାଲ୍ଡ ଟ୍ରମ୍ପ ପ୍ରଥମ ଥର ରାଷ୍ଟ୍ରପତି ହେବା ପରେ ଚାଇନା ଉପରେ ଆମେରିକା ଆମଦାନୀ ଶୁଳ୍କ ଲଗାଇଲା। ତା' ପର ବର୍ଷ ଚାଇନାର କମ୍ପାନୀ ହ୍ୱାୱେ ଉପରେ ପ୍ରତିବନ୍ଧକ ଅଣାଗଲା। ପରେ ଜୋ ବାଇଡେନ୍ ରାଷ୍ଟ୍ରପତି ହେବା ପରେ ଚାଇନାକୁ ଉଚ୍ଚଗୁଣବତ୍ତା ଚିପ୍ସ ବିକ୍ରି ବନ୍ଦ କରିଦେଲେ। ଚାଇନା ଯେଭଳି ଆଗକୁ ଆଉ ବଢ଼ିପାରିବ ନାହିଁ ସେଥିପାଇଁ ଏହିସବୁ ପଦକ୍ଷେପ ନିଆଯାଇଥିଲା। ଏବେ ଚାଇନା 'ମେକ୍ ଇନ୍ ଚାଇନା ୨୦୨୫' ଯୋଜନାକୁ ପ୍ରଚାରକରୁ ନ ଥିବାବେଳେ ଏହାର କାର୍ଯ୍ୟକାରିତା ଜାରି ରଖିଛି। ୨୦୨୫ରେ, ସବୁ କ୍ଷେତ୍ରରେ ଏହା ଏକ ପ୍ରତିଯୋଗୀ ଭାବେ ଉଭାହୋଇଛି ଏବଂ ଏଥିରୁ ଅଧାରେ ବିଶ୍ୱରେ ଆଗୁଆ ହୋଇପାରିଛି। ଗତ ମାସରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଡିପ୍‌ସିକ୍ ଚାଇନାର ଦକ୍ଷତା ସମ୍ପର୍କରେ ବିଶ୍ୱକୁ ଜଣାଇଦେଇଥିଲା। ଦୁଇଟି କାରଣ ପାଇଁ ଏହା ଆମେରିକାକୁ ଝଟକା ଦେଇଛି। ପ୍ରଥମ କାରଣ ହେଉଛି, ନିଭିଡିଆଠାରୁ ଅତ୍ୟାଧୁନିକ ଚିପ୍ସ ନ ଥାଇ ଏବଂ କାଲିଫର୍ନିଆ ଫାର୍ମଗୁଡ଼ିକ ଭଳି ପୁଞ୍ଜି ନ ପାଇ ମଧ୍ୟ ଚାଇନିଜ୍‌ମାନେ ଏହା କରିପାରିଲେ। ଦ୍ୱିତୀୟ କାରଣ ହେଉଛି, ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଏକ କମ୍ପାନୀ ସିଲିକନ୍ ଭ୍ୟାଲି ସହ ସମାନ ହେବ ବୋଲି ଆମେରିକା କେବେ ବି ଭାବି ନ ଥିଲା। ଏବେ ୟୁରୋପ ଏବଂ ଅନ୍ୟ କୌଣସି ଦେଶ ନୁହନ୍ତି, ବରଂ କେବଳ ଚାଇନା ଓ ଆମେରିକା ଆର୍ଟିଫିସିଆଲ ଜେନେରାଲ ଇଣ୍ଟେଲିଜେନ୍ସ (ଏଜିଆଇ) ବିକାଶ କରିବାର ଦକ୍ଷତା ରହିଛି।

ହ୍ୱାୱେ ରପ୍ତାନି ପ୍ରତିବନ୍ଧକର ସମ୍ମୁଖୀନ ହୋଇ ମଧ୍ୟ ଏହା ତାଇୱାନ ନିର୍ମିତ ସବୁଠୁ ଉନ୍ନତ ଚିପ୍ସ ତୁଳନାରେ ସାମାନ୍ୟ ପଛରେ ଥିବା ଚିପ୍ସ ନିର୍ମାଣରେ ସକ୍ଷମ ହୋଇଛି। କମ୍ ସଂସାଧନରେ ଚାଇନିଜ୍‌ମାନେ ନିଆରା ସଫଳତା ହାସଲ କରିପାରନ୍ତି ବୋଲି ଡିପ୍‌ସିକ୍ ମଧ୍ୟ ଦର୍ଶାଇ ଦେଇଛି। ଚାଇନା ତାହାର ନିଜସ୍ୱ ଏୟାରକ୍ରାଫ୍ଟ ଓ ଏଲ୍‌ଏନ୍‌ଜି ବାହକ ଜାହାଜ ନିର୍ମାଣ କରିଛି। ଚଳିତ ବର୍ଷ ଜାନୁଆରୀରେ ଏହା ବିଶ୍ୱର ସବୁଠୁ ଆଧୁନିକ ମିଲିଟାରି ଏୟାରକ୍ରାଫ୍ଟ ପ୍ରଦର୍ଶିତ କରିଥିଲା। ଅବଶ୍ୟ ଏହା ବୈଦ୍ୟୁତିକ କାର୍, ହାଇସ୍ପିଡ୍ ଟ୍ରେନ୍, ସୋଲାର ପ୍ୟାନେଲ, ବ୍ୟାଟେରି ଏବଂ ଡ୍ରୋନ୍ କ୍ଷେତ୍ରରେ ଚାଇନା ଅପ୍ରତିଦ୍ୱନ୍ଦ୍ୱୀ ହୋଇଯାଇଛି। ଏହା ବୈଦ୍ୟୁତିକ କାର୍ ଉତ୍ପାଦନ ଓ ବ୍ୟବହାରରେ ଏବେ ବିଶ୍ୱର ଅଗ୍ରଣୀ ଦେଶ। ଏହା ବିଶ୍ୱର ୮୦ ପ୍ରତିଶତ ସୋଲାର ପ୍ୟାନେଲ, ୭୫ ପ୍ରତିଶତ ଲିଥିୟମ ଆୟନ ବ୍ୟାଟେରି ଏବଂ ୭୫ ପ୍ରତିଶତ ଡ୍ରୋନ୍ ଉତ୍ପାଦନ କରୁଛି। ବିଶ୍ୱର ଦୁଇ ତୃତୀୟାଂଶ ପାଖାପାଖି ୪୦,୦୦୦ କି.ମି.ହାଇସ୍ପିଡ୍ ରେଲ୍ ନେଟ୍‌ୱର୍କ (ଭାରତରେ ଅହମଦାବାଦ- ମୁମ୍ବାଇ ଦୂରତା ୫୦୦ କି.ମି.) ଚାଇନାରେ ଅଛି ଏବଂ ଏହା ବୃଦ୍ଧିପାଉଛି।

ଜାରି ରହିଥିବା ଚାଇନାର ଅଭିବୃଦ୍ଧିକୁ ନେଇ ଅନେକ ପାଶ୍ଚାତ୍ୟ ଦେଶ ବିଶେଷକରି ଆମେରିକା ସଂଶୟରେ ପଡ଼ିଯାଇଛି। ବିଶ୍ୱାସ କରୁଛି ଯେ,ଚାଇନାର ଅଭିବୃଦ୍ଧି ହ୍ରାସ ପାଇବ କିମ୍ବା ଅଟକିଯିବ। ତେବେ ଏହି ଦୃଷ୍ଟିକୋଣ ଦୀର୍ଘ ୨୦ ବର୍ଷ ହେଲା ରହି ଆସିଛି, କିନ୍ତୁ ଚାଇନା ଏହାକୁ ଖାତିର କରୁନାହିଁ। ବିଚାର କରନ୍ତୁ,୧୯୯୦ରେ ଭାରତ ଓ ଚାଇନା ସମାନ ସ୍ଥିତିରେ ଥିଲେ। ଆର୍ଥିକ ସୁଧାର ଦିଗରେ ୨ ଦେଶ ଗୋଟିଏ ସ୍ଥାନରେ ପହଞ୍ଚିଥିଲେ, କିନ୍ତୁ ଏବେ ଚାଇନାର ଅର୍ଥ ବ୍ୟବସ୍ଥା ଆକାର ଭାରତଠାରୁ ୬ଗୁଣ ଅଧିକ। ୨୦୨୦ ପରେ ଭାରତ ଓ ଚାଇନା ମଧ୍ୟରେ ପ୍ରଭେଦ ଦେଖାଗଲା। ପଡ଼ୋଶୀର ଅଗ୍ରଗତି ସମ୍ପର୍କରେ ଆମେ ସ୍ପଷ୍ଟ ଭାବେ ସଚେତନ ନ ଥିଲୁ। ଚାଇନା କେବଳ ନିଜ କଥାରେ ମୁଣ୍ଡ ଖେଳାଉଛି ଏବଂ ଏକ ଜଣାଶୁଣା ଇଂଲିଶ ଗଣମାଧ୍ୟମ ନ ଥିବାରୁ ସେମାନଙ୍କ ଅଗ୍ରଗତି ସମ୍ପର୍କରେ ଜାଣିବା ଆମ ପାଇଁ କଷ୍ଟକର ହୋଇଛି। ଚାଇନାର ଅଗ୍ରଗତି ବିଷୟରେ ଜାଣିବାରେ ଆମ ମିଡିଆର ଅଣଦେଖା ଭାବ ଏବଂ ଅନାଗ୍ରହ ଆହୁରି ସମସ୍ୟା ସୃଷ୍ଟିକରିଛି। କିନ୍ତୁ ବିଶ୍ୱ ସ୍ୱୀକାର କରିଛି, ଚାଇନା ୧ ଦଶନ୍ଧି ପୂର୍ବେ ଗ୍ରହଣ ତଥା କାର୍ଯ୍ୟକାରୀ କରିଥିବା ଏକ ଯୋଜନା ମାଧ୍ୟମରେ ଆଗୁଆ ବା ଉନ୍ନତ ଅର୍ଥ ବ୍ୟବସ୍ଥା ହୋଇଯାଇଛି। ୨୦୨୩ରେ ଲି କେକିଆଙ୍ଗଙ୍କ ମୃତ୍ୟୁ ହୋଇଯାଇଛି ସତ, କିନ୍ତୁ ତାଙ୍କ ୧୦ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଚାଇନା ଯାହା ହାସଲ କରିଛି ସେଥିରେ ତାହା ସମ୍ଭବତଃ ସନ୍ତୁଷ୍ଟ ହୋଇପାରିଲା। ପୁଣି ଥରେ ପାଠକମାନଙ୍କୁ ମନେପକାଇ ଦିଏ ଯେ, ଏହା ହେଉଛି ସେହି ଦଶନ୍ଧି ଯେଉଁଥିରେ ଭାଜପା ଓ ଆମ ପ୍ରଧାନମନ୍ତ୍ରୀ ସେମାନଙ୍କ ବିଚାରଧାରାରେ ଭାରତକୁ ନିୟନ୍ତ୍ରଣ କରିଛନ୍ତି।

Email:aakar.patel@gmail.com

ଏଇ ସମାଜରେ ଏଇ ମଣିଷ

ଡ. ସତ୍ୟନାରାୟଣ ମିଶ୍ର

ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିବାକୁ ହେଲେ ଏକ ମାନବୀୟ ଶୃଙ୍ଖଳାରେ ନିବଦ୍ଧ ସମାଜ ଗଠନ କରିବାକୁ ପଡ଼ିଥାଏ, ଯେଉଁଥିରେ ଥାଏ ବିବେକର ମର୍ଯ୍ୟାଦା। ଦେବାନେବା ସମାଜରେ ବ୍ୟକ୍ତିର ସମାଜ ପ୍ରତି କିଛି ଦାୟିତ୍ୱ ଓ କର୍ତ୍ତବ୍ୟ ଥାଏ, ସମାଜର ମଧ୍ୟ ସେହିପରି ବ୍ୟକ୍ତି ପ୍ରତି ସହଯୋଗ ଥାଏ। ସମାଜ ଓ ସଭ୍ୟତାର ବୁଝାମଣାରେ ମଣିଷର କ୍ରମବିକାଶ ସମ୍ଭବ ହୋଇ ମଣିଷ ବିକଶିତ ପ୍ରାଣୀର ମାନ୍ୟତା ଲାଭ କରିଛି। ଅନେକ ଶତାବ୍ଦୀ ଧରି ମଣିଷ ଉନ୍ନତ ସଭ୍ୟତା ନିର୍ମାଣ କରି ନିଜକୁ ପରିବାର, ସମାଜ, ଗୋଷ୍ଠୀ ଓ ଦେଶ ପାଇଁ କିଛି ତ୍ୟାଗ କରୁଅଛି; ଯେଉଁଥିପାଇଁ ଆଜି ସମାଜ ଜୀବନ୍ତ ହୋଇପାରିଛି। ମାନବ ସଭ୍ୟତାର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ କେତେକ ଦାୟିତ୍ୱ ମଣିଷ ନିଜ ନିଜ ମଧ୍ୟରେ ବଣ୍ଟନ କରି ସାମାଜିକ ଶୃଙ୍ଖଳାକୁ ନିୟନ୍ତ୍ରିତ କରିଥାନ୍ତି। ବ୍ୟକ୍ତି ସମାଜର ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଅବଦାନ ରଖିଥାଏ। ସମାଜରେ କେତେକ ନିୟମ ଯାହା ଲିପିବଦ୍ଧ ଥାଏ ବା ଯାହାକୁ ଆଇନ କୁହାଯାଏ ତାହାକୁ ଯଥାପୂର୍ବକ ପାଳନ କରିବା ହେଉଛି ବ୍ୟକ୍ତିର ଦାୟିତ୍ୱ। ସମାଜରେ ଆଇନ ନୀତି ବା ବାଧ୍ୟବାଧକତା ବ୍ୟତୀତ କେତେକ ଆଦର୍ଶ ରହିଛି; ଯାହାକୁ ନିର୍ଦ୍ଦେଶ ଦେଇଥାଏ ବିବେକ। ମଣିଷ ଚତୁର୍ଦ୍ଦିଗରେ କିଛି କିଛି ନିୟମ ଅନୁଶାସନ ବା ଅନୁଜ୍ଞା ଦ୍ୱାରା ଅନୁବନ୍ଧିତ, ଯାହାକୁ ଅନ୍ୟ ଶୈଳୀରେ କୁହାଯାଇଥାଏ ମାନବିକତା। ଯେତେବେଳେ ମାନବିକତାର ଆଲୋଚନା ହୁଏ, ସେତେବେଳେ ଏହାକୁ ବିଭିନ୍ନ ଦୃଷ୍ଟିକୋଣରୁ ଉପସଂହାରରେ ଉପନୀତ ହେବାକୁ ପଡ଼ିଥାଏ। ଅତଏବ ମାନବିକତାର ରୂପରେଖ ସୂଚିତ ହୋଇ ନ ଥିଲେ ମଧ୍ୟ ଅନୁଶାସନ ଦ୍ୱାରା ପରିବେଷ୍ଟିତ ହୋଇଥାଏ ଯାହା ହେଉଛି ଅନ୍ୟ ଜୀବମାନଙ୍କ ପ୍ରତି ଦୟା ଓ କରୁଣାର ମୂଲ୍ୟ। ଯଦି ଇତିହାସକୁ ପୁନର୍ବାର ରୋମନ୍ଥନ କରିବୁ, ତେବେ ଏଇ ସମାଜରେ ମଣିଷ ଦ୍ୱାରା ଅନେକ ନିର୍ଦ୍ଦୟ କାର୍ଯ୍ୟ ହୋଇଯାଇଛି ଓ ସେହି ସମୟରେ ମଧ୍ୟ ଏଇ ସମାଜ ଦ୍ୱାରା ଅନେକ ମାନବିକତାର କାର୍ଯ୍ୟ ହୋଇଛି। କିନ୍ତୁ ମାନବିକତାର ପ୍ରକୃତ ମହତ୍ତ୍ୱ ଧୀରେ ଧୀରେ ନଷ୍ଟ ହୋଇଯାଉଛି।

ଏଇ ସମାଜରେ ଅନେକ ମହାନ୍ ମାନବବାଦୀ ବିରାଜମାନ କରିଛନ୍ତି ଓ ସମାଜକୁ ଦିଗ୍‌ଦର୍ଶନ ଦେଇଯାଇଛନ୍ତି। ମଦର ଟେରେସା, ମହାତ୍ମା ଗାନ୍ଧୀ, ନେଲସନ ମଣ୍ଡେଲା, ବିବେକାନନ୍ଦ, ସୁଭାଷ ବୋଷ, ଗୋପବନ୍ଧୁ, ରବୀନ୍ଦ୍ରନାଥ ଟାଗୋର, ମଧୁସୂଦନ ଦାସ ପ୍ରମୁଖ ସମଗ୍ର ଦେଶରୁ ଗରିବ ଓ ଅଭାବୀ ଲୋକଙ୍କର ସେବା କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଅତଏବ ମାନବିକତା ନିଃସ୍ୱାର୍ଥପର କରୁଣାରୁ ଉତ୍ପନ୍ନ ହୁଏ। ଯେତେବେଳେ ଆମେ ମାନବିକତାର ଅଭ୍ୟାସ ଆରମ୍ଭ କରିବା, ଆମେ ବିଶ୍ୱ ତାପମାତ୍ରା, ପ୍ରଦୂଷଣ, ପଶୁମାନଙ୍କର ବିଲୁପ୍ତି ଓ ମଣିଷର ଅନେକ ବଡ଼ ସମସ୍ୟାକୁ ସମାଧାନ କରିପାରିବା। ମଣିଷ ହେବା ଅର୍ଥ ହେଉଛି ଯୁକ୍ତିଯୁକ୍ତ ଭାବରେ ଚିନ୍ତା କରିବାର କ୍ଷମତା ରହିବା ଏବଂ ଉଭୟ ଶାରୀରିକ ଓ ଆଧ୍ୟାତ୍ମିକ ଭାବରେ ସଂଯୋଗ ସ୍ଥାପନ କରିବା ସହିତ ଅନ୍ୟ ଜୀବମାନଙ୍କ ସହିତ ସମ୍ପର୍କ ରଖିବା। ଏଇ ସମାଜରେ ମଣିଷ ଦାନ ସେବା ଆଦି କରୁଛି, ମାତ୍ର ଏଇ ସମାଜରେ ମଧ୍ୟ ମଣିଷ ଜଘନ୍ୟ ଅପରାଧ ଘଟାଉଛି। ଏକ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ବ୍ୟକ୍ତି ଓ ସମାଜ ମଧ୍ୟରେ ସମତୁଲତା ଏକାନ୍ତ ଆବଶ୍ୟକ। ଅନେକ ସମୟରେ ଏଇ ସମାଜରେ କୌଣସି ଦୁର୍ଘଟଣା ହେଲେ ମଣିଷ ଫଟୋ, ଭିଡିଓ କରି ବ୍ୟକ୍ତିର ମୂଲ୍ୟବାନ ସାମଗ୍ରୀ ଆଦିକୁ ଲୁଟିନେବାରେ ବ୍ୟସ୍ତ ଥାନ୍ତି। ପୁଣି ଏଇ ସମାଜରେ ମଣିଷ ମଧ୍ୟ ଉକ୍ତ ସମୟରେ ମାନବୀୟ ଚିନ୍ତାଧାରାରେ ଅନେକ ସାହାଯ୍ୟ କରି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିର ଧନ ଜୀବନ ଉଦ୍ଧାର କରି ନିଜକୁ ସେବାରେ ନିୟୋଜିତ କରିଥାନ୍ତି। ରକ୍ତଦାନ କରି ମଣିଷ ଜୀବନ ବଞ୍ଚାଉଥିବା ବେଳେ ଅସଦ ଉପାୟରେ ମଧ୍ୟ ମଣିଷ ମଣିଷକୁ ଲୁଣ୍ଠନ କରି ହତ୍ୟା କରୁଅଛି ନିଜର ସ୍ୱାର୍ଥକୁ ଉପଲବ୍ଧି ପାଇଁ, ଯାହା ହେଉଛି ଏ ସମାଜର ବିଡମ୍ବନା। ଏକ ନିର୍ଦ୍ଦିଷ୍ଟ ସମାଜ କିମ୍ବା ସଂସ୍କୃତି ସାମାଜିକ ଓ ଅର୍ଥନୈତିକ ଭୂମିକାକୁ ଶୃଙ୍ଖଳାର ନିରବଚ୍ଛିନ୍ନ ସୂତ୍ରରେ ବାନ୍ଧି ରଖିଥାଏ। ସାମାଜିକ ପ୍ରାଧାନ୍ୟ ସୂଚିତ କରେ ଯେ ଗୋଷ୍ଠୀ ଦ୍ୱନ୍ଦ୍ୱ ଓ ଅତ୍ୟାଚାରର ଅଧିକାଂଶ ରୂପ ଯଥା- ଜାତିଭେଦ,

ନୈତିକତା, ଲିଙ୍ଗବାଦ, ଜାତୀୟତା, ଶ୍ରେଣୀବାଦ, ଆଞ୍ଚଳିକତା ଗୋଷ୍ଠୀଭିତ୍ତିକ ସାମାଜିକ କ୍ଷେତ୍ର ଗଠନ ପାଇଁ ସମାନ ମୌଳିକ ମାନବ ସ୍ଥିତିର ଭିନ୍ନ ପ୍ରଦର୍ଶନ ଭାବରେ ବିବେଚନା କରାଯାଇପାରେ। ଯେତେବେଳେ ସାମାଜିକ ସ୍ତରର ଶୀର୍ଷରେ ଥିବା ବ୍ୟକ୍ତିମାନେ ଯାହା ଚାହାନ୍ତି ତାହା ପାଇବାକୁ ପ୍ରବୃତ୍ତି କରନ୍ତି, କିନ୍ତୁ ତଳ ଭାଗରେ ଥିବା ବ୍ୟକ୍ତିମାନେ ସାମଗ୍ରିକ ପୁରସ୍କାର, ସ୍ୱାଧୀନତା ସ୍ୱୀକୃତି, ଅନ୍ୟମାନଙ୍କଠାରୁ ସେବା ଇତ୍ୟାଦିରେ କମ୍ ସୁବିଧା ପାଇଥା'ନ୍ତି।

ଅନେକ ତତ୍ତ୍ୱଜ୍ଞମାନେ ସୂଚାଇ ଦେଇଛନ୍ତି ଯେ ମଣିଷର ଆତ୍ମ-ସଂରକ୍ଷଣ ପାଇଁ ଏକ ପ୍ରବୃତ୍ତି ଅଛି, ଯାହା ସେମାନଙ୍କୁ ସାମାଜିକ ସମ୍ପର୍କର ଏକ ସ୍ଥାନ ପାଇଁ ଲଢ଼ିବାକୁ ପ୍ରେରିତ କରେ ଓ ସେମାନଙ୍କର ଧାରଣା ତଥା ମତାମତକୁ ଧ୍ୟାନରେ ରଖାଯାଏ। ଯେଉଁମାନେ ସାମାଜିକ ସ୍ତରରେ ନିମ୍ନ ମାନ୍ୟତା ପାଇଛନ୍ତି, ସେମାନେ ସେମାନଙ୍କର ସାମାଜିକ ସ୍ଥିତିକୁ ଅନ୍ୟାୟ କିମ୍ବା ଭେଦଭାବର ଏକ ରୂପ ବୋଲି ଅନୁଭବ କରିପାରନ୍ତି ଯାହାକୁ ସେମାନେ ଦୂରେଇବା ପାଇଁ ସଂଘର୍ଷ କରିବାକୁ ପଡ଼ିଥାଏ। କିନ୍ତୁ ନିମ୍ନରେ ଥିବା ବ୍ୟକ୍ତି ସମାଜ ଏହି ସମ୍ପର୍କକୁ ପରିବର୍ତ୍ତନ କରିବାକୁ ଚାହିଁଥାନ୍ତି, ଯେତେବେଳେ ସମାଜର ଉପର ସ୍ତରର ବ୍ୟକ୍ତିମାନେ ଏହାକୁ ଯଥାପୂର୍ବ ବଜାୟ ରଖିବାକୁ ଚାହାନ୍ତି, ଯାହାକୁ ସାମାଜିକ ଅସମାନତା ବୋଲି ନିର୍ଦ୍ଦିଷ୍ଟ କରାଯାଇଥାଏ। ଗୋଟିଏ ସମାଜରେ ଗୋଟିଏ ସମୟରେ ସେହି ସମାଜର ବ୍ୟକ୍ତି ନିଃସ୍ୱାର୍ଥ ଭାବେ ଅନ୍ୟର ସେବା ତଥା ଜାତି ସମାଜର ଉନ୍ନତି ପାଇଁ ବ୍ୟଗ୍ର ଥିବା ବେଳେ, ସେହି ସମାଜରେ ସେହି ସମୟରେ ମଣିଷ ସ୍ୱାର୍ଥର ଅନ୍ଧକାରରେ ବଶୀଭୂତ ହୋଇ ବସ୍ତୁବାଦୀ ଦ୍ରବ୍ୟ ଉପରେ ଗୁରୁତ୍ୱ ଦେଇ ଜୀବନର ପ୍ରକୃତ ମାର୍ଗକୁ କଣ୍ଟକିତ କରିଥାଏ। ମାତ୍ର ପରିତାପର ବିଷୟ ଯେ ସାମ୍ପ୍ରତିକ ଆଧୁନିକ ଜ୍ଞାନକୌଶଳରେ ପରିପୂର୍ଣ୍ଣ ଥିବା ସମାଜ ଯାନ୍ତ୍ରିକ ଜ୍ଞାନରେ ଉତ୍କର୍ଷ ଥିବା ବେଳେ, କିଛି ବ୍ୟକ୍ତି ମାନବିକତାର ମାନସିକ ସନ୍ତୋଷରେ ସମ୍ପୂର୍ଣ୍ଣ ଦରିଦ୍ର ହୋଇ ଜୀବନର ମୂଲ୍ୟାଙ୍କନକୁ କେବଳ ପାର୍ଥିବ ବସ୍ତୁର ଉପଲବ୍ଧିରେ ସୀମିତ କରିଥାନ୍ତି। ଏହା ଯୋଗୁ ସମାଜ ପ୍ରତି ବିବେକର ଅଙ୍ଗୀକାରବଦ୍ଧତା କ୍ଷୁଣ୍ଣ ହୋଇଥାଏ। ତେଣୁ ଏଇ ସମାଜରେ ମଣିଷ, ମଣିଷ ଦ୍ୱାରା ବଞ୍ଚିଥିବା ବେଳେ ଏଇ ସମାଜରେ ମଣିଷ ପୁଣି ଉକ୍ତ ଆଦର୍ଶକୁ ଅମାବାସ୍ୟାର ଅନ୍ଧକାର ମଧ୍ୟରେ ଲୀନ କରୁଛି କେବଳ ପାର୍ଥିବ ଭୋଗ୍ୟ ବସ୍ତୁର ଉନ୍ମାଦନା ପାଇଁ। ଅତଏବ ମଣିଷ ଏହି ଉନ୍ମାଦନାକୁ ପରିହାର କରି ଏଇ ସମାଜରେ ନିଜକୁ ସମାଜର ଏକ ବିଶେଷ ଅଙ୍ଗ ଭାବରେ ଜୀବନ ନିର୍ବାହ କରି ଅନ୍ୟର ବିପଦ ବା ଦୁର୍ଦ୍ଦିନରେ ସହାୟକ ହେବାର ଆଦର୍ଶକୁ ଜାଗ୍ରତ କରିବା ଉଚିତ, ଯାହା ହେବ ସମାଜ ପ୍ରତି କୃତଜ୍ଞତା।

ସହାୟକ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର
ଭାରତ ସରକାର, ଭୁବନେଶ୍ୱର
ମୋ : ୯୯୩୭୩୪୫୯୦୦

ଏକ ରାଷ୍ଟ୍ର, ଏକ ଶିକ୍ଷା ବ୍ୟବସ୍ଥା

ସୌରଜିତ ପ୍ରଧାନୀ

କୌଣସି ରାଷ୍ଟ୍ରର ପ୍ରଗତିର ମୂଳଦୁଆ ହେଉଛି ଶିକ୍ଷା ବ୍ୟବସ୍ଥା। ଏହା ଦେଶର ନାଗରିକମାନଙ୍କ ମନ ଓ ଭବିଷ୍ୟତକୁ ଗଠନ କରିଥାଏ। ଭାରତ ଭଳି ଏକ ବିବିଧତାପୂର୍ଣ୍ଣ ଦେଶରେ, ଯେଉଁଠାରେ ଶିକ୍ଷା ଗୁଣବତ୍ତା ଏବଂ ଅଭିଗମ୍ୟତାରେ ଅସମାନତା ଦେଖିବାକୁ ମିଳେ, ସେଠାରେ ଏକ ରାଷ୍ଟ୍ର, ଏକ ଶିକ୍ଷା ବ୍ୟବସ୍ଥାର ବିଚାର ପରିବର୍ତ୍ତନଶୀଳ ସମ୍ଭାବନାକୁ ଧାରଣ କରିଥାଏ। ଏହି ପରିକଳ୍ପନା ଏକ ସମାନ ଶିକ୍ଷା ବ୍ୟବସ୍ଥା ପାଇଁ ପ୍ରବର୍ତ୍ତାଏ ଯାହା ଆଞ୍ଚଳିକ, ଭାଷାଗତ ଏବଂ ସାମାଜିକ-ଅର୍ଥନୈତିକ ପାର୍ଥକ୍ୟ ଯୋଗୁ ସୃଷ୍ଟି ହୋଇଥିବା ବ୍ୟବଧାନକୁ ଦୂର କରିବା ସହ ସମାନ ଶିକ୍ଷା ସୁଯୋଗ ସୁନିଶ୍ଚିତ କରିବ।

ଭାରତର ଶିକ୍ଷା ବ୍ୟବସ୍ଥା ସଂଘୀୟ ଢାଞ୍ଚା ଦ୍ୱାରା ପରିଚାଳିତ, ଯେଉଁଠି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଦାୟିତ୍ୱ ରହିଛି। ଏହା ଫଳରେ ପାଠ୍ୟକ୍ରମ, ଭାଷା ମାଧ୍ୟମ, ଶିକ୍ଷାଦାନ ପଦ୍ଧତି ଏବଂ ବିଭିନ୍ନ ରାଜ୍ୟରେ ସମ୍ବଳ ଆବଣ୍ଟନରେ ଭିନ୍ନତା ଦେଖାଦେଇଛି। ସିବିଏସ୍‌ଇ, ଆଇସିଏସ୍‌ଇ ଏବଂ ଅନେକ ରାଜ୍ୟ ବୋର୍ଡ ସମେତ ଏକାଧିକ ଶିକ୍ଷା ବୋର୍ଡର ଅସ୍ତିତ୍ୱ ଆହୁରି ବୈଷମ୍ୟକୁ ବୃଦ୍ଧି କରେ। ଉଦାହରଣ ସ୍ୱରୂପ, ବିଭିନ୍ନ ବୋର୍ଡ ଅଧୀନରେ ଥିବା ଛାତ୍ରୀଛାତ୍ରମାନେ ଅନେକ ସମୟରେ ଗୁଣାତ୍ମକ ପାଠ୍ୟପୁସ୍ତକ, ଶିକ୍ଷାଦାନ ସମ୍ବଳ ଏବଂ ଏପରିକି ପରୀକ୍ଷା ପଦ୍ଧତିରେ ମଧ୍ୟ ଅସମାନ ପ୍ରବେଶର ସମ୍ମୁଖୀନ ହୁଅନ୍ତି। ନିଟ୍ ଏବଂ ଜେଇଇ ଭଳି ଜାତୀୟସ୍ତରୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ସମୟରେ ଏହି ଅସମାନତା ଅଧିକ ସ୍ପଷ୍ଟ ହୋଇଯାଏ, ଯେଉଁଠାରେ କେତେକ ବୋର୍ଡର ଛାତ୍ରମାନେ ଅନ୍ୟମାନଙ୍କ ଅପେକ୍ଷା ଲାଭ ପାଇଥାନ୍ତି।

ଏକ ରାଷ୍ଟ୍ର, ଏକ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନାରେ ସାରା ଦେଶରେ କାର୍ଯ୍ୟକାରୀ ହେଉଥିବା ଏକ ମାନକ ପାଠ୍ୟକ୍ରମର ପରିକଳ୍ପନା କରାଯାଇଛି, ଯାହା ନିଶ୍ଚିତ କରିବ ଯେ ସାମାଜିକ-ଆର୍ଥିକ ପୃଷ୍ଠଭୂମି କିମ୍ବା ଭୌଗୋଳିକ ଅବସ୍ଥିତି ନିର୍ବିଶେଷରେ ପ୍ରତ୍ୟେକ ପିଲା ସମାନ ଗୁଣାତ୍ମକ ଶିକ୍ଷା ଲାଭ କରିବେ। ଏହି ଚିନ୍ତାଧାରା କେବଳ ସମାନ ପାଠ୍ୟପୁସ୍ତକ ରଖିବା ପାଇଁ ନୁହେଁ ବରଂ ସମାନ ଶିକ୍ଷାଦାନ ମାନକ, ସମ୍ବଳର ସମାନ ଉପଲବ୍ଧତା ଏବଂ ନିରନ୍ତର ମୂଲ୍ୟାଙ୍କନ ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରିଥାଏ। ଏହି ଦୃଷ୍ଟିକୋଣର ପ୍ରମୁଖ ସ୍ତମ୍ଭଗୁଡ଼ିକ ମଧ୍ୟରେ ସର୍ବାଙ୍ଗୀନ ବିକାଶ, ବହୁଭାଷୀ ଶିକ୍ଷା ପଦ୍ଧତି, ମାନକୀକୃତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଆର୍ଥିକ ସମ୍ବଳର ସମାନ ବଣ୍ଟନ ଏବଂ ଏକୀକୃତ ମୂଲ୍ୟାଙ୍କନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରି ଏକ ସମାନ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ। ଏକ ସମାନ ଶିକ୍ଷା ବ୍ୟବସ୍ଥା ଆଞ୍ଚଳିକ ବୈଷମ୍ୟକୁ ଦୂର କରିବ, ଯାହାଫଳରେ ସୁବିଧାରୁ ବଞ୍ଚିତ ପଛୁଆ ବର୍ଗର ଛାତ୍ରୀଛାତ୍ରମାନେ ସେମାନଙ୍କ ସହରାଞ୍ଚଳର ଛାତ୍ରୀଛାତ୍ରଙ୍କ ଭଳି ଗୁଣାତ୍ମକ ଶିକ୍ଷା ପାଇପାରିବେ। ଆଞ୍ଚଳିକ ବିବିଧତାକୁ ସମ୍ମାନ ଦେବା ସହିତ ଜାତୀୟ ମୂଲ୍ୟବୋଧ ଏବଂ ସାଂସ୍କୃତିକ ଐତିହ୍ୟ ଉପରେ ଗୁରୁତ୍ୱ ଦେଇ ଏହା ଏକତା ଓ ସହଭାଗୀ ପରିଚୟକୁ ପ୍ରୋତ୍ସାହିତ କରିପାରିବ।

ମାନକୀକୃତ ଶିକ୍ଷା ପରିବାର ପାଇଁ ରାଜ୍ୟଗୁଡ଼ିକ ମଧ୍ୟରେ ସ୍ଥାନାନ୍ତରକୁ ସରଳ କରିପାରେ, ବିଶେଷ କରି ସଶସ୍ତ୍ର ବାହିନୀ ଭଳି ସ୍ଥାନାନ୍ତର ଯୋଗ୍ୟ ଚାକିରିରେ। ଏକ ସମାନ ପାଠ୍ୟକ୍ରମ ଜାତୀୟ ସ୍ତରର ପ୍ରବେଶିକା

ପରୀକ୍ଷା ପାଇଁ ସୁଯୋଗ ସୃଷ୍ଟି କରିପାରିବ ଏବଂ ସମସ୍ତ ଛାତ୍ରୀଛାତ୍ରଙ୍କୁ ସମାନ ସୁଯୋଗ ପ୍ରଦାନ କରିପାରିବ। ମାନକୀକରଣ ଭାରତୀୟ ଶିକ୍ଷାକୁ ବୈଶ୍ୱିକ ମାନଦଣ୍ଡ ସହିତ ଯୋଡିବାରେ ସହାୟକ ହୋଇପାରିବ, ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟ ଶୈକ୍ଷିକ ଏବଂ ବୃତ୍ତିଗତ ସୁଯୋଗ ପାଇଁ ପ୍ରସ୍ତୁତ କରିପାରିବ। ତେବେ ଏକ ରାଷ୍ଟ୍ର, ଏକ ଶିକ୍ଷା ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ଅନେକ ପ୍ରତିବନ୍ଧକ ସୃଷ୍ଟି କରିବାର ସମ୍ଭାବନା ରହିଛି। ଭାରତର ସାଂସ୍କୃତିକ ଏବଂ ଭାଷାଗତ ବିବିଧତା ପାଠ୍ୟକ୍ରମର ପରିକଳ୍ପନା ପାଇଁ ଏକ ସମ୍ବେଦନଶୀଳ ଆଭିମୁଖ୍ୟ ଆବଶ୍ୟକ କରେ। ଆଞ୍ଚଳିକ ପ୍ରତିନିଧିତ୍ୱ ସହ ଜାତୀୟ ଏକତାକୁ ସନ୍ତୁଳିତ କରିବା ଜରୁରୀ। ଶିକ୍ଷା ଭାରତରେ ଏକ ସମକାଳୀନ ବିଷୟ ଏବଂ ରାଜ୍ୟଗୁଡ଼ିକ ଏକ କେନ୍ଦ୍ରୀକୃତ ଆଭିମୁଖ୍ୟକୁ ପ୍ରତିରୋଧ କରିପାରନ୍ତି, ଏହାକୁ ସେମାନଙ୍କର ସ୍ୱାୟତ୍ତତା ଉପରେ ଏକ ଉଲ୍ଲଂଘନ ଭାବରେ ଦେଖିପାରନ୍ତି।

ଏକ ସମାନ ବ୍ୟବସ୍ଥା ଲାଗୁ କରିବା ପାଇଁ ବିଦ୍ୟାଳୟ ଭିତ୍ତିଭୂମି, ବିଶେଷ କରି ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ ପର୍ଯ୍ୟାପ୍ତ ପୁଞ୍ଜିନିବେଶ ଦରକାର। ଶିକ୍ଷାର ମାନ ନିର୍ଦ୍ଧାରଣ ପାଇଁ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଏବଂ ପ୍ରଶିକ୍ଷଣର ଆବଶ୍ୟକତା ରହିଛି। ସମାଲୋଚକମାନେ ଯୁକ୍ତି କରନ୍ତି ଯେ ଏକ ମାନକୀକୃତ ବ୍ୟବସ୍ଥା ନିର୍ଦ୍ଦିଷ୍ଟ ଅଞ୍ଚଳ ଏବଂ ସମ୍ପ୍ରଦାୟର ଅନନ୍ୟ ଶିକ୍ଷାଗତ ଆବଶ୍ୟକତାକୁ ଅଣଦେଖା କରିପାରେ, ଯାହା ସାଂସ୍କୃତିକ କ୍ଷୟର କାରଣ ହୋଇପାରେ।

ଏକ ରାଷ୍ଟ୍ର, ଏକ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନାକୁ ବାସ୍ତବ ରୂପ ଦେବାକୁ ହେଲେ ପର୍ଯ୍ୟାୟକ୍ରମେ ଏକ ସମାବେଶୀ ଆଭିମୁଖ୍ୟ ଲୋଡ଼ା। ଆଞ୍ଚଳିକ ଆବଶ୍ୟକତା ସହିତ ଜାତୀୟ ପ୍ରାଥମିକତାକୁ ସନ୍ତୁଳିତ କରୁଥିବା ପାଠ୍ୟକ୍ରମ ପ୍ରସ୍ତୁତ କରିବାରେ ଶିକ୍ଷାବିତ, ନୀତି ନିର୍ଦ୍ଧାରକ, ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କୁ ନିୟୋଜିତ କରିବା। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ରେ ବହୁଭାଷୀ ଶିକ୍ଷା ଓ ବୃତ୍ତିଗତ ତାଲିମକୁ ପ୍ରୋତ୍ସାହନ ଦେବା ଭଳି ସଂସ୍କାର ପାଇଁ ଏକ ଢାଞ୍ଚା ପ୍ରଦାନ କରାଯାଇଛି। ଏହି ନୀତିକୁ 'ଏକ ଦେଶ, ଏକ ଶିକ୍ଷା' ପରିକଳ୍ପନା ସହିତ ଏହାର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରାଯାଇ ପାରିବ। ଦୀକ୍ଷା ଏବଂ ଇ-ପାଠଶାଳା ଭଳି ପ୍ଲାଟଫର୍ମ ମାଧ୍ୟମରେ ଗୁଣାତ୍ମକ ଶିକ୍ଷା ସାମଗ୍ରୀର ଏକ ସମାନ ଉପଲବ୍ଧତା ସୃଷ୍ଟି କରିବା ପାଇଁ ପ୍ରଯୁକ୍ତିକୁ ଉପଯୋଗ କରିବା। ଏହାର କାର୍ଯ୍ୟକାରିତାର ମୂଲ୍ୟାଙ୍କନ କରିବା ଏବଂ ଆହ୍ୱାନର ମୁକାବିଲା କରିବା ପାଇଁ ବଛାବଛା ଅଞ୍ଚଳରେ ସମାନ ପାଠ୍ୟକ୍ରମ ଲାଗୁ କରିବା। ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଡିଜିଟାଲ ଭିତ୍ତିଭୂମି ଏବଂ ସମ୍ବଳ ବିକାଶରେ ନିବେଶ କରିବା।

ଫିନ୍‌ଲାଣ୍ଡ ଓ ଦକ୍ଷିଣ କୋରିଆ ଭଳି ଦେଶ ମାନକୀକୃତ ଶିକ୍ଷା ବ୍ୟବସ୍ଥାର ଉପକାରିତା ପ୍ରଦର୍ଶନ କରିଛନ୍ତି। ଫିନ୍‌ଲାଣ୍ଡ ସମାନତା ଓ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଉଥିବାରୁ ଶିକ୍ଷା କ୍ଷେତ୍ରରେ ଏହା ବିଶ୍ୱସ୍ତରରେ ଅଗ୍ରଣୀ ହୋଇପାରିଥିବା ବେଳେ ଦକ୍ଷିଣ କୋରିଆର ସମାନ ପାଠ୍ୟକ୍ରମ ଏହାର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଭାରତ ନିଜର ଅନନ୍ୟ ସାମାଜିକ-ସାଂସ୍କୃତିକ ପରିପ୍ରେକ୍ଷୀରେ ଏହି ମଡେଲଗୁଡ଼ିକ ଖାପ ଖୁଆଇବା ସହିତ ଏଥିରୁ ଶିକ୍ଷା ଲାଭ କରିପାରିବ। ଏକ ରାଷ୍ଟ୍ର, ଏକ ଶିକ୍ଷା ବ୍ୟବସ୍ଥାର ସଫଳତା ସମାବେଶୀ ଯୋଜନା, ସମ୍ବେଦନଶୀଳ କାର୍ଯ୍ୟାନ୍ୱୟନ ଏବଂ ସମସ୍ତ ଅଂଶୀଦାରଙ୍କ ନିରନ୍ତର ପ୍ରତିବଦ୍ଧତା ଉପରେ ନିର୍ଭର କରେ।

ମୋ: ୯୯୬୭୧୦୨୨୬୪

ଏଇ ଭାରତରେ

ସେବା କରିବାର ଦୃଢ଼ ଇଚ୍ଛାଶକ୍ତି ଥିଲେ ତାହା ଯେକୌଣସି ସ୍ଥାନରେ କରାଯାଇପାରିବ, ଏହା ପ୍ରମାଣ କରିଛନ୍ତି ଇତି ପାଣ୍ଡେ । ମହାରାଷ୍ଟ୍ରର ଭୁସୱାଲରେ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର ଥିବା ଏହି ଅଧିକାରୀ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଗୋଟିଏ ଟ୍ରେନ୍ କୋଚ୍‌କୁ ହସ୍ପିଟାଲରେ ପରିଣତ କରିଛନ୍ତି। ସେ ରୁଦ୍ର ନାମକ 'ହସ୍ପିଟାଲ ଅନ୍ ହ୍ୱିଲ୍ସ' ଅଭିଯାନ ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ସେ ଦୁର୍ଗମ ଅଞ୍ଚଳରେ ରେଲ୍‌ୱେ କର୍ମଚାରୀ ଓ ସେମାନଙ୍କ ପରିବାରକୁ ଠିକ୍ ସମୟରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ରେଲ୍‌ୱେରେ ଇତି ୨୬ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିସାରିଲେଣି। ସେ ମଧ୍ୟ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ସାଇକୋଲୋଜିରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଦୀର୍ଘ ବର୍ଷ ରେଲ୍‌ୱେରେ କାର୍ଯ୍ୟ କରିବା ମଧ୍ୟରେ ଦୁର୍ଗମ ଅଞ୍ଚଳରେ ରହୁଥିବା କର୍ମଚାରୀଙ୍କ ଅସୁବିଧାକୁ ଲକ୍ଷ୍ୟ କରି ସେ ଏଭଳି ସେବା ଯୋଗାଇବା ପାଇଁ ନିଷ୍ପତ୍ତି ନେଇଥିଲେ । ପ୍ରଥମ କ୍ୟାମ୍ପ ଜାନୁଆରୀ ୧୮ରେ ଚାଲିସ୍‌ଗାଁଓରେ ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସେବା ଯୋଗାଇ ସାରିଲେଣି। ରୁଦ୍ର ମେଡିକାଲ ଟିମ୍‌ରେ ସ୍ୱେଚ୍ଛାକୃତ ଭାବେ ପାଖାପାଖି ୬୦ ଜଣ ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ସେବା କରୁଛନ୍ତି।

୫୦ ବର୍ଷ ତଳର ଧରିତ୍ରୀ

୧୬ ଫେବୃଆରୀ ୧୯୭୬

- ନାଇଜେରିଆରେ ବିଫଳ ହୋଇଥିବା ସାମରିକ ବିଦ୍ରୋହରେ ରାଷ୍ଟ୍ରମୁଖ୍ୟ ଲିଉଟିନାଣ୍ଟ ଜେନେରାଲ ମୁର୍ତ୍ତାଲା ମହମ୍ମଦଙ୍କୁ ହତ୍ୟା କରାଯାଇଥିବା ଫେଡେରାଲ ସରକାରଙ୍କ ଘୋଷଣା।
- ତାମିଲନାଡୁରେ ଜାତୀୟ କଂଗ୍ରେସ ଓ ସଂଗଠନ କଂଗ୍ରେସର ମିଶ୍ରଣ ଆନୁଷ୍ଠାନିକ ଭାବେ ସମ୍ପନ୍ନ ହୋଇଯାଇଛି।

ଚିରନ୍ତନୀ

କେବେ ନଦୀକୋଳେ କହି ତା' ବ୍ୟଥିତ ବାଣୀ
ରକତ ଚୁମ୍ବ ରଖିଲା ସନ୍ଧ୍ୟା-ରାଣୀ
ଏକାକୀ ନାଉରୀ ସଙ୍ଗୀତ-ଶୋକେ
ନାବ ବାହୁଥିଲା ଲୋହିତ ଆଲୋକେ,
ଉପରେ ତାହାର ସନ୍ଧ୍ୟର-ସରମ ଠାଣି
ତଳେ ଜଳରାଶି-ପୀଡ଼ିତ-ମରମ ବାଣୀ।
(ଲୋହିତ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

su | do | ku — ସୁ-ଡୋ-କୁ

Puzzles by Srikant Ghosh

1								
	9						2	
						8		1
		4		2				
	8		9			3		
		5	3		4	1	6	
6								8
					7	4	9	
	7	2		5				

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

3	4	5	7	1	9	2	6	8
2	1	6	4	8	3	9	7	5
9	8	7	5	6	2	4	3	1
8	2	3	9	5	6	1	4	7
4	7	9	1	3	8	5	2	6
6	5	1	2	7	4	8	9	3
5	9	8	3	2	7	6	1	4
7	6	4	8	9	1	3	5	2
1	3	2	6	4	5	7	8	9

ଗତକାଲିର ଉତ୍ତର

ପାଠକ ଶ୍ରେଷ୍ଠ ବିଚାରକ

ସମସ୍ୟା ଘେରରେ ମହାନଗର

ମହାଶୟ,

ଆମ ଦେଶରେ ଯେତେ ସବୁ ସମସ୍ୟା ସୃଷ୍ଟି ହେଉଛି ସେଥିମଧ୍ୟରୁ ପ୍ରଥମ ହେଲା ରାସ୍ତା ସମସ୍ୟା। ରାସ୍ତାରେ ବୁଲୁଥିବା ଗୋରୁ ଏବଂ ଅନ୍ୟ ପଶୁଙ୍କ ପାଇଁ ଦୁର୍ଘଟଣା ଘଟିଥାଏ। ଗତ କିଛି ବର୍ଷ ପୂର୍ବରୁ ପୋଲିସ ପ୍ରଶାସନ ତରଫରୁ ଗଣମାଧ୍ୟମରେ କୁହାଯାଇଥିଲା, ବୁଲା ପ୍ରାଣୀଙ୍କୁ ଯଦି ସହରର ରାସ୍ତାରେ ଦେଖାଯାଏ ତା'ହେଲେ ସେମାନଙ୍କ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। କିନ୍ତୁ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଯଦି ପୋଲିସ ପ୍ରଶାସନ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତେ ତା'ହେଲେ ମହାନଗର ରାସ୍ତାରେ ଯିବା ଆସିବା ସମସ୍ୟାର ସମାଧାନ ହୋଇପାରନ୍ତା। ଏହାସହ ଭୁବନେଶ୍ୱରରେ ଫୁଟ୍‌ପାଥ୍‌ରେ ଗାଡ଼ି ଚଳେଇବା ସମସ୍ୟା ଦେଖିବାକୁ ମିଳୁଛି। ଏହାର ସମାଧାନ ହୋଇ ନ ପାରିବାର କାରଣ ହେଉଛି ପୋଲିସର ଅବହେଳା। ଫୁଟ୍‌ପାଥ୍ ରେ ଗାଡ଼ି, ୨ ଚକିଆ ଯାନ ଚାଲିବା ଦ୍ୱାରା ତାହା ଚାଲୁଥିବା ଲୋକଙ୍କ ପାଇଁ ନିରାପଦ ହୋଇପାରୁନାହିଁ। ପୋଲିସ ପ୍ରଶାସନ ଠିକ୍ ଢଙ୍ଗରେ କାମ କରୁନଥିବାରୁ ଲୋକଙ୍କୁ ହନ୍ତସନ୍ତ ହେବାକୁ ପଡୁଛି।

- କାଳୀ ଦାସ, ବ୍ରହ୍ମପୁର, ଖୋଡ଼ାସିଂ କଳିଙ୍ଗନଗର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ନୂଆଦିଲ୍ଲୀସ୍ଥିତ ଭାଜପା କାର୍ଯ୍ୟାଳୟରେ ଶନିବାର ଆମ୍ ଆଦ୍‌ମୀ ପାର୍ଟିର ୩ ଜଣ କାଉନ୍‌ସିଲର ଦିଲ୍ଲୀ ଭାଜପା ସଭାପତି ବୀରେନ୍ଦ୍ର ସଚ୍‌ଦେବାଙ୍କ ଉପସ୍ଥିତିରେ ପଦ୍ମ ଧରିଛନ୍ତି।

ବିଜେଡି ଲଲିପପ୍, କଂଗ୍ରେସ ପରିଚୟ ଦେଇଛି: ପ୍ରଫୁଲ୍ଲ ମାଝୀ

ଭୁବନେଶ୍ୱର,୧୫।୨ (ଅନୁରାଧା ମହାରଣା)

ଭୂପିନ୍ଦର, ସୁରେନ୍ଦ୍ର, ପ୍ରଦୀପ ଓ ଚିରଞ୍ଜୀବଙ୍କୁ ନେଇ ଚର୍ଚ୍ଚା

କଂଗ୍ରେସର ନୂଆ ପିସିସି ସଭାପତି ଦାୟିତ୍ୱ ନେବା ଓ ଶୁକ୍ରବାର ଅଜୟ କୁମାରଙ୍କ ବଦଳରେ ନୂଆ ପ୍ରଭାରୀ ଅଜୟ କୁମାର ଲଲୁଙ୍କ ନାମ ଘୋଷଣା ପରେ ଦଳ ଛାଡ଼ିଥିବା ନେତାମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ଏହି କ୍ରମରେ ଦେଖିଲେ ତଳସରାର ପୂର୍ବତନ ବିଧାୟକ ତଥା ବିଜେଡି ନେତା ଡା. ପ୍ରଫୁଲ୍ଲ ମାଝୀ ଶନିବାର କହିଛନ୍ତି, ବିଜେଡି ତାଙ୍କୁ ଲଲିପପ୍ ଦେଖାଇ ନିରାଶ କରିଛି। ହେଲେ କଂଗ୍ରେସ ତାଙ୍କୁ ପରିଚୟ ଦେଇଥିଲା। ବିଭିନ୍ନ କାରଣରୁ କଂଗ୍ରେସ ଛାଡ଼ିଥିବା ସେ ଦର୍ଶାଇଛନ୍ତି। ବିଜେଡିକୁ ନେତା ନ ଚଳାଇ ଆଉ ଜଣେ ଚଳାଇଲେ ଧ୍ୱଂସ ହୋଇଯିବ। ଓ ଦଳର ଭବିଷ୍ୟତ କିଛି ନାହିଁ ବୋଲି ପ୍ରଫୁଲ୍ଲ କହିଛନ୍ତି। ଭକ୍ତ ଦାସ ଜଣେ ବଡ଼ ନେତା, ଭଲ କାମ କରନ୍ତୁ କହିବା ସହ ଆଗକୁ କଂଗ୍ରେସର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ତିନି ଥର ବିଧାୟକ ହୋଇଥିବା ପ୍ରଫୁଲ୍ଲ ୨୦୨୧ ଡିସେମ୍ବରରେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ।

ସେହିପରି କଂଗ୍ରେସକୁ ଫେରିବା ନେଇ ବିଜେଡି ନେତା ଭୂପିନ୍ଦର ସିଂ ସିଧାସଳଖ ହଁ କହି ନ ଥିଲେ ମଧ୍ୟ ମନା କରିନାହାନ୍ତି। ସେ ସମୟକୁ ଅପେକ୍ଷା କରିବାକୁ କହିଛନ୍ତି। ଏହା ସହିତ ଭକ୍ତ ଦାସଙ୍କ ପଦକ୍ଷେପ ନେଇ କହିଛନ୍ତି ଯେ ସବୁ ଦଳ ସଙ୍ଗଠନକୁ ସୁଦୃଢ଼ କରିବାକୁ ଚେଷ୍ଟା କରିବା ସ୍ୱାଭାବିକ କଥା। ସ୍ମରଣ କରାଯାଇପାରେ, ୨୦୧୪ ନିର୍ବାଚନ ବେଳେ ତତ୍କାଳୀନ ବିରୋଧୀ ଦଳ ନେତା ଭୂପିନ୍ଦର ସିଂ ଅଚାନକ ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ତାଙ୍କୁ ରାଜ୍ୟ ସଭାକୁ ପଠାଇଥିଲା। ୨୦୦୯ରେ କଂଗ୍ରେସ ଟିକେଟରୁ ନର୍ଲାରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ଭୂପିନ୍ଦର ୨୦୧୯ରେ ବିଜେଡି ଟିକେଟରେ ନର୍ଲାରୁ ଜିତିଥିଲେ। କିନ୍ତୁ ୨୦୨୪ରେ ବିଜେଡି ତାଙ୍କୁ ଟିକେଟ ଦେଇ ନ ଥିବାରୁ ସେ ଅସନ୍ତୁଷ୍ଟ ରହିଆସିଛନ୍ତି।

ଅନୁରୂପ ଭାବେ କଂଗ୍ରେସ ଟିକେଟରେ ତିନିଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ସୁରେନ୍ଦ୍ର ସିଂ ଭୋଇ ୨୦୨୪ ନିର୍ବାଚନ ବେଳେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇ ବଲାଙ୍ଗୀର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। କଂଗ୍ରେସ ସକ୍ରିୟ ହେଉଥିବାରୁ ତାଙ୍କ ନାମକୁ ନେଇ ଚର୍ଚ୍ଚା ମଧ୍ୟ ହେଲାଣି। ସେହିଭଳି ୨୦୨୧ରେ କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ମିଶିଥିଲେ ପ୍ରଦୀପ ମାଝୀ ଓ ୨୦୨୪ ନିର୍ବାଚନ ପୂର୍ବରୁ ବିଜେଡିରେ ଯୋଗ ଦେଇଥିବା ଚିରଞ୍ଜୀବ ବିଶ୍ୱାଳ ଆଗକୁ କଂଗ୍ରେସରେ ଯୋଗଦେବା ନେଇ ରାଜନୈତିକ ସ୍ତରରେ ଆଲୋଚନା ଆରମ୍ଭ ହୋଇଯାଇଛି।

ରାଜ୍ୟପାଳଙ୍କୁ ଭେଟି ଫେରାଦ ହେଲେ ବିଜେଡି ନେତା

ବିଜେଡି ବିଧାୟକମାନେ ଶନିବାର ରାଜ୍ୟପାଳଙ୍କୁ ଚାଷ ଓ ଚାଷୀଙ୍କ ସମସ୍ୟା ନେଇ ଫେରାଦ ହେବା ପରେ ରାଜଭବନରୁ ଫେରୁଛନ୍ତି।

ଭୁବନେଶ୍ୱର, ୧୫।୨ (ବନ୍ଦନା ସେଠୀ)

ବିରୋଧୀ ଦଳ ପଳାୟନପନ୍ଥୀ: ମୁକେଶ ମହାଲିଙ୍ଗ

ବିଜେଡି ଓ କଂଗ୍ରେସ ଦଳର ସ୍ଲୋଗାନ ପାଇଁ ଶନିବାର ଗୃହ କାର୍ଯ୍ୟ ଆରମ୍ଭ ହେଉ ହେଉ ମୁଲତବୀ ହୋଇଥିଲା। ଏହାପରେ ବିରୋଧୀ ଦଳ ବିଜେଡି ପକ୍ଷରୁ ଏକ ଟିମ୍ ରାଜଭବନରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ଭେଟି ଚାଷ ଓ ଚାଷୀଙ୍କ ଅବ୍ୟବସ୍ଥା ନେଇ ଫେରାଦ ହୋଇଥିଲା। କଟ୍‌ନୀ ଛଟ୍‌ନୀ ବନ୍ଦ ହେବା, ମଣ୍ଡିରୁ ଚାଷୀର ସମସ୍ତ ଧାନ ଉଠିବା ସହିତ ମିଲର ଏବଂ ସରକାରଙ୍କ ଭିତରେ ମଧୁଚନ୍ଦ୍ରିକା ଯୋଗୁଁ ଚାଷୀ ପ୍ରଭାବିତ ହେଉଛି। ରାଜ୍ୟରେ ଚାଷୀ ମୃତ୍ୟୁ ହେଉଛି। ତେଣୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡି ଭେଟିବାକୁ ଯାଇଥିବା ବିଜେଡି ବିଧାୟକ ପ୍ରତାପ ଦେବ ଏହା କହିଛନ୍ତି। ସେହିପରି ଚାଷୀଙ୍କ ସମସ୍ୟା ନେଇ ଆଲୋଚନା କରିବାକୁ କହୁଥିବାବେଳେ ବାଚସ୍ପତି ଶୁଣୁ ନାହାନ୍ତି। ମାତ୍ର ୪୫ମିନିଟ୍‌ରେ ଚାଷୀ ପ୍ରସଙ୍ଗ ଆଲୋଚନା ହୋଇପାରିବ ନାହିଁ। ତେଣୁ ଆମେ ଅଧିକ ସମୟ ଚାହୁଁଛୁ, ମାତ୍ର ସରକାର ଚୁପ୍। ତେଣୁ ଏହାର ପ୍ରତିବାଦ କରି ରାଜ୍ୟପାଳଙ୍କୁ ଭେଟିବାକୁ ଯାଇଥିବା ପ୍ରତାପ କହିଛନ୍ତି। ସେହିପରି କଂଗ୍ରେସ ବିଧାୟକ ରାମଚନ୍ଦ୍ର କଡ଼ାମ କହିଛନ୍ତି, ସରକାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଚାଷୀ ହନ୍ତସନ୍ତ ହେଉଛନ୍ତି। ସବୁ ମଣ୍ଡିରେ ବ୍ୟାପକ କଟ୍‌ନୀ ଛଟ୍‌ନୀ ହେଉଛି। ସରକାର ଏହାକୁ ବନ୍ଦ କରି ପାରୁନାହାନ୍ତି ତେଣୁ ଏହାର ପ୍ରତିବାଦ କରାଯାଉଛି। ଅପରପକ୍ଷେ ଉଭୟ ବିରୋଧୀ ଦଳଙ୍କ ଏଭଳି ଆଭିମୁଖ୍ୟକୁ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ବିରୋଧୀ ଭୟଭୀତ ଓ ପଳାୟନ ପନ୍ଥୀ। ସେମାନେ କେବେ ବିରୋଧୀ ଦଳରେ ବସି ନ ଥିଲେ। ତେଣୁ ବିରୋଧୀ ଦଳ କାର୍ଯ୍ୟ ନିର୍ବାହ କରି ପାରୁ ନାହାନ୍ତି। ପ୍ରଶ୍ନ ଉତ୍ତର କାଳ ବହୁତ ଗୁରୁତ୍ୱପୂର୍ଣ୍ଣ, ଯାହାକୁ ରାଜ୍ୟବାସୀ ଜାଣିବାର ମାଧ୍ୟମ। ବିରୋଧୀ ସରକାରୀ ଦଳର ଉତ୍ତର ଶୁଣିବାକୁ ସାହସ ରଖି ନାହାନ୍ତି। ଶୁକ୍ରବାର କଂଗ୍ରେସ କଟ୍‌ନୀ ଛଟ୍‌ନୀ ନେଇ ଦେଇଥିବା ମୁଲତବୀ ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା। ମାତ୍ର ଏହାସତ୍ତ୍ୱେ ଆଲୋଚନାକୁ କଂଗ୍ରେସ କି ବିଜେଡି ଆସୁ ନାହାଁନ୍ତି। ଯେଉଁ ୧୦୦ ଟଙ୍କା ବୋନସ କଥା ବିଜେଡି ସରକାର ଘୋଷଣା କରିଥିଲା, ତାହା ଦେଲା ନାହିଁ। ଭାଜପା ୩୧୦୦ ଟଙ୍କା ଦେଲା। ତେଣୁ ବିରୋଧୀଙ୍କ କୁମ୍ଭୀର କାନ୍ଦଣା ବନ୍ଦ ହେଉ ବୋଲି ମହାଲିଙ୍ଗ କହିଛନ୍ତି।

ନିଗମ ଅଧ୍ୟକ୍ଷ ପଦ ପାଇଁ ଅନେକ ଆଶାୟୀ

ବ୍ରହ୍ମପୁର,୧୫।୨(ନରସିଂହ ସାହୁ)

ଗଞ୍ଜାମ ଜିଲ୍ଲା ଭାଜପା ରାଜନୀତି ଚଳଚଞ୍ଚଳ

ରାଜ୍ୟରେ ପ୍ରଥମ କରି ଭାଜପା ସରକାର ଗଠନର ୮ ମାସ ପୂରିଛି। ଗଞ୍ଜାମ ଜିଲାର ୧୩ ବିଧାନସଭା ଆସନ ମଧ୍ୟରୁ ୧୧ଟିରେ ଭାଜପା ବିଧାୟକ ନିର୍ବାଚିତ ହୋଇଛନ୍ତି। ତନ୍ମଧ୍ୟରୁ ଦୁଇଜଣ ମନ୍ତ୍ରୀ ପଦ ପାଇଛନ୍ତି। ଜଣେ କ୍ୟାବିନେଟ୍ ପାହ୍ୟା ପାଇ ୪ ଗୁରୁତ୍ୱପୂର୍ଣ୍ଣ ବିଭାଗ ପାଇଥିବା ବେଳେ ଅନ୍ୟ ଜଣକ ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ) ହୋଇଛନ୍ତି। ଜିଲାର ଦୁଇଟି ଯାକ ଲୋକସଭା ନିର୍ବାଚନ ମଣ୍ଡଳୀରୁ ଭାଜପା ପ୍ରାର୍ଥୀମାନେ ଜିତି ରେକର୍ଡ ସୃଷ୍ଟି କରିଛନ୍ତି। ଅନ୍ୟପକ୍ଷରେ ଦୁଇଦିନ ତଳେ ଭାଜପା ରାଜ୍ୟ ସଙ୍ଗଠନର କୋର କମିଟି ବୈଠକରେ ଖାଲି ପଡ଼ିଥିବା ବିଭିନ୍ନ ନିଗମ ସମେତ ଅନ୍ୟ ଅଧ୍ୟକ୍ଷ ପଦଗୁଡ଼ିକ ଖୁବଶୀଘ୍ର ପୂରଣ ହେବ ବୋଲି ଆଲୋଚନା ହୋଇଥିବାରୁ ଆଶାୟୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ଦୀର୍ଘବର୍ଷରୁ ଦଳର ସଙ୍ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ନେତା ଓ କର୍ମୀ ଉତ୍ସାହିତ ହୋଇ ଲବି ଜୋରଦାର କରିଛନ୍ତି। ଶନିବାର ୧୦ରୁ ଅଧିକ କର୍ମୀ ଭୁବନେଶ୍ୱର ଯାଇଛନ୍ତି। ସେମାନେ ଜିଲାର ମନ୍ତ୍ରୀ ଓ ରାଜ୍ୟ ନେତାଙ୍କୁ ଭେଟିବା କାର୍ଯ୍ୟକ୍ରମ ରଖିଥିବା ସୂଚନା ମିଳିଛି। ଗଞ୍ଜାମରେ ଭାଜପାର ୩ ସାଙ୍ଗଠନିକ ଜିଲାରୁ ଡଜେନରୁ ଅଧିକ ନିଗମ ଓ ବୋର୍ଡରେ ଥଇଥାନ ହେବାକୁ ଆଶା କରିଥିବା ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ଗଞ୍ଜାମ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଓ ସଦସ୍ୟ ପଦ ଖାଲି ପଡ଼ିଛି। ବିଜେଡି ଶାସନରେ ବିଧାୟକମାନେ ଅଧ୍ୟକ୍ଷ ହେଉଥିଲେ। ଭାଜପା ସରକାର ଦଳର ନେତାଙ୍କୁ ଦେବେ ନା ବିଧାୟକ ହେବେ ସେ ନେଇ ଅଙ୍କକଷା ଚାଲିଛି। ପୂର୍ବ ସରକାର ଅଧ୍ୟକ୍ଷଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ଦେଇଥିବା ନଜିର ଅଛି। ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଧ୍ୟକ୍ଷ ହେବାକୁ ମଧ୍ୟ କେତେଜଣ ନେତା ଓ କର୍ମୀ ଆଶା ରଖିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲାର ଦୁଇ ପ୍ରମୁଖ ବ୍ରହ୍ମପୁର ଓ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ସମେତ ଅନ୍ୟ ସମବାୟ ବ୍ୟାଙ୍କ ପରିଚାଳନା ବୋର୍ଡ ଭଙ୍ଗାଯିବ। ସେହି ସ୍ଥାନରେ ଦଳୀୟ କର୍ମୀ ଓ ନେତାଙ୍କୁ ଥଇଥାନ କରାଯିବ ବୋଲି ଗଞ୍ଜାମ ଜିଲା ଭାଜପା ସଭାପତି ସରୋଜ ସାବତ ଶନିବାର ସୂଚନା ଦେଇଛନ୍ତି।

କଂଗ୍ରେସକୁ ଫେରିଲେ ସୁର

ପିସିସି ସଭାପତିଙ୍କୁ ଦେଲେ ଧନ୍ୟବାଦ

ସମର୍ଥକଙ୍କ ସହ ଶନିବାର କଂଗ୍ରେସ ଭବନରେ ବରିଷ୍ଠ ନେତା ସୁରେଶ ଚନ୍ଦ୍ର ରାଉତରାୟ।

ଭୁବନେଶ୍ୱର,୧୫।୨ (ଅନୁରାଧା ମହାରଣା)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭାବେ ଭକ୍ତ ଚରଣ ଦାସ ଦାୟିତ୍ୱ ନେବା ପରେ ଦଳ ଏବେ ଚଳଚଞ୍ଚଳ ହୋଇଥିବା ଲକ୍ଷ୍ୟ କରାଯାଉଛି। ରାଜ୍ୟର ଯେଉଁ କଂଗ୍ରେସ ନେତାଙ୍କୁ କୌଣସି କାରଣରୁ ନିଲମ୍ବନ ବା ବହିଷ୍କାର କରାଯାଇଥିଲା, ସେମାନଙ୍କ ଉପରୁ ସେ ଆଦେଶ ପ୍ରତ୍ୟାହାର କରି ନେଇଥିବାରୁ ପୁରୁଣା ନେତାଙ୍କ ଘରବାହୁଡ଼ା ଆରମ୍ଭ ହୋଇଛି। ଶନିବାର ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ କଂଗ୍ରେସକୁ ଫେରିବା ପରେ ଦଳଠାରୁ ଦୂରେଇ ଯାଇଥିବା କେତେଜଣ ନେତା ଫେରିବାର ସମ୍ଭାବନା ଦେଖାଦେଲାଣି।

ଶନିବାର ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନକୁ ସୁର ଓ ତାଙ୍କ ପୁଅ ସିଦ୍ଧାର୍ଥ ଆସି ପହଞ୍ଚିଥିଲେ। ୯ ମାସ ପରେ ସୁର କଂଗ୍ରେସ ଭବନକୁ ଆସିଥିବାରୁ ଭାବବିହ୍ୱଳ ହୋଇ କାନ୍ଦିପକାଇଥିଲେ। ପ୍ରବେଶ ପୂର୍ବରୁ ସେ ସେଠାରେ ମୁଣ୍ଡିଆ ମାରିଥିଲେ। ଗଣମାଧ୍ୟମ ଆଗରେ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିବାରୁ ସେ ପିସିସି ସଭାପତିଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଗତ ୯ ମାସ ଧରି ସେ ବହୁ ଯନ୍ତ୍ରଣାରେ ଥିଲେ, ତାଙ୍କୁ ଚକ୍ରାନ୍ତ କରାଯାଇ ନିଲମ୍ବିତ କରାଯାଇଥିଲା। ଏବେ ସେ ନିଜ ମନ୍ଦିରକୁ ଫେରିଥିବାରୁ ଅତ୍ୟନ୍ତ ଖୁସି ଅନୁଭବ କରୁଛନ୍ତି। ଏହା ସହିତ ଆଗାମୀ ଦିନରେ ଆଉ କୌଣସି କନ୍ଦଳ ରହିବ ନାହିଁ ଏବଂ ସମସ୍ତେ ମିଳିମିଶି ସଙ୍ଗଠନ ପାଇଁ କାମ କରିବେ ବୋଲି କହିଛନ୍ତି। ଏହାସହିତ ସେ ଛାତ୍ର ଓ ଯୁବ କଂଗ୍ରେସକୁ ଦଳକୁ ବଞ୍ଚାଇରଖିଥିବା କହି କୃତଜ୍ଞତା ଜଣାଇଛନ୍ତି।

ପାଣ୍ଡିଆନଙ୍କ କଥାରେ ବିଜେଡି ଗୃହକୁ ଅଚଳ କରୁଛି: ଜୟନାରାୟଣ ମିଶ୍ର

ଭୁବନେଶ୍ୱର, ୧୫।୨ (ବନ୍ଦନା ସେଠୀ)

ଦୁଇଦିନ ଧରି ବିଧାନସଭା ଅଚଳ କରାଯିବାକୁ ନେଇ ଶାସକ ଭାଜପା ଓ ବିରୋଧୀ ବିଜେଡି ମୁହାଁମୁହିଁ ହୋଇଛନ୍ତି। ପଏଣ୍ଟ ଅଫ୍ ଅର୍ଡର ନେଇ ଗୃହରେ ମନ୍ତବ୍ୟ ଦେଇଛନ୍ତି ବରିଷ୍ଠ ଭାଜପା ବିଧାୟକ ଜୟନାରାୟଣ ମିଶ୍ର। ବିରୋଧୀ ବିଜେଡି ଚାଷୀ ପ୍ରସଙ୍ଗରେ ମୁଲତବୀ ଆଣିଥିଲେ, ସରକାର ମଧ୍ୟ ଆଲୋଚନା ପାଇଁ ରାଜି ଥିଲେ। କିନ୍ତୁ ବିନା କାରଣରେ ଦୁଇଦିନ ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରାଯାଇଛି। ତେବେ ଲବିରେ କିଛି ବିଜେଡି ବିଧାୟକଙ୍କ ସହ ଆଲୋଚନା କରୁଥିବାବେଳେ ପାଣ୍ଡିଆନଙ୍କ କଥାରେ ଏମିତି କରିଥିବା କିଛି ବିଜେଡି ବିଧାୟକ କହିଛନ୍ତି ବୋଲି ଜୟନାରାୟଣ ଅଭିଯୋଗ କରିଛନ୍ତି। ତେବେ ଏ ଗୃହକୁ କ'ଣ ପାଣ୍ଡିଆନ ଚଳେଇବେ କି ବୋଲି ଜୟନାରାୟଣ ପ୍ରଶ୍ନ କରିଛନ୍ତି। ସେହିପରି ବାହାର ଲୋକ କିଏ କ'ଣ କହିବେ, ଆଉ ଗୃହକୁ ବନ୍ଦ କରିଦିଆଯିବ? ଏଥିପାଇଁ ବିଜେଡି ସଦସ୍ୟ କ୍ଷମା ମାଗିବା ଦରକାର ବୋଲି ସେ କହିଛନ୍ତି। ଅପରପକ୍ଷେ ଜୟନାରାୟଣଙ୍କୁ ମୁହଁତୋଡ଼ ଜବାବ ଦେଇଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ପାଣ୍ଡିଆନ୍‌ଙ୍କର କିଛି ପ୍ରଭାବ ନାହିଁ। କେବଳ ନବୀନଙ୍କ ପ୍ରଭାବରେ ବିଜେଡି ଚାଲିଥିବା ସେ କହିଛନ୍ତି। ଶାସକ ଦଳ କେବଳ ଅସତ୍ୟ କଥାକୁ ଉଠାଉଛି। ସେହିପରି କେବଳ ମିଡିଆରେ ନିଜକୁ ପ୍ରଚାର କରିବା ପାଇଁ ଜୟନାରାୟଣ ଏଭଳି କହିଥିବା ପ୍ରମିଳା କହିଛନ୍ତି।

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. ST/OT/SPD-KUR-DIVN-454, ତା.11.02.2025ରିଖ
କାର୍ଯ୍ୟର ନାମ : "IR ରେ ସଂସ୍ଥାପିତ ସିଗ୍ନାଲ ଉପକରଣ ପାଇଁ ସର୍ଜ ଏବଂ ଲାଇଟିନିଙ୍ଗ୍ ପ୍ରୋଟେକ୍ସନ ନିମନ୍ତେ ସମାଧାନ" ପ୍ରକଳ୍ପ ଅଧୀନରେ ହିନ୍ଦୋଳ ରୋଡ୍ ଏବଂ ତାଳଚେର ରୋଡ୍ ଷ୍ଟେସନରେ ସିଗ୍ନାଲିଙ୍ଗ ଉପକରଣଗୁଡ଼ିକର ଲାଇଟିନିଙ୍ଗ୍ ଏବଂ ସର୍ଜ ପ୍ରୋଟେକ୍ସନ ନିମନ୍ତେ ବ୍ୟବସ୍ଥା।
ଟେଣ୍ଡର ମୂଲ୍ୟ : ₹ 1,64,12,710.02, EMD : ₹ 2,32,100/-
ବିଡ୍ ଆରମ୍ଭ ହେବା ତାରିଖ : ତା.17.02.2025ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.03.2025ରିଖ 1100 ଘଣ୍ଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-984/P/24-25

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. eT-CRW-MCS-EL-6-2024
କାର୍ଯ୍ୟର ନାମ : 24 ମାସ ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ଠାରେ POH/IOH ସମୟରେ ନନ୍-ଏସି କୋଚ୍‌ଗୁଡ଼ିକର ବିବିଧ କାର୍ଯ୍ୟ ସହିତ ସମ୍ବନ୍ଧୀୟ କାର୍ଯ୍ୟକୁ TL ଶପ୍ (Shop)ରେ LHB ଏବଂ ICF ନନ୍-ଏସି କୋଚ୍‌ଗୁଡ଼ିକରେ କାର୍ଯ୍ୟାନ୍ୱିତ କରିବା।
ବିଜ୍ଞାପିତ ମୂଲ୍ୟ : ₹ 48,01,830.08, EMD : ₹ 96,000/-, ଶେଷ ହେବା ଅବଧି: 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.17.02.2025ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.03.2025ରିଖ 1500 ଘଣ୍ଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ CRW/ମଞ୍ଚେଶ୍ୱର
PR-982/P/24-25

OFFICE OF THE PRINCIPAL
GOVERNMENT WOMEN'S COLLEGE, BALANGIR
(Affiliated to Rajendra University, Balangir, Odisha)
P.O./Dist.: Bolangir, Odisha- 767001, India
| womenscollegebalangir.in | womenscollegebalangir@gmail.com |
No.424/ GWC Date: 13.02.2025
QUOTATION CALL NOTICE
Price quotations are invited from registered firms in sealed cover having PAN No. and GST registered for the supply of laboratory equipments by dt.24.02.2025 which will be opened on dt.25.02.2025 at 04.00 P.M.
For details, visit college website or office during working hour.
Sd./- Principal
Govt. Women's College, Balangir

JHARKHAND URBAN INFRASTRUCTURE DEVELOPMENT COMPANY LTD
(A Government of Jharkhand Undertaking)
JUIDCO Bhawan, Kutchery Chowk, Ranchi-834001
E-Mail - pdt.juidco@gmail.com, juidcolimited@gmail.com
CIN: U45200JH2013SGC001752
TENDER CANCELLATION NOTICE
NIT No.: JUIDCO/PMAY/V-III/Kangoi/Mihijam-627
Tender ID : 2024_UDD_89463_1
PR No.: 331842
Name of Work: Construction of 64 Dwelling Units in 8 number of G+1 blocks (including structural design) under Pradhan Mantri Awas Yojana (Urban) at Kangoi, Mihijam.
All the bidders are hereby intimated that the tender for "Construction of 64 Dwelling Units in 8 number of G+1 blocks (including structural design) under Pradhan Mantri Awas Yojana (Urban) at Kangoi, Mihijam", bearing Tender ID : 2024_UDD_89463_1 is hereby cancelled.
For further details bidders may visit e-procurement website of Government of Jharkhand https://jharkhandtenders.gov.in
All the bidders are requested to kindly wait for future correspondence.
PR 346476 Urban Development and Housing(24-25)#D
Sd/-
(Gopal Jee)
Project Director (Technical)

रजिस्ट्री सं. डी.एल.-33004/99 Regd. No. D.L.-33004/99
सत्यमेव जयते
भारत का राजपत्र
The Gazette of India
सी.जी.-सी.जी.-अ.-30012025-260602
CG-CG-E-30012025-260602
ଅସାଧାରଣ
EXTRAORDINARY
भाग II — खण्ड 3 — उप-खण्ड (ii)
ପ୍ରାଧିକରଣ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY
451] ନୂଆ ଦିଲ୍ଲୀ, ସୋମବାର, ଜାନୁଆରୀ 27, 2025 / ମାଘ 7, 1946
451] NEW DELHI, MONDAY, JANUARY 27, 2025/ MAGHA 7, 1946

ରେଳ ମନ୍ତ୍ରଣାଳୟ
(ଅଧିସୂଚନା)
ବିଳାସପୁର, ୨୨ ଜାନୁଆରୀ, ୨୦୨୫
(ରେଳବାଇ ଆଇନ, ୧୯୮୯ର ଧାରା ୨୦ (ଇ) ଅନୁଯାୟୀ)
S.O. ୪୫୫ (E) - ଯେହେତୁ, ଭାରତ ସରକାରଙ୍କ ବିଜ୍ଞପ୍ତି ଦ୍ୱାରା, ରେଳ ମନ୍ତ୍ରଣାଳୟ (ରେଳବାଇ ବୋର୍ଡ) ବିଜ୍ଞପ୍ତି ସଂଖ୍ୟା ୩୫୬୯ ତାରିଖ ୧୨.୦୯.୨୦୨୪ ରେ ଭାରତୀୟ ଗେଜେଟ୍ ସାଧାରଣ ଭାଗ-୨, ଧାରା ୩, ଉପଧାରା (ii), (ଏଠାରେ ଉକ୍ତ ବିଜ୍ଞପ୍ତି ଭାବରେ ଉଲ୍ଲେଖ କରାଯାଇଛି) ରେଳବାଇ ଆଇନ, ୧୯୮୯ (୧୯୮୯ର ୨୪) (ଏଠାରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା ୨୦ଏ ର ଉପଧାରା (୧) ଅନୁଯାୟୀ ପ୍ରକାଶିତ, କେନ୍ଦ୍ର ସରକାର ଓଡ଼ିଶାର ଝାରସୁଗୁଡା ଜିଲ୍ଲାରେ ଆଇବି ଫ୍ଲାଏଓଭର ନୂତନ ରେଳ ଲାଇନ ପ୍ରକଳ୍ପ (୦୯ କିମି) ଅର୍ଥାତ୍ ସ୍ୱତନ୍ତ୍ର ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବାକୁ ତାଙ୍କର ଇଚ୍ଛା ଘୋଷଣା କରିଛନ୍ତି।
ଏବଂ ଉପ-ଧାରା (1) ଅନୁଯାୟୀ, ଉକ୍ତ ଆଇନର ଧାରା: 20A ର ଉପଧାରା (4) ଅନୁଯାୟୀ 20A ବିଜ୍ଞପ୍ତିର ସାରାଂଶ ଯଥାକ୍ରମେ ଦୈନିକ ଖବରକାଗଜ ଉତ୍କଳ ମେଲ୍ ରାଉରକେଲା, ଟାଇମ୍ସ ଅଫ୍ ଇଣ୍ଡିଆ ଭୁବନେଶ୍ୱର, କଳିଙ୍ଗ ସମାଚାର ରାଉରକେଲା ଏବଂ ଆରୋପ ଝାରସୁଗୁଡାରେ ତାରିଖ ୨୨.୦୯.୨୦୨୪ ରେ ପ୍ରକାଶିତ ହୋଇଥିଲା। ଯେଉଁଠାରେ ଜମି ହାରୁଥିବା ବ୍ୟକ୍ତିଙ୍କଠାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସକ୍ଷମ କର୍ତ୍ତୃପକ୍ଷଙ୍କୁ କୌଣସି ଆପତ୍ତି ଗ୍ରହଣ କରାଯାଇ ନଥିଲା ଏବଂ ଯେଉଁଠାରେ, ଉକ୍ତ ଆଇନର ଧାରା 20E ର ଉପ-ଧାରା (1) ଅନୁଯାୟୀ, ସକ୍ଷମ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ଦାଖଲ କରିଛନ୍ତି। ତେଣୁ, ବର୍ତ୍ତମାନ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଉକ୍ତ ରିପୋର୍ଟ ପାଇବା ପରେ, ଏବଂ ଉକ୍ତ ଆଇନର ଧାରା 20(E) ର ଉପ-ଧାରା (1) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହାଦ୍ୱାରା ଘୋଷଣା କରୁଛନ୍ତି ଯେ ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମିଗୁଡ଼ିକ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉଚିତ, ଏବଂ ଏହା ବ୍ୟତୀତ ଉକ୍ତ ଆଇନର ଧାରା 20E ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହାଦ୍ୱାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ପରେ, ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ସମସ୍ତ ପ୍ରକାରର ଦାୟିତ୍ୱରୁ ମୁକ୍ତ ହୋଇ ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ।

ଅନୁସୂଚୀ
ଓଡିଶା ରାଜ୍ୟରେ ସ୍ୱତନ୍ତ୍ର ରେଳ ପ୍ରକଳ୍ପ, ଯଥା, IB ଫ୍ଲାଏଓଭର ନୂତନ ରେଳ ଲାଇନ ପ୍ରକଳ୍ପ (09 କିମି) (ଝାରସୁଗୁଡ଼ା ଜିଲ୍ଲା ପାଇଁ) ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା।
ଜିଲ୍ଲା - ଝାରସୁଗୁଡ଼ା, ତହସିଲ : ଝାରସୁଗୁଡା
ଗ୍ରାମ : ସିଂହବାଗ

କ୍ର. ସଂ.	ଖାତା ନମ୍ବର	ପ୍ଲଟ୍ ନମ୍ବର	ଅଧିଗ୍ରହଣ ପାଇଁ ବଳକା କ୍ଷେତ୍ର (ଏକରରେ)
୧	୧୯୬	୬୦୩	୦.୩୯୦
୨	୧୯୬	୬୦୬	୦.୩୩୦
୩	୨୫	୬୦୨	୦.୨୨୦
୪	୨୫	୬୦୪	୦.୭୮୦
୫	୨୬୧	୬୦୭	୦.୩୯୦
୬	୧୯୮	୬୦୮	୦.୧୮୦
୭	୧୯୮	୬୧୧	୦.୧୧୦
୮	୧୮୧	୬୧୨	୦.୧୬୦
୯	୧୯୯	୬୦୯	୦.୧୩୦
୧୦	୨୪୦	୬୧୦	୦.୧୩୦
୧୧	୧୬୮	୬୨୧	୦.୫୧୦
	ମୋଟ କ୍ଷେତ୍ରଫଳ (ଏକରରେ)		୩.୩୩୦

[F. No. DCE/C/II/BSP/IMP-124/2]
CPR/10/493/B ଆଲୋକ ତିୱାରୀ, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)

रजिस्ट्री सं. डी.एल.-33004/99 Regd. No. D.L.-33004/99
सत्यमेव जयते
भारत का राजपत्र
The Gazette of India
सी.जी.-सी.जी.-अ.-30012025-260605
CG-CG-E-30012025-260605
ଅସାଧାରଣ
EXTRAORDINARY
भाग II — खण्ड 3 — उप-खण्ड (ii)
ପ୍ରାଧିକରଣ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY
452] ନୂଆ ଦିଲ୍ଲୀ, ସୋମବାର, ଜାନୁଆରୀ 27, 2025 / ମାଘ 7, 1946
452] NEW DELHI, MONDAY, JANUARY 27, 2025/ MAGHA 7, 1946

ରେଳ ମନ୍ତ୍ରଣାଳୟ
(ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ)
(ଅଧିସୂଚନା)
ବିଳାସପୁର, ୨୨ ଜାନୁଆରୀ, ୨୦୨୫
(ରେଳବାଇ ଆଇନ, ୧୯୮୯ର ଧାରା ୨୦ (ଇ) ଅନୁଯାୟୀ)
S.O. ୪୫୬ (E) - ଯେହେତୁ, ଭାରତ ସରକାରଙ୍କ ବିଜ୍ଞପ୍ତି ଦ୍ୱାରା, ରେଳ ମନ୍ତ୍ରଣାଳୟ (ରେଳବାଇ ବୋର୍ଡ) ବିଜ୍ଞପ୍ତି ସଂଖ୍ୟା ୪୧୬୫ ତାରିଖ ୧୫.୧୦.୨୦୨୪ ରେ ଭାରତୀୟ ଗେଜେଟ୍ ସାଧାରଣ ଭାଗ-୨, ଧାରା ୩, ଉପଧାରା (ii), (ଏଠାରେ ଉକ୍ତ ବିଜ୍ଞପ୍ତି ଭାବରେ ଉଲ୍ଲେଖ କରାଯାଇଛି) ରେଳବାଇ ଆଇନ, ୧୯୮୯ (୧୯୮୯ର ୨୪) (ଏଠାରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା ୨୦ଏ ର ଉପଧାରା (୧) ଅନୁଯାୟୀ ପ୍ରକାଶିତ, କେନ୍ଦ୍ର ସରକାର ଓଡ଼ିଶାର ଝାରସୁଗୁଡା ଜିଲ୍ଲାରେ ଆଇବି ଫ୍ଲାଏଓଭର ନୂତନ ରେଳ ଲାଇନ ପ୍ରକଳ୍ପ (୦୯ କିମି) ଅର୍ଥାତ୍ ସ୍ୱତନ୍ତ୍ର ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବାକୁ ତାଙ୍କର ଇଚ୍ଛା ଘୋଷଣା କରିଛନ୍ତି।
ଏବଂ ଉପ-ଧାରା (1) ଅନୁଯାୟୀ, ଉକ୍ତ ଆଇନର ଧାରା: 20A ର ଉପଧାରା (4) ଅନୁଯାୟୀ 20A ବିଜ୍ଞପ୍ତିର ସାରାଂଶ ଯଥାକ୍ରମେ ଦୈନିକ ଖବରକାଗଜ ଉତ୍କଳ ମେଲ୍ ରାଉରକେଲା, ଟାଇମ୍ସ ଅଫ୍ ଇଣ୍ଡିଆ ଭୁବନେଶ୍ୱର, ସମ୍ବାଦ କାଳିକା ଭୁବନେଶ୍ୱର ଏବଂ ଇସ୍ପାତ ଟାଇମ୍ସ ରାୟଗଡ଼ରେ 26.10.2024 ରେ ପ୍ରକାଶିତ ହୋଇଥିଲା। ଯେଉଁଠାରେ ଜମି ହାରୁଥିବା ବ୍ୟକ୍ତିଙ୍କଠାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସକ୍ଷମ କର୍ତ୍ତୃପକ୍ଷଙ୍କୁ କୌଣସି ଆପତ୍ତି ଗ୍ରହଣ କରାଯାଇ ନଥିଲା ଏବଂ ଯେଉଁଠାରେ, ଉକ୍ତ ଆଇନର ଧାରା 20E ର ଉପ-ଧାରା (1) ଅନୁଯାୟୀ, ସକ୍ଷମ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ଦାଖଲ କରିଛନ୍ତି। ତେଣୁ, ବର୍ତ୍ତମାନ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଉକ୍ତ ରିପୋର୍ଟ ପାଇବା ପରେ, ଏବଂ ଉକ୍ତ ଆଇନର ଧାରା 20(E) ର ଉପ-ଧାରା (1) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହାଦ୍ୱାରା ଘୋଷଣା କରୁଛନ୍ତି ଯେ ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମିଗୁଡ଼ିକ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉଚିତ, ଏବଂ ଏହା ବ୍ୟତୀତ ଉକ୍ତ ଆଇନର ଧାରା 20E ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହାଦ୍ୱାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ପରେ, ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ସମସ୍ତ ପ୍ରକାରର ଦାୟିତ୍ୱରୁ ମୁକ୍ତ ହୋଇ ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ।

ଅନୁସୂଚୀ
ଓଡିଶା ରାଜ୍ୟରେ ସ୍ୱତନ୍ତ୍ର ରେଳ ପ୍ରକଳ୍ପ, ଯଥା, IB ଫ୍ଲାଏଓଭର ନୂତନ ରେଳ ଲାଇନ ପ୍ରକଳ୍ପ (09 କିମି) (ଝାରସୁଗୁଡ଼ା ଜିଲ୍ଲା ପାଇଁ) ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା।
ଜିଲ୍ଲା - ଝାରସୁଗୁଡ଼ା, ତହସିଲ : ଝାରସୁଗୁଡା
ଗ୍ରାମ : ଝାରସୁଗୁଡା ଟାଉନ୍ ୟୁନିଟ୍ - ୭, ଝାରସୁଗୁଡା ଟାଉନ୍ ୟୁନିଟ୍ - ୫, ବଡ଼ମାଲ, ବେହେରାପାଲି, ସିଂହବାଗ

କ୍ର. ସଂ.	ଗ୍ରାମ	ଖାତା ନମ୍ବର	ପ୍ଲଟ୍ ନମ୍ବର	ଅଧିଗ୍ରହଣ ପାଇଁ ବଳକା କ୍ଷେତ୍ର (ଏକରରେ)
୧	ବଡ଼ମାଳ	୧୨୬/୫୪୫	୧୦୦୭/୧୯୪୮	୦.୧୦୦
୨	ବଡ଼ମାଳ	୧୨୬/୭୪୨	୧୦୦୭/୨୧୨୩	୦.୦୯୦
୩	ଝାରସୁଗୁଡା ୟୁନିଟ୍ ୭	୧୨୧୨/୩୧୦୨	୫୯୧୬	୦.୦୫୦
୪	ଝାରସୁଗୁଡା ୟୁନିଟ୍ ୫	୪୬୬/୧୫୫୩	୧୫୧୨/୭୬୮୫	୦.୦୪୦
୫	ବେହେରାପାଲି	୬୭/୩୬୫	୩୫୨	୦.୦୪୦
୬	ବେହେରାପାଲି	୬୭/୫୬	୪୭/୬୭୪	୦.୧୨୦
୭	ବେହେରାପାଲି	୬୭/୫୬	୪୭/୧୦୮୧	୦.୨୩୦
୮	ବେହେରାପାଲି	୬୭/୫୬	୪୭/୧୦୮୨	୦.୧୫୦
୯	ବେହେରାପାଲି	୬୭/୬୨	୬୪/୬୭୭	୦.୧୪୦
୧୦	ବେହେରାପାଲି	୬୭/୩୭୮	୩୮/୫୬୩	୦.୦୭୦
		ମୋଟ କ୍ଷେତ୍ରଫଳ (ଏକରରେ)		୧.୦୩୦

[F. No. DCE/C/II/BSP/IMP-124/1]
CPR/10/493/A ଆଲୋକ ତିୱାରୀ, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)

ସଂକ୍ଷେପରେ

ଦୁର୍ଘଟଣାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ଧର୍ମଶାଳା,୧୫।୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ନେଉଳପୁରଠାରେ ଶୁକ୍ରବାର ରାତି ପ୍ରାୟ ୧୨ଟାରେ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ମୃତ ବ୍ୟକ୍ତି ଏକ କଳାରଙ୍ଗର ଟ୍ରାକ ପ୍ୟାଣ୍ଟ, ଶାର୍ଟ ସହିତ ନୀଳ ରଙ୍ଗର ଜ୍ୟାକେଟ୍ ପିନ୍ଧିଥିଲେ। ତାଙ୍କ ବୟସ ୩୫ରୁ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଦୁର୍ଘଟଣାରେ ମୃତକଙ୍କ ଛାତି ଓ ମୁଣ୍ଡ ଚୂରମାର ହୋଇଯାଇଥିବାବେଳେ ବାମଗୋଡ଼ ହାଡ଼ ଭାଙ୍ଗି ବାହାରକୁ ବାହାରି ପଡ଼ିଛି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଧର୍ମଶାଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଜହର ଆବେଦିନ୍ ସୂଚନା ଦେଇଛନ୍ତି।

ଚେତନା ସଂଘର ବାର୍ଷିକ ଉତ୍ସବ

ଦଶରଥପୁର,୧୫।୨(ସୁଶାନ୍ତ କୁମାର ବେହୁରିଆ): ଚେତନା ସଂଘ ମଙ୍ଗଳପୁର ଶାଖାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ବିଜୁ କଲ୍ୟାଣ ମଣ୍ଡପ ନିକଟ ପୁଷ୍କରିଣୀରୁ ଜଳ ସଂଗ୍ରହ କରାଯାଇ ମନ୍ଦିରକୁ ଅଣାଯାଇଥିଲା। ପରଦିନ ସୂର୍ଯ୍ୟଙ୍କଠାରୁ ଅଗ୍ନି ଆଣି ଯଜ୍ଞକୁଣ୍ଡରେ ସ୍ଥାପନ କରାଯାଇଥିଲା। ପରେ ସୂର୍ଯ୍ୟପୂଜା ଗୁରୁପୂଜା, କଳସ ପୂଜା ସହ ସମସ୍ତ ଦେବଦେବୀଙ୍କ ପୂଜାର୍ଚ୍ଚନା ପରେ ଗାୟତ୍ରୀ ମନ୍ତ୍ରରେ ଆହୁତି ପ୍ରଦାନ କରାଯାଇଥିଲା। ପୂର୍ଣ୍ଣାହୁତି ସମୟରେ ମୁଖ୍ୟ ଆଶ୍ରମରୁ ବାବା ବୈରାଗୀଙ୍କ ପାଦୁକାକୁ ଚେତନା ସଙ୍ଘ ସଭାପତି ଉତ୍କଳ ଭୂଷଣ ନାୟକ ଏବଂ ନାରୀ ଜାଗରଣ ସମିତି ସଭାନେତ୍ରୀ ରକ୍ମିଣୀ ନାୟକ ବହନ କରିଆଣିଥିଲେ। ମୁଖ୍ୟ ପୂଜକ ଭାବେ ବସନ୍ତ କୁମାର ତ୍ରିପାଠୀ, ଗୟାଧର ପଣ୍ଡା, ଆନନ୍ଦ ଚନ୍ଦ୍ର ପଣ୍ଡା ଓ କର୍ତ୍ତାଭାବେ ଶଙ୍କର୍ଷଣ କୁଣ୍ଡୁ ଏବଂ ତାଙ୍କ ସହଧର୍ମିଣୀ ପ୍ରେମଲତା କୁଣ୍ଡୁ କାର୍ଯ୍ୟ ସମ୍ପାଦନା କରିଥିଲେ। ଇନ୍ଦ୍ରମଣି ବେହେରା, ଦଶରଥ ସାହୁ, କାର୍ତ୍ତିକ ସାହୁ, ଗୋପାଳକୃଷ୍ଣ ନାୟକ, ଗୌତମ ବେହେରା, ନିରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

ମରଣଯନ୍ତା ମାନପୁର-ବେଙ୍ଗପାଟିଆ ରାସ୍ତା

କଳିଙ୍ଗନଗର,୧୪।୨ (ଶୁଭାଶିଷ ରାଉତ):

ଦାନଗଦୀ ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତର ମାନପୁର ଗାଁରୁ ବେଙ୍ଗପାଟିଆ ଗାଁକୁ ଯିବାକୁ ଥିବା ମାନପୁର-ବେଙ୍ଗପାଟିଆ ରାସ୍ତା ମରଣଯନ୍ତା ପାଲଟିଛି। ଏହି ଅଙ୍କାବଙ୍କା ଅଣଓସାରିଆ ରାସ୍ତା ସମ୍ପୂର୍ଣ୍ଣ ଭାଙ୍ଗିରୁଜି ବିପଦପୂର୍ଣ୍ଣ ହୋଇଛି। ରାସ୍ତାରେ ମାନପୁରଦେଇ କଳିଙ୍ଗନଗର କାରଖାନା, ଦାନଗଦି ଓ ଯାଜପୁର ରୋଡ୍ ବଜାର, ହାଟ, ମେଡ଼ିକାଲ, ବ୍ଲକ, ବ୍ୟାଙ୍କ, କଲେଜ, ବିଦ୍ୟାଳୟକୁ ଶତାଧିକ ଲୋକ ଯାତାୟାତ କରନ୍ତି। ପ୍ରାୟ ୫୦ ବର୍ଷ ହେବ ଗଠିତ ହୋଇଥିବା ଏହି ପୁରାତନ ଗାଁର ଲୋକସଂଖ୍ୟା ୧୧୦୦ରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ଘର ସଂଖ୍ୟା ୩୦୦ରୁ ଉର୍ଦ୍ଧ୍ୱ ହେବ। ଗାଁର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଏହି ବିପଦସଂକୁଳ ରାସ୍ତାରେ ଚାଷୀମାନେ ମୋଟର ସାଇକେଲ, ସାଇକେଲ, ଅଟୋରେ ପରିବା ବିକ୍ରି କରିବା ପାଇଁ ଦାନଗଦି ଓ ଯାଜପୁରରୋଡ଼ ବଜାରକୁ ନେଇଥାନ୍ତି। ରାସ୍ତାରେ ଆଲୋକର ବ୍ୟବସ୍ଥା ନ ଥିବାରୁ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ରାସ୍ତାରେ ଏକ ପୋଲ ଗଣ୍ଡାନାଳ ଉପରେ ରହିଛି। ପୋଲର ୨ ପାର୍ଶ୍ୱରେ ବାଡ଼ାନାହିଁ। ପୋଲ ଦୁଇ ପାଖ ରାସ୍ତା ମଧ୍ୟ ବିପଦପୂର୍ଣ୍ଣ ଭାବରେ ପଡ଼ି ରହିଛି। ପୂର୍ବ ବର୍ଷରେ ଯେଉଁ ଅଧାପନ୍ତରିଆ କଂକ୍ରିଟ ରାସ୍ତା ଓ ପୋଲ କାମ ହୋଇଥିଲା ତାହା ନିମ୍ନମାନର ଥିବାରୁ ଅଳ୍ପ ଦିନରେ ଭାଙ୍ଗିରୁଜି ଯାଇଛି। ସେହିପରି ବେଙ୍ଗପାଟିଆ ଗ୍ରାମ ବ୍ଲକ ନିକଟରେ ହୋଇଥିଲେ ମଧ୍ୟ ଏଠାକାର ଜନସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏ ଦିଗରେ ଜିଲାପାଳ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଡିଓ ପ୍ରଦୀପ କୁମାର ସେଠୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।



ରାସ୍ତା ଫାଟି ଆଁ କରିଛି।

ଏଟିଏମ୍‌ରେ ଝୁଲୁଛି ତାଲା

ଛତିଆ,୧୫।୨(ସୌମ୍ୟ ରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏକ ଏଟିଏମ୍ ଓ ଆକ୍ସିସ ବ୍ୟାଙ୍କର ଏକ ଏଟିଏମ୍‌ରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ଛତିଆକୁ ଦୈନିକ ହଜାରହଜାର ଶ୍ରଦ୍ଧାଳୁ ଆସୁଛନ୍ତି। ସେମାନେ ଟଙ୍କା ଉଠାଇବା ପାଇଁ ଏହି ଏଟିଏମ୍ ଉପରେ ନିର୍ଭର କରୁଛନ୍ତି। ଏହାବ୍ୟତୀତ ପୋଲିସ ପ୍ରଶିକ୍ଷଣ କେନ୍ଦ୍ର, ଗାଡ଼ିଚାଳନା ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ ଛତିଆ ଅଞ୍ଚଳରେ ଅବସ୍ଥିତ। ଏଠାରେ ପ୍ରଶିକ୍ଷଣ ନେଉଥିବା ପ୍ରଶିକ୍ଷାର୍ଥୀ ଏହି ବଜାର ଉପରେ ନିର୍ଭର କରୁଛନ୍ତି। ମାତ୍ର ଏଟିଏମ୍ ଅଚଳ ଥିବା ହେତୁ ସେମାନେ ଟଙ୍କା ଉଠାଣରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଟିଏମ୍ ବନ୍ଦ ଯୋଗୁ ବଜାରର ବ୍ୟବସାୟୀଙ୍କ କାରବାର ଉପରେ ମଧ୍ୟ ପ୍ରଭାବ ପଡୁଥିବା ଜଣାପଡ଼ିଛି। ତେଣୁ ତୁରନ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ଏଟିଏମ୍ ଚାଲୁ କରିବାକୁ ଦାବି ହୋଇଛି।

ବନ୍ଦ ହୋଇ ପଡିଥିବା ୨ ଏଟିଏମ୍।

ଧାନମଣ୍ଡିରେ ମିଲରଙ୍କ ମନମାନି

ମଣ୍ଡିରେ ଗଦା ହୋଇଥିବା ଧାନବସ୍ତା।

ଚଣ୍ଡିଖୋଲ,୧୫।୨(ପ୍ରଦୀପ୍ତ କୁମାର ପୃଷ୍ଟି):

ଧାନମଣ୍ଡିରେ କଟ୍‌ନୀ ଛଟ୍‌ନୀ ହେବନାହିଁ ବୋଲି ରାଜ୍ୟ ସରକାର କହୁଛନ୍ତି। ହେଲେ ମଣ୍ଡିରେ ମିଲରଙ୍କ ମନମାନି ଦେଖିବାକୁ ମିଳିଛି। ମଣ୍ଡିରେ ୫ରୁ୭ କେଜି ପର୍ଯ୍ୟନ୍ତ ଧାନ କଟା ଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ନଚେତ ମିଲରମାନେ ଧାନ ନେବା ପାଇଁ ଗାଡି ପଠାଉ ନାହାନ୍ତି। ବଡ଼ଚଣା ବ୍ଲକ ଅନ୍ତର୍ଗତ ସମସ୍ତ ମଣ୍ଡିରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଏବେ ମଣ୍ଡିରେ ଧାନ ଗଦା ହୋଇ ପଡ଼ିରହିଛି। ଚାଷୀ ଟୋକନ ପାଇଥିବାବେଳେ ସେମାନଙ୍କ ଟୋକନ ସମୟ ସୀମା ଶେଷ ହୋଇଯିବ। ତେଣୁ ଚାଷୀ କିଭଳି ମଣ୍ଡିରେ ଧାନ ଦେବେ ବ୍ୟସ୍ତ ହୋଇ ପଡୁଥିବାବେଳେ ମିଲରଙ୍କ ଶୋଷଣର ଶିକାର ହେଉଛନ୍ତି। ବ୍ଲକରେ ଥିବା ୧୩ ମଣ୍ଡିରେ ସମାନ ଅବସ୍ଥା ଲାଗି ରହିଛି। ଚାଷୀଙ୍କ ଅଭିଯୋଗ ଯେ, ଏଫ୍‌ଏକ୍ୟୁ ମାନର ଧାନକୁ ସମ୍ପୂର୍ଣ୍ଣ ପରିଷ୍କାର କରି ଆଣିଥିଲେ ମଧ୍ୟ ମିଲରମାନେ ୫ କେଜି ନ କାଟିଲେ ଧାନ ନେଉନାହାନ୍ତି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ମାସ କୁମାର ସଏଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରତ୍ୟେକ ମଣ୍ଡି ପାଇଁ ସରକାର ନୋଡାଲ ଅଫିସର ନିଯୁକ୍ତ କରିଛନ୍ତି। ସେମାନେ ସେ ସମ୍ପର୍କରେ କହିପାରିବେ।

ଚାନ୍ଦଗୋଛି ମଠରେ କୁମ୍ଭମେଳା, ବାର୍ଷିକ ନାମଯଜ୍ଞ

ଖଇରା, ୧୫।୨(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପ୍ରସିଦ୍ଧ ଚାନ୍ଦଗୋଛି ମଠରେ କୁମ୍ଭମେଳା ଓ ବାର୍ଷିକ ନାମଯଜ୍ଞ ଗୁରୁବାର ଦିବସ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ଭକ୍ତ ମହନ୍ତ ଇଷ୍ଟବନ୍ଧୁ ବିଶ୍ୱରୂପ ମହାରାଜଙ୍କ ଦର୍ଶନ କରିବା ସହ ସାଧୁସନ୍ଥଙ୍କ ସାନିଧ୍ୟ ଲାଭ କରିଛନ୍ତି। ସକାଳେ କଳସ ଶୋଭାଯାତ୍ରା ପରେ ବିଭିନ୍ନ ସ୍ଥାନରୁ ଆସିଥିବା କୀର୍ତ୍ତନ ଦଳମାନଙ୍କ ଦ୍ୱାରା ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଇଷ୍ଟବନ୍ଧୁ ମହାରାଜଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାରେ ଭଦ୍ରକର ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ, ସନ୍ଥ ତୁଳସୀ ଦାସ ପ୍ରମୁଖ ଯୋଗଦେଇ ରାଧାକୃଷ୍ଣଙ୍କ ମହିମା ଉପରେ ବର୍ଣ୍ଣନା କରିଥିଲେ। ମଠର ସେବକ ହରିଗୋପାଳ ଠାକୁର, ଶ୍ୟାମସୁନ୍ଦର ଦାସ, ବୃନ୍ଦାବନ ଦାସ, ସ୍ୱରୂପ ଦାସ, ହରିହର ଦାସଙ୍କ ସମେତ ଚନ୍ଦଗୋଛି, ନୂଆସାହି ଓ ଝାଡିଆ ଗ୍ରାମବାସୀ ସହଯୋଗ କରିଥିଲେ। ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ରାଧାଗିରିଧାରୀଙ୍କ ପୂଜାର୍ଚ୍ଚନା କରିଥିଲେ।

ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଜିଆଖତ ପ୍ରସ୍ତୁତି କର୍ମଶାଳା

କର୍ମଶାଳାରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ବରୀ,୧୫।୨(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅଧୀନ ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ (ଭର୍ମି କମ୍ପୋଷ୍ଟିଂ)ଜିଆ ଖତ ପ୍ରସ୍ତୁତି, ପ୍ରୟୋଗ ଓ ଉପକାରିତା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏବିଡିଓ ମହେଶ୍ୱର ସେଠୀ, ସମ୍ମାନିତ ଅତିଥିଭାବେ ସିଇଏସ୍ ଭୁବନେଶ୍ୱରର ଯୋଜନା ସହାୟକ ଭରତ ଚନ୍ଦ୍ର ଜେନା, ମୁଖ୍ୟବକ୍ତାଭାବେ ଶୁଭ୍ରାଂଶୁ ଶେଖର ସାମଲ ଏବଂ ଅନ୍ୟତମ ଅତିଥି ଭାବେ ନୃସିଂହ ଚରଣ ବେହେରା, ମୁଖ୍ୟ ପ୍ରଶିକ୍ଷକ ଜ୍ୟୋତିକାନ୍ତ ମହାପାତ୍ର, ଏମସି ସଭାପତି ନକୁଳ ଚନ୍ଦ୍ର ଦାସ, ପିକେ ହାଇସ୍କୁଲର ପ୍ରଧାନଶିକ୍ଷକ ଅଶୋକ କୁମାର ଦାସ, କେଦାର ଚନ୍ଦ୍ର ସାମଲ, ସତ୍ୟରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା ସଭାପତିତ୍ୱ କରିଥିଲେ ଏବଂ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କର୍ମଶାଳାରେ ୫୧ଜଣ ଯୁବତୀଯୁବକ, ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ଶିକ୍ଷକ ଓ କୃଷକମାନେ ଯୋଗଦେଇଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଜିଆଖତ ପ୍ରସ୍ତୁତି ବିଷୟରେ ପ୍ରଶିକ୍ଷଣ ଦିଆଯିବା ସହିତ ଜିଆଖତ ପ୍ରସ୍ତୁତ କୁଣ୍ଡ ପ୍ରଦାନ କରାଯାଇଥିଲା। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିବା ସହିତ ସହଯୋଗ କରିଥିଲେ।

ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ

ଧର୍ମଶାଳା/ଚଢ଼େଇଧରା,୧୫।୨ (ବଟକୃଷ୍ଣ ପରିଡ଼ା/ଦିଲୀପ ପରିଡ଼ା):

ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ କାନପୁରଠାରେ ଶ୍ରୀଶ୍ରୀ ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଶନିବାର ଆରମ୍ଭ ହୋଇଛି। ପୂର୍ବାହ୍ନ ୧୦ଟାରେ ଶ୍ରଦ୍ଧାଳୁ ସ୍ଥାନୀୟ ପୁଷ୍କରିଣୀରେ ପୂଜାର୍ଚ୍ଚନା କରି ଜଳ ସଂଗ୍ରହ କରି ଏକ ଶୋଭାଯାତ୍ରାରେ ଆସି ମନ୍ଦିରରେ ପହଞ୍ଚିଥିଲେ। ପରେ ସୂର୍ଯ୍ୟ ନାରାୟଣ ପୂଜା, ଗୁରୁପୂଜା, ଗୋମାତା ପୂଜା ସହିତ ଯଜ୍ଞ କୁଣ୍ଡେ ଅଗ୍ନି ସଂଯୋଗ କରାଯାଇ ଯଜ୍ଞ ଶୁଭାରମ୍ଭ କରାଯାଇଥିଲା। ପଣ୍ଡିତ ଆଚାର୍ଯ୍ୟ ନାରାୟଣ ଶତପଥୀ, କଳାକାହ୍ନୁ ସାମନ୍ତ ଶର୍ମା, ଦୀପ୍ତିନାରାୟଣ ଶତପଥୀ, ଗୌରାଙ୍ଗ ଶତପଥୀ, ନୀଳମାଧବ ଶତପଥୀ, ବିରଞ୍ଚିନାରାୟଣ ଶତପଥୀ, ପଦ୍ମନାଭ ଶତପଥୀ, ଚନ୍ଦନ କୁମାର ମିଶ୍ର ପ୍ରମୁଖ ବେଦ ମନ୍ତ୍ରପାଠ କରି ଯଜ୍ଞ ଶୁଭାରମ୍ଭ କରିଥିଲେ। ଗ୍ରାମର ମନୋଜ କୁମାର ଜେନା ଓ ତାଙ୍କ ସ୍ତ୍ରୀ ମିନାକ୍ଷୀ ଜେନା କର୍ତ୍ତା ଭାବେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଯାଜପୁରର ଓମ୍ ମା' ତାରିଣୀ ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ୧୭ତାରିଖ ସୋମବାର ଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି ଗ୍ରାମର ଶ୍ରୀନିବାସ ଜେନା ସୂଚନା ଦେଇଛନ୍ତି।

ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ କାନପୁରଠାରେ ପ୍ରତିଷ୍ଠା ହୋଇଥିବା ଶ୍ରୀଶ୍ରୀ ରାମେଶ୍ୱର ମହାଦେବଙ୍କ ମନ୍ଦିର।

ଶ୍ରମଶକ୍ତି ହାଇସ୍କୁଲର ବାର୍ଷିକ ଉତ୍ସବ

ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଶିକ୍ଷକ ଶିକ୍ଷୟିତ୍ରୀ।

କାଳିଆପାଣି,୧୫।୨(ଅସିତ ମହାନ୍ତ):

କାଳିଆପାଣି ଶ୍ରମଶକ୍ତି ହାଇସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଢେଙ୍କାନାଳ ଜିଲା ମଠକରଗୋଳା କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଉମ୍ବରୁଧର ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତି ପାହାଚ ଯିବାକୁ କଠିନ ପରିଶ୍ରମ, ଏକାଗ୍ରତା, ନିଷ୍ଠା ରହିବା ଦରକାର ବୋଲି କହିଥିଲେ। ବ୍ରହ୍ମାକୁମାରୀ ସୁଶ୍ରୀ ଭାରତୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସମାଜ ସଂସ୍କାର ପାଇଁ ଧ୍ୟାନ ଯୋଗ ଓ ରାଜଯୋଗ ବିଷୟରେ ବୁଝାଇଥିଲେ। ସମ୍ମାନିତ ଅତିଥିଭାବେ ଅନଳ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ସାହୁ ଯୋଗଦେଇ ଛାତ୍ରୀଛାତ୍ର କିଛି ଭିନ୍ନ କରିବାକୁ ପ୍ରଚେଷ୍ଟା କଲେ ନିଜର ପରିଚୟ ସୃଷ୍ଟି କରିପାରିବେ ବୋଲି ପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ଦୀପା ବିଳାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସବିତା ପାତ୍ର ବାର୍ଷିକ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ରୀତାରାଣୀ ସାହୁ, ପଦ୍ମାବତୀ ସ୍ୱାଇଁ, ମାନସୀରାଣୀ ପୂର୍ତ୍ତି, ବିମ୍ବାଧର ଦଳାଇ, ସୌମ୍ୟ ସୁଦୀପ୍ତ ମଲିକ, ତରୁଣ ପାତ୍ର ଓ ଲଳିତ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଚଳିତ ବର୍ଷ କ୍ରୀଡ଼ା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ବାଳକ ବିଭାଗ ସିନିୟରରେ ଦେବନ ହେମ୍ବ୍ରମ, ଜୁନିୟରରେ ସହଦେବ ଟୁଡୁ, ବାଳିକାରେ ଲକ୍ଷ୍ମୀ ନାୟକ ସିନିୟର୍ ଓ ଜୁନିୟରରେ ଦୀପିକା ବାହାଦୁରଙ୍କୁ ପୁରସ୍କୃତ କରାଯାଇଥିଲା। ନଳିନୀ ପ୍ରଭା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ଆନେମିଆ ମୁକ୍ତ ଭାରତ ପାଇଁ ଗାଁରେ ଡାକ୍ତରୀ ଦଳ

୬୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ୧୮ଜଣ ଆନେମିଆ ରୋଗୀ ଚିହ୍ନଟ

ରସୁଲପୁର,୧୫।୨(ରଞ୍ଜିତ ରାଉତ):

ଭାରତ ସରକାରଙ୍କ ପକ୍ଷରୁ ଦେଶକୁ ଆନେମିଆମୁକ୍ତ କରିବା ଅଭିଯାନ ଆରମ୍ଭ ହୋଇଛି। ଏଥିସକାଶେ ଡାକ୍ତରୀ ଦଳ ଗାଁରେ ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଗାଁ ଅଙ୍ଗନୱାଡି କେନ୍ଦ୍ର, କୋଠଘର, ଠାକୁରଘର, କମ୍ୟୁନିଟି ସେଣ୍ଟର ଆଦି ସ୍ଥାନରେ ଖୋଲା ଶିବିର ଆୟୋଜନ କରାଯାଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଶିବିରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ବିତରଣ କରାଯାଉଛି। ରସୁଲପୁର ବ୍ଲକ ଅନ୍ତର୍ଗତ ସୁଆଁସାହି ଗ୍ରାମର ଗୌଡ଼ସାହି ଅଙ୍ଗନୱାଡି କେନ୍ଦ୍ରରେ ଶନିବାର ଆୟୋଜିତ ସ୍ୱାସ୍ଥ୍ୟ ଶିବିର ଜରିଆରେ ୬୫ ରୋଗୀଙ୍କ ରକ୍ତଚାପ, ରକ୍ତଶର୍କରା, ହିମୋଗ୍ଲୋବିନ୍ ଆଦି ପରୀକ୍ଷା କରାଯାଇଛି। ପରୀକ୍ଷାବେଳେ କ୍ରୋନିକ୍ ଡିଜିଜ୍ ଥିବା ରୋଗୀଙ୍କୁ ବିଭାଗୀୟ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେବାକୁ ପରାମର୍ଶ ଦିଆଯାଇଛି। ଏନସିଡି(ନନ୍ କମ୍ୟୁନିକେବଲ ଡିଜିଜ୍) ଥିବା ରୋଗୀଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଇଛି। ଯେଉଁ ମହିଳା ଓ ପୁରୁଷଙ୍କ ରକ୍ତରେ ହିମୋଗ୍ଲୋବିନ ମାତ୍ରା ଯଥାକ୍ରମେ ୧୦ରୁ ୧୧ ଓ ୧୦ରୁ ୧୩ ଶତକଡାରୁ କମ୍ ରହିଛି, ସେମାନେ ଆନେମିଆ(ରକ୍ତହୀନତା) ରୋଗର ଶିକାର ହୋଇଥାଆନ୍ତି ବୋଲି କୁହାଯିବ। ଏହି ହିସାବରେ ଶିବିର ଜରିଆରେ ୧୮ ମହିଳା ଓ ପୁରୁଷ ରକ୍ତହୀନତା ରୋଗର ଶିକାର ବୋଲି ଚିହ୍ନଟ କରାଯାଇଛି। ଉକ୍ତ ରିପୋର୍ଟ ଆଧାରରେ ଚିହ୍ନିତ ରୋଗୀଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଇଛି। ଶାକାହାରୀ ଓ ମାଂସାଶୀ ରୋଗୀଙ୍କୁ ଖାଦ୍ୟ ସାରଣୀ ଉପରେ ସୂଚନା ପ୍ରଦନା କରାଯାଇଛି। କେଉଁ ଖାଦ୍ୟପଦାର୍ଥ ଉପରେ ନିୟମିତ ଗୁରୁତ୍ୱ ଦେଲେ ରକ୍ତରେ ହିମୋଗ୍ଲୋବିନ ପରିମାଣ ବୃଦ୍ଧି ଘଟିବ ସେ ନେଇ ଡାକ୍ତର ରଞ୍ଜନ କୁମାର ଭୋଇ ବୁଝାଇ କହିବା ସହ ରୋଗୀଙ୍କୁ ଏକ ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି। ଲ୍ୟାବ୍ ଟେକ୍ନିସିଆନ ଦେବାଶିଷ ବିଶ୍ୱାଳ ରୋଗୀଙ୍କ ରକ୍ତ ପରୀକ୍ଷା କରିଥିବାବେଳେ ଡିଇଓ ଦେବାଶିଷ ସାହୁ, ଅଙ୍ଗନୱାଡି କର୍ମୀ ଦେବସ୍ମିତା ପରିଡା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ରକ୍ତହୀନତା ଚିହ୍ନଟ ରୋଗୀଙ୍କ ପାଖରେ ଆସନ୍ତା ମାସରେ ଡାକ୍ତରୀ ଦଳ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ଆନେମିଆ ଦୂର ହେବାରେ ଡାକ୍ତରୀ ପରାମର୍ଶ ଓ ଔଷଧ ସେବନ କେତେ ଫଳପ୍ରଦ ହୋଇଛି ତାକୁ ଯାଞ୍ଚ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଡାକ୍ତର ଭୋଇ ସୂଚନା ଦେଇଛନ୍ତି।

ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

୨୫ ଟନ୍ ଚୋରା କୋଇଲା ଜବତ

ପାରାଦୀପ ୧୫।୨(ଶରତ ରାଉତ)

ପାରାଦୀପ ଫାଣ୍ଡି କଲୋନୀ
- ୪ପ୍ଲଟ୍‌ରୁ ଠାବ ହେଲା
- ପୋଲିସ, ଆର୍‌ପିଏଫ୍, ମାଇନ୍ସ ବିଭାଗର ମିଳିତ ଚଢ଼ାଉ

ଜଗତ୍‌ସିଂହପୁର ଜିଲା ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ଅଠରବାଙ୍କି ଫାଣ୍ଡି କଲୋନି ଭିତରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଚୋରା କୋଇଲା ପ୍ଲଟ ଉପରେ ପୋଲିସ ଚଢ଼ାଉ କରିଥିଲା। ଶନିବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏନେଇ ପୋଲିସ, ଆରପିଏଫ୍ ଓ ମାଇନ୍ସ ବିଭାଗ ପକ୍ଷରୁ ଖୋଳତାଡ କରାଯାଇଛି। କୋଇଲା ମାନ ଗୁଣବତ୍ତା ଯାଞ୍ଚ କରିବା ପାଇଁ ମାଇନ୍ସ ବିଭାଗ ପକ୍ଷରୁ ନମୁନା ସଂଗ୍ରହ କରାଯାଇଛି। କିନ୍ତୁ କେଉଁ ବିଭାଗ କୋଇଲା ଜବତ କରିଛି ସେ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଏହି ଚୋରା କୋଇଲା କାରବାର ପଛରେ କାହାର ହାତ ଅଛି ତାହା ମଧ୍ୟ ଜଣାପଡ଼ିନାହିଁ।

ମାଇନ୍ସ ଅଧିକାରୀ ଅଲେଖ ଚନ୍ଦ୍ର ଖଟୁଆଙ୍କ ସୂଚନା ଅନୁସାରେ, ଫାଣ୍ଡି କଲୋନି ଭିତରୁ ୪ଟି ଚୋରା କୋଇଲା ପ୍ଲଟ ଠାବ କରାଯାଇଛି। ଏହାର ପରିମାଣ ପ୍ରାୟ ୨୫ ଟନ୍ ହେବ। ଜବତ କୋଇଲା ପ୍ରାୟ ୫ ପ୍ରକାର ଅଛି। ସେଥିରେ ବିଦେଶରୁ ଆମଦାନୀ ହୋଇଥିବା ହାର୍ଡ କୋକ୍ ଏବଂ ଆମ ଦେଶରୁ ବିଦେଶକୁ ରପ୍ତାନି ହେଉଥିବା ୩ ରୁ ୪ ପ୍ରକାର କୋକ୍ ରହିଛି। କୋଇଲା ମାନ ରିପୋର୍ଟ ମିଳିବା ପରେ

ପାରାଦୀପ ଫାଣ୍ଡି କଲୋନୀରୁ ଜବତ କୋଇଲା।

ସେହି ଅନୁଯାୟୀ ରିପୋର୍ଟ ପୋଲିସକୁ ଦିଆଯିବ ବୋଲି ଖଟୁଆ କହିଛନ୍ତି।

ଆରପିଏଫ୍ ଅଧିକାରୀ ଏସ୍ ନାୟକ କହିଥିଲେ, ବନ୍ଦର ଭିତରକୁ ଯାତାୟାତ କରୁଥିବା ମାଲବାହୀ ଟ୍ରେନରୁ ଏପରି କୋଇଲା ଚୋରି କରାଯାଇଛି। ଗତ ୧୫ ଦିନ ମଧ୍ୟରେ ପାରାଦୀପର ୩ଟି ଜାଗାରୁ ଏପରି ବିପୁଳ ପରିମାଣର କୋଇଲା ଜବତ କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଯେଉଁ ସବୁ ଜାଗାରୁ କୋଇଲା ଜବତ ହେଉଛି ସେଠାରେ ପୋଲିସ ଫାଣ୍ଡି ଓ ଆରପିଏଫ୍‌ର ଅସ୍ଥାୟୀ ପାଟ୍ରୋଲିଂ ସେଣ୍ଟର ରହିଛି। କୋଇଲା ଚୋରି ଘଟଣା ପଛରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତଥିବା ଜଣାପଡିଛି। ୨୭ ଜାନୁଆରୀରେ ସିଜୁ ରେଲୱେ ଜନଶନ ପାଖରୁ କୋଇଲା ଜବତ କରାଯାଇଥିଲା। ଏହି ରାକେଟ ପଛରେ ଜଣେ ରାଜନୈତିକ ଦଳର ପ୍ରଭାବଶାଳୀ ଲୋକଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା ହୋଇଥିଲା। ତାଙ୍କ କୋଇଲା ଧରା ପଡିବା ପରେ ସେ ପ୍ରତିପକ୍ଷ ଦଳର ବେଆଇନ କୋଇଲା ପ୍ଲଟଗୁଡ଼ିକୁ ବିଭିନ୍ନ ଏଜେନ୍ସି ଜରିଆରେ ଧରାଉଥିବା କୁହାଯାଉଛି।

ମହିଳା ସେମାନଙ୍କ ଅଧିକାର ସମ୍ପର୍କରେ ଜାଣିବା ଜରୁରୀ

କାର୍ଯ୍ୟକ୍ରମରେ ଯୋଗଦେଇଥିବା ମଞ୍ଚାସୀନ ଅତିଥିବୃନ୍ଦ।

ପାରାଦୀପ,୧୫।୨(ଶରତ ରାଉତ)

ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର

ପାରାଦୀପ କଲେଜ ଅଡିଟୋରିୟମରେ ଶନିବାର ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ରାଜ୍ୟ ମହିଳା ଆୟୋଗ ଓ ଜଗତ୍‌ସିଂହପୁର ଜିଲା ସମାଜ ମଙ୍ଗଳ ଅଧିକାରୀ ପକ୍ଷରୁ ଅନୁଷ୍ଠିତ ଏହି ଶିବିରକୁ ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କଲେଜ ଅଧ୍ୟକ୍ଷା ସସ୍ମିତା ଶତପଥୀ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଧନେଶ୍ୱରୀ ନାୟକ, ପାରାଦୀପ ଲେଡିଜ କ୍ଲବ ସଂଯୋଜିକା ପ୍ରୀତିଆରତୀ ପରିଜା, ଜିଲା ପ୍ରୋଟେକ୍‌ସନ ଅଫିସର ଆରତୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପାରାଦୀପ ଓ କୁଜଙ୍ଗ ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ କଲେଜ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ପରେ ମଧ୍ୟ ମହିଳା ବିଭିନ୍ନ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସେଥିପାଇଁ ସମସ୍ତ ମହିଳା ସେମାନଙ୍କ ଅଧିକାର ସମ୍ପର୍କରେ ଜାଣିବା ଜରୁରୀ ବୋଲି ଅତିରିକ୍ତ ଜିଲାପାଳ ବେହେରା କହିଥିଲେ। କାର୍ଯ୍ୟକ୍ରମକୁ ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ଓ ଅନ୍ୟମାନେ ପରିଚାଳନା କରିଥିଲେ।

ବାଇକ୍‌କୁ ସାମ୍ନା ପଟୁ ପିଟିଲା କାର ; ସ୍ୱାମୀ ମୃତ

ବାଲିକୁଦା,୧୫।୨(ତାପସ ସ୍ୱାଇଁ)

୫୫ ନମ୍ବର ଜାତୀୟ ରାଜପଥର ଡେଙ୍ଗାପୋଲଠାରେ ବାଇକ୍‌କୁ ସାମ୍ନା ପଟୁ କାର ଧକ୍କା ଦେଇଛି। ଫଳରେ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। କାରଟି ଧକ୍କା ଦେବା ପରେ ରାସ୍ତାର ଡାହାଣ ପାର୍ଶ୍ୱର ଖାତକୁ ଓଲଟି ପଡ଼ିଥିବା ବେଳେ ବାଇକ୍‌ଟି ଚୂରମାର ହୋଇଯାଇଛି। ମୃତକ ହେଲେ ବନ୍ଦର ସାମୁଦ୍ରିକ ଥାନା ଅଧୀନ ଦଶବାଟିଆ ଗାଁର ବଂଶୀଧର ଗୋଚ୍ଛାୟତଙ୍କ ପୁଅ ତୁଷାର ଗୋଚ୍ଛାୟତ ଓରଫ ମିଲୁ (୩୫)।

ମିଳିଥିବା ସୂଚନା ମୁତାବକ, ମିଲୁ କଟକ ଜଗତପୁରର ଏକ କମ୍ପାନୀରେ କାମ କରନ୍ତି । ଗତ ୬/୭ ମାସ ତଳେ ତାଙ୍କ ବିବାହ ହୋଇଥିଲା। ଶନିବାର ପ୍ରାୟ ୧ଟା ବେଳେ ସ୍ତ୍ରୀଙ୍କୁ ସାଙ୍ଗରେ ଧରି ନିଜ ବାଇକ୍‌ରେ ଯାଉଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର ତାଙ୍କୁ ସାମ୍ନା ପଟୁ ଧକ୍କା ଦେଇଥିଲା । ଫଳରେ ମିଲୁଙ୍କ ଛାତିରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଏକ ଗାଡ଼ି ଯୋଗେ ଦମ୍ପତିଙ୍କୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ପରେ କଟକର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ମିଲୁଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଦୁର୍ଘଟଣାଗ୍ରସ୍ତ କାର ଓ ବାଇକକୁ ବାଲିକୁଦା ପୋଲିସ ଜବତ କରିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି। କାର୍‌ଟି ସ୍ଥାନୀୟ ବାଲିସାହି ଗାଁର ଅମୀୟ ପରିଡ଼ାଙ୍କର ବୋଲି ଜଣାପଡ଼ିଛି। ସେ କଟକରୁ ଘରକୁ ନିଜ ପରିବାର ସହ ଫେରୁଥିଲେ । ଦୁର୍ଘଟଣା ପରେ କାର୍‌ଟି ଖାତକୁ ଖସିପଡିବାରୁ ଗାଡ଼ି ଡୋର ତାଡ଼ି ତାଙ୍କ ଶିଶୁପୁତ୍ରଙ୍କୁ ଉଦ୍ଧାର କରାଯାଇଛି। ଅମୀୟ ଓ ତାଙ୍କ ଶିଶୁପୁତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ସେମାନଙ୍କୁ ମଧ୍ୟ କଟକ ପଠାଯାଇଥିବା ସୂଚନା ମିଳିଛି।

ମହିଳାମାନେ ପରିବାର, ରାଷ୍ଟ୍ରର ନେତୃତ୍ୱ ନିଅନ୍ତୁ

ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

ଜଗତ୍‌ସିଂହପୁର, ୧୫।୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁରରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ଭାରତୀୟ ସଂସ୍କୃତିରେ ମହିଳାମାନଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ମହିଳାଙ୍କୁ ମା'ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗାଙ୍କ ମହିମା ଉପରେ ବିଶେଷ ଜ୍ଞାନ ରହିବା ଆବଶ୍ୟକ। ନିଜକୁ ଦୁର୍ବଳା ନୁହେଁ ବରଂ ପରିବାର ଓ ରାଷ୍ଟ୍ର ପର୍ଯ୍ୟନ୍ତ ସବୁଠି ନେତୃତ୍ୱ ନେବାର ଦକ୍ଷତା ହାସଲ କରିବାକୁ ପଡ଼ିବ। ଜୀବନରେ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତା'ର ଦୃଢ଼ ମୁକାବିଲା କରି ଆଗକୁ ଚାଲିବା ସାଙ୍ଗକୁ ନିଜ ଅଧିକାର ଅକ୍ଷୁଣ୍ଣ ରଖିବା ପାଇଁ ଦାୟିତ୍ୱବାନ ହେବା ଆବଶ୍ୟକ। ଶିଶୁ କନ୍ୟାଙ୍କୁ ଅବହେଳା ନ କରି ସେମାନଙ୍କୁ ଆବଶ୍ୟକ ଯତ୍ନ ଓ ଶିକ୍ଷା ଦେବା ପ୍ରତ୍ୟେକଙ୍କ ଗୁରୁଦାୟିତ୍ୱ। ଅନୁରୂପ ଭାବେ ଛାତ୍ରୀମାନେ ସଶକ୍ତ ଓ ସ୍ୱାବଲମ୍ବୀ ହୋଇପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ଜଗତ୍‌ସିଂହପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଅନୁଷ୍ଠିତ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଛନ୍ତି। ଜିଲାର ପ୍ରମୁଖ ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତଙ୍କ ପରିଚାଳନା ଓ ଜଗତ୍‌ସିଂହପୁର ଡିଏସ୍‌ପି ସରୋଜିନୀ ସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ଏକଥା ମଧ୍ୟ କୁହାଯାଇଥିଲା, ଭାରତୀୟ ସଂସ୍କୃତିରେ ନାରୀମାନଙ୍କ ମହନୀୟତା ଚିରସ୍ମରଣୀୟ। ତେବେ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ମହିଳାଙ୍କ ଅଧିକାରକୁ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କୁ ନ୍ୟାୟ ଦେବା ପାଇଁ ଆଇନ ଅଛି। ମହିଳାମାନେ ଏହି ଅଧିକାର ବିଷୟରେ ସଚେତନ ହେବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରତିରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଅତିରିକ୍ତ ବିଡିଓ ଅଜୟ କୁମାର ବେହେରା ଓ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷା ମନୋଜା ମଞ୍ଜରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ସ୍ୱାଗତ ଭାଷଣ ଓ ପ୍ରୋଗ୍ରାମ ଅଫିସର ବିଜୟଲକ୍ଷ୍ମୀ ରାଉତ ଧନ୍ୟବାଦ ଦେଇଥିଲେ।

୨ ଅଧିକାରୀଙ୍କୁ ନିଲମ୍ବନ କଲେ ଜିଲାପାଳ

ଜଗତ୍‌ସିଂହପୁର, ୧୫।୨ (ପ୍ରମୋଦ କୁମାର ନାୟକ)

ଧାନ ଅନିୟମିତତା ପ୍ରସଙ୍ଗ

ଧାନ ସଂଗ୍ରହ ବେଳେ ଅନିୟମିତତା କାରଣରୁ ୨ ଅଧିକାରୀଙ୍କୁ ଜିଲାପାଳ ନିଲମ୍ବନ କରିଛନ୍ତି। ସେମାନେ ହେଲେ ବାଲିକୁଦା ବ୍ଲକ ଅନ୍ତର୍ଗତ ପିଇଓ ତଥା ମଣ୍ଡି ନୋଡାଲ ଅଧିକାରୀ ମୋହନ କୁମାର ଜେନା ଏବଂ ଆମ୍ବଶାଳ ପାକ୍ସ ସମ୍ପାଦକ ତଥା ମାଛଗାଁ ପାକ୍ସ ଚିଫ୍ ଏକ୍‌ଜିକ୍ୟୁଟିଭ୍ ଶିଶିର କୁମାର ପଣ୍ଡା। ମୋହନ ବାଲିକୁଦା ବିଡିଓଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ତାଙ୍କ ଦାୟିତ୍ୱ ଖାଲଗାଁ ଏବଂ ଓସକଣା ପଞ୍ଚାୟତ ପିଇଓ ଖାନସିରାଣୀ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଅନୁରୂପ ଭାବେ ଶିଶିରଙ୍କ ଦାୟିତ୍ୱ ସଂଗ୍ରାମପୁର ପାକ୍ସ ସମ୍ପାଦକ ବିଚିତ୍ରାନନ୍ଦ ନାୟକଙ୍କୁ ଦିଆଯାଇଛି।

ଫାଇନାଲରେ ପାରାଦୀପ, ଭିଓସି

ପାରାଦୀପ, ୧୫।୨(ଶରତ ରାଉତ)

ବୃହତ୍ ବନ୍ଦର ଫୁଟବଲ ଟୁର୍ଣ୍ଣାମେଣ୍ଟ

ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା ବୃହତ୍ ବନ୍ଦର ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପ ଓ ଭିଓସି ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ରବିବାର ଉଭୟ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ। ଶନିବାର ପ୍ରଥମ ସେମିଫାଇନାଲ ମ୍ୟାଚ ଭିଓସି ଓ ମୁମ୍ବାଇ ମଧ୍ୟରେ ହୋଇଥିଲା। ଉଭୟ ଦଳ ଗୋଲ ଶୂନ୍ୟ ରହିବା ପରେ ଟାଇବ୍ରେକର ଜରିଆରେ ଭିଓସି ୪-୩ ଗୋଲରେ ଜିତିଥିଲା। ଦ୍ୱିତୀୟ ମ୍ୟାଚ ପାରାଦୀପ ଓ ଚେନ୍ନାଇ ମଧ୍ୟରେ ହୋଇଥିଲା। ଏଥିରେ ପାରାଦୀପ ୧-୦ଗୋଲରେ ବିଜୟୀ ହୋଇଛି।

ବାଇକ୍ ଧକ୍କାରେ ଜଣେ ଗୁରୁତର, ୨ ଆହତ

ଏରସମା, ୧୫।୨ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଏରସମା-କୋଠିଛକ ରାସ୍ତାର ଦମକଳ କେନ୍ଦ୍ର ନିକଟରେ ଶନିବାର ବାଇକ ଦୁର୍ଘଟଣାରେ ଜଣଙ୍କ ଅବସ୍ଥା ଗୁରୁତର ହୋଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ଗୁରୁତର ଜଣକ ହେଲେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗୋରଡ଼ ପଞ୍ଚାୟତସ୍ଥିତ ସୌଭାଗ୍ୟ ନନ୍ଦ। ତାଙ୍କ ଭଉଣୀ ଓ ଏରସମା ଥାନା ଅନ୍ତର୍ଗତ ନିମୋଳ (ପାଇକସାହି)ଗ୍ରାମର ତନ୍ମୟ ତାପସ୍ୱୀ ଦାସ ଏଥିରେ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ତନ୍ମୟ ଏକ ବାଇକରେ ଏରସମାରୁ କୋଠି ଛକ ଆଡେ ଯାଉଥିବାବେଳେ କୋଠିଛକରୁ ଏରସମା ଅଭିମୁଖେ ସୌଭାଗ୍ୟ ଓ ତାଙ୍କ ଭଉଣୀ ଏକ ସ୍କୁଟିରେ ଆସୁଥିଲେ। ଏହି ସମୟରେ ଉଭୟ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୌଭାଗ୍ୟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ପ୍ରଶିକ୍ଷଣ

ଜଗତ୍‌ସିଂହପୁର, ୧୫।୨(ପ୍ରମୋଦ ନାୟକ)

ବିରିଡି ମଣ୍ଡଳସ୍ତରୀୟ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନେଇ ଏକ ପ୍ରଶିକ୍ଷଣ ତଥା ଆଲୋଚନାଚକ୍ର ୨୨ମୌଜା ବିଶ୍ୱନାଥ ସରକାରୀ ଉଚ୍ଚବିଦ୍ୟାଳୟର ବାଇପଦା ବାସନ୍ଦରାଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରିଣୀ ସୌଦାମିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ର କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ପରିଡା ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟତଃ ପିଲାମାନଙ୍କ ଏକକ ପରିଚୟ, ୟୁ ଡାଇସ୍ ପ୍ଲସ ଡାଟା, ଉତ୍କର୍ଷ ଅନ୍ତିମ ଆକଳନ, ୨୦୨୫ ମାଟ୍ରିକ ପରୀକ୍ଷା, ପଞ୍ଚସଖା ଶିକ୍ଷାସେତୁ ସଙ୍ଗଠନ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ବ୍ଲକର ୨୪ଟି ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଭାଗନେଇଥିଲେ। କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ସନ୍ତୋଷ କୁମାର ବେହେରା, ରାଜସ୍ମିତା ଦାଶ, ସତ୍ୟରଞ୍ଜନ ଚୌଧୁରୀ, ପୀୟୂଷ ରଞ୍ଜନ ଜେନା, ମଧୁସ୍ମିତା ବେହେରା, ସ୍ନିଗ୍ଧା ସ୍ୱୟଂପ୍ରଭା ଦାସ ପ୍ରମୁଖ ସହଯୋଗ କରିଥିଲେ।

କାଳୀ ମନ୍ଦିର ପଛରୁ ଜବରଦଖଲ ଉଚ୍ଛେଦ

ଜବରଦଖଲ ଉଚ୍ଛେଦ କରାଯାଉଛି।

ପାରାଦୀପ,୧୫।୨(ଶରତ ରାଉତ)

ପାରାଦୀପ ଅଠରବାଙ୍କୀ କାଳୀମନ୍ଦିର ପଛପଟେ ହୋଇଥିବା ଜବରଦଖଲକୁ ଶନିବାର କୁଜଙ୍ଗ ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି। ସେଠାରେ ଜଣେ ବିଜେଡି ନେତା ଦୀର୍ଘ ବର୍ଷ ଧରି ଜବରଦଖଲ କରି ବ୍ୟବସାୟ କରୁଥିଲେ। ଏ ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହେବାପରେ ଜଗତ୍‌ସିଂହପୁର ଜିଲା ଅତିରିକ୍ତ ଜିଲାପାଳ ଫେବୃୟାରୀ ୧୩ରେ (ଚିଠି ନଂ. ୨୯୨୧)ରେ କୁଜଙ୍ଗ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ରେକର୍ଡ ଅନୁସାରେ ଜାଗା ଭିତରଗଡ ମୌଜା, ଖାତା ନଂ. ୪, ପ୍ଲଟ ନଂ. ୨୯୩, ନୟନଯୋରି ପାଖରେ ଏହି ଜବରଦଖଲ କରାଯାଇଥିଲା। ପୋଲିସ ଓ ମାଜିଷ୍ଟ୍ରେଟ ଉପସ୍ଥିତିରେ ସମ୍ପୃକ୍ତ ଜାଗା ଖାଲି କରାଯାଇଛି।

ଭଗବତୀ ମନ୍ଦିର ବିଶ୍ୱଶାନ୍ତି ଯଜ୍ଞ ପାଇଁ କଳସ ଯାତ୍ରା

କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

ଜଗତ୍‌ସିଂହପୁର, ୧୫।୨(ପ୍ରମୋଦ ନାୟକ)

ବିରିଡି ବ୍ଲକ ହାଜିପୁର ପଞ୍ଚାୟତ ବେହେରା ସାହି ସହଯୋଗରେ ନିର୍ମାଣ କରାଯାଇଥିବା ମା'ଭଗବତୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ୧୪ରୁ ୧୮ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ଅବସରରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଶନିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ୧୦୮ଜଣ ମହିଳା ଏହି ଯାତ୍ରାରେ ସାମିଲ ହୋଇ ନିକଟସ୍ଥ ବିଲୁଆଖାଇ ନଦୀର ସଙ୍ଗମ ସ୍ଥଳ ଅର୍ଜୁନ ଘାଟରୁ ପୂଜାର୍ଚ୍ଚନା କରି ପାଣି ଉଠାଇଥିଲେ। ଯଜ୍ଞ ସ୍ଥଳରେ କଳସ ରଖାଯିବା ପରେ ମୁଖ୍ୟ ପଣ୍ଡିତ ପ୍ରକାଶ ଚନ୍ଦ୍ର ଦାଶ, ସହଯୋଗୀ ବିଷ୍ଣୁ ମିଶ୍ର, ଦୀପ୍ତି କର, ଯଶୋବନ୍ତ ଦାଶ, ଶଶାଙ୍କ ଶେଖର ଦାଶ ଓ ଅଲେଖ ନାୟକ ପ୍ରମୁଖ ଅଗ୍ନି ସ୍ଥାପନ କରି ଯଜ୍ଞାହୁତି ଦେଇଥିଲେ। ଏଥିରେ କାଳନ୍ଦୀ ବେହେରା ଓ ତାଙ୍କ ସ୍ତ୍ରୀ କାଞ୍ଚନ ବେହେରା କର୍ତ୍ତାଭାବେ ପୂଜାରେ ବସିଥିଲେ। ବେହେରା ସାହିର ସମସ୍ତ ଜନସାଧାରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜବରଦଖଲକାରୀଙ୍କ କବ୍‌ଜାରେ ବହୁମୂଲ୍ୟ ସରକାରୀ ଜମି

ରଘୁନାଥପୁର,୧୫।୨ (ରାଜେନ୍ଦ୍ର ନାରାୟଣ ସିଂହ)

- ଜନହିତକର ଯୋଜନା ବାଧାପ୍ରାପ୍ତ
- ମେଗା ପାନୀୟଜଳ ପ୍ରକଳ୍ପ ଓ ସମବାୟ ସମିତି ଅଫିସ ପାଇଁ ଜାଗା ମିଳୁନି

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ବିଭିନ୍ନ ସ୍ଥାନରେ ସରକାରୀ ଜମି ଜବରଦଖଲରୁ ଉନ୍ମୁକ୍ତ କରାଯାଉଛି। ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ତହସିଲ ଅନ୍ତର୍ଗତ କଟକ-ପାରାଦୀପ ରାଜ୍ୟ ରାଜପଥ ସଂଲଗ୍ନ ତାରପୁର ବାଇପାସଠାରୁ ପୁରୁଣା ବଜାର ପର୍ଯ୍ୟନ୍ତ ବହୁମୂଲ୍ୟ ୪ ଏକର ସରକାରୀ ଜମି ଏବେ ବି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଫଳରେ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଜନହିତକର ଯୋଜନା ବାଧାପ୍ରାପ୍ତ ହେଉଛି। କୃଷି ଓ କୃଷକଙ୍କ ପାଇଁ କାର୍ଯ୍ୟ କରୁଥିବା କୃଷି ସେବା ସମବାୟ ସମିତି କାର୍ଯ୍ୟାଳୟ ସହ ଗୋଦାମ ଗୃହ ଓ ସରକାରଙ୍କ ମେଗା ପ୍ରକଳ୍ପ ହର ଘର ଯୋଜନାର ପାନୀୟଜଳ ପ୍ରକଳ୍ପ ପାଇଁ ଓଭରହେଡ ଟାଙ୍କି ସହ ପମ୍ପ ହାଉସ ନିର୍ମାଣ ପାଇଁ ଜାଗା ମିଳୁନାହିଁ। ସେହିପରି ଦୀର୍ଘଦିନ ତଳୁ ନିର୍ମାଣ ହୋଇଥିବା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପାଇଁ ଆବଶ୍ୟକ ଅଧିକ ଗୃହ ଓ ମାର୍କେଟ କମ୍ପ୍ଲେକ୍ସ ଶୌଚାଳୟ ନିର୍ମାଣ ପାଇଁ ଜମିର

ଜବରଦଖଲରେ ଥିବା ସରକାରୀ ଜମି।

ଅଭାବ ରହିଛି। ଏହାଛଡା ତାରପୁର ଅଙ୍ଗନୱାଡ଼ି(ଖ) କେନ୍ଦ୍ରରେ ଶିଶୁମାନଙ୍କ ପାଇଁ ଉଦ୍ୟାନ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହୋଇପାରୁନାହିଁ।

ସୂଚନାଯୋଗ୍ୟ, ଦୁଇ ଆଦିବାସୀ ପରିବାରଙ୍କୁ ଅନ୍ୟତ୍ର ଘରଡିହ ଯୋଗାଇ ଦିଆଯାଇଥିବାବେଳେ ସେମାନେ ସେଠାକୁ ନ ଯାଇ ପୂର୍ବରୁ ଅସ୍ଥାୟୀ ଭାବେ ରହୁଥିବା ରାସ୍ତା ପାର୍ଶ୍ୱ ସରକାରୀ ଜମିରେ ଘରକରି ରହିଛନ୍ତି। ଏହାଛଡା ଅନେକ ବ୍ୟକ୍ତି ନିଜ ଘର ସମ୍ମୁଖ ସରକାରୀ ଜମିକୁ ଜୋରଜବରଦସ୍ତ ଦଖଲରେ ରଖିଛନ୍ତି। କେତେଜଣ ବ୍ୟକ୍ତି ବାହାରୁ ଆସି ଝୁମ୍ପୁଡି କରି ଚଳୁଥିବା ଘରକୁ ଇତିମଧ୍ୟରେ ପକ୍କା ଗୃହ କରି ସାରିଲେଣି। ଏଥିସହ ବାଇପାସରେ ଥିବା ସରକାରୀ ଜମିକୁ କେତେଜଣ ବ୍ୟବସାୟୀ ଜବରଦଖଲରେ ରଖିଥିବା ଯୋଗୁ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିସହ ବର୍ଷା ଦିନେ ଏହି ଡ୍ରେନ୍‌ରେ ଜଳ ନିଷ୍କାସନ ହୋଇ ନ ପାରି ସ୍ଥାନୀୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜଳ ପ୍ଲାବିତ ହେଉଛି। ଦୀର୍ଘଦିନ ଧରି ସରକାରୀ ଜମିକୁ ଜବରଦଖଲରେ ରଖାଯିବା ଓ ଜଳ ନିଷ୍କାସନ ଭଳି ସମସ୍ୟା ଲାଗି ରହିଥିବାବେଳେ ଏ ସମ୍ପର୍କରେ ତହସିଲ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ସ୍ଥାନ ନିରୂପଣ ବିଳମ୍ବ ଯୋଗୁ ବିଭିନ୍ନ ଯୋଜନାରେ ଗୃହ ନିର୍ମାଣ ପାଇଁ ଆସିଥିବା ଆର୍ଥିକ ଅନୁଦାନ ଖର୍ଚ୍ଚ ହୋଇ ନ ପାରି ପଡି ରହିଛି ବୋଲି ସ୍ଥାନୀୟ ଗ୍ରାମବାସୀ ଅନ୍ତର୍ଯ୍ୟାମୀ ରାଉତ, ଟନା ପଣ୍ଡା, ପ୍ରଦୀପ୍ତ କୁମାର ନାୟକ ଓ ସୁଦର୍ଶନ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଅଭୀପ୍ସା ପଟ୍ଟନାୟକ କହିଛନ୍ତି। ଜିଲାପାଳ, ରାଜସ୍ୱ ସଚିବ ଓ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି।

ରମାବିଲରେ କଙ୍ଗାରୁ କୋର୍ଟ

■ ସରକାରୀ ରାସ୍ତାକୁ ଖୋଳି ନାଳ କଲେ
■ ନ୍ୟାୟ ପାଇଁ ଜିଲାପାଳଙ୍କୁ ଫେରାଦ

ନୟାଗଡ଼,୧୫।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ରଣପୁର ଥାନା ରାଜସୁନାଖଳା ଆରଆଇ ଅଫିସ ଅନ୍ତର୍ଗତ ରମାବିଲ ଗାଁରେ କଙ୍ଗାରୁ କୋର୍ଟ କରାଯାଇ ସରକାରୀ ରାସ୍ତାକୁ ହାଣି ନାଳ କରାଯାଉଥିବା ଜିଲାପାଳଙ୍କ ନିକଟରେ ଶନିବାର ଅଭିଯୋଗ ହୋଇଛି। ରାସ୍ତାକୁ ଖୋଳି ଦେବା ପରେ ଅପରପାର୍ଶ୍ୱରେ ରହୁଥିବା ପରିବାରର ସଦସ୍ୟ ନିଜ ଘରକୁ ଯିବା ଆସିବାରେ ହଇରାଣ ହେଉଛନ୍ତି। ନିଜ ଜମିକୁ ଲଙ୍ଗଳ, ଟ୍ରାକ୍ଟର ନେଇ ପାରୁ ନାହାନ୍ତି ଚାଷୀ। ସରକାରୀ ରାସ୍ତା ଉପରେ ନିର୍ଭର କରି ଚଳୁଥିବା ପରିବାରକୁ ପ୍ରଥମେ କେତେଜଣ ଲୋକ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ଗାଁରେ କଙ୍ଗାରୁ କୋର୍ଟ କରି ସରକାରୀ ରାସ୍ତାକୁ ଖୋଳି ନାଳ ପରି କରାଯାଇଛି। ରମାବିଲ ଗାଁ ପାର୍ଶ୍ୱରୁ ପ୍ରାୟ ୨୦୦ ଫୁଟ ଖୋଳା ଯାଇଛି। ଅନ୍ୟପକ୍ଷେ ସମ୍ପୂର୍ଣ୍ଣ ସରକାରୀ ରାସ୍ତାକୁ ଖୋଳିବାକୁ ଉଦ୍ୟମ ଜାରି ରହିଛି। ଏନେଇ ରାଜ ସୁନାଖଳା ଆରଆଇଙ୍କୁ ଅବଗତ କରାଇବା ପରେ ବେଆଇନ ଖନନକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଆରଆଇଙ୍କ ନିର୍ଦ୍ଦେଶକୁ କେତେଜଣ ଲୋକ ଅଣଦେଖା କରି ଯୁକ୍ତିତର୍କ କରିବା ସହ ପାଟିତୁଣ୍ଡ କରି ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି କରିଛନ୍ତି ବୋଲି ଅଭିଯୋଗ ହୋଇଛି।

ଘର ସମ୍ମୁଖରେ ଖୋଳା ଯାଇଥିବା ନାଳ।

ଚିନିକଳରୁ ଚୋରି, ୨ ଜେଲ ଗଲେ

୧୦ କୁଇଣ୍ଟାଲ ଲୁହା ଉପକରଣ ସହ ମିନି ଟ୍ରକ୍ ଜବତ

ନୟାଗଡ଼,୧୫।୨(ଲୋକନାଥ ମିଶ୍ର)

ନୟାଗଡ଼ ପାଣିପୋଇଲାସ୍ଥିତ ଚିନିକଳରୁ ଚୋରି ଅଭିଯୋଗରେ ନୟାଗଡ଼ ସଦର ଥାନା ପୋଲିସ ଖେଡପଡା ଗାଁର ଅଭିମନ୍ୟୁ କଅଁର(୪୫) ଓ ଇଟାମାଟି ଥାନା ଶରଧାପୁରର ଗଙ୍ଗାଧର ନାୟକ(୫୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ନୟାଗଡ ଜିଲା ଜେଲକୁ ପଠାଇ ଦିଆଯାଇଛି। ଦୁଇ ଚୋରଙ୍କ ଠାରୁ ୧୦ କୁଇଣ୍ଟାଲ ଓଜନର ଚୋରି ଲୁହା ଉପକରଣ ସହ ଏକ ଟାଟଶ ଏସି ଗାଡ଼ି(ନଂ.ଓଆର୦୨ ଏଡବ୍ଲ୍ୟୁ ୫୨୪୭)ଜବତ ହୋଇଛି। ଏହି ଘଟଣାରେ ପୋଲିସ ଏକ ମାମଲା(ନଂ.୩୧/୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି। ନୟାଗଡ ଚିନିକଳରୁ ଲୁଟେରାମାନେ ପ୍ରତ୍ୟହ ବିଭିନ୍ନ ଯନ୍ତ୍ରାଂଶ ଓ ଲୁହା ଉପକରଣ କଟର ମେଶିନ ଯୋଗେ କାଟି ଗାଡିରେ ଲୋଡ କରି ଚୋରି କରି ନେଉଛନ୍ତି। ଶୁକ୍ରବାର ରାତିରେ ପ୍ରାୟ ୫ଜଣ ଚିନିକଳରୁ ଚୋରି କରୁଥିବାବେଳେ ସଦର ଥାନା ପୋଲିସ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ଅନ୍ୟମାନେ ଫେରାର ହୋଇଯାଇଛନ୍ତି।

ଜବତ ହୋଇଥିବା ମିନିଟ୍ରକ ବୋଝେଇ ଲୁହା। ଗିରଫ ୨ ଅଭିଯୁକ୍ତ।

ଏସ୍‌ଆଇ, ଏଏସ୍‌ଆଇ ଓ କନ୍‌ଷ୍ଟେବଲଙ୍କ ବଦଳି

ନୟାଗଡ, ୧୫।୨(ଲୋକନାଥ ମିଶ୍ର)

ନୟାଗଡ ପୋଲିସ ଜିଲାରେ ୮ ଏସଆଇ, ୬ଜଣ ଏଏସଆଇ ଓ ୨ଜଣ କନ୍‌ଷ୍ଟେବଲଙ୍କ ବଦଳି ହୋଇଛି। ଦଶପଲ୍ଲା ଥାନାର ଏସଆଇ ରମେଶ ଚନ୍ଦ୍ର ଜେନାଙ୍କର ଫତେଗଡ ଥାନାକୁ ବଦଳି ହୋଇଥିବାବେଳେ ଖଣ୍ଡପଡ଼ା ଥାନାର ଉପେନ୍ଦ୍ର ଦିଗାଲଙ୍କ ବାଣିଗୋଛା ଥାନାକୁ ବଦଳି ହୋଇଛି। ସେହିପରି ଚାନ୍ଦପୁର ଥାନାର ବିରେନ୍ଦ୍ର କୁମାର ଦେହୁରୀଙ୍କ ବାଣିଗୋଛା ଥାନାକୁ, ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡର ସନ୍ତୋଷ କୁମାର ଦାଶଙ୍କୁ ନୟାଗଡ଼ ଟାଉନ ଥାନାକୁ, ନୟାଗଡ଼ ଟାଉନ ଥାନାର ଭୀମସେନ ମଲିକଙ୍କୁ ଶରଣକୁଳ ଥାନାକୁ, ନୟାଗଡ଼ ରିଜର୍ଭ ଅଫିସର ଶ୍ୟାମ ସୁନ୍ଦର ପ୍ରଧାନଙ୍କର ଚାନ୍ଦପୁର ଥାନାକୁ, ନୟାଗଡ ରିଜର୍ଭ ଅଫିସର ଶ୍ରୀନିବାସ ପ୍ରଧାନଙ୍କୁ ଖଣ୍ଡପଡା ଥାନାକୁ, ନୟାଗଡ଼ ଏସଡିପିଓ ଅଫିସର ଯଯାତି କେଶରୀ ସିହ୍ନାଙ୍କୁ ନୟାଗଡ଼ ଟାଉନ ଥାନାକୁ ବଦଳି କରାଯାଇଛି। ଅନ୍ୟପକ୍ଷେ ଫତେଗଡ଼ ଥାନାର ଏଏସଆଇ ଦିଲୀପ କୁମାର ସେଠୀଙ୍କୁ ଇଟାମାଟି ଥାନାକୁ, ରଣପୁର ଥାନାର ବିଶ୍ୱ ଭୂଷଣ ସିଙ୍ଗକୁ ଦର୍ପନାରାୟଣପୁର ଫାଣ୍ଡିକୁ, ଇଟାମାଟି ଥାନାର ରାଜେନ୍ଦ୍ର ମାଝିଙ୍କୁ ଜଗନ୍ନାଥପ୍ରସାଦ ଫାଣ୍ଡିକୁ, ଇଟାମାଟି ଥାନାର ସୀମାଞ୍ଚଳ ମଲିକଙ୍କୁ ନୟାଗଡ ସଦର ଥାନାକୁ, ବାଣିଗୋଛା ଥାନାର ଅଜିତ କୁମାର ରାଉତଙ୍କୁ ନୂଆଗାଁ ଥାନାକୁ, ନୟାଗଡ ରିଜର୍ଭ ଅଫିସର ଶାହା ଆଲାମ ଖାନଙ୍କୁ ଗଣିଆ ଥାନାକୁ ବଦଳି କରାଯାଇଛି। ପୁଣି ନୟାଗଡ ରିଜର୍ଭ ଅଫିସର କନେଷ୍ଟବଳ ଦିଲ୍ଲିପ କୁମାର ବେହେରାଙ୍କୁ ନୟାଗଡ ଏସଡିପିଓ ଅଫିସକୁ ବଦଳି ହୋଇଥିବାବେଳେ ନୂଆଗାଁ ଥାନାର ପ୍ରଭାତି ନାୟକଙ୍କୁ ରିଜର୍ଭ ଅଫିସ ନୟାଗଡ଼ରେ ଆଟାଚ୍ କରାଯାଇଛି।

ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ

ଦଶପଲ୍ଲା,୧୫।୨ (ପ୍ରକାଶ କୁମାର ପାଣି)

ଶନିବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଖମାରସାହି ନୋଡାଲ ହାଇସ୍କୁଲଠାରେ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ଚତୁର୍ଦ୍ଦଶତମ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଏବିଇଓ ରାଜେନ୍ଦ୍ର କୁମାର ପ୍ରଧାନ, ଶିକ୍ଷକ ଶରତ ଚନ୍ଦ୍ର ବେହେରା, ଦିଲୀପ କୁମାର ନାୟକ, ପ୍ରଧାନ ଶିକ୍ଷୟତ୍ରୀ ସଞ୍ଜିବନୀ ସାମଲ ଓ ସସ୍ମିତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବୈଠକର ,ଉତ୍କର୍ଷ ଓ ଆକାଂକ୍ଷା କାର୍ଯ୍ୟକ୍ରମ, ଗଣିତ ଦକ୍ଷତା ବୃଦ୍ଧି, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ପୂର୍ବତନ ଛାତ୍ର ସଂଯୋଗ କାର୍ଯ୍ୟକ୍ରମ, ମାଟ୍ରିକ ପରୀକ୍ଷା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ପ୍ରଧାନଶିକ୍ଷକମାନେ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ଛାତ୍ରୀଛାତ୍ରମାନଙ୍କ ସହିତ ଶିକ୍ଷା ଉପରେ ବାର୍ତ୍ତାଳାପ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ଦେଇ ସଂଯୋଜନା କରିଥିଲେ। ଏଥିରେ ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ବିଶାଳ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ଯୋଗ ଦେଇଥିଲେ।

ଇନକମ ଟ୍ୟାକ୍ସ ରିଟର୍ନ ଫାଇଲରେ ଫସିଛି ଇ କେୱାଇସି

କେନ୍ଦ୍ରାପଡ଼ା,୧୫।୨(ଜଗନ୍ନାଥ ଧଳ)

ରାଜ୍ୟ ସରକାର ରାଶନ କାର୍ଡ ହିତାଧିକାରୀଙ୍କ ଇ କେୱାଇସି ଅପଡେଟ ପାଇଁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଘୋଷଣା କରିଛନ୍ତି। ତେବେ ଇ କେୱାସି ଅପଡେଟରେ ହିତାଧିକାରୀ ଏବେ ନିଲ ଇନକମ ଟ୍ୟାକ୍ସ ରିଟର୍ଣ୍ଣ ଫାଇଲ କରିବାରୁ ଫସି ଯାଇଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଉତ୍କଳମଣୀ ଯୁବକ ସଂଘ ସଭାପତି ଗୌତମ କୁମାର ବେହେରାଙ୍କ ସମେତ ଏଲଆଇସି ଏଜେଣ୍ଟମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଚିଠି ଲେଖିଛନ୍ତି। ସେମାନେ କହିଛନ୍ତି, କେନ୍ଦ୍ର ସରକାର ଇନ୍‌କମ ଟ୍ୟାକ୍ସ ଛାଡ ବ୍ୟବଧାନ ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କରିଛନ୍ତି। ଅପରପକ୍ଷେ ରାଜ୍ୟ ସରକାର ପକ୍ଷରୁ ଖାଦ୍ୟ ନିରାପତ୍ତା ଯୋଜନାରେ ସାମିଲ ହେବା ପାଇଁ ଇନକମ ଟ୍ୟାକ୍ସ ପ୍ରଦାନକାରୀଙ୍କ ପାଇଁ ଇ କେୱାସି ଅପଡେଟରେ କେତେକ ବାରଣ ରଖିଛନ୍ତି। ଫଳରେ କେନ୍ଦ୍ରାପଡା ଜିଲାରେ ନିଲ ରିଟର୍ଣ୍ଣ ଫାଇଲ କରୁଥିବା କେତେକ ହିତାଧିକାରୀଙ୍କୁ ଖାଦ୍ୟ ନିରାପତ୍ତା ଯୋଜନାରୁ ଓହରି ଯିବା ପାଇଁ ନୋଟିସ ହୋଇଛି। ଏହି ନୋଟିସ ଜିଲାର କ୍ଷୁଦ୍ର ବ୍ୟବସାୟୀ, ଦୈନିକ ମଜୁରୁଆ, ସ୍ୱଉପାର୍ଜନ କରୁଥିବା ବ୍ୟକ୍ତିଙ୍କ ନିକଟରେ ପହଞ୍ଚୁଛି। ଆର୍ଥିକ ଅଭାବକୁ ଦୂର ପାଇଁ କେତେକ ପରିବାର ସଦସ୍ୟ ବ୍ୟାଙ୍କରୁ ଋଣ ନେଇଥାନ୍ତି। ଋଣ ପାଇଁ ନିଲ ଇନ୍‌କମଟ୍ୟାକ୍ସ ରିଟର୍ଣ୍ଣ ଫାଇଲ କରିବାକୁ ପଡୁଛି। ଏହି ରିଟର୍ଣ୍ଣ ଫାଇଲ କରିବା ଇ କେୱାଇସି ଅପଡେଟକୁ ପ୍ରଭାବିତ କରୁଛି। ଫଳରେ ଖାଦ୍ୟ ନିରାପତ୍ତା ଯୋଜନାରୁ ବାଦ ପଡିବା ସହିତ ସ୍ୱାସ୍ଥ୍ୟ କାର୍ଡ ପାଇବାରେ ସମସ୍ୟା ଦେଖା ଦେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସମସ୍ୟାର ସମାଧାନ ନ ହେଲେ ବହୁ ଯୋଗ୍ୟ ହିତାଧିକାରୀ ଅସୁବିଧାରେ ପଡିବେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି।

ମା' ଅନ୍ଧାରବାଉତିଙ୍କ ପୀଠରେ ଘୃତ ଯଜ୍ଞ

ଓଡ଼ଗାଁ,୧୫।୨
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନଏସି ଅଧିନସ୍ଥ କଦଳୀ ବନ୍ଧ ଠାରେ ଅଧିଷ୍ଠିତ ମା' ଅନ୍ଧାରବାଉତୀଙ୍କ ପୀଠରେ ୩ଦିନ ଧରି ଆୟୋଜିତ ବିଶ୍ୱଶାନ୍ତି ଶକ୍ତି ଯଜ୍ଞ ଓ ବାର୍ଷିକୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଓଡ଼ଗାଁ ରାମ ସାଗର ପୁଷ୍କରିଣୀରୁ କଳସରେ ଜଳ ସଂଗ୍ରହ କରାଯାଇ ନିକଟରେ ଥିବା ମା' ରାମଚଣ୍ଡୀଙ୍କ ମଣ୍ଡପରେ ରଖି ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ସମସ୍ତ ପୂଜା ନୀତି ଓ ଶୋଧନ କାର୍ଯ୍ୟ ସମାପନ

କଦଳୀ ବନ୍ଧରେ କଳସ ଯାତ୍ରା

ହୋଇଥିଲା ।ସ୍ୱତନ୍ତ୍ର ବସ୍ତ୍ର ପରିହିତା ୧୦୮ରୁ ଊର୍ଦ୍ଧ୍ୱ ମହିଳା ମସ୍ତକରେ କଳସ ଧାରଣ କରି ଘଣ୍ଟ, ଘଣ୍ଟା ଓ ସଂକୀର୍ତ୍ତନ ସହ ପ୍ରଥମେ ଓଡ଼ଗାଁ ଶ୍ରୀରଘୁନାଥଙ୍କ ପୀଠରେ ମନ୍ଦିର ପରିକ୍ରମା ପୂର୍ବକ ନଗର ପରିକ୍ରମା କରି କଦଳୀବନ୍ଧ ଯଜ୍ଞ ମଣ୍ଡପରେ ବିଧି ବିଧାନ ଅନୁଯାୟୀ କଳସ ସ୍ଥାପନ କରିଥିଲେ। ଅପରାହ୍ନରେ ମା'ଙ୍କ ଉଦ୍ଦେଶ୍ୟରେ ଯଜ୍ଞ ଭଗବାନଙ୍କୁ ଘୃତ ଅର୍ପଣ କରାଯାଇଥିଲା। ଅରୁଣ କୁମାର ତ୍ରିପାଠୀ ଆଚାର୍ଯ୍ୟ,ସନ୍ତୋଷ କୁମାର ତ୍ରିପାଠୀ ପ୍ରଚାରକ, ତୋଫାନ କୁମାର ତ୍ରିପାଠୀ, ସନ୍ତୋଷ କୁମାର ମିଶ୍ର, ହେମନ୍ତ କୁମାର ହୋତା ପ୍ରମୁଖ ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ଯଜ୍ଞଶାଳା ପରିଚାଳିତ ହୋଇଥିଲା। ଯଜ୍ଞ ଅନୁଷ୍ଠାନର ସଭାପତି ଜଗନ୍ନାଥ ପ୍ରଧାନ, ସମ୍ପାଦକ ପ୍ରମୋଦ କୁମାର ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଦଳୀବନ୍ଧ, ରଗଡ଼ି ସାହିର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ସୋମବାର ଯଜ୍ଞ ପୂର୍ଣ୍ଣାହୁତି ସହିତ ସାମୁହିକ ପ୍ରସାଦ ସେବନ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ଠାରୁ ପ୍ରକାଶ।

ଘୃତ ଯଜ୍ଞ ଅବସରରେ ଆୟୋଜିତ କଳସ ଶୋଭାଯାତ୍ରା।

ଜିଲା ପରିଷଦ ଅଧ୍ୟକ୍ଷଙ୍କ ମା'ଙ୍କ ପରଲୋକ

ନୟାଗଡ଼,୧୫।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ମା'ସରୋଜିନି ମହାନ୍ତିଙ୍କ ନିଜ ବାସଭବନ ରଣପୁର ବ୍ଲକ ବ୍ରଜରାଜପୁର ପଞ୍ଚାୟତ ଲତାର ଗାଁରେ ଗୁରୁବାର ଭୋର ସମୟରେ ପରଲୋକ ହୋଇ ଯାଇଛି। ତାଙ୍କୁ ୮୫ ବର୍ଷ ହୋଇଥିଲା। ମୃତ୍ୟୁ ଶର୍ଯ୍ୟା ନିକଟରେ ଥିଞ୍ଚିଅ, ପୁତ୍ର ଦେବାଶିଷ ପଟ୍ଟନାୟକ, ବୋହୂ ବନ୍ଦନା ଦାସ, ନାତି ଦିବ୍ୟଜ୍ୟୋତି ଉପସ୍ଥିତ ଥିଲେ। ମରଶରୀରକୁ ଗାଁ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ସଂସ୍କାର କରାଯାଇଥିଲା।

ଶଙ୍ଖସାହିକୁ ନାହିଁ ଭଲ ରାସ୍ତା

ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ସାହିବାସିନ୍ଦା।

ଫୁଲବାଣୀ, ୧୫।୨
(ରାକେଶ କୁମାର ରାଉତ)

ଫୁଲବାଣୀ ପୌର ପରିଷଦ ୧୧ ନଂ. ୱାର୍ଡ ଶଙ୍ଖସାହିକୁ ଏଯାଏ ଭଲ ରାସ୍ତାଟିଏ ନାହିଁ। ଫଳରେ ଏଠାରେ ରହୁଥିବା ୨୪ଟି ପରିବାର ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲା ପରେ ମଧ୍ୟ ରାସ୍ତା ନିର୍ମାଣ ହୋଇନି। ରାସ୍ତା ନିର୍ମାଣ ନେଇ ପ୍ରଶାସନ ଖାଲି ମିଛ ପ୍ରତିଶ୍ରୁତି ଦେଉଛି। ଫଳରେ ରାସ୍ତା ନିର୍ମାଣ ଦାବିନେଇ ଶନିବାର ସାହିବାସିନ୍ଦା ଜିଲାପାଳଙ୍କୁ ଭେଟିଛନ୍ତି।

ଫୁଲବାଣୀ ସହରର ସାଲୁଙ୍କି ସାହି ପାଖରେ ରହିଛି ଶଙ୍ଖ ସାହି। ୨୦୦୮ରୁ ଏଠାରେ ୨୪ଟି ପରିବାର ବସବାସ କରି ଆସୁଛନ୍ତି। ପୌର ପରିଷଦ ପକ୍ଷରୁ ସାହିକୁ ବିଦ୍ୟୁତ୍, ମାଗଣା ଜଳ ବ୍ୟବସ୍ଥା ଆଦି ସୁବିଧା କରାଯାଇଛି। ମାତ୍ର ସର୍ବନିମ୍ନ ସୁବିଧା ଭଲ ରାସ୍ତାଟିଏ ଏଯାଏ ପୌର ପ୍ରଶାସନ କରିପାରିନାହିଁ। ୨୦୧୬–୧୭ରେ ଏହି ସାହିକୁ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ତେବେ ତତ୍କାଳୀନ ପୌରାଧ୍ୟକ୍ଷ ରାଜପଥକୁ ଲାଗିଥିବା ସାହିକୁ ନିୟମ ଅନୁସାରେ ରାସ୍ତା ହୋଇପାରିବ ନାହିଁ ବୋଲି କହିବାରୁ ରାସ୍ତା ନିର୍ମାଣ ହେଲାନାହିଁ। ଏବେ ରାଜପଥରେ ବାଇପାସ ରାସ୍ତା ହେବାକୁ ଜମି ଅଧିଗ୍ରହଣ ସରିଛି। ଖୁବ୍‌ଶୀଘ୍ର ରାସ୍ତା କାମ ଆରମ୍ଭ ହେବ। ୨୪ ପରିବାରର ପାଇଁ ତୁରନ୍ତ ଭଲ ରାସ୍ତାଟିଏ ନିର୍ମାଣ କରିବାକୁ ସାହିର ସଞ୍ଜିତା ବେହେରା, କୁମୁଦିନୀ ବେହେରାଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।

ମା' ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ବୁଗୁଡା,୧୫।୨(କାଳିଚରଣ ଦାଶ)

ବୁଗୁଡା ବ୍ଲକ ମାଣିତରା ଗ୍ରାମସ୍ଥିତ ମା' ସରସ୍ୱତୀ ବିଦ୍ୟାମନ୍ଦିରର ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ଦିବାକର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅନୁପ ପଣ୍ଡା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ଡାକ୍ତର ଦୁର୍ଗା ପ୍ରସାଦ ବିଶ୍ୱାଳ, ଜୟଦେବ ରାଉତ, ପ୍ରକାଶ ଚନ୍ଦ୍ର ପ୍ରଧାନ, ସୀମାଞ୍ଚଳ ପ୍ରଧାନ, ବବୁଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢି ବିଦ୍ୟାଳୟର ନାଁ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ପୀତାମ୍ବର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସନକ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

ବାର୍ଷିକ ଉତ୍ସବରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟ ଅତିଥିମାନେ।

ଶିକ୍ଷକଙ୍କ ଅବସର ବୟସ ୬୨ କରିବାକୁ ଦାବି

ବୈଠକରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ଭଞ୍ଜନଗର,୧୫।୨(ବାବୁଲା ପ୍ରଧାନ)

ଦାବିପୂରଣ ନ ହେଲେ ରାଜ୍ୟସ୍ତରରେ ଆନ୍ଦୋଳନ

ଭଞ୍ଜନଗରଠାରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, (ଓଷ୍ଟା)ର ଡାକରାରେ ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି, ଭଞ୍ଜନଗର ବ୍ଲକ ପକ୍ଷରୁ ଜିଲା ସଭାପତି ସନ୍ତୋଷ ଜେନାଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଉପଦେଷ୍ଟା ଅମର ବିକାସ ବେହେରା, ଅଧ୍ୟକ୍ଷ ତଥା ବ୍ଲକ ଓଷ୍ଟା ସମ୍ପାଦକ ଗୌରୀ ନନ୍ଦନ ହୋତା, ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, କାମରାଜୁ ଗୌଡ଼, ସତ୍ୟବାନ ସାହୁ, ସରୋଜ ଲକ୍ଷ୍ମୀ ଦାସ ଯୋଗଦେଇ ୧୯୪ ଉଚ୍ଚ ବିଦ୍ୟାଳୟକୁ ସରକାରୀ ଅନୁଦାନ ଦେବା, ନିୟୁ ଏଇଡେଡ଼ ହାଇସ୍କୁଲର ଚାକିରି ସର୍ତ୍ତାବଳୀ, ଶିକ୍ଷକଙ୍କ ଅବସର ବୟସକୁ ୬୨ ବର୍ଷ କରିବା, ସମସ୍ତ ବିଦ୍ୟାଳୟକୁ ସରକାରୀକରଣ ସହ ଅନ୍ୟାନ୍ୟ ଦାବି ଉପରେ ଆଲୋଚନା କରାଯାଇ ଏହାକୁ ସରକାର ଗ୍ରହଣ କରିବା ପାଇଁ ଦାବି ଉପସ୍ଥାପନା କରାଯାଇଥିଲା। ଯଦି ସରକାର ଏହାକୁ ତୁରନ୍ତ କାର୍ଯ୍ୟକାରୀ ନ କରନ୍ତି ତାହାହେଲେ ଆଗାମୀ ଦିନରେ ସମନୟ ସମିତି ତରଫରୁ ରାଜ୍ୟ ସ୍ତରରେ ବିଶାଳ ଆନ୍ଦୋଳନ କରାଯିବା ପାଇଁ ବୈଠକରେ ସ୍ଥିର କରାଗଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ଭାସ୍କର ପାଣି, ସନତ ଦଳବେହେରା, ଶରତ ଚନ୍ଦ୍ର ମହାରଣା, ମନୋରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ସତ୍ୟବାନ ସାହୁ ଧନ୍ୟବାଦ ଦେଇଥିଲେ। ସଭାରେ ବହୁ ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

କଡ଼ାକଡ଼ି ହେବ ଶିଶୁ, କିଶୋର ଶ୍ରମ ନିଷେଧ ଅଧିନିୟମ

ବନ୍ଧକ ଶ୍ରମିକ ଓ ଶିଶୁ ଶ୍ରମିକ ଆଇନ ଉପରେ ଜିଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଯାଜପୁର ଟାଉନ,୧୫।୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ପ୍ରଶାସନ ଅଧୀନରେ ଥିବା ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ) ପକ୍ଷରୁ ବନ୍ଧକ ଶ୍ରମିକ ଓ ଶିଶୁ ଶ୍ରମିକ ଆଇନ ଉପରେ ଜିଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନଗତ ବ୍ୟବସ୍ଥା, ପ୍ରବର୍ତ୍ତନ ରଣନୀତି ଏବଂ ବହୁଅଂଶୀଦାର ସମନ୍ୱୟ ଉପରେ ପ୍ରମୁଖ ଅଂଶୀଦାରମାନଙ୍କୁ ସାମିଲ କରି ଶିଶୁ ସୁରକ୍ଷା ଆଇନର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା ଯୋଗଦେଇ ଜିଲାକୁ ଶିଶୁ ଶ୍ରମମୁକ୍ତ ସହିତ ବନ୍ଧକ ଶ୍ରମମୁକ୍ତ କରିବା ପାଇଁ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି ବୋଲି କହିଥିଲେ।

ବନ୍ଧକ ଶ୍ରମିକ ଓ ଶିଶୁ ଶ୍ରମିକ ଆଇନ ଉପରେ ଜିଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ।

ଏଥିସହିତ ବନ୍ଧକ ଶ୍ରମିକ ଏବଂ ଶିଶୁ ଶ୍ରମିକକୁ ହଟାଇବା ସାମୂହିକ ଦାୟିତ୍ୱ। ମାର୍ଗଦର୍ଶନ କରିବା ପାଇଁ ଏସଓପି ଏବଂ ନିର୍ଦ୍ଦେଶାବଳୀ ରହିଛି। ପୀଡ଼ିତଙ୍କ ସଶକ୍ତୀକରଣକୁ ପ୍ରାଥମିକତା ଦେଇ ସମନ୍ୱୟ ଓ ସହଯୋଗରେ କାମ କରିବାକୁ ହେବ। ତେବେ ହିଁ ପ୍ରୟାସ ସଫଳ ହେବ ବୋଲି ସେ ପ୍ରକାଶ କରିଥିଲେ।

ସମ୍ମାନିତ ଅତିଥି ଭାବେ ଜିଲା ଶ୍ରମ ଅଧିକାରୀ ସୁଧୀର ସାହୁ ଯୋଗଦେଇ କହିଥିଲେ, କଡ଼ାକଡ଼ି ହେବ ଶିଶୁ, କିଶୋର ଶ୍ରମ ନିଷେଧ ଅଧିନିୟମ। ଶ୍ରମ ବିଭାଗ ତରଫରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ବିଭିନ୍ନ ସଂସ୍ଥାରେ ଚଢ଼ାଉ ଜାରି ରହିବ ଓ ଜିଲା ଟାସ୍କ ଫୋର୍ସ ବୈଠକ ନିୟମିତ ବ୍ୟବଧାନରେ ବସିବ। ଏଥିପାଇଁ ଶିଶୁ ଶ୍ରମିକ ଚିହ୍ନଟିକାରଣ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ ନିଆଯିବ। ଅନ୍ତର୍ଜାତୀୟ ନ୍ୟାୟ ମିଶନ, ଚୁଟିକା ସମାଜ ସେବା ଅନୁଷ୍ଠାନ ଓ ଟାଟାଷ୍ଟିଲ ଫାଉଣ୍ଡେସନ ଏବଂ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ଏସବୁ କରାଯିବ।

ଅନ୍ୟତମ ସମ୍ମାନିତ ଅତିଥିଭାବେ ଚିତ୍ତରଞ୍ଜନ ମହାନ୍ତି ପରିଚାଳନା କରି ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ନ୍ୟାୟ ମିଶନ (ଆଇଜେଏମ)ର ଡିଭିଜନ ମୁଖ୍ୟ ଅମିତ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ବନ୍ଧକ ଶ୍ରମିକ ବ୍ୟବସ୍ଥା (ଉଚ୍ଛେଦ) ଆଇନ, ୧୯୭୬ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କଟକ ସିଡବ୍ଲ୍ୟୁସି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ବହୁବିଭାଗୀୟ ସମନ୍ୱୟ ଓ ପ୍ରତିକ୍ରିୟା ବ୍ୟବସ୍ଥା ଉପରେ ଏକ ଅଧିବେଶନରେ ଆନ୍ତଃବିଭାଗୀୟ ସମନ୍ୱୟ, ରିପୋର୍ଟିଂ ବ୍ୟବସ୍ଥା ଓ ସର୍ବୋତମ ଅଭ୍ୟାସ ଉପରେ ଆଲୋକପାତ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଆୟୋଜିତ ଏହି ପ୍ରଶିକ୍ଷଣରେ ପ୍ରଶ୍ନୋତ୍ତର ଅଧିବେଶନ ମାଧ୍ୟମରେ ଏହି ଓରିଏଣ୍ଟେସନ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ, ପୋଲିସ, ମହିଳା ପରିଦର୍ଶିକା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପାରା ଲିଗାଲ ସ୍ୱେଚ୍ଛାସେବୀ, ଟାଟା ଷ୍ଟିଲ ଫାଉଣ୍ଡେସନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀ ଧନ୍ୟବାଦ ଦେଇଥିଲେ।

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ବର୍ଷା

@ ଗଣେଶ୍ୱର

@ ଗୌତମ

@ ରବିନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ

ଧର୍ମଶାଳା,୧୫।୨ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ ଜାରକାସ୍ଥିତ ସନସାଇନ୍ ପ୍ଲେ ସ୍କୁଲ୍ ପରିସରରେ ଶନିବାର ଅପରାହ୍ନରେ ପାଳିତ ହୋଇଯାଇଛି। ସାହିତ୍ୟ ସମାଜ ସଭାପତି କାହ୍ନୁଚରଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରବଚକ କାମଦେବ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଅଭିମନ୍ୟୁ ରିତି ଯୁଗର ଅନନ୍ୟ ପ୍ରତିଭାଧାର କବି ଥିଲେ। ବ୍ରହ୍ମବରଦା ଡିଗ୍ରୀ କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବାଦ ପତ୍ର ବିରଜା ଭୂମିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପତ୍ରିକା ସମ୍ପର୍କରେ ଗୋଲକ ଚନ୍ଦ୍ର ପଲେଇ ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ଧର୍ମଶାଳା ପ୍ରେସ୍‌କ୍ଲବର ପ୍ରତିଷ୍ଠାତା କୋଷାଧ୍ୟକ୍ଷ ପ୍ରେମଲତା ଜେନାଙ୍କ ବିୟୋଗରେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ ସମ୍ପାଦକୀୟ ସୂଚନା ଦେଇଥିବାବେଳେ କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ବିଜୟ କୁମାର ଦେବତା ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ନିରଞ୍ଜନ ସାହୁ ପ୍ରାରମ୍ଭିକ ସଂଗୀତ ଗାନ କରିଥିବାବେଳେ ଗଣେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।

ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ଧର୍ମଶାଳା ବ୍ଲକର ସ୍ୱାମୀ ବିବେକାନନ୍ଦ ଆଞ୍ଚଳିକ ଯୁବକ ସଙ୍ଘ ପକ୍ଷରୁ ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ବ୍ୟାସନଗର ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତୁତି

ବ୍ୟାସ ସରୋବର ମହୋତ୍ସବକୁ ନେଇ ବିବାଦ ଅଣାୟତ୍ତ

ଯାଜପୁର/ଯାଜପୁର ରୋଡ୍,୧୫।୨ (ହର୍ଷବର୍ଦ୍ଧନ ବେହେରା/ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସ ସରୋବର ମହୋତ୍ସବକୁ ନେଇ ପୌର ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ, କାଉନସିଲରଙ୍କ ମଧ୍ୟରେ ଲାଗିରହିଥିବା ବିବାଦ ଚରମସୀମାରେ ପହଞ୍ଚିଛି। ବ୍ୟାସନଗର ପୌରପରିଷଦ ଅଧ୍ୟକ୍ଷା ସଂଗୀତା ପିଙ୍ଗୁଆ କାଉନ୍‌ସିଲମାନଙ୍କୁ ଉପେକ୍ଷା କରି ମହୋତ୍ସବକୁ ଏକଚାଟିଆ ଭାବେ ପରିଚାଳନା କରୁଥିବାରୁ ଏହାର ଗାରିମା ହ୍ରାସ ପାଇଛି ବୋଲି ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ମୋଟ ୨୬ ଜଣ କାଉନ୍‌ସିଲରଙ୍କ ମଧ୍ୟରୁ ୨୪ଜଣ ମହୋତ୍ସବକୁ ବର୍ଜନ କରିଛନ୍ତି। ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଆସନ୍ତା ସୋମବାର ଜିଲାପାଳଙ୍କୁ ଭେଟିବୁ ବୋଲି ପୌର ପରିଷଦ ଉପାଧ୍ୟକ୍ଷ ସୁବାସ ବଳ କହିଛନ୍ତି।

ପୌରାଧ୍ୟକ୍ଷା ଏବଂ କାଉନସିଲରମାନଙ୍କ ମଧ୍ୟରେ ବିବାଦ ଯୋଗୁ ମହୋତ୍ସବ ଅନୁଷ୍ଠିତ ହେବାର ୮ ଦିନ ବିତି ଯାଇଥିଲେ ମଧ୍ୟ ନିମନ୍ତ୍ରିତ ଅତିଥିମାନେ ଯୋଗଦେଉ ନ ଥିବା କୁହାଯାଉଛି। ଅତିଥିମାନଙ୍କ ଅନୁପସ୍ଥିତି ଯୋଗୁ ମହୋତ୍ସବର ମାନ ହ୍ରାସ ପାଇଛି। ମହୋତ୍ସବ ପାଇଁ ପୌରବାସୀଙ୍କ ଟିକସ ଅର୍ଥରୁ ବିପୁଳ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଠିକ୍ ଭାବେ ହେଉନାହିଁ ବୋଲି ଅଭିଯୋଗ ହେଉଛି। ଫଳରେ ମଞ୍ଚ ସମ୍ମୁଖରେ ପଡ଼ିଥିବା ଚେୟାରଗୁଡ଼ିକ ଖାଲି ପଡୁଛି। ଶୁକ୍ରବାର ଅସନ୍ତୁଷ୍ଟ ସଂଖ୍ୟାଧିକ କାଉନ୍‌ସିଲର ଏକ ରୁଦ୍ଧଦ୍ୱାର ବୈଠକ କରି ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। ଉପାଧ୍ୟକ୍ଷ ବଳଙ୍କ ସହ ସଂଖ୍ୟାଧିକ କାଉନ୍‌ସିଲର ଅଧ୍ୟକ୍ଷା ପିଙ୍ଗୁଆଙ୍କୁ ଗାଦିଚ୍ୟୁତ କରିବା ପାଇଁ ଅନାସ୍ଥା ପ୍ରସ୍ତାବ ଆଣିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ମହୋତ୍ସବକୁ ଏକଚାଟିଆ ପରିଚାଳନା ଅଭିଯୋଗକୁ ଅଧ୍ୟକ୍ଷା ପିଙ୍ଗୁଆ ପୂର୍ବରୁ ଖଣ୍ଡନ କରିଆସିଛନ୍ତି। ସମସ୍ତ କାଉନ୍‌ସିଲରଙ୍କ ଅବଗତିରେ ମହୋତ୍ସବ ହେଉଥିବା ସେ କହିଥିଲେ। ତେବେ ତାଙ୍କ ବିରୋଧରେ ଆଗତ ହେବାକୁଥିବା ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ମତାମତ ପାଇଁ ତାଙ୍କୁ ଶନିବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ମିଳିପାରିନାହିଁ।

୨ ଦୋକାନରୁ ଚୋରି ଅଭିଯୋଗ

ପାଣିକୋଇଲି,୧୫।୨ (ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ମାଳଆନନ୍ଦପୁର ପଞ୍ଚାୟତ ମାଧପୁର ଗ୍ରାମରେ ଥିବା ଦୁଇଟି ତେଜରାତି ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି କରିଥିବା ୨ ଦୋକାନୀ ମାଲିକ କାର୍ତ୍ତିକ ସାହୁ ଓ ଯଦୁମଣୀ ମହାନ୍ତି ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ରାତିରେ ୨ ଦୋକାନୀ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଶନିବାର ସକାଳୁ ଆସି ଦେଖିବା ବେଳକୁ ଦୋକାନ ତାଲା ଭଙ୍ଗାଯାଇ ଚୋରି ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

ଜେନାପୁର,୧୫।୨ (ଅଶୋକ ଦାସ):

ଧର୍ମଶାଳା ବ୍ଲକ ଅଙ୍ଗିରା ପଞ୍ଚାୟତ ଗୋଡ଼ିପାଟିଆ ଗ୍ରାମର ଗୁରୁକୃପା ଆଶ୍ରମ ଓ ଅଧିଷ୍ଠାତା ରାମେଶ୍ୱର ମହାଦେବଙ୍କ ଦ୍ୱାଦଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଆଧ୍ୟାତ୍ମିକ ଉତ୍ସେଷ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବ ୯ଦିନ ଧରି ଚାଲିଥିଲା। ବ୍ରହ୍ମଲୀନ ସଙ୍ଘ ଶିରୋମଣି ସ୍ୱାମୀ ମୌନାନନ୍ଦ ସରସ୍ୱତୀ ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ ଉକ୍ତ ଆଶ୍ରମରେ ଏହି ଉପଲକ୍ଷେ ବିଭିନ୍ନ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଶ୍ରମର ସ୍ୱାମୀଜୀ ଜ୍ଞାନାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବାବା ବିଚିତ୍ରାନନ୍ଦ ଦାସ ପରିଚାଳନା କରିଥିଲେ। ୭ ଦିନ ଧରି ଶ୍ରୀମଦ ଭାଗବତ ପାରାୟାଣ, ବିଶ୍ୱଶାନ୍ତି ଗୀତା ମହାଯଜ୍ଞ, ଅନ୍ନଯଜ୍ଞ, ସୂର୍ଯ୍ୟ ପୂଜା, ଗୋପୂଜା, ଅଙ୍କୁରାରୋପଣ, ସଙ୍ଘ ପୂଜନ, ଭଜନ କୀର୍ତ୍ତନ ସହିତ ମହାଦେବ ରାମେଶ୍ୱରଙ୍କ ଜଳାଭିଷେକ ଓ ରୁଦ୍ରାଭିଷେକ ସମ୍ପନ୍ନ ହୋଇଥିଲା। ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଅମରପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାଯଜ୍ଞର ପୂର୍ଣ୍ଣାହୁତିରେ ଆହୁତି ପ୍ରଦାନ କରିଥିଲେ। ବାବା ଜ୍ଞାନାନନ୍ଦ ସରସ୍ୱତୀ, ଛତିଆ ଉଦାସ ଆଶ୍ରମର ସ୍ୱାମୀ ଦିବ୍ୟଲୋଚନ ମହାରାଜ, ବାବା ପର୍ଶୁରାମ ଦାସ ମହାରାଜ, ନାଟ୍ୟ ନିର୍ଦ୍ଦେଶକ ଟଙ୍କଧର ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାମୀ ଦିବ୍ୟଲୋଚନ ଓ ପଣ୍ଡିତ ଶାନ୍ତନୁ ମିଶ୍ରଙ୍କୁ ସମର୍ଦ୍ଧିତ କରାଯାଇଥିଲା। ଆନନ୍ଦ ଚନ୍ଦ୍ର ବେହେରା, ପୁପୁନ ସାହୁ, ମନୋଜ ରାଉତ ଏବଂ ପ୍ରଭାକର ଭଞ୍ଜଙ୍କୁ ଶ୍ରେଷ୍ଠ ସେବକ ଭାବେ ସମ୍ମାନିତ କରାଯାଇଥିଲା। ଗୋଡ଼ିପାଟିଆ ଜଗନ୍ନାଥ ଦେଶମ ଯୁବ ନାଟ୍ୟ ପରିଷଦ ଆନୁକୂଲ୍ୟରେ ଦୁଇଦିନ ଧରି ଯାତ୍ରା ଓ ଆଧ୍ୟାତ୍ମିକ ନୃତ୍ୟଧାରା ପରିବେଷଣ ହୋଇଥିଲା। ଗଣେଶ୍ୱର ପଣ୍ଡା, ଦିଙ୍ଗବର ସାହୁ, ଶିବପ୍ରସାଦ ପଣ୍ଡା, ଗୋପାଳ ରାଉତ, ରବୀନ୍ଦ୍ର ସ୍ୱାଇଁ, ପ୍ରଫୁଲ ସାହୁ, ଅଭିଷେକ ପଣ୍ଡା, କୃଷ୍ଣଚନ୍ଦ୍ର ଦାସ, ସହଦେବ ସାହୁ, ମହେଶ୍ୱର ପଣ୍ଡା, ରାମଚନ୍ଦ୍ର ରାଉତ, ଅରବିନ୍ଦ ପଣ୍ଡା, ଆନନ୍ଦ ବେହେରା, ରଞ୍ଜନ ବେହେରା, ପୀତବାସ ସାହୁ, ରାମଚନ୍ଦ୍ର ବାରିକ, ଧ୍ରୁବାନନ୍ଦ ରାଉତ ଓ ମହେଶ୍ୱର ପଣ୍ଡାଙ୍କ ସମେତ ଆଶ୍ରମ ସେବକ ମଣ୍ଡଳୀର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

୨୨ରେ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ

ବ୍ରହ୍ମବରଦା,୧୫।୨ (ଯାଯାତି କେଶରୀ ବେହେରା): ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ରୁହାନି ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ଆନ୍ତଃରାଜ୍ୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ବ୍ରହ୍ମବରଦା ବ୍ୟାଙ୍କ ଛକସ୍ଥିତ ମୁସେରା ପଡ଼ିଆଠାରେ ୨୨ ତାରିଖ ଶନିବାର ଅପରାହ୍ନ ୩ଟାରୁ ଆରମ୍ଭ ହୋଇ ରାତି ୧୧ଘଟିକା ପର୍ଯ୍ୟନ୍ତ ଚାଲିବ। ଏନେଇ କ୍ଲବ୍ ସଭାପତି ସେକ୍ କମରୁଲଙ୍କ ସଭାପତିତ୍ୱରେ ଶନିବାର ଇସଲାମନଗର ସ୍ଥିତ ମେୱାଅଫିସ ପରିସରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ କର୍ନାଟକର ବେଙ୍ଗାଲୁରୁ ସ୍ପୋର୍ଟ୍ସ କ୍ଲବ, ହଟିୟାଣା ସ୍ପାଏକର୍ସ, ପଶ୍ଚିମବଙ୍ଗର କୋଲକାତା ପୋଲିସ ଏବଂ ଓଡ଼ିଶାର ଇସଲାମିଆ କ୍ଲବ୍ ଦଳ ଯୋଗଦେବା ନେଇ କ୍ଲବ୍ ସମ୍ପାଦକ ଲୁଲଫୁକର ଅଲ୍ଲି ସୂଚନା ପ୍ରଦାନ କରିଛନ୍ତି। ଅତିଥିଭାବେ ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବରୀ ଭାଜପା ନେତା ଉମେଶ ଜେନା ଯୋଗ ଦେବାନେଇ କ୍ଲବ୍ ସମ୍ପାଦକ ସୂଚନା ଦେଇଛନ୍ତି। ବୈଠକରେ ଉପସଭାପତି ଅନୱର ଖାଁ, ସହସମ୍ପାଦକ ସଫିଆଲାମ ଖାଁ, ଯୁବନେତା ରାକେଶ ଦେଓ, ପ୍ରଦୀପ ଦାସ, ସେକ୍ ଜାଇରୁଲ ଓ ଅମିୟ ପରିଡ଼ାଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

ଜିଲାସ୍ତରୀୟ ସ୍କାଉଟ୍, ଗାଇଡ୍ କ୍ୟାମ୍ପୋରୀ ଉଦ୍‌ଘାଟିତ

ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଯାଜପୁର ଟାଉନ,୧୫।୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ସ୍କାଉଟ୍ ଗାଇଡ କ୍ୟାମ୍ପୋରୀ–୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଭାରତ ସ୍କାଉଟ୍ ଗାଇଡର ମୁଖ୍ୟ କମିଶନର ତଥା ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ସଭାପତିତ୍ୱ କରିଥିଲେ। ଜିଲା ସ୍କାଉଟ୍ ଏବଂ ଗାଇଡ ସମ୍ପାଦକ ସସ୍ମୁନାଥ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଜିଲା ଗାଇଡ କମିଶନର ତଥା ଯାଜପୁର ମଣ୍ଡଳ ଶିକ୍ଷାଧିକାରୀ ସ୍ମୃତିରେଖା ନାୟକ, ଜିଲା କମିଶନର ତଥା ଜିଲା ସ୍କୁଲର ପ୍ରଧାନଶିକ୍ଷକ ଆଲୋକ ବନ୍ଧ, ଜିଲା କମିଶନର ସ୍କାଉଟ୍ ରବି ପ୍ରସାଦ ସାମଲ, ଜିଲା ମୁଖ୍ୟାଳୟ କମିଶନର ବିଶ୍ୱମ୍ଭର ମିଶ୍ର, ମିହିର ରଞ୍ଜନ ନାୟକ ଉପସ୍ଥିତ ଥିଲେ। ଜହିରୁଦ୍ଦିନ୍ ଖାଁ, ଉପେନ୍ଦ୍ର ବେହେରା, ଜିଲା ସଂଯୋଜକ ଅବିନାଶ ଖୁଣ୍ଟିଆ ଏବଂ ନିରଞ୍ଜନ ଶତପଥୀ ସଭା ପରିଚାଳନା କରିଥିଲେ। ଉତ୍ସବରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନଶିକ୍ଷକ, ୫୨ ସ୍କାଉଟ୍ ମାଷ୍ଟର ଓ ଗାଇଡ ଏବଂ ୬୫୨ ସ୍କାଉଟ୍ ଓ ଗାଇଡସ୍ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ପ୍ରହସନ ପାଲଟିଛି ନିଯୁକ୍ତି ମେଳା

ପଟ୍ଟାମୁଣ୍ଡାଇ,୧୫।୨(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ଆଶାୟୀ ଛାତ୍ରୀଛାତ୍ରଙ୍କଠାରୁ ମହିଳାଙ୍କ ସଂଖ୍ୟା ଅଧିକ।

ରାଜ୍ୟ ସରକାର ଯୁବତୀଯୁବକଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନା କରିଛନ୍ତି । ଯୁବତୀଯୁବକଙ୍କୁ ଦକ୍ଷତାସମ୍ପନ୍ନ କରି ରୋଜଗାରକ୍ଷମ କରାଇବା ପାଇଁ ସରକାର ସ୍କିଲ୍ ଡେଭଲପମେଣ୍ଟ ପ୍ରାଧିକରଣ ଗଠନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ଶତାଧିକ ଯୁବତୀଯୁବକମାନଙ୍କୁ ରୋଜଗାର ଯୋଗାଇ ଦେଇଥିବା ନେଇ ସରକାର ଡିଣ୍ଡିମ ପିଟୁଛନ୍ତି । ହେଲେ ଶନିବାର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ଅବ୍ୟବସ୍ଥା ନଜରକୁ ଆସିଛି। ମେଳା ସମ୍ପର୍କରେ ଅଧିକାଂଶ ବେକାର ଯୁବତୀଯୁବକ ଜାଣି ପାରି ନ ଥିବା ଅଭିଯୋଗ ହୋଇଛି। ବ୍ଲକ ପ୍ରଶାସନ ତରଫରୁ ଏ ସଂକ୍ରାନ୍ତରେ ଠିକ୍ ଢଙ୍ଗରେ ପ୍ରଚାରପ୍ରସାର କରାଯାଇ ନ ଥିବାରୁ ବହୁ ବେକାର ଯୁବତୀଯୁବକ ଆସିପାରି ନ ଥିବା ଯୋଗୁ ସରକାରଙ୍କ ନିଯୁକ୍ତି ଯୋଜନା ବାଟବଣା ହେଉଛି। ଅଧିକାରୀମାନଙ୍କ ଖାମଖିଆଲ ନୀତି ଯୋଗୁ ଏହାର ସଫଳ ରୂପାୟନ ହୋଇ ପାରୁନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ, ଓଡ଼ିଶା ସରକାର ଦକ୍ଷତା ବିକାଶ ପ୍ରାଧିକରଣ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଆୟୋଜନ କରାଯାଇଛି ।

ପ୍ରଚାର, ପ୍ରସାର ଅଭାବରୁ ଆଶାୟୀ ନିରାଶ

ଏହି ମେଳାରେ ୯ କମ୍ପାନୀ ଯୋଗ ଦେଇ ୧୮ରୁ ୩୫ ବର୍ଷ ଯୁବତୀଯୁବକଙ୍କୁ ସେମାନଙ୍କ କମ୍ପାନୀରେ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ । ଏହି ମେଳାରେ ବେକାର ଯୁବତୀଯୁବକଙ୍କ ଅନୁପସ୍ଥିତି ବାରି ହୋଇପଡ଼ିଥିଲା। କେବଳ ସେତିକି ନୁହେଁ, ମେଳାରେ ଯୋଗ ଦେଇଥିବା ଯୁବତୀଯୁବକଙ୍କୁ କେବଳ ନିଯୁକ୍ତି ଦେବାର ପ୍ରଲୋଭନ ଦେଖାଇ ପରବର୍ତ୍ତୀ ସମୟରେ ନିରାଶ କରାଯାଉଥିବା କେତେଜଣ ଯୁବତୀ ଅଭିଯୋଗ କରିଛନ୍ତି । ଯେଉଁ କମ୍ପାନୀଗୁଡ଼ିକ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଉଛନ୍ତି ପରବର୍ତ୍ତୀ ଅବସ୍ଥାରେ ବେକାର ଯୁବତୀଯୁବକଙ୍କୁ ଠକୁଥିବା ଅଭିଯୋଗ ଉଠିଛି। ଏଥିସହିତ ମେଳା ଆୟୋଜନ ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଅବଗତ କରାଯାଉ ନ ଥିବା ବେଳେ ବ୍ଲକର ନିର୍ବାଚିତ ପ୍ରତିନିଧି ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲା କୌଶଳ ବିକାଶ ସଂଯୋଜକ ପ୍ରକାଶ ସେଠୀଙ୍କୁ ପଚାରିବାରୁ ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଗତ ୫ ତାରିଖରେ ହେବା ପାଇଁ ପ୍ରଚାର କରାଯାଇଥିଲା । ମାତ୍ର ସେଦିନ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ବ୍ଲକ ପରିସରରେ ଅନୁଷ୍ଠିତ ହେବାରୁ ନିଯୁକ୍ତ ମେଳାକୁ ଶନିବାର କରିବାକୁ ସ୍ଥିର କରାଯାଇଛି । ତଥାପି ୩ ଶହରୁ ଊର୍ଦ୍ଧ୍ୱ ଯୁବତୀ ଅଂଶଗ୍ରହଣ କରିଥିଲେ ବୋଲି ସେ କହିଛନ୍ତି । ମାତ୍ର ମେଳା ସ୍ଥାନରେ ବେକାରି ଯୁବତୀଯୁବକଙ୍କ ଅନୁପସ୍ଥିତି ବାରି ହୋଇ ପଡିଥିବା ବେଳେ ମିଟିଂ ହଲ୍‌ରେ ଅଧିକାଂଶ ମହିଳା କେତେଜଣ ଯୁବତୀ ଥିବାର ଦେଖିବାକୁ ମିଳିଥିଲା ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

@ ବର୍ଷା


@ ଗଣେଶ୍ୱର

@ ଗୌତମ

@ ରବିନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଦୋକାନ ଘରେ ଶଟର ପକାଇ ଆମରଣ ଅନଶନ

କ୍ରୀଡ଼ାମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଉଦ୍ଧାର ହେଲେ ଯୁବକ

ପଟ୍ଟାମୁଣ୍ଡାଇ,୧୫।୨(କଳ୍ପତରୁ ନାୟକ)

ରାସ୍ତା କାମରେ ଅନିୟମିତତା ପ୍ରତିବାଦରେ ଜଣେ ଯୁବକ ନିଜ ଜନସେବା କେନ୍ଦ୍ର ବନ୍ଦ କରି ତା'ଭିତରେ ଆମରଣ ଅନଶନରେ ବସିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । କ୍ରୀଡାମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ତାଙ୍କୁ ସ୍ଥାନୀୟ ତହସିଲଦାର ଉଦ୍ଧାର କରିଛନ୍ତି ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମାଳିପୁର–ଶାସନ କେନାଲ ରାସ୍ତା ନିର୍ମାଣ କାମରେ ହେଉଥିବା ଅନିୟମିତତା ପ୍ରତିବାଦରେ ଏକ ସାମାଜିକ ସଙ୍ଗଠନର ସଭାପତି ନିଜ ଦୋକାନ ଘରେ ଶଟର ପକାଇ ଆମରଣ ଅନଶନରେ ବସିଥିଲେ । ଅନଶନରେ ଥିବା ବେଳେ ସେ ନିଜେ ତାଙ୍କ ଫେସ୍‌ବୁକରେ ଏକ ଭିଡିଓ ଜାରି କରି ଜଳସମ୍ପଦ ବିଭାଗ ଏସ୍‌ଡିଓଙ୍କୁ ବିରୋଧ କରିଥିଲେ । ଏନେଇ ସେ ବାରମ୍ବାର ଏସଡିଓଙ୍କୁ ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ଶାସକ ଦଳକୁ ବଦନାମ କରିବାକୁ ଏହା ଏକ ଷଡଯନ୍ତ୍ର ହୋଇଥିବାରୁ ସେ ବାଧ ହୋଇ ଏଭଳି ଚରମ ପଦକ୍ଷେପ ନେଇଥିବା ସେ ଭିଡିଓରେ କହିଛନ୍ତି । ଯଦି ସେ ସଚ୍ଚୋଟରେ ଥିବେ ତାଙ୍କର ଜୟ ନିଶ୍ଚୟ ହେବ, ନଚେତ ଶଟର ତାଡି ମୃତଦେହ ବାହାର କରିବା କଥା ମଧ୍ୟ ଫେସବୁକ ସୋସିଆଲ ମିଡିଆରେ କହିଥିଲେ । ଏ ସଂକ୍ରାନ୍ତରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଜାଣି ଶନିବାର କେନ୍ଦ୍ରାପଡା ଜିଲାପାଳଙ୍କୁ ଅବଗତ କରାଇଥିଲେ । ଏନେଇ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ସ୍ଥାନୀୟ ତହସିଲଦାର ପଞ୍ଚାନନ ନାୟକଙ୍କୁ ଘଟଣାସ୍ଥଳକୁ ପଠାଇ ସମସ୍ୟା ସମ୍ପର୍କରେ ଆଲୋଚନା କରି ତୁରନ୍ତ ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଅନଶନକାରୀ ଆମରଣ ଅନଶନରୁ ଓହରିଥିଲେ ବୋଲି ତହସିଲଦାର ନାୟକ କହିଛନ୍ତି ।

୧୦ଲକ୍ଷ ଟଙ୍କାର ଧାନ ଜଳିଗଲା

ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରୁଛନ୍ତି।

ଆଳି,୧୫।୨(ବନମାଳୀ ସେନାପତି)

୧୫ ଗଦା ଧାନ ଭସ୍ମିଭୂତ

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ ମିଲତନଗର ଗ୍ରାମରେ ଶନିବାର ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟି ପ୍ରାୟ ୧୦ ଲକ୍ଷ ଟଙ୍କାର ଧାନ ଜଳିପୋଡ଼ି ପାଉଁଶ ହୋଇଯାଇଛି । ଏଥିରେ ୧୫ ଧାନଗଦା କ୍ଷତିଗ୍ରସ୍ତ ହୋଇଛି।

ସୂଚନା ଅନୁଯାୟୀ, ମିଲତନଗର ଗ୍ରାମର ମଜିଦ ଖାନ, ସେକ ନବାବ, ସେକ ନିୟାମଦ, ସେକ ଆସମତ, ସେକ ଚାନ୍ଦା, ସେକ ରସିଦ, ସେକ ଇସମାଇଲ, ସେକ ନବି ପ୍ରମୁଖ ଚାଷୀମାନେ ବିଲରୁ ଧାନ ଆଣି ଘର ନିକଟରେ ଥିବା ଖଳାରେ ଧାନ ଗଦା ମାରିଥିଲେ । ଶନିବାର ଅପରାହ୍ନ ପ୍ରାୟ ୨ଟା ସମୟରେ ହଠାତ ଧାନଖଳାରେ ନିଆଁ ଲାଗି ଯାଇଥିଲା। ନିଆଁ ଲିଭାଇବା ନିମନ୍ତେ ଗ୍ରାମବାସୀ ଚେଷ୍ଟା କରିବା ସହ ଦମକଳକୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିବାକୁ ଉଦ୍ୟମ କରି ନାକେଦମ ହୋଇଥିଲେ । ବହୁ କଷ୍ଟରେ ନିଆଁ ଲିଭିଥିଲା । ଏହି ନିଆଁରେ ପ୍ରାୟ ୧୫ ଧାନଗଦା ସମ୍ପୂର୍ଣ୍ଣ ପୋଡି ଯାଇଛି । ଆଖି ସାମ୍ନାରେ ଧାନ ଜଳିଯିବା ଦେଖି ଚାଷୀମାନେ ଭୋଭୋ ହୋଇ କାନ୍ଦି ଭୂଇଁରେ ଲୋଟି ପଡ଼ିଥିଲେ । ବର୍ଷକର ଦାନା ନିଆଁର କରାଳ ଆଁରେ ଜଳିଯିବା ପରେ କେମିତି ଚଳିବେ, କେମିତି ଋଣ ସୁଝିବେ ସେ ନେଇ ଚାଷୀମାନେ ଭାଙ୍ଗି ପଡିଛନ୍ତି । ଖବର ପାଇ ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ପହଞ୍ଚିବା ସହ ରାଜସ୍ୱ ନିରୀକ୍ଷକଙ୍କୁ ଡାକି କ୍ଷୟକ୍ଷତି ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରାୟ ୫୦ ଏକର ଜମିରେ ହୋଇଥିବା ଏହି ଫସଲର ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି । ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ସାନଭାଇ କଟୁରି ଚୋଟରେ ବଡ଼ଭାଇ ଗୁରୁତର

ମହାକାଳପଡ଼ା,୧୫।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆ ପାଳ ସାମୁଦ୍ରିକ ଥାନା ଅଧୀନ ସୁଗୋଲ ଗ୍ରାମରେ ଶନିବାର ଜମିବାଡ଼ିକୁ କେନ୍ଦ୍ରକରି ୨ଭାଇଙ୍କ ମଧ୍ୟରେ ହଣାକଟା ହୋଇଛି । ସାନଭାଇଙ୍କ କଟୁରୀ ଚୋଟରେ ବଡ଼ ଭାଇ ଗୁରୁତର ହୋଇଛନ୍ତି । ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ସାନଭାଇଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି । ସୂଚନା ଅନଯାୟୀ, ଗଣେଶ୍ୱର ସ୍ୱାଇଁଙ୍କ ସାନ ପୁଅ ଜୟରଥ ଏକ କଟୁରୀରେ ବଡ଼ଭାଇ ଜୟନ୍ତଙ୍କୁ ଅଚାନକ ଆକ୍ରମଣ କରିଥିଲେ। ଏଥିରେ ଜୟନ୍ତଙ୍କ ଛାତି ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସାମୁଦ୍ରିକ ଥାନା ପୋଲିସ ମାରଣାସ୍ତ୍ର ଜବତ ସହ ସାନଭାଇ ଜୟରଥଙ୍କୁ ଥାନାରେ ଅଟକ ରଖିଛି ।

ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର, ଅଭିଯୁକ୍ତ ଗିରଫ

ରାଜନଗର,୧୫।୨(ଭାସ୍କର ରାଉତରାୟ)

ରାଜନଗର ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଅପହରଣ ପରେ ବଳତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ରାଜନଗର ଥାନାରେ ଏକ ମାମଲା(ନଂ.୪୬/୨୫) ରୁଜୁ ହୋଇଛି। ଏହି ଘଟଣାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମରୁ ଅଭିଯୁକ୍ତ ପ୍ରମୋଦ ମଳିକଙ୍କୁ ପୋଲିସ ଗିରଫ କରିଛି। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ଓ ବୟାନ ରେକର୍ଡ ହୋଇଛି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗକାରୀ ତାଙ୍କ ନାବାଳିକା ଭାଣିଜୀଙ୍କୁ ପ୍ରମୋଦ ଅପହରଣ ଓ ବଳାତ୍କାର କରିଥିବା ଅଭିଯୋଗ କରିଥିଲେ ।

ନଦୀପଠାରୁ ୧୯ ହାଇୱା, ୨ ପୋକଲିନ ଜବତ

ଜବତ ହୋଇଥିବା ହାଇୱା ଏବଂ ପୋକ୍‌ଲିନ୍।

ପାଟକୁରା,୧୫।୨(ରବୀନ୍ଦ୍ର ନାଥ ବାରିକ)

ଶୁକ୍ରବାର ରାତିରେ ଗରଦପୁର ତହସିଲ ଅଧୀନ ପଦ୍ମପୁର ଗ୍ରାମପଞ୍ଚାୟତର ବିଚଣା ଚିତ୍ରୋତ୍ପଳା ନଦୀପଠାରୁ ୧୯ ହାଇୱା ଓ ୨ ପୋକଲିନକୁ ଜବତ କରାଯାଇଛି । କେନ୍ଦ୍ରାପଡ଼ା ଉପଜିଲାପାଳ, ଗରଦପୁର ତହସିଲଦାର, ଜିଲା ମାଇନିଂ ଅଧିକାରୀ ଓ ପାଟକୁରା ଥାନାର ମିଳିତ ଚଢ଼ାଉରେ ଗାଡିଗୁଡିକୁ ଜବତ କରାଯାଇଛି । କ୍ଷ ଚିତ୍ରୋତ୍ପଳା ନଦୀର ବିଚଣା ନଦୀ ଘାଟରୁ ବେଆଇନ ଭାବେ ବାଲି ଉଠାଇବାକୁ ଏହି ଗାଡ଼ିଗୁଡିକ ଆସିଥିବା ଅଭିଯୋଗ ହୋଇଛି । ସରକାରୀସ୍ତରରେ ବିଚଣା ନଦୀ ବାଲିଘାଟ ନିଲାମ ହୋଇନାହିଁ ବୋଲି ଗରଦପୁର ତହସିଲଦାର ତୃପ୍ତି ଦାଶ ସୂଚନା ଦେଇଛନ୍ତି । ବାଲି ଘାଟ ନିଲାମ ହୋଇ ନ ଥିବା ସତ୍ତ୍ୱେ ଏଠାରେ ବେଆଇନ ଭାବେ ବାଲି ଉଠୁଥିବା ଅଭିଯୋଗ ହୋଇଆସୁଛି ବୋଲି ଜିଲା ମାଇନିଂ ଅଧିକାରୀ ରଞ୍ଜିତ ବେହେରା କହିଛନ୍ତି । ଉପଜିଲାପାଳ, ତହସିଲଦାର, ପାଟକୁରା ଥାନା ଓ ମାଇନିଂ ବିଭାଗର ମିଳିତ ଉଦ୍ୟମରେ ଅତର୍କିତ ଭାବେ ଚଢ଼ାଉ କରାଯିବାରୁ ଗାଡିଗୁଡିକ ଜବତ କରିହେଲା ବୋଲି ଜିଲ୍ଲା ମାଇନିଙ୍ଗ ଅଧିକାରୀ ରଂଜିତ କୁମାର ବେହେରା ସୂଚନା ଦେଇଛନ୍ତି ।

ଭିତରକନିକାରେ ମଧୁର ଜଳ ସଙ୍କଟ

କେନ୍ଦ୍ରାପଡ଼ା,୧୫।୨(ଜଗନ୍ନାଥ ଧଳ)

ଫେବୃଆରୀ ଆରମ୍ଭରୁ ମହାନଦୀରେ ଜଳସଙ୍କଟ ଦେଖାଦେଇଛି । କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ନଦୀନାଳ ଜଳ ସ୍ରୋତ ସର୍ବନିମ୍ନ ସ୍ତରକୁ ଖସିଛି । ଖାଖା ନାଳ, ଯୋର, କେନାଲରେ ଏବେ ପାଣି ନାହିଁ । ଆଗାମୀ ଦିନରେ ଶେଷ ମୁଣ୍ଡରେ ଥିବା ଜାତୀୟ ଉଦ୍ୟାନ ଭିତରକନିକାରେ ମଧୁର ଜଳ ସଙ୍କଟ ଦେଖାଯିବ ବୋଲି ପରିବେଶବିତ୍‌ମାନେ ଆଲୋଚନା ଆରମ୍ଭ କରି ଦେଇଛନ୍ତି । ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଶିକ୍ଷାବିତ୍ ଭୁବନମୋହନ ଜେନା, ଅଧ୍ୟାପକ କ୍ଷିତିଶ କୁମାର ସିଂହ, ସାମାଜିକ କର୍ମୀ ସଞ୍ଜୟ ବେହୁରା, ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ କୁମାର ବେହେରା କୁହନ୍ତି, ମଧୁର ଜଳ ଅଭାବ ହେନ୍ତାଳବଣ ନଷ୍ଟର କାରଣ ହେବ । ଭିତରକନିକାର ପ୍ରାକୃତିକ ବିଭବ ବିଶ୍ୱସ୍ତରର ଆକର୍ଷଣ । ଏହି ବିଭବକୁ ଋଦ୍ଧିମନ୍ତ ପାଇଁ ମହାନଦୀ, ବୈତରଣୀ ଓ ବ୍ରାହ୍ମଣୀ ସିଷ୍ଟମ୍‌ରେ ଥିବା କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ନଦୀ ମଧୁର ଜଳ ଯୋଗାଇଥାଏ । ୬୦ ପ୍ରତିଶତ ଲୁଣା ଓ ୪୦ ପ୍ରତିଶତ ମଧୁର ଜଳର ମିଶ୍ରଣ ଅଞ୍ଚଳରେ ସାଧାରଣରେ ହେନ୍ତାଳବଣ ସୃଷ୍ଟି ହୋଇଥାଏ । ମଧୁର ଜଳ ନ ଥିବାରୁ ସମୁଦ୍ର ତଟରେ କେବଳ ଝାଉଁବଣ ଦେଖିବାକୁ ମିଳେ । ରାଜ୍ୟରେ ୪୮୦ କିମି ଲମ୍ବର ତଟାଞ୍ଚଳରେ ମୋଟ ୨୨୨ ବର୍ଗକିମି ଘଞ୍ଚ ହେନ୍ତାଳବଣ ଥିବାବେଳେ କେନ୍ଦ୍ରାପଡ଼ା ଜିଲାର ମାତ୍ର ୪୮ କିମି ତଟାଞ୍ଚଳରେ ସର୍ବାଧିକ ୧୮୩ ବର୍ଗକିମି ଏହି ବଣ ଅଛି । ତେବେ ଭିତରକନିକାକୁ ମଧୁର ଜଳ ଯୋଗାଉଥିବା ୩ ସିଷ୍ଟମ୍ ଏବେ ଅକାମୀ ହେବାକୁ ଯାଉଛି । ଛତିଶଗଡ ରାଜ୍ୟରେ ବନ୍ଧ ନିର୍ମାଣ ପରେ ଜଳକୁ ନେଇ ଓଡ଼ିଶା ସରକାରଙ୍କ ସହିତ ଦ୍ୱନ୍ଦ୍ୱ ଦେଖାଯାଇଛି ।

- ବଢ଼ୁଛି ପାନୀୟଜଳ ପ୍ରକଳ୍ପ, ହେଉଁନାହିଁ ସର୍ଭେ
- ଜାତୀୟ ଉଦ୍ୟାନକୁ ୩ ନଦୀ ସିଷ୍ଟମ୍ କାମ କରିବନି
- ମହାନଦୀ ଓ ବୈତରଣୀର ମଧୁର ଜଳ ପହଞ୍ଚୁନାହିଁ

ଜଳ ସ୍ରୋତ ମହାନଦୀରେ କମୁଛି । ଏହି ସମୟରେ ମୁଣ୍ଡଳୀଠାରୁ ପାଣି ଉଠାଯିବା ବ୍ୟବସ୍ଥା କରାଯାଇଛି । ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ସନ୍ତରାଠାରେ ମହାନଦୀ ପାଣିକୁ ରୋକା ଯାଇ କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ହେବାକୁ ଯାଉଛି । ଏହି ବ୍ୟାରେଜରୁ ଉଦ୍‌ବୃତ୍ତ ଜଳ କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ୨୦୦ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ୨ଟି ମେଗା ପ୍ରକଳ୍ପ ନିର୍ମାଣାଧୀନ ଅଛି। ଏହାବ୍ୟତୀତ ମହାନଦୀ ଜଳକୁ ଶିଳ୍ପ ଓ ବହୁ ପାନୀୟ ପ୍ରକଳ୍ପ ସହିତ ଯୋଡାଯାଇଛି । ଫଳରେ ମହାନଦୀ ଓ ଏହା ସିଷ୍ଟମ୍‌ରେ ଥିବା ଜିଲାର ବିରୂପା, ଚିତ୍ରୋତ୍ପଳା, ଲୁଣା, କରାଣ୍ଡିଆ ଆଦି ନଦୀ ଓ କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ କେନାଲରେ ଜଳାଭାବ ଦେଖାଯିବ । ତଳମୁଣ୍ଡରେ ଥିବା ଭିତରକନିକାକୁ ଏହାର ପାଣି ପହଞ୍ଚିବା ଆଶା ରହିବ ନାହିଁ । ସେହିପରି ଶିଳ୍ପ ଓ ବ୍ୟାରେଜ ପାଇଁ ବୈତରଣୀର ମଧୁର ଜଳ ଭିତରକନିକାକୁ ପହଞ୍ଚୁ ନାହିଁ । ଫଳରେ ବୈତରଣୀ ନଦୀକୁ ପାରକରି ଖରସ୍ରୋତାରୁ ପାଣି ଉଠାଇ ଭଦ୍ରକ ଜିଲାକୁ ନିଆଯାଉଛି । ଭିତରକନିକାକୁ ବର୍ଷା ଦିନ ବ୍ୟତୀତ ବ୍ରାହ୍ମଣୀ ନଦୀ ମାଧ୍ୟମରେ ଖରାଦିନେ ପାଣି ପହଞ୍ଚୁଥିଲା । ସମ୍ପ୍ରତି ବ୍ରାହ୍ମଣୀ ନଦୀ ଓ ଖରସ୍ରୋତା ନଦୀ ଜଳ ଉପରେ ଏବେ ବହୁ ପାନୀୟ ଜଳ ପ୍ରକଳ୍ପ ସହିତ ବାହାର ଜିଲାର ଶିଳ୍ପକୁ ପାଣି ଯୋଗାଯାଉଛି । ପରିସ୍ଥିତି ଏପରି ହୋଇଛି ଯେ, ବୈତରଣୀ ଓ ମହାନଦୀ ସିଷ୍ଟମରେ ଥିବା ନଦୀନାଳକୁ ସମୁଦ୍ରର ଲୁଣି ଜଳ ମାଡିଆସିଲାଣି । ହେନ୍ତାଳବଣର ସୁରକ୍ଷା ପାଇଁ ନଦୀର ଜଳ ସମୁଦ୍ର ପର୍ଯ୍ୟନ୍ତ ପହଞ୍ଚିବା ଆବଶ୍ୟକ । ଏଥିନେଇ କୌଣସି ଯୋଜନା କାର୍ଯ୍ୟକାରୀ ହୋଇନାହିଁ । ଅପରପକ୍ଷେ ମଧୁର ଜଳର ପରିମାଣ ସମ୍ପର୍କରେ ଏପର୍ଯ୍ୟନ୍ତ ଅନୁଧ୍ୟାନ ବା ସର୍ଭେ ହେଉ ନ ଥିବା ଏହି ଆର୍ଦ୍ରଭୂମି ପ୍ରତି ବିପଦ ସୃଷ୍ଟି କରିଛି । ସେହିପରି ବିଭିନ୍ନ ସ୍ଥାନରେ ମେଗା ପ୍ରକଳ୍ପ ପରେ ଜାତୀୟ ଉଦ୍ୟାନର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କମିଟିର ରିପୋର୍ଟ କେବେ ଆସିବ ବୋଲି ସେମାନେ ପ୍ରଶ୍ନ ପଚାରିଛନ୍ତି ।

୪ ଗୋରୁ ଜୀବନ୍ତ ଦଗ୍ଧ

ଘରେ ନିଆଁ ଲଗାଇ ଦେଲେ ପଡ଼ୋଶୀ

ରାଜକନିକା,୧୫।୨(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅଧୀନ କୋଇଲିପୁର ପଞ୍ଚାୟତର ଲୁହାରମୁହିଁ ଗାଁର ୱାଜିତ ମହମ୍ମଦ(୬୦)ଙ୍କ ଗୋଟିଏ ବଖରା ଘର ସହିତ ଘରକୁ ଲାଗିଥିବା ଗୁହାଳକୁ କେହି ନିଆଁ ଲଗାଇଦେଇଥିବା ଥାନାରେ ଅଭିଯୋଗ ହୋଇଛି । ରସିଦ ମହମ୍ମଦଙ୍କ ଏତଲା ଅନୁଯାୟୀ, ବାପା ୱାଜିତ୍‌ଙ୍କ ଦେହ ଅସୁସ୍ଥ ଥିବାରୁ ପରିବାର ଲୋକେ ତାଙ୍କୁ କଟକ ମେଡିକାଲକୁ ନେଇ ଯାଇଥିଲେ। ଏହାର ସୁଯୋଗ ନେଇ ଘରେ ତାଙ୍କ ପଡ଼ୋଶୀ ନିଆଁ ଲଗାଇ ଦେଇଥିଲେ। ଅଗ୍ନିକାଣ୍ଡରେ ଘରର ସବୁ ଜିନିଷ ପୋଡ଼ି ପାଉଁଶ ହୋଇଯିବା ସହ ୪ ଗୋରୁ ଜୀବନ୍ତ ଦଗ୍ଧ ହୋଇଛନ୍ତି । ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ଅରୁଣ ରାଉତ ପ୍ରଶାସନ ନିକଟରେ ଦାବି କରିଛନ୍ତି । ପୋଲିସ ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ସଞ୍ଜୟ ମଳିକ କହିଛନ୍ତି।

ମହିପୁର ବନାଞ୍ଚଳରେ ୫ ଫରେଷ୍ଟ ଗାର୍ଡ ପଦବୀ ଖାଲି

ଅବାଧରେ ଚାଲିଛି ବନ୍ୟଜନ୍ତୁ ଶିକାର

ନୂଆଗାଁ,୧୫।୨(ଧନେଶ୍ୱର ସାହୁ)

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଅଧୀନରେ ଥିବା ଫରେଷ୍ଟ ବିଟ୍ ହାଉସ ମଧ୍ୟରୁ ୫ ବିଟ୍ ହାଉସରେ ଫରେଷ୍ଟ ଗାର୍ଡ ପଦବୀ ଖାଲିପଡିଛି। ଯାହାଫଳରେ କାଠମାଫିଆ ଜଙ୍ଗଲରେ ରାଜ୍ କରିବା ସହ ଶିକାରୀମାନେ ଅବାଧରେ ବନ୍ୟଜନ୍ତୁ ଶିକାର କରୁଥିବା ଅଭିଯୋଗ ହେଉଛି।

ଜଙ୍ଗଲ ଓ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ତଥା ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ପାଇଁ ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଅଧୀନରେ ୩ ଫରେଷ୍ଟ ସେକ୍ସନ ଓ ୧୬ ବିଟ୍ ହାଉସ ରହିଛି। ପ୍ରତି ଫରେଷ୍ଟ ସେକ୍ସନରେ ଜଣେ ଲେଖାଏ ଫରେଷ୍ଟର ରହିବାର ନିୟମ ରହିଥିବା ବେଳେ ୩ଟି ସେକ୍ସନ ପାଇଁ ୨ ଜଣ ଫରେଷ୍ଟର ରହିଛନ୍ତି। ମହିପୁର ଓ ମହିତମା ପାଇଁ ଜଣେ ଫରେଷ୍ଟର ଓ ଗୁମି ସେକ୍ସନ ପାଇଁ ଜଣେ ଫରେଷ୍ଟର ରହିଛନ୍ତି। ସେହିଭଳି ମହିପୁର ବନାଞ୍ଚଳରେ ୧୬ ଫରେଷ୍ଟ ବିଟ୍ ହାଉସରେ ୧୬ ଜଣ ଫରେଷ୍ଟ ଗାର୍ଡ ରହିବା ବଦଳରେ ମାତ୍ର ୧୧ ଜଣ ଫରେଷ୍ଟ ଗାର୍ଡ ରହିଛନ୍ତି ଓ ନୂଆଗାଁ, କୋଶଳାଙ୍ଗ, କୃଷ୍ଣପ୍ରସାଦ, କାପ୍ତାପଲି, ଡିମିରିଆ ପ୍ରମୁଖ ୫ ବିଟ୍ ହାଉସରେ ଫରେଷ୍ଟ ଗାର୍ଡ ପଦବୀ ଖାଲି ପଡିଛି। ୧୧ ଜଣ ଫରେଷ୍ଟ ଗାର୍ଡଙ୍କ ମଧ୍ୟରୁ ୪ ଜଣ ମହିଳା ଫରେଷ୍ଟ ଗାର୍ଡ ଅଛନ୍ତି। ଗୁମି ସେକ୍ସନ ଗୁମି ବିଟ୍ ହାଉସରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ଗୁମି, କାପ୍ତାପଲ୍ଲୀ ଓ ଡିମିରିଆ ଆଦି ୩ ଗୋଟି ବିଟ୍‌କୁ ସମ୍ଭାଳୁଛନ୍ତି। ତେବେ ଆଦିବାସୀ ବହୁଳ ଗୁମି ଫରେଷ୍ଟ ସେକ୍ସନରେ ୨ ଜଣ ଫରେଷ୍ଟ ଗାର୍ଡ ନ ଥିବା ହେତୁ ସେଠାକାର ଜଙ୍ଗଲ ଅସୁରକ୍ଷିତ ହୋଇ ପଡିଛି। ଗ୍ରାଉଣ୍ଡ ଜିରୋରେ କାମ କରୁଥିବା ବନ କର୍ମଚାରୀଙ୍କ ଅନୁପସ୍ଥିତି କାଠ ମାଫିଆ ଓ ବନ୍ୟଜନ୍ତୁ ଶିକାରୀମାନଙ୍କୁ ବେଶ୍ ସୁହାଇଛି। ଦିନ ରାତି ଶିକାରୀମାନେ ଜଙ୍ଗଲରେ ଅବାଧରେ ବୁଲି ବନ୍ୟଜନ୍ତୁ ଶିକାର କରୁଛନ୍ତି। ଏବେ ଖରା ଆରମ୍ଭ ହୋଇଛି। ଏଥିସହିତ ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହୋଇସାରିଲାଣି। କର୍ମଚାରୀଙ୍କ ଅଭାବ ଓ ଭୀଷଣ ଖରା ମହିପୁର ବନ କର୍ମଚାରୀଙ୍କ ଚିନ୍ତା ବଢାଇ ସାରିଲାଣି। ଅନ୍ୟପକ୍ଷେ କାର୍ଯ୍ୟରତ ଥିବା କର୍ମଚାରୀମାନେ କାମରେ ଅବହେଳା କରି କର୍ମଚାରୀଙ୍କ ଅଭାବ ଦର୍ଶାଇ ନିଜ ଦୋଷକୁ ଲୁଚାଇବାରେ ସହଜରେ ସମର୍ଥ ହୋଇପାରିବେ। ଫରେଷ୍ଟ କର୍ମଚାରୀଙ୍କ ପଦବୀ ପୂରଣ ନ ହେଲେ ଜଙ୍ଗଲ ଉଜୁଡି ଯିବ ବୋଲି ଜଙ୍ଗଲ ପ୍ରେମୀ ଓ ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଫରେଷ୍ଟର ଓ ଫରେଷ୍ଟ ଗାର୍ଡଙ୍କ ପଦବୀ ଖାଲି ବାବଦରେ ମହିପୁର ରେଞ୍ଜର ଅମ୍ରିତ କୁମାର ସାହୁଙ୍କୁ ପଚାରିବାରେ ଜଙ୍ଗଲ ନିଆଁକୁ ଆମେ କିଭଳି ଆୟତ୍ତ କରିବୁ ତାହା ଆମ ପାଇଁ ବଡ ଚିନ୍ତା। କର୍ମଚାରୀ ପଦବୀ ଖାଲି ଓ ଦେଖା ଦେଉଥିବା ସମସ୍ୟା ବାବଦରେ ଆମେ ଉଚ୍ଚପଦାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛୁ ବୋଲି କହିଛନ୍ତି।

ମହିପୁର ବନାଞ୍ଚଳ କାର୍ଯ୍ୟାଳୟ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବର୍ଷା

@ ଗଣେଶ୍ୱର

@ ଗୌତମ

@ ରବିନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ନାଟକ ପେଟେଣ୍ଟ ମେଡିସିନ ଦର୍ଶକଙ୍କ ମନ କିଣିଲା

ମାଘମେଳା ମହୋତ୍ସବ ଉଦ୍‌ଯାପିତ

ଖଣ୍ଡପଡ଼ା,୧୫।୨
(ଅଜୟ କୁମାର ମହାରଣା)

ମାଘମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ନୀଳମାଧବ ଜୀଉ ମାଘମେଳା ପଡ଼ିଆରେ ଗତ ୬ଦିନ ଧରି ଚାଲିଥିବା ତୃତୀୟ ବାର୍ଷିକ ମାଘମେଳା ମହୋତ୍ସବ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପେଟେଣ୍ଟ ମେଡିସିନ ଦର୍ଶକଙ୍କ ମନକୁ କିଣି ନେଇଥିଲା। ସ୍ଥାନୀୟ ଯୁବ କଳାକାର ବିନୋଦ କୁମାର ମହାରଣା(ଚନ୍ଦ୍ରମଣି), ବିଷ୍ଣୁ ମଲିକ(ମକରା) ଓ ରୁଦ୍ର ମାଧବ ବେହେରା(ସାଆନ୍ତାଣୀ)ଙ୍କ ଜୀବନ୍ତ ଅଭିନୟ ମୁଖ୍ୟ ଆକର୍ଷଣ ଥିଲା। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଭାକର ଶିରୋମଣି ଅଧକ୍ଷତା କରିଥିଲେ। ମହୋତ୍ସବ କମିଟିର ଅଧକ୍ଷ ବିଧାୟକ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଜଗନାଥ ସଂସ୍କୃତିର ଆଦି ପୀଠ ନୀଳମାଧବ କ୍ଷେତକୁ ପର୍ଯ୍ୟଟନ କ୍ଷେତ୍ରରେ ସ୍ୱତନ୍ତ୍ର ମାନ୍ୟତା ଦେବା ସହ କେନ୍ଦ୍ର ସରକରଙ୍କ ପ୍ରତ୍ନତତ୍ତ୍ୱ ବିଭାଗରେ ସାମିଲ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ। ଆଗାମୀ ବର୍ଷଠାରୁ କଣ୍ଟିଲୋ ମାଘମେଳା ମହୋତ୍ସବ ଉଚ୍ଚକୋଟୀର କରିବା ପାଇଁ ଦୃଢୋକ୍ତି ପ୍ରକାଶ କରିଥିଲେ। ବିଧାୟକ ସ୍ୱାଇଁଙ୍କ ଶୁକ୍ରବାର ଜନ୍ମଦିନ ଥିବାରୁ ଏହି ଅବସରରେ ମଞ୍ଚ ଉପରେ କେକ୍ କଟାଯାଇ 'ହାପି ବାର୍ଥ ଡେ' ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଭୋଳାନାଥ ମହାନ୍ତି, ବିଶିଷ୍ଟ ଅତିଥି ସାମାଜିକ କର୍ମୀ ଈଶ୍ୱର ଚନ୍ଦ୍ର ପାତ୍ର, ମୁଖ୍ୟ ବକ୍ତା ଭାବେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ମହୋତ୍ସବ କମିଟିର ଅନ୍ୟତମ କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ମହାରଣା, କମିଟିର ଉପଦେଷ୍ଟା ଅଖିଳ କୁମାର ମହାରଣା, କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ଜିଲା ପରିଷଦ ସଦସ୍ୟ ଉଜଳ ମହାରଣା, ସମିତି ସଭ୍ୟା ଶିଖା ବେହେରା ପ୍ରମୁଖ ଯୋଗଦେଇ ଭାଇଚାରା ସୃଷ୍ଟି କରିବ ବୋଲି ବୋଲି କହିଥିଲେ। ମହୋତ୍ସବ କମିଟି ସମ୍ପାଦକ ସିଦ୍ଧାର୍ଥ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ବାଦଶାହା ମେଲୋଡି ଓ କାଳିଆ ଷଣ୍ଢ' ଉପଭୋଗ କରିବାକୁ ଦର୍ଶକମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଡ଼ ଜମାଇଥିଲେ। ଏହି ଅବସରରେ ବିଧାୟକ ସ୍ୱାଇଁ ସ୍ୱେଚ୍ଛାସେବୀ, ମୋଟର ସଂଘ କର୍ମକର୍ତ୍ତା ଓ ଅନ୍ୟାନ୍ୟ ପ୍ରତିଭାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ରାଜୀବ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ନିର୍ମଳ ସାହୁ କଣ୍ଟିଲୋ ବନ୍ଦନା ଗାନ କରିଥିଲେ। ସରପଞ୍ଚ ଶ୍ରୀୟାରାଣୀ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

ଗୋରୁ, କୁକୁରଙ୍କ ପାଇଁ ଜଳକୁଣ୍ଡ

ନୟାଗଡ଼,୧୫।୨(ଲୋକନାଥ ମିଶ୍ର)

ପରିବେଶ ବଦଳୁଥିବାରୁ ଫାଲଗୁନ ମାସରେ ଶୀତ ହେବା ବଦଳରେ ଟାଣଖରା ହେଉଛି। ଏହି ଅବସରରେ ଗୋମାତା ଓ କୁକୁରଙ୍କ ଉଦ୍ଦେଶ୍ୟରେ ଇଟାମାଟିର ବିଭିନ୍ନ ସାହି ଗଳିକନ୍ଦିରେ ଦେବଦୂତ ସେବା ପରିଷଦର ସଭ୍ୟମାନେ ୨୦ଟି ଜଳକୁଣ୍ଡ ବ୍ୟବସ୍ଥା କରିଛନ୍ତି। ସେହିପରି ପକ୍ଷୀଙ୍କ ପାଇଁ ଅନୁରୂପ ଭାବେ ଜଳପାତ୍ରର ବ୍ୟବସ୍ଥା କରିଛନ୍ତି। ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ଓ ସାଧାରଣ ଜନତା ପ୍ରଶଂସା କରିଛନ୍ତି। କେତେଜଣ ବ୍ୟକ୍ତି ନିଜ ଇଚ୍ଛାରେ ଜଳକୁଣ୍ଡର ଦାୟିତ୍ୱ ବହନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।


ଏକ ଗାଈ ଜଳକୁଣ୍ଡରୁ ପାଣି ପିଉଛି।

ଯକ୍ଷ୍ମାରୋଗ ଉପରେ ଡାକ୍ତରଙ୍କୁ ତାଲିମ

ନୟାଗଡ଼,୧୫।୨ (ଲୋକନାଥ ମିଶ୍ର)

ଆୟୁଷ ବିଭାଗ ଅଧୀନରେ କାର୍ଯ୍ୟରତ ହୋମିଓପାଥି ଡାକ୍ତରମାନଙ୍କୁ ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ଯକ୍ଷ୍ମାରୋଗ ନିରାକରଣ ସମ୍ପର୍କିତ ତାଲିମ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଦିଆଯାଇଛି। ଏଥିରେ ଜିଲା ଯକ୍ଷ୍ମା ଅଧିକାରୀ ଡାକ୍ତର ଶରତ କୁମାର ଦାଶ ଯୋଗ ଦେଇ କହିଥିଲେ ଯକ୍ଷ୍ମା ରୋଗ ଚିହ୍ନଟ ଓ ନିରାକରଣ ଲକ୍ଷ୍ୟକୁ ହାସଲ କରିବା ପାଇଁ ଉପଲବ୍ଧ ଥିବା ଭିତ୍ତିଭୂମି ଓ ମାନବ ସମ୍ବଳର ସଦ ବିନିଯୋଗ କରିବା ପାଇଁ ଯୋଜନା ପ୍ରସ୍ତୁତି କରନ୍ତୁ। ଜିଲା ସଂଯୋଜକ ରୁଦ୍ର ପ୍ରସାଦ ଜେନା ମୁଖ୍ୟ ପ୍ରଶିକ୍ଷକ ଭାବେ ତାଲିମ ପ୍ରଦାନ କରି କହିଥିଲେ ଆୟୁଷ ବିଭାଗ ଅଧୀନରେ କାର୍ଯ୍ୟରତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀମାନେ ଯକ୍ଷ୍ମା ରୋଗୀ ଚିହ୍ନଟିକରଣ ଓ ରେଫରାଲ ପାଇଁ ସକ୍ରିୟ ହୁଅନ୍ତୁ। ରୋଗୀଙ୍କଠାରେ ସାମାନ୍ୟ ଲକ୍ଷଣ ଥିଲେ ତୁରନ୍ତ କଫ ପରୀକ୍ଷଣ ପାଇଁ ପରାମର୍ଶ ଓ ଏଥିପାଇଁ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ହୋଇପାରିବ ବୋଲି ବୁଝାଇବେ। ନିୟମିତ ଔଷଧ ସେବନ ଦ୍ୱାରା ଟିବି ରୋଗ ନିୟନ୍ତ୍ରଣ ହୋଇପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଦିଲୀପ କୁମାର ପ୍ରଧାନ, ଦୀପକ ଦଳବେହେରା, ଆଶୁତୋଷ ସାମନ୍ତସିଂହାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଯକ୍ଷ୍ମା ରୋଗ ଉପରେ ତାଲିମ ପ୍ରଦାନ କରାଯାଉଛି।

୧୯୭୩ ବ୍ୟାଚର ବନ୍ଧୁମିଳନ

ନୟାଗଡ଼, ୧୫।୨(ଲୋକନାଥ ମିଶ୍ର)

ଦୀର୍ଘ ୫୧ ବର୍ଷ ପରେ ଗୋଡିପଡା ସର୍ଦ୍ଦାର ପଟେଲ ବିଦ୍ୟାପୀଠ ର ୧୯୭୩ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ରଣପୁର ବ୍ଲକର ଡମସାହି ପାଚିଲାଗୋଡି ଡ୍ୟାମଠାରେ ଅନୁଷ୍ଠିତ ହୋଇଯାଇଛି। ରଜନୀକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁ ମିଳନରେ ଶଶୀଭୂଷଣ ପଟ୍ଟନାୟକ ଓ ରାଜ କିଶୋର ସାହୁ ଯୋଗ ଦେଇ ଦିବଙ୍ଗତଙ୍କ ସହପାଠୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ। ଏଥିରେ ପ୍ରସନ୍ନ ଶ୍ରୀଚନ୍ଦନ, ଭିକାରୀ ଚରଣ ଜେନା, ନାରାୟଣ ମହନ୍ତ, ନିତ୍ୟାନନ୍ଦ ସାହୁ, ସନ୍ତୋଷ ଦୋରା, ପ୍ରସନ୍ନ କୁମାର ସାମନ୍ତରାୟ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ।

ନିଆଁ ଲାଗି ୪ ବଖରା ଛାରଖାର

ନୂଆଗାଁ,୧୫।୨ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର କାପ୍ତାପଲ୍ଲୀ ପଞ୍ଚାୟତ ପୋବଲା ଗ୍ରାମରେ ଶନିବାର ନିଆଁ ଲାଗି ୪ ବଖରା ଘର ପାଉଁଶ ହୋଇ ଯାଇଛି। କାପ୍ତାପଲି ପଞ୍ଚୟତ ପୋବଲା ଗ୍ରାମରେ ନିଆଁ ଲାଗିବା ଫଳରେ ପ୍ରଦୀପ୍ତ କୁମାର ଜାନି,ବିଜୟ କୁମାର ଜାନି, କାର୍ତ୍ତିକ ଜାନି ଓ ବିମଳା ଜାନିଙ୍କ ୪ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଏଥରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି କ୍ଷୟକ୍ଷତି ହୋଇଛି। ନୂଆଗାଁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଜଣା ପଡ଼ିନାହିଁ।

ନିଆଁ ଲାଗି ପୋଡ଼ି ଯାଇଥିବା ଘର।

ଅନୁଦାନ ପ୍ରଦାନ ପାଇଁ ଉଚ୍ଚଶିକ୍ଷା ସଚିବଙ୍କୁ ଦାବିପତ୍ର

ନୟାଗଡ଼,୧୫।୨(ଲୋକନାଥ ମିଶ୍ର)

ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ପାଇଁ ଉଚ୍ଚଶିକ୍ଷା ସଚିବଙ୍କ ଉଦେଶ୍ୟରେ ଦାବିପତ୍ର ସଂଘ ମାଧ୍ୟମରେ ପ୍ରଦାନ କରାଯାଇଛି। ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ସଭାପତି ବିଶ୍ୱ ରଞ୍ଜନ ଦାସଙ୍କ ଆହ୍ୱାନ କ୍ରମେ ନୟାଗଡ଼ ଜିଲା ସଂଯୋଜକ ଦେବାଶିଷ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ନିର୍ଦ୍ଦେଶକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ କଟକ ଜିଲା ସଂଯୋଜକ ବିଭୁପ୍ରସାଦ ଦାସ, ପୁରୀ ଖଣ୍ଡ ସଂଯୋଜକ ବନମାଳୀ ବେହେରା,ସୌମ୍ୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା ଅନୁଯାୟୀ, ସଂଘର ଏକମାତ୍ର ଦାବି ୧ ଜୁନ ୨୦୦୮ରୁ ୨୦୧୮ ଜୁନ ୧ ରିଖ ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଦାବି ରହିଛି। ସରକାର ଏଥିପ୍ରତି ଦୃଷ୍ଟି ନ ଦେବାରୁ ସଂଘ ଦୀର୍ଘ ୪ ବର୍ଷ ଧରି ଆନ୍ଦୋଳନ କରିଆସୁଛି। ଏଥିମଧ୍ୟରେ ସଂଘ ଦେଢ଼ ଲକ୍ଷ ଜନତାଙ୍କ ଦସ୍ତଖତ ସମ୍ବଳିତ ଦସ୍ତାବିଜ ମୁଖ୍ୟମନ୍ତ୍ରୀଙ୍କୁ ଡାକ ମାଧ୍ୟମରେ ପ୍ରେରଣ କରି ସାରିଛି। ବର୍ତ୍ତମାନ ସଂଘ ତାହାର ମତ ଓ ମନ୍ତବ୍ୟ କାର୍ଯ୍ୟକ୍ରମ ଜାରି ରଖିଛି। ଏହାପରେ ଯଦି ସରକାର ଦାବି ପୂରଣ ଦିଗରେ କିଛି ପଦକ୍ଷେପ ନ ନିଅନ୍ତି ତେବେ ସଂଘ ପୁନଃ ଆନ୍ଦୋଳନକୁ ଫେରିବା ସହ ଧାରଣସ୍ଥଳରେ ଅହୋରାତ୍ର ଧାରଣା ଦେବ ବୋଲି ପକ୍ଷରୁ ସୂଚନା ଦିଆଯାଇଛି।

ଉଚ୍ଚଶିକ୍ଷା ସଚିବଙ୍କୁ ସଂଘର କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରୁଛନ୍ତି।

୨ବର୍ଷରେ ୭ କୃଷ୍ଣସାର ମୃଗ ମୃତ

ନୟାଗଡ଼,୧୫।୨(ଲୋକନାଥ ମିଶ୍ର)

- ସୂଚନା ଆଇନ ଫିଟାଇଲା ଗୁମର
- ମରିବାର କାରଣ ଜଣାପଡୁନି
- ନୟାଗଡ଼ ରେଞ୍ଜରେ ଅଛନ୍ତି କୃଷ୍ଣସାର ମୃଗ

ନୟାଗଡ଼ ବନଖଣ୍ଡରେ ୨ ବର୍ଷରେ ୭ କୃଷ୍ଣସାର ମୃଗଙ୍କ ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ଶିକାର ନାଁ ଅନ୍ୟ କ'ଣ ଜଣାପଡିନି। ତେବେ ନୟାଗଡ଼ ବନଖଣ୍ଡରେ କୃଷ୍ଣସାର ମୃଗ ଥିବା ବନବିଭାଗ ପକ୍ଷରୁ କେତେବେଳେ ବି କୁହାଯାଇନି। ଜିଲାର ଜଙ୍ଗଲରେ କୃଷ୍ଣସାର ମୃଗ ଯଦି ରହିଥାନ୍ତି ତେବେ ଜିଲା ପାଇଁ ଭଲ ଖବର। ତେବେ ସଂପୃକ୍ତ ମୃଗ କାହିଁକି ମଲେ, କେଉଁ ରେଞ୍ଜର କେଉଁ ଜଙ୍ଗଲରୁ ମଲେ ସେନେଇ ବନବିଭାଗ ସ୍ପଷ୍ଟ କରିବା ଦରକାର। ଅନ୍ୟପକ୍ଷେ ୭ଟି ମୃଗଙ୍କ ମୃତ୍ୟୁ ପରେ ସଚେତନତା କରାଯାଇଛି ନାଁ କ'ଣ ସେନେଇ ମଧ୍ୟ ସ୍ପଷ୍ଟ କରିବା ଦରକାର। ଯଦି କରାଯାଇନି ତେବେ ତୁରନ୍ତ ସଚେତନତା କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷେ ସୂଚନା ଆଇନରେ କୃଷ୍ଣସାର ମୃଗର ମୃତ୍ୟୁ ଘଟଣା ଲୋକ ଲୋଚନକୁ ଆସିଥିବାରୁ ବନବିଭାଗର କାର୍ଯ୍ୟ ସନ୍ଦେହଘେରରେ ରହିଛି। କୃଷ୍ଣସାର ମୃଗ ପରି ଜିଲାରେ ୩ ବର୍ଷରେ ୪୯ ବନ୍ୟଜନ୍ତୁ ମରିବା ଘଟଣା ସଙ୍କଟରେ ବନପ୍ରାଣୀ ବୋଲି ଅଭିଯୋଗ ଉଠିଛି। ନୟାଗଡ଼ ବନଖଣ୍ଡରେ ୨୦୨୨-୨୩ ଆର୍ଥିକ ବର୍ଷରେ ଗୋଟିଏ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ୬ ଏପରି ମୋଟରେ ୭ କୃଷ୍ଣସାରମୃଗଙ୍କ ମୃତ୍ୟୁ ହୋଇଛି।

କିଛି ବନବିଭାଗର କର୍ମଚାରୀ ଓ ଅଧିକାରୀଙ୍କ ସୂଚନା ଅନୁସାରେ ନୟାଗଡ଼ ବନଖଣ୍ଡ ମହିପୁର ରେଞ୍ଜର ଗୁମି ଓ ଓଡ଼ଗାଁ ରେଞ୍ଜର ବାହାଡାଝୋଲା ସେକ୍ସନର ବାଲିସିଂସା, ବଧୁଲିପୁର, ସୁନାମୁହିଁ, ବେଲଦ୍ୱାର ଅଞ୍ଚଳରେ ଧାନ ପାଚିବା ସମୟରେ କୃଷ୍ଣସାର ମୃଗଙ୍କୁ ଦେଖିବାକୁ ମିଳେ। ନୟାଗଡ଼ ବନଖଣ୍ଡର ଦୁଇ ରେଞ୍ଜର ସୀମା ଗଞ୍ଜାମ ଜିଲା ବୁଗୁଡା ବନାଞ୍ଚଳ ଅନ୍ତର୍ଗତ କରଚୁଲି, କରସିଂ ଏବଂ ଜଗନ୍ନାଥପ୍ରସାଦ ବନାଞ୍ଚଳର କାଦୁଆ ଓ କମସର ଅଞ୍ଚଳର ରହୁଛି। ଏଣୁ ଗଞ୍ଜାମ ଜିଲାର ଅଞ୍ଚଳରୁ କୃଷ୍ଣସାର ମୃଗ ନୟାଗଡ଼କୁ ଚାଲି ଆସି ପୁଣି ଫେରି ଯାଉଛନ୍ତି। ତେବେ କୃଷ୍ଣସାର ମୃଗଙ୍କର ମୃତ୍ୟୁ ଆମ ଜିଲାରେ ହୋଇଥିବା ଆମେ ଜାଣି ନାହୁଁ। କାରଣ ନୟାଗଡ଼ ବନଖଣ୍ଡରେ କୃଷ୍ଣସାର ମୃଗ ନ ଥିବାବେଳେ ମରିବାର ପ୍ରଶ୍ନ ଉଠୁଛି କିପରି। ମୃଗ ସ୍ଥାନରେ ସୂଚନା ଆଇନରେ ଭୁଲରେ କୃଷ୍ଣସାର ମୃଗ ଲେଖାଯାଇ ଥାଇପାରେ ବୋଲି କହିଛନ୍ତି। ପରିବେଶବିତ୍ ହରିଶରଣ ମହାରାଜ କୁହନ୍ତି, ୨ବର୍ଷରେ ୭ଟି କୃଷ୍ଣସାର ମୃଗର ମୃତ୍ୟୁକୁ ହାଲକା ଭାବେ ବନବିଭାଗ ନେବା ଉଚିତ ନୁହେଁ। ଯଦି କୃଷ୍ଣସାର ମୃଗ ନୟାଗଡ଼ ବନଖଣ୍ଡରେ ଅଛନ୍ତି ତେବେ ତା'ର ସୁରକ୍ଷା ଓ ବଂଶ ବିସ୍ତାର ପାଇଁ ବନବିଭାଗ ପଦକ୍ଷେପ ନେବା ଜରୁରୀ ଥିଲା। ଏନେଇ ସଚେତନତା କରାଇବାର ଥିଲା। ବନବିଭାଗ ପକ୍ଷରୁ ସେପରି କିଛି କରାଗଲା ପରି ଜଣାପଡୁ ନ ଥିବାରୁ ବିଭାଗର କାର୍ଯ୍ୟ ସନ୍ଦେହ ଘେରକୁ ଆସିଛି। ପରିବେଶବିତ୍ ବିଭୁ ପ୍ରସାଦ ଦାଶ କୁହନ୍ତି, ଗଞ୍ଜାମ ଜିଲା ପାଖକୁ ନୟାଗଡ଼ ଜିଲାର ଜଙ୍ଗଲ ଥିବାରୁ କୃଷ୍ଣସାର ମୃଗ ଦେଖାଯିବା କିଛି ବଡ଼ କଥା ନୁହେଁ। ଯଦି କୃଷ୍ଣସାର ମୃଗ ପାଇଁ ଭୟବିହିନ ପରିବେଶ ମିଳିବ ତେବେ ନୟାଗଡ଼ରେ ମଧ୍ୟ କୃଷ୍ଣସାର ମୃଗଙ୍କ ସଂଖ୍ୟା ବଢ଼ିବ, ଏଥିରେ ସନ୍ଦେହ ନାହିଁ। ତେବେ ବନବିଭାଗ କୃଷ୍ଣସାର ମୃଗଙ୍କ ସୁରକ୍ଷା ଓ ବଂଶବଅଦ୍ଧି ପାଇଁ ପଦକ୍ଷେପ ନେଲା ପରି ଲାଗୁନି। ଯଦି ବନବିଭାଗର ଆଗ୍ରହ ଥାନ୍ତା ତେବେ ମୃତ୍ୟୁ ଖବରକୁ ନ ଲୁଚାଇ ଏ ଦିଗରେ ସଚେତନତା କରିବାର ଆବଶ୍ୟକତା ରହିଥିଲା। ବିଳମ୍ବରେ ହେଲେ ବି ବନବିଭାଗ ତା'ର ପଦକ୍ଷେପ ଆରମ୍ଭ କରିବା ଦରକାର ବୋଲି କହିଛନ୍ତି।

ଏନେଇ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀଙ୍କ ଫୋନ୍ ନଂ.୯୪୩୭୦୫୨୨୨୬କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲା। ହେଲେ ଫୋନ ସୁଇଚ୍ ଅଫ୍ ଥିବାରୁ ଯୋଗାଯୋଗ କରାଯାଇ ପାରି ନ ଥିଲା।

ଅଟୋଚାଳକଙ୍କ ସହ ଝଗଡ଼ା, ପୂର୍ବତନ ବିଧାୟକ ମୃତ

ବେଙ୍ଗାଲୁରୁ,୧୫।୨

ଜଣେ ଅଟୋଚାଳକଙ୍କ ସହ ଝଗଡ଼ା ଏବଂ ଚାପୁଡ଼ା ମାରାମରି ପରେ ଗୋଆର ପୂର୍ବତନ ବିଧାୟକ ଲାଭୋ ସୂରୟାଜୀ ମାମ୍ଲେଦରଙ୍କ ମୃତ୍ୟୁ ଘଟିଛି। କର୍ନାଟକର ବେଲାଗାଭିରେ ଶନିବାର ଅପରାହ୍ନ ପ୍ରାୟ ୨ଟାରେ ଘଟିଛି ଏହି ଘଟଣା। ୬୮ ବର୍ଷୀୟ ଲାଭୋ ୨୦୧୨ରେ ମହାରାଷ୍ଟ୍ରବାଦୀ ଗୋମନ୍ତକ ପାର୍ଟି ଟିକେଟ୍‌ରେ ଗୋଆର ପୋଣ୍ଡା ବିଧାନସଭା ଆସନରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ପୋଲିସ ଅଭିଯୁକ୍ତ ଅଟୋଚାଳକ ମୁଜାହିଦ୍ ସାନଦିଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁଯାୟୀ ଲାଭୋ ବେଲାଗାଭିର ଖାଡ଼େ ବଜାରରେ ଥିବା ଶ୍ରୀନିବାସ ଲଜ୍‌ର ରୁମ୍ ବୁକ୍ କରିଥିଲେ। ସେ ଶନିବାର ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏରେ ହୋଟେଲ ରୁମ୍‌କୁ ଯିବାବେଳେ ତାଙ୍କ କାର୍ ଅଣଓସାରିଆ ରାସ୍ତାରେ ଅଭିଯୁକ୍ତ ସାନଦିଙ୍କ ଅଟୋକୁ ଧକ୍କା ଦେଇଥିଲା। ଏହାପରେ ଲାଭୋ ଏବଂ ସାନଦିଙ୍କ ମଧ୍ୟରେ ବଚସା ହୋଇଥିଲା। ସିସିଟିଭି ଫୁଟେଜ୍ ତଥ୍ୟ ଅନୁଯାୟୀ, ଲାଭୋ ସାନଦିଙ୍କୁ ଚାପୁଡ଼ା ମାରିଥିଲେ। ସାନଦି ମଧ୍ୟ ଲାଭୋଙ୍କୁ ଚାପୁଡ଼ା ମାରିଥିଲେ। ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହେଉଥିବାବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଅଟକାଇଥିଲେ। ଏହି ସମୟରେ ସାନଦି ପୁଣିଥରେ ଲାଭୋଙ୍କୁ ଚାପୁଡ଼ା ମାରିଥିଲେ। ଲୋକଙ୍କ ହସ୍ତକ୍ଷେପ ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ସାନଦି ସେଠାରୁ ପଳାଇ ଯାଇଥିଲେ। ହେଲେ ଲାଭୋ ହୋଟେଲ ରୁମ୍‌କୁ ଯିବା ପାଇଁ ଶିଡ଼ି ଚଢୁଥିବାବେଳେ ଟଳି ପଡ଼ିଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୋଟେଲ ଏବଂ ଘଟଣାସ୍ଥଳର ସିସିଟିଭି ଫୁଟେଜ୍‌କୁ ସ୍ଥାନୀୟ ପୋଲିସ ଯାଞ୍ଚ କରିବା ସହ ତଦନ୍ତ ଆଗକୁ ବଢ଼ାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବେଲାଗାଭି ଡିସିପି ଜଗଦୀଶ ରୋହନ କହିଛନ୍ତି।

୨୦୧୨ରୁ ୨୦୧୭ ଯାଏ ବିଧାୟକ ଥିବା ଲାଭୋ ୨୦୨୨ ଜାନୁୟାରୀରେ କଂଗ୍ରେସରେ ଯୋଗଦେଇଛନ୍ତି। ଏହାପୂର୍ବରୁ ସେ ୩ ମାସ ପାଇଁ ତୃଣମୂଳ କଂଗ୍ରେସର ସଦସ୍ୟ ଥିଲେ।

ଲାଭୋ ସୂରୟାଜୀ ମାମ୍ଲେଦର

ଇଟାଭାଟି ନିକଟରୁ ଯୁବକଙ୍କ ମୃତଦେହ ଜବତ

■ ହତ୍ୟା ଅଭିଯୋଗ ଆଣିଲେ ପରିବାର

ରାଇଘର, ୧୫।୨(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ବିଜୁ ପଟ୍ଟନାୟକ ମଡର୍ନ ସ୍କୁଲ ପାଖ ଏକ ଇଟାଭାଟି ନିକଟରୁ ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ମିଳିଛି। ସେ ହେଲେ ରାଇଘର ବ୍ଲକ୍ ମାରଙ୍ଗପାଲି ଗ୍ରାମର ପବିତ୍ର ହରିଜନ(୨୮)। ମୃତବ୍ୟକ୍ତିଙ୍କ ମୁହଁରେ ଲଙ୍କା ଗୁଣ୍ଡ ଲଗାଯାଇଛି। ଘଟଣାସ୍ଥଳରୁ ମଦ ବୋତଲ ସହ ଲଙ୍କାଗୁଣ୍ଡ ପ୍ୟାକେଟ ମିଳିଛି। ପାରିପାର୍ଶ୍ୱିକ ଅବସ୍ଥା ଦେଖି ଯୁବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଇଛି।

ସୂଚନାନୁଯାୟୀ, ପବିତ୍ର ବାହାରେ ଦାଦନ ଖଟିବାକୁ ଯାଆନ୍ତି। ସେ ପ୍ରାୟ ୨ ମାସ ହେବ ଗାଁକୁ ଫେରିଥିଲେ। ଶୁକ୍ରବାର ସକାଳେ ଘରୁ ବାହାରିଥିଲେ। ସେ ଦିନରେ ମା'ଙ୍କ ସହ ଫୋନ୍‌ରେ କଥା ମଧ୍ୟ ହୋଇଥିଲେ। ଦିନବେଳା ରାଇଘର ହାଟରେ ପବିତ୍ର ବୁଲୁଥିବା ନେଇ ସ୍ଥାନୀୟ ଲୋକେ ଦେଖିଥିଲେ। କିନ୍ତୁ ସନ୍ଧ୍ୟାରେ ତାଙ୍କ ମା' ପବିତ୍ରଙ୍କୁ ଫୋନ୍ ଲଗାଇଥିଲେ ମଧ୍ୟ ତାହା ଲାଗି ନ ଥିଲା। ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଶନିବାର ସକାଳେ କେତେଜଣ ଲୋକ ଇଟାଭାଟି ରାସ୍ତା ଦେଇ ଯାଉଥିବାବେଳେ ପବିତ୍ରଙ୍କ ମୃତଦେହ ଦେଖିଥିଲେ। ସେମାନେ ରାଇଘର ପୋଲିସ ଓ ପବିତ୍ରଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ଉମରକୋଟ ଭାରପ୍ରାପ୍ତ ଏସ୍‌ଡିପିଓ ମୀନାକ୍ଷୀ ଠାକୁର, ରାଇଘର ଥାନାଧିକାରୀ ରଘୁନାଥ ମାଝୀ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପୁଅଙ୍କୁ ହତ୍ୟା କରାଯାଇଥିବା ନେଇ ମୃତକଙ୍କ ମା' ରାଇଘର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୩୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

ପିଇଓଙ୍କଠାରୁ ୮ଲକ୍ଷ ୫୯ ହଜାର ଲୁଟି ନେଲେ ୬ ଦୁର୍ବୃତ୍ତ

ବୋରିଗୁମ୍ମା,୧୫।୨(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍ ବି.ସିଂହପୁର ଥାନା ଅଞ୍ଚଳରେ ବୋଡିଗାଁ ପିଇଓ ଅର୍ଜୁନ ପାତ୍ରଙ୍କଠାରୁ ଲୁଟ୍ ହୋଇଛି। ରତାଲି-ବୋଡିଗାଁ ରାସ୍ତା ମଝିରେ ଛୁରି ଦେଖାଇ ୬ ଦୁର୍ବୃତ୍ତ ତାଙ୍କଠାରୁ ୮ଲକ୍ଷ ୫୯ ହଜାର ଟଙ୍କା ଲୁଟି ନେଇଛନ୍ତି।

ସୂଚନା ଅନୁଯାୟୀ, ଶନିବାର ସକାଳେ ଅର୍ଜୁନ ବ୍ୟାଙ୍କରୁ ଲୋକଙ୍କ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ଉଠାଇ ବାଇକ୍‌ରେ ପଞ୍ଚାୟତକୁ ଯାଉଥିବା ବେଳେ ଲୁଟ୍ ହୋଇଥିଲା। ଦୁର୍ବୃତ୍ତମାନେ ୩ଟିବାଇକ୍‌ରେ ଆସି ପିଇଓ ଅର୍ଜୁନଙ୍କୁ ଅଟକାଇ ଛୁରିରେ ଆକ୍ରମଣ କରି ଟଙ୍କା ବ୍ୟାଗ୍ ଧରି ଚମ୍ପଟ ମାରିଥିଲେ। ତାଙ୍କ ମୋବାଇଲ ଛଡାଇ ଦୂରକୁ ଫୋପାଡି ଦେଇଥିଲେ। ଏ ନେଇ ପିଇଓ ପାତ୍ର ବି. ସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଆନ୍ତଃଜିଲା ଲୁଟେରା ଗ୍ୟାଙ୍ଗଠାରୁ ମୂର୍ତ୍ତି ଉଦ୍ଧାର

■ ପୂର୍ବରୁ ଗିରଫ ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ପରେ ଘଟଣା ଜଣାପଡ଼ିଲା

■ ସୁବର୍ଣ୍ଣପୁର, ବୌଦ୍ଧ ଓ କନ୍ଧମାଳ ଜିଲାର ବିଭିନ୍ନ ମନ୍ଦିରରୁ ଚୋରି ହୋଇଥିଲା

ଖବରଦାତା ସମ୍ମିଳନୀରେ ପୋଲିସ ଜବତ ମୂର୍ତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦର୍ଶନ କରୁଛି।

ଅମରପାଲି,୧୫।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପୋଲିସ ଏକ ଆନ୍ତଃ ଜିଲା ମୂର୍ତ୍ତି ଲୁଟେରା ଗ୍ୟାଙ୍ଗଠାରୁ ବିପୁଳ ପରିମାଣର ବିରଳ ଧାତୁନିର୍ମିତ ମୂର୍ତ୍ତି, ମନ୍ଦିରର ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଆକ୍ରମଣ କରି ବାଇକ ଓ ଟଙ୍କା ଲୁଟ୍ ଘଟଣାରେ ଗିରଫ ୪ଜଣଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ପରେ ପୋଲିସ ମୂର୍ତ୍ତି ଚୋରି ରାକେଟର ପର୍ଦ୍ଦାଫାଶ କରିଛି। ଖୁବ୍‌ଶୀଘ୍ର ଚୋରିରେ ସମ୍ପୃକ୍ତ ଅନ୍ୟ ୨ଜଣଙ୍କୁ ଗିରଫ କରାଯିବ। ଏନେଇ ଶନିବାର ବୀରମହାରାଜପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁବର୍ଣ୍ଣପୁର ଏସ୍‌ପି ରାମ ପ୍ରସାଦ ସାହୁ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁସାରେ, ଗତ ୧୮ ତାରିଖ ବୀରମହାରାଜପୁର ଥାନା ସୁନାପାଲି ନିକଟରେ କେତେକ ଲୁଟେରା ଉଫୁଲା ଗ୍ରାମର କୁବେର କର୍ମୀଙ୍କୁ ଆକ୍ରମଣ କରି ତାଙ୍କ ବାଇକ ସହିତ ଟଙ୍କା ଲୁଟ୍ କରିଥିଲେ। ଏନେଇ ବୀରମହାରାଜପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହା ସହିତ ସେହି ସମାନ ଦିନରେ କେଉଟିବାହାଲି ଗ୍ରାମର ମନୋରଞ୍ଜନ ବେହେରାଙ୍କ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ତାଙ୍କ ଏତଲା ଆଧାରରେ ମଧ୍ୟ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ବୀରମହାରାଜପୁର ଥାନା ପଣ୍ଡିଆପାଲିର ମୂଳ ଅଧିବାସୀ ତଥା ବର୍ତ୍ତମାନ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ଖଇରମାଳ(ରକ୍ସା)ର ରଞ୍ଜନ ରାଜହଂସ(୩୯), ତରଭା ଥାନା ଚାରନିପାଲିର ଶିବ ସରଭଙ୍ଗ(୩୭) ଏବଂ ଉକ୍ତ ଥାନା ଅନ୍ତର୍ଗତ ଅର୍ଡ଼ାର ଜୟକୃଷ୍ଣ ବାରିକ(୨୫) ଓ ହରି ବାରିକ(୩୭)ଙ୍କୁ ଗିରଫ କରିଥିଲା। ଏହି ଲୁଟେରାମାନଙ୍କୁ ପୋଲିସ ରିମାଣ୍ଡରେ ଆଣି ଅଧିକ ତଦନ୍ତ ପରେ ମୂର୍ତ୍ତି ଚୋରି ରାକେଟର ପର୍ଦ୍ଦାଫାଶ ହୋଇଛି। ଏସ୍‌ପିଙ୍କ ସୂଚନା ଅନୁଯାୟୀ ପୋଲିସ ଦୁଇଟି ଟିମ୍ ଗଠନ କରିଥିଲା। ସୁବର୍ଣ୍ଣପୁର ଅତିରିକ୍ତ ଅଧୀକ୍ଷକ କେ. ହରିପ୍ରସାଦଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ଜିଲା ଓ ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆଙ୍କ ନେତୃତ୍ୱରେ ଗଠିତ ଟିମ ସବ୍‌ଡିଭିଜନସ୍ତରରେ ତଦନ୍ତ କରିଥିଲା। ଉକ୍ତ ଲୁଟେରା ଗ୍ୟାଙ୍ଗରେ ସମୁଦାୟ ୬ ଜଣ ଥିବା ବେଳେ ଏମାନେ ଦୁଇଟି ଦଳରେ ବିଭକ୍ତ ହେଉଥିଲେ। ଗୋଟିଏ ଦଳ ବିଭିନ୍ନ ମନ୍ଦିରରୁ ଧାତୁ ନିର୍ମିତ ମୂର୍ତ୍ତି, ଅନ୍ୟାନ୍ୟ ସାମଗ୍ରୀ ଓ ବାଇକ ଚୋରି କରୁଥିଲେ। ଅନ୍ୟ ଦଳଟି ବିଭିନ୍ନ ସ୍ଥାନରେ ଲୋକଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ କରୁଥିଲେ। ପୋଲିସ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୨ଜଣ ଏବେ ଫେରାର ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ସାହୁ କହିଛନ୍ତି। ଲକ୍ଷାଧିକ ଟଙ୍କାର ମୂର୍ତ୍ତି, ୪ଟି ବାଇକ, ୯ଟି ଏଟିଏମ, ୬ଟି ଟାବ୍‌ଲେଟ, ଗୋଟିଏ ସ୍ମାର୍ଟବୋର୍ଡ ଜବତ ହୋଇଛି। ଜବତ ସ୍ମାର୍ଟବୋର୍ଡ ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ୟୁପି ସ୍କୁଲର ହୋଇଥିବା ବେଳେ ତାହା ସ୍କୁଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ଲୁଟେରାମାନେ ରାଜ୍ୟର ବିଭିନ୍ନ ଜିଲାରେ ଲୁଟ୍ କରୁଥିବା ବେଳେ ସେମାନଙ୍କ ନାମରେ ବିଭିନ୍ନ ଥାନାରେ ୩୫ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍ଧାର ମୂର୍ତ୍ତିଗୁଡ଼ିକ ମଧ୍ୟରୁ ପ୍ରସିଦ୍ଧ ପାତାଳୀ ଶ୍ରୀକ୍ଷେତ୍ର, ଗୋଧନେଶ୍ୱର ଶିବ ମନ୍ଦିର, ବରଗଡ ଜିଲା ଗୋଡଭଗାର ଏକ ମନ୍ଦିର ସହ ବୌଦ୍ଧ ଓ କନ୍ଧମାଳ ଜିଲାର କେତେକ ମନ୍ଦିରର ହୋଇଥିବା ସୂଚନା ଦିଆଯାଇଛି। ଅନ୍ୟ ଜିଲାର ପୋଲିସ ମଧ୍ୟ ଗିରଫ ଲୁଟେରାଙ୍କୁ ରିମାଣ୍ଡରେ ନେବା ପାଇଁ ବୀରମହାରାଜପୁର ଏସ୍‌ଡିଜେଏମଙ୍କ ନିକଟରେ ନିବେଦନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ. ହରି ପ୍ରସାଦ, ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆ, ଥାନା ଅଧିକାରୀ ଶୋଭାକର ସେଠ ଓ ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ଉପସ୍ଥିତ ଥିଲେ।

ବଜାରରେ ମାରଣାସ୍ତ୍ରରେ ସ୍ତ୍ରୀଙ୍କୁ ଆକ୍ରମଣ

ସ୍ୱାମୀଙ୍କୁ ନିସ୍ତୁକ ପିଟିଲେ ଲୋକେ

ବାହାନଗା, ୧୫।୨(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଜନଗହଳିପୂର୍ଣ୍ଣ ବଜାର ଉପରେ ଶନିବାର ସନ୍ଧ୍ୟାରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ମାରଣାସ୍ତ୍ରରେ ଆକ୍ରମଣ କରି ଗୁରୁତର କରିପକାଇଥିଲେ। ଏଭଳି ଆକ୍ରମଣ ଦେଖି ସ୍ଥାନୀୟ ଲୋକେ ଓ ବ୍ୟବସାୟୀମନେ ଆକ୍ରମଣକାରୀ ସ୍ୱାମୀଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିଥିଲେ।

ନୀଳଗିରି ଥାନା ମଧୁକରଖୁଣ୍ଟା ଗ୍ରାମର କୈଳାସ ଚନ୍ଦ୍ର ନାୟକ ୨୦୧୪ରେ ଜଳଖଟୁଆ ଗ୍ରାମର ରବୀନ୍ଦ୍ର ମହାରଣାଙ୍କ ଝିଅ ସନ୍ଧ୍ୟାରାଣୀଙ୍କୁ ବିବାହ କରିଥିଲେ। କିଛି ବର୍ଷ ପରେ ପାରିବାରିକ କଳହ ପାଇଁ ସାନ୍ଧ୍ୟାରାଣୀ ଶାଶୁ ଘର ଛାଡ଼ି ଆସି ଗୋପାଳପୁରଠାରେ ଥିବା ଏକ ଟ୍ୟୁଟୋରିଆଲରେ ଚାକିରି କରି ରହିଆସୁଛନ୍ତି। ଶନିବାର ତାଙ୍କ ସ୍ୱାମୀ କୈଳାସ ଗୋପାଳପୁର ବଜାରକୁ ଆସିଥିବାବେଳେ ସାନ୍ଧ୍ୟାରାଣୀଙ୍କୁ ଦେଖିଥିଲେ। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ ଏହା ପରେ ଉଗ୍ରରୂପ ଧାରଣ କରିଥିଲା। ଫଳରେ ସ୍ୱାମୀ କୈଳାସ ଏକ ମାରଣାସ୍ତ୍ରରେ ସନ୍ଧ୍ୟାରାଣୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇ ପଡିଥିଲେ ଏହାଦେଖି ସ୍ଥାନୀୟ ଲୋକେ ଓ କିଛି ଦୋକାନୀ ମହିଳାଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଖବର ପାଇ ଗୋପାଳପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିବାରୁ ଲୋକେ କୈଳାସଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ। ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଖନ୍ତାପଡ଼ା ଓ ଗୋପାଳପୁର ଥାନା ଦାୟିତ୍ୱରେ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ହସ୍ପିଟାଲରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ମହିଳାଜଣକ ଗୋପାଳପୁର ଥାନାରେ ସ୍ୱାମୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି।

ମୋ ବସ୍ ଦୁର୍ଘଟଣା ଚିନ୍ତା ବଢ଼ାଇଛି, କ୍ରୁଟ୍‌ର ତଦନ୍ତ

ଜୀବନ ନେଇଥିବା ଡ୍ରାଇଭର ଗିରଫ

ଭୁବନେଶ୍ୱର,୧୫।୨
(ସୂର୍ଯ୍ୟକାନ୍ତ ବେହେରା)

ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ପାଇଁ କ୍ରୁଟ୍ ପରିଚାଳିତ 'ମୋ ବସ୍' ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହେଉଛି। ଏଥିପାଇଁ ଜୀବନ ପରେ ଜୀବନ ଯାଉଥିବାରୁ ଚିନ୍ତା ବଢ଼ିଛି। ଭୁବନେଶ୍ୱର ତମାଣ୍ଡୋ ଥାନା ଅନ୍ତର୍ଗତ ପାତ୍ରପଡା ଓଭରବ୍ରିଜ୍ ନିକଟ ନିର୍ମାଣଧୀନ ଫୁଟ୍ ଓଭରବ୍ରିଜ ପାଖରେ ଶୁକ୍ରବାର ରାତିର ଘଟିଥିବା ଛାତିଥରା ଦୁର୍ଘଟଣା ରାଜଧାନୀବାସୀଙ୍କ ସୁରକ୍ଷିତ ଯାତାୟାତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଲୋକଙ୍କ ଉପରକୁ ମୋ ବସ୍ ମାଡ଼ିଯିବାରୁ ନନ୍ଦିନୀ ପ୍ରଧାନ(୫୦) ନାମୀ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ଭାଇଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ନନ୍ଦିନୀଙ୍କ ଘର ଫୁଲବାଣୀରେ ହୋଇଥିବା ବେଳେ ସେ କଳିଙ୍ଗବିହାରରେ ରହୁଥିଲେ। ତେବେ ତାଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଆଧାରରେ ତମାଣ୍ଡୋ ପୋଲିସ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜୀବନ ନେଇଥିବା ମୋ ବସ୍ ଚାଳକ ପ୍ରଶାନ୍ତ ଛୋଟରାୟଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଏହାସହ ଦୁର୍ଘଟଣା ଘଟାଇଥିବା ମୋ ବସ୍ ଓ ଦୁର୍ଘଟଣାଗ୍ରସ୍ତ ୨ ଗାଡି ଜବତ କରିଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ଅନ୍ୟପଟେ ଏହି ଘଟଣାରେ କ୍ରୁଟ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା, ଡ୍ରାଇଭର ନିଶାସକ୍ତ ଥିଲେ ନା ଆଉ କେଉଁ ଅବସ୍ଥାରେ ଗାଡ଼ି ଚଳାଉଥିଲେ, ଏସବୁ ବିଭିନ୍ନ ଦିଗ ଏବଂ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚାଲିଥିବା ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ନନ୍ଦିନୀ, ମା' ରାଜକୁମାରୀ ଓ ଭାଇ ବିଦ୍ୟାସାଗର ପ୍ରଧାନ ଦୁଇଟି ସ୍କୁଟି ଯୋଗେ ଡିଏନ୍ ରେଗାଲିଆ ନିକଟ ବସ୍ ରହଣି ସ୍ଥଳ ପାଖରେ ବସ୍‌କୁ ଅପେକ୍ଷା କରିଥିଲେ। ସେଠାରେ ଅନ୍ୟଜଣେ ମହିଳା ଆଞ୍ଜେଲିନା ନାୟକ, ସ୍ୱାମୀ ସତ୍ୟବାନ ନାୟକ ଏବଂ ତାଙ୍କ ଡ୍ରାଇଁ ସିକେନ୍ଦ୍ର ପରିଚ୍ଛା ଛିଡ଼ା ହୋଇଥିଲେ। ଏହି ସମୟରେ ରୁଟ୍ ନଂ.୩୩ (ଭୁବନେଶ୍ୱର ରେଳଷ୍ଟେଶନରୁ ପିପିଲି)ରେ ଚଳାଚଳ କରୁଥିବା ଓଡି୦୨୮ଜେ୯୪୧୦ ନମ୍ବର ବିଶିଷ୍ଟ ମୋ ବସ୍‌ଟି ପାତ୍ରପଡ଼ା ଡିପୋକୁ ଦ୍ରୁତଗତିରେ ଫେରୁଥିବାବେଳେ ସେମାନଙ୍କ ଉପରକୁ ମାଡି ଯାଇଥିଲା। କେତେଜଣଙ୍କୁ ଧକ୍କା ଦେବା ସହ ଆଉ କେତେଜଣଙ୍କ ଉପରେ ଚଢ଼ିଯାଇଥିଲା। ନନ୍ଦିନୀ ଓ ତାଙ୍କ ଭାଇ ବିଦ୍ୟାସାଗରଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯିବା ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟମାନଙ୍କୁ ଏମ୍‌ସକୁ ନିଆଯାଇଥିଲା। ହେଲେ ନନ୍ଦିନୀଙ୍କୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ରାସ୍ତାରେ ଆଙ୍ଗୁଠି ମଧ୍ୟ ଛିଡିକି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏପରିକି ଦୁର୍ଘଟଣା ଘଟାଇବା ପରେ ଅଭିଯୁକ୍ତ ଚାଳକ ପ୍ରଶାନ୍ତ ମୋ ବସ୍ ନେଇ ଖୋର୍ଦ୍ଧା ଅଭିମୁଖେ ଖସି ପଳାଉଥିଲେ। ଏହି ସମୟରେ ରାସ୍ତାରେ ଏକାଧିକ ଗାଡ଼ିକୁ ଧକ୍କା ଦେଇଥିଲା। କେତେଜଣ ଲୋକ ପିଛା କରି ବସ୍‌କୁ ଅଟକାଇବା ସହ ଡ୍ରାଇଭର ପ୍ରଶାନ୍ତଙ୍କୁ ଆକ୍ରମଣ କରିଥିଲେ। ଏଥିସହ ବସ୍ କାଚକୁ ବାଡେଇ ଭାଙ୍ଗି ଦେଇଥିଲେ।

ଜଣେ ମାଓବାଦୀ ଗିରଫ, ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି,୧୫।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକ୍‌ମା ଜିଲା ପୋଲିସ ଜଣେ ମାଓବାଦୀଙ୍କୁ ଗିରଫ କରବା ସହ ତାଙ୍କ ନିକଟରୁ ବ୍ୟାପକ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଗିରଫ ମାଓବାଦୀ ହେଲେ ବିଜାପୁର ଜିଲା ନିବାସୀ ବୁଦରା କୁହରାମୀ।

ପୋଲିସ ସୂଚନା ଅନୁଯାୟୀ, ଛତିଶଗଡରେ ମାଓବାଦୀମାନେ ସପ୍ଲାଇ ନେଟୱର୍କ ଜରିଆରେ ବିଭିନ୍ନ ଅସ୍ତ୍ରଶସ୍ତ୍ର ଯୋଗାଣକାରୀଙ୍କ ସହ ସମ୍ପର୍କ ରଖି ଅସ୍ତ୍ରଶସ୍ତ୍ର ଆଣୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ଛତିଶଗଡ ତେଲେଙ୍ଗାନା ସୀମାନ୍ତ ଅଞ୍ଚଳରେ ଗାଡି ଯାଞ୍ଚ ଚାଲିଥିବା ବେଳେ ଜଣେ ବ୍ୟକ୍ତି ଏକ ବ୍ୟାଗ ମଧ୍ୟ ଧରି ଚାଲି ଚାଲି ଆସୁଥିବା ଦେଖି ପୋଲିସର ସନ୍ଦେହ ହେବାରୁ ଉକ୍ତ ବ୍ୟକ୍ତିଙ୍କୁ ଅଟକାଇ ପଚରାଉଚୁରା କରିବା ସହ ବ୍ୟାଗ ଯାଞ୍ଚ କରିଥିଲା। ସେ ବିଜାପୁର ଜିଲା ନିବାସୀ ଓ ତେଲେଙ୍ଗାନା ରାଜ୍ୟ ସମିତି ଓ ପିଏଲଜିଏ ବାଟାଲିୟନ କମ୍ପାନୀ ନଂ ୧କୁ ଅସ୍ତ୍ରଶସ୍ତ୍ର ଯୋଗାଉଥିବା ପ୍ରକାଶ କରିଥିଲେ। ତାଙ୍କ ବ୍ୟାଗକୁ ଯାଞ୍ଚ କରିବାରୁ ଗୋଟିଏ ବଣ୍ଡଲ କୋଡେକ୍ସ ତାର, ୧୨ଟି ଡିଟୋନେଟର, ୮ଟି ଜିଲେଟିନ ରଡ୍, ଗୋଟିଏ ବଣ୍ଡଲ ବିଜୁଳି ତାର, ୧୫ଟି ଛୋଟ ବ୍ୟାଟେରି, ୩ଟି ମାଓବାଦୀ ପୁସ୍ତିକା ଜବତ କରିଥିଲା। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୁକୁମା ପୋଲିସ ସୂତ୍ରରୁ ସୂଚନା ମିଳିଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଡଗର ପଠେଇ ଆଣିବେ ଧରି,
ମାଡ଼ ମରେଇବେ ଯନ୍ତାରେ ଭରି।

ଇଂରେଜ ଶାସନ କାଳରେ ଓଡ଼ିଶାର ପ୍ରଜାଙ୍କ ଅବସ୍ଥା ଦୟନୀୟ ହୋଇଥିବା ଇତିହାସ ପୃଷ୍ଠାରୁ ଜଣାଯାଏ। ସେ କାଳରେ ସବୁ ଅନ୍ୟାୟ ଅନୀତିକୁ ଆଖିବୁଜି ସହିଯିବାକୁ ପଡୁଥିଲା। ରାଜା ପିଆଦା ପଠାଇ ଦଣ୍ଡ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଡର କାହାକୁ, ଭୟ କାହାକୁ,
ଠାକୁରେ ଅଛନ୍ତି ଚଉବାହାକୁ।

ଈଶ୍ୱର ସର୍ବତ୍ର ବିଦ୍ୟମାନ। ଈଶ୍ୱରଙ୍କଠାରେ ଆସ୍ଥା ରଖିଥିବା ବ୍ୟକ୍ତି ତାଙ୍କର ସାନ୍ନିଧ ଓ କୃପା ଲାଭ କରୁଥିବା ବେଳେ ସେ ଆଶ୍ରିତ ପ୍ରାଣୀଙ୍କୁ ସକଳ ବିପଦରୁ ଉଦ୍ଧାର କରିଥାନ୍ତି। ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ନାବାଳିକାଙ୍କୁ ବଳାତ୍କାର

ଯୋଡ଼ା,୧୫।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରାଞ୍ଚଳର ଜଣେ ନାବାଳିକା(୧୬)ଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ନାବାଳିକା ଏବେ ଗର୍ଭବତୀ ଥିବା ନେଇ ନାବାଳିକାଙ୍କ ମା' ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଶହୀଦନଗରର ଯୁବକ ଦିନେଶ ପାତ୍ର ଗତବର୍ଷ ଶିବରାତ୍ରିରେ ନାବାଳିକାଙ୍କୁ ଟେକି ନେଇ ବଳାତ୍କାର କରିଥିଲେ। ଏହାର ଭିଡିଓ ରେକର୍ଡ କରି ନାବାଳିକାଙ୍କୁ ଧମକାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ନାବାଳିକା ୫ ମାସର ଗର୍ଭବତୀ ହୋଇଛନ୍ତି। ଯୁବକ ବିବାହ କରିବାକୁ ମନା କରିବା ସହିତ ତାଙ୍କୁ ମାଡ଼ ମାରିଥିଲେ। ଏ ସମ୍ପର୍କରେ ନାବାଳିକା ତାଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ନାବାଳିକାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା(ନଂ.୩୩/୨୫) ରୁଜୁ କରିବା ସହ ନାବାଳିକାଙ୍କ ଡାକ୍ତରୀ ମାଇନା କରି ତଦନ୍ତ ଆରମ୍ଭ କରିଛି।

୬ ଶିକାରୀ ଗିରଫ, ୩ ବନ୍ଧୁକ ଜବତ

ବାରିପଦା, ୧୫।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷାରେ ସଂଯୁକ୍ତ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) କ୍ୟାମେରା ଜରିଆରେ ବନ ବିଭାଗ ଶିକାରୀମାନଙ୍କୁ ଧରିବାରେ ସଫଳ ହେଉଛି। ଖଞ୍ଜାଯାଇଥିବା ଏହି କ୍ୟାମେରା ଜରିଆରେ ବନ ବିଭାଗ ୬ ଶିକାରୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଖୁଣ୍ଟା ଥାନା ଅଧୀନ ଭୁପାଡ଼ ଗ୍ରାମର ବୁଦ୍ଧିଆ ହେମ୍ବ୍ରମ, ସୁବର୍ଣ୍ଣମଞ୍ଜରୀ ଗ୍ରାମର ରଥ ସିଂ, ବାଉଳା ସିଂ, ନୂଆଗାଁର ମିଥୁନ ହେମ୍ବ୍ରମ, ଲକ୍ଷ୍ମଣ ସୋରେନ ଓ ପ୍ରଧାନ ସୋରେନ। ସେମାନଙ୍କ ନିକଟରୁ ୩ ଦେଶୀ ବନ୍ଧୁକ, ଫାଶ ଓ ଶିକାର ସାମଗ୍ରୀ ଜବତ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରି ଏକ ଗୁରାଣ୍ଡିକୁ ଶିକାର କରିଥିବା ନେଇ ଶିକାରୀମାନେ ସ୍ୱୀକାର କରିଛନ୍ତି। ଏନେଇ ବନ୍ୟଜନ୍ତୁ ଶିକାର ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇଛି। ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ନେଇ ସେମାନଙ୍କ ବିରୋଧରେ ଅନ୍ୟ ଏକ ମାମଲା ଆର୍ମ୍ସ ଆକ୍ଟରେ ରୁଜୁ କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି।

ପ୍ରକାଶ ଯେ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର କୋର୍ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ୧୫ ଦିନ ପୂର୍ବରୁ ୬ଜଣ ଶିକାରୀ ଜଙ୍ଗଲ ମଧ୍ୟକୁ ପ୍ରବେଶ କରିଥିଲେ। ଜଙ୍ଗଲରେ ଲାଗିଥିବା ଏଆଇ କ୍ୟାମେରାରେ ଫଟୋ ଉତ୍ତୋଳନ ହୋଇ ବିଭାଗକୁ ସଙ୍ଗେ ସଙ୍ଗେ ଜଣାଇବା ପରେ ପାଟ୍ରୋଲିଂ କରୁଥିବା କର୍ମଚାରୀ ତଲାସି ଆରମ୍ଭ କରିଥିଲେ। ଫଟୋକୁ ନେଇ କର୍ମଚାରୀମାନେ ଗୋଇନ୍ଦା ମାଧ୍ୟମରେ ଶିକାରୀଙ୍କୁ ଠାବ କରିଥିଲେ। ଅଭିଯୁକ୍ତଙ୍କ ଘରେ ତଲାସି କରି ସେମାନଙ୍କ ନିକଟରୁ ବେଆଇନ ଦେଶୀ ବନ୍ଧୁକ ଜବତ କରିଥିଲେ। ତେବେ ଏଆଇ କ୍ୟାମେରା ସାହାଯ୍ୟରେ ଶିକାରୀମାନେ ଧରାପଡୁଥିଲେ ହେଁ ଶିମିଳିପାଳରୁ ଶିକାର ରୋକାଯାଇପାରୁନାହିଁ। ଏଆଇ କ୍ୟାମେରା, ୱାଚ୍‌ଟାୱାର, ଅଲ୍ ଟେରେନ ଗାଡ଼ି(ଏଟିଭି) ନିୟୋଜନ, ପୋଲିସ ଓ ବନ କର୍ମଚାରୀଙ୍କ କଡ଼ାପ୍ରହରା, ସ୍ନାଇପର ଡଗ୍, ଆଇନ ଅନୁଯାୟୀ ଦଣ୍ଡବିଧାନ ସତ୍ତ୍ୱେ ଶିକାରୀମାନେ ସୁରକ୍ଷାବଳୟ ଭେଦ କରି କୋର୍ ଏରିଆରେ ପଶି ଶିକାର କରିବାରେ ଲାଗିଛନ୍ତି। ଶିମିଳିପାଳକୁ ସମ୍ପୂର୍ଣ୍ଣ ଭାବେ ଶିକାରୀମୁକ୍ତ କରିବା ପାଇଁ ଖାଲି ପଡ଼ିଥିବା ପଦବୀ ପୂରଣ ସହ କଡ଼ା ଆଇନ ପ୍ରଣୟନ ଏବଂ ସଚେତନମୂଳକ କାର୍ଯ୍ୟକ୍ରମ ନିତାନ୍ତ ଆବଶ୍ୟକ ବୋଲି ପରିବେଶବିତ୍ ସଂଯୁକ୍ତା ବସା ପ୍ରକାଶ କରିଛନ୍ତି।

ଗିରଫ ଶିକାରୀମାନେ।

ଗାଲେରି ଅଞ୍ଚଳରେ କାଉ ମଡ଼କ

ମୃତ କାଉ।

ଭଞ୍ଜନଗର, ୧୫।୨ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ୍ ଗାଲେରି ଅଞ୍ଚଳରେ କିଛିଦିନ ହେବ କାଉ ମଡ଼କ ଦେଖାଦେଇଛି। ଗତ ୩ରୁ ୪ ଦିନ ମଧ୍ୟରେ ଶତାଧିକ କାଉଙ୍କର ମୃତ୍ୟୁ ହେଲାଣି ; ଯାହାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। କାଉଙ୍କ ବେକ ଫୁଲି ଯାଇଥିବା ବେଳେ ମରିବା ପୂର୍ବରୁ ଆଖି ମିଟି ମିଟି କରି ଥରୁଛନ୍ତି। ତେଣୁ କେଉଁ କାରଣରୁ କାଉଙ୍କ ମୃତ୍ୟୁ ହେଉଛି ସେନେଇ ଠିକ୍‌ଭାବେ ଜଣାପଡ଼ିନାହିଁ। ଏନେଇ ଭଞ୍ଜନଗର ପ୍ରାଣୀ ବିଶେଷଜ୍ଞ ଡା. ନିଶିକାନ୍ତ ବଳଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଯାଞ୍ଚ ପରେ ମୃତ୍ୟୁର କାରଣ ଜଣାପଡ଼ିବ। ଆମ ପାଖରେ ଏଭଳି କୌଣସି ସୂଚନା ନାହିଁ। ରବିବାର ପରୀକ୍ଷା କରିବା ପରେ ଜଣାପଡ଼ିବ। କାଉଙ୍କ କୌଣସି ରୋଗ ଯୋଗୁ ମୃତ୍ୟୁ ହୋଇଥାଇପାରେ ବୋଲି ଡା. ନିଶିକାନ୍ତ ସୂଚନା ଦେଇଛନ୍ତି।

ଭୁଲ୍ ଇଞ୍ଜେକ୍‌ଶନରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ସୋନପୁର, ୧୫।୨ (ମୃତ୍ୟୁଞ୍ଜୟ ଶତପଥୀ)

ଡାକ୍ତରଙ୍କ ଭୁଲ ଇଞ୍ଜେକ୍‌ଶନ ଯୋଗୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ପରିବାର ଲୋକେ ଏହି ଅଭିଯୋଗ କରିବା ସହ ଶୁକ୍ରବାର ବିଳମ୍ବିତ ରାତିରେ ଚିକିତ୍ସାଳୟ ପରିସରରେ ହୋହଲ୍ଲା କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସୋନପୁର ଆଇଆଇସି ରଞ୍ଜିତ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚିକିତ୍ସାଳୟ ପରିସରରେ ମୁତୟନ ହୋଇଥିଲେ। ରାତି ସାରା ମହିଳାଙ୍କ ମୃତଦେହ ଚିକିତ୍ସାଳୟ ପରିସରରେ ପଡି ରହିଥିଲା। ବୁଝାଶୁଝା କରିବା ପରେ ପରିବାର ଲୋକେ ଭୋର ୫ଟା୩୦ରେ ମହିଳାଙ୍କ ମୃତଦେହ ସତ୍କାର ପାଇଁ ଘରକୁ ନେଇଥିଲେ। ତେବେ ଚିକିତ୍ସାରେ ଅବହେଳା କିମ୍ବା ଭୁଲ ଇଞ୍ଜେକଶନ ଯୋଗୁ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗକୁ ଚିକିତ୍ସାଳୟ ପକ୍ଷରୁ ଖଣ୍ଡନ କରାଯାଇଛି।

ବୌଦ୍ଧ ଜିଲା ଜହ୍ନାପଙ୍କ ଅଞ୍ଚଳର ହରିହର ପଟେଲଙ୍କ ସ୍ତ୍ରୀ ଅନୁପମା(୨୭) ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଶୁକ୍ରବାର ପୂର୍ବାହ୍ନରେ ସୁବର୍ଣ୍ଣପୁର ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ତାଙ୍କୁ ଚିକିତ୍ସା କରିଥିଲେ। ଅନୁପମା ରାତି ୮ଟା ୩୦ ପର୍ଯ୍ୟନ୍ତ ସୁସ୍ଥ ଥିଲେ। ପରିବାର ଲୋକଙ୍କ ସହିତ ଫୋନରେ କଥା ମଧ୍ୟ ହୋଇଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ଶନିବାର ସକାଳେ ଘରକୁ ଯିବେ ବୋଲି ଅନୁପମା କୁଆଡେ କହିଥିଲେ। ହରିହରଙ୍କ କହିବା ଅନୁଯାୟୀ ରାତି ୯ଟାରେ ହଠାତ୍ କୁହାଗଲା ଯେ ଅନୁପମାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଅଛି। ତାଙ୍କ ଶରୀରର ରଙ୍ଗ ବଦଳି ଗଲାଣି, ସେ ଚେତାଶୂନ୍ୟ ଅବସ୍ଥାରେ ଅଛନ୍ତି। ସେ ଓ ତାଙ୍କ ସମ୍ପର୍କୀୟମାନେ ଯାଇ ଦେଖିବା ବେଳକୁ ଡାକ୍ତରମାନେ ଅନୁପମାଙ୍କ ଚେଷ୍ଟକୁ ପମ୍ପିଂ କରୁଛନ୍ତି। ଦୀର୍ଘ ୨ ଘଣ୍ଟା ପର୍ଯ୍ୟନ୍ତ ରୋଗୀଙ୍କ ବିଷୟରେ କିଛି ସୂଚନା ଦିଆଗଲାନି। ପରେ କୁହାଗଲା ତାଙ୍କର ମୃତ୍ୟୁ ହୋଇଛି। ମୃତାଙ୍କ ଏକ ୬ ମାସର ପିଲା ରହିଛି। ଡାକ୍ତର, ନର୍ସଙ୍କ ଚିକିତ୍ସାରେ ଅବହେଳା ଓ ଟେଷ୍ଟ ନକରି ଭୁଲ ଇଞ୍ଜେକ୍‌ଶନ ଦେବା କାରଣରୁ ଅନୁପମାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଦାବି କରି ମୃତ ମହିଳାଙ୍କ ସମ୍ପର୍କୀୟମାନେ ଚିକିତ୍ସାଳୟ ପରିସରରେ ହୋହଲ୍ଲା କରିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ କହିଛନ୍ତି, ମହିଳାଙ୍କ ଗର୍ଭପାତ କରାଇବା ପାଇଁ ପୂର୍ବରୁ ବଟିକା ଖାଇବାକୁ ଦିଆଯାଇଥିଲା। ଏଥିଯୋଗୁ ତାଙ୍କର ରକ୍ତସ୍ରାବ ବନ୍ଦ ହୋଇ ନଥିଲା। ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସାଳୟ ଅଣାଯାଇଥିଲା। ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ତାଙ୍କୁ ଆବଶ୍ୟକ ଚିକିତ୍ସା କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ହୃଦ୍‌ଘାତଜନିତ ମୃତ୍ୟୁ ଘଟିଥିଲା ବୋଲି ଡାକ୍ତର ଗୁରୁ କହିଛନ୍ତି।

THE ODISHA STATE COOPERATIVE BANK LTD.
Pandit Jawaharlal Nehru Marg, Bhubaneswar - 751 001

Ref. No. OSCB/HRDD/ 6399 /2024-25 Date : 13.02.2025

TENDER CALL NOTICE

No.LL-20 : Tenders invited from registered and reputed insurance companies/brokers for Group Health Insurance policy of Employees and their dependents of the Odisha State Cooperative Bank, Pandit Jawaharlal Nehru Marg, Bhubaneswar - 751001 by quoting premium for a period of 1(one) year from 07.03.2025 to 06.03.2026.

The detailed list can be obtained only from the official website www.odishascb.com from 15.02.2025 to 25.02.2025. For any queries, please consult the HRD Department of OSCB in the office hours or through No. 0674-2374194/155/156.

OIPR-39012/11/0013/2425 Sd./- Managing Director

CHIEF DISTRICT MEDICAL & PUBLIC HEALTH OFFICER, KEONJHAR (ZILLA SWASTHYA SAMITI (ZSS), KEONJHAR)

Advt. Letter No. 843 Date : 14.02.2025

REQUEST FOR PROPOSAL (RFP) FOR SELECTION OF AGENCY FOR OPERATION & MANAGEMENT OF MAA GRUHA (MATERNITY WAITING HOME) IN KEONJHAR DISTRICT UNDER DMF

No.E-755 : A Request for Proposal (RFP) is invited from the reputed and experienced Agencies/Organizations/Firm for **"Operation & Management of Maa Gruha (Maternity Waiting Home) in Keonjhar District under DMF"**. The eligibility criteria and detailed requirements for said RFP and the formats for submission of proposal are set forth in the RFP document which can be downloaded from the district Portal website i.e. **https://kendujhar.odisha.gov.in**. Interested bidders fulfilling the eligibility criteria may submit their proposal & documents as set forth in this RFP and submit to the undersigned in sealed envelope (s) clearly super scribing **"RFP for Operation & Management of Maa Gruha (Maternity Waiting Home) in Keonjhar District under DMF"** . Proposal(s) complete in all respect should reach the Office of the **CDM & PHO, Keonjhar-758001** by **Speed Post/Regd.Post/ Courier** only on or before **dt. 17.03.2025 till 5.00 P.M.** The proposal(s) shall be opened on **dt. 18.03.2025 at 11.00 A.M.** in NHM Conference Hall, DHH, Keonjhar. Incomplete applications received in an open envelope/applications received after the due date will be summarily rejected.

The authority reserves the right cancel or reject the any or all RFP without assigning any reason thereof. No personal query shall be entertained. The decision of the committee will be treated as final.

OIPR-10033/11/0032/2425 Sd./- Chief District Medical & Public Health Officer, Keonjhar

OFFICE OF THE DEPUTY DIRECTOR OF TEXTILES, CUTTACK

At/PO - Jagatpur, Dist. - Cuttack, PIN - 754021,
Tele Fax : 0671-2549133 (Off.) E-mail : ddtex.cuttack@gmail.com
Letter No. 802/Dt.14.02.2025

No.PP-54 : Sealed Tender/Quotations are invited from the registered suppliers / manufacturers / dealers/ firms having valid PAN and GST registration with up to date Income Tax & GST clearance certificate, for supply of different handloom items like-Frame looms (56" & 60" wood), stainless steel reed (54X52, 56X52, 60X52, 72X52) wire heald (10.5"), Bhapur Shuttle, Nylon Bobbin (2.5X5.5"), Nylon Pirn (3.5' & 4.5"), Cycle rim wooden charkha, warping drum (6' dia), iron jacquard (120 hooks), comber board, harness cord, mail eye, lingoes (10gm), punching plate and board (120 hook), wooden tie and dye frame(4X6.6"), stainless steel top(20-30Ltr), thermometer(100 degree), plastic beaker(100ml), stainless steel pipe(both side close(1X30"), corrosion free gloves, SS mug(1 ltr), gas stove, steel spoon (30ml) for the weavers of Cuttack zone under the scheme "Promotion of Handloom Industries" for the year 2024-25.

Interested supplier may quote their lowest rate with detailed specifications (material to be used/size/specification/brand etc.) along with the copy of Income Tax certificate, GST registration and proof of execution of such order earlier if any to the undersigned on or before date 06.03.2025 by 5.30 P.M. through regd/ speed post only. The tender/quotation received either in incomplete form/after the due date and time will not be considered and treated as cancelled. The tender / quotation will be opened on dated 07.03.2025 at 11.30 A.M. (for POHI 2024-25) and 1.00 P.M. for skill upgradation training 2024-25 in the office of the undersigned in the presence of quotationers or their authorized representatives and members of purchase committee.

The quotationers or their authorized representatives if any must present on that day with samples of the quoted items, failing which the related quotations shall not be considered. N.B: (Sealed Quotations/tender must be submitted for each programme in separate envelopes i.e. super scribed as Quotation/ tender for POHI' 2024-25 & Quotation for Skill up- gradation Training' 2024-25)

For more details, term & condition etc. for supply of the items, please visit the official website of Directorate of Textiles Odisha, Bhubaneswar www.textiles.odisha.gov.in or State Agency for Development of Handloom Cluster (SADHAC), Bhubaneswar - www.Sadhacodisha.org or official website of Odisha State Handloom Weavers Co-operative Societies Ltd, Bhubaneswar (BOYANIKA)-www.boyanika.com or Official website of Sambalpuri Bastralay Weavers Co-operative Society Ltd., Bargarh - www.sambalpuribastralaya.com and may contact the Deputy Director of Textiles, Cuttack in the above listed address, email & Phone number.

The undersigned reserves the right to reject or accept any or all the quotations without assigning any reason thereof.

OIPR-31035/11/0003/2425 Sd./- Deputy Director of Textiles, Cuttack

SAMBALPUR MUNICIPAL CORPORATION

No.C-1652

Notice No. 1412/SMC Date. 13.02.2025

SEALED REQUEST FOR PROPOSAL FOR SELECTION OF CONSULTING FIRM/AGENCIES FOR ESTABLISHMENT OF PROJECT MANAGEMENT UNIT AT SAMBALPUR MUNICIPAL CORPORATION. The tender documents should be received through Registered/Speed Post only in address to the Commissioner, Sambalpur Municipal Corporation, Durgapali, Sambalpur, PIN-768006 on or before **28.02.2025 by 5.00 P.M.** The tender document along the items list can be downloaded from SMC official website www.smcsambalpur.nic.in.

The Authority reserves the right to cancel any or all the Bids without assigning any reason thereof.

Sd./- Municipal Commissioner
OIPR-13122/11/0077/2425 Sambalpur Municipal Corporation

GOVERNMENT OF ODISHA, DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER,CENTRAL IRRIGATION CIRCLE,BHUBANESWAR

No.A-1070: **'e' Procurement Notice No. ACECIC-17/2024-25**

Procurement Officer	Bid Identification No.	Name of Work	Cost of Work (Rs.in Lakhs)	Bid Security (Rs.) E.M.D.	Cost of Bid documents (Rs.)	Class of Contractor	Bid documents available online for bidding From	Bid documents available online for bidding To	Date of opening of Technical Bid	Period of Completion of work
ACECIC, Bhubaneswar	PID-10/ 2024-25	C.C. Lining of Sukal Distributary from RD 10.00 Km to 15.800 Km.	778.23	778300/- (Online)	10000/- (Online)	"A" & "Special" Class	17.02.2025 At 10.00 Hours	03.03.2025 At 17.00 Hours	04.03.2025 At 11.00 Hours	12 (Twelve) Calendar Months)

e-mail Id:secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.
OIPR-32160/11/0021/2425 Sd./- Additional Chief Engineer, Central Irrigation Circle

DISTRICT PROJECT OFFICE SAMAGRA SHIKSHA, MALKANGIRI

Letter No. 862/2025 Dated. 13.02.2025

CORRIGENDUM

No.n-223 : In pursuance of this office Tender Call Notice No. 762 dated. 30.01.2025, Sealed Tenders was invited by the undersigned for printing and supply of MLE Text Book (Bonda & Koya, (Class I to V) and Didayi (Class I to IV) for the year 2025-26. Due to technical problem of the Computer, the sample Tender Paper was not uploaded in the Malkangiri District website. Now, the prescribed Tender Paper, Terms and Conditions is uploaded in the Malkangiri District website i.e. **http://malkangiri.odisha.gov.in.** The same may be downloaded from the website and tender paper along with required documents may be submitted in the prescribed tender paper. The last date for receipt of tender paper is extended up to **20.02.2025 (up to 5.00 P.M.)**. Paper should be sent through Regd. Post/Speed Post/ Courier only, which will be opened on **21.02.2025 at 4.00 P.M.** at Collectorate in presence of District Level Committee and Tenderer or their authorized persons. **The tender received after 5.00 P.M. of 20.02.2025 shall not be entertained**. In case of any bidder who has submitted the tender paper, his EMD & Tender paper processing fee will not be required second time.

The undersigned reserves every right to reject any or all the tenders without assigning any reason thereof.

Sd./- DEO-cum-DPC,
OIPR-27064/11/0010/2425 Samagra Shiksha, Malkangiri

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 2623/ଭୁ.ଉ.କ., ଭୁବନେଶ୍ୱର ତା.04.02.25 ରିଖ
EAV-83/78

ସୂଚନା

No.CAD-2568: ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ଼ ହାଉସିଂ ସ୍କିମ୍, ବରଗଡ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-EA-36କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୧୪୧୬, ତା.୧୬.୦୩.୨୦୨୪ ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ବନଲତା ମହାନ୍ତି, ସ୍ୱାମୀ-ହିମାଂଶୁ ଶେଖର ମହାନ୍ତି, ଗ୍ରାମ/ପୋଷ୍ଟ-ରାଇପୁର, ଥାନା-ବାଲିଚନ୍ଦ୍ରପୁର, ଜିଲ୍ଲା-ଯାଜପୁର, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।

ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ବନଲତା ମହାନ୍ତି ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସମର କୁମାର ଜେନା, ପିତା- ସ୍ୱର୍ଗତ ଅଜୟ କୁମାର ଜେନା, ଗ୍ରାମ-ମାଣିକ ଶିମୁଳିଆ, ପୋଷ୍ଟ-ଜଗାଇ, ଥାନା-ବାଲିଆପାଳ, ଜିଲ୍ଲା-ବାଲେଶ୍ୱର, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
OIPR-13033/11/0242/2425 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା

ଭଦ୍ରକ-ଚାନ୍ଦବାଲି ମାର୍ଗରେ ଯାତାୟାତ କରୁଥିବା ଯାତ୍ରୀବାହୀ ଯାନଗୁଡିକର ଚଠା ସୁବ୍ୟବସ୍ଥାକରଣ ସମୟସାରଣୀ

No.JJ-57: ଏତଦ୍ଦ୍ୱାରା ଭଦ୍ରକ-ଚାନ୍ଦବାଲି ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ବସ୍ ମାଲିକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ବସ୍ ମାଲିକମାନଙ୍କର ଯାତାୟାତ କରୁଥିବା ସମୟକୁ ସୁବ୍ୟବସ୍ଥାକରଣ କରି ଚଠା ସମୟସାରଣୀ (Draft Rationalized time) ପ୍ରସ୍ତୁତ କରାଯାଇଅଛି, ଯାହାକି STA websiteରେ ଉପଲବ୍ଧ ଅଟେ ।

ପ୍ରସ୍ତୁତ କରାଯାଇଥିବା ଚଠା ସୁବ୍ୟବସ୍ଥାକରଣ ସମୟ (Draft Rationalized time) ସାରଣୀରେ ଯଦି କୌଣସି ବସ୍‌ମାଲିକମାନଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ସେମାନେ ତାଙ୍କର ଲିଖିତ ଅଭିଯୋଗ ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟରେ ଖବରକାଗଜରେ ପ୍ରକାଶିତ ଦିନଠାରୁ ୩୦ ଦିନ ମଧ୍ୟରେ ଦାଖଲ କରିପାରିବେ । ନିର୍ଦ୍ଧାରିତ ସମୟ ପରେ ଅଭିଯୋଗଗୁଡିକୁ ବିଚାରକୁ ନିଆଯିବ ନାହିଁ । ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରାଯାଇଥିବା ଅଭିଯୋଗଗୁଡିକୁ ତର୍ଜମା କରାଯାଇ ଅନ୍ତିମ ସୁବ୍ୟବସ୍ଥାକରଣ (Final Rationalized time) ସମୟସାରଣୀ ପ୍ରସ୍ତୁତ କରାଯାଇ କାର୍ଯ୍ୟକାରୀ କରାଯିବ । ଯେଉଁ ଯାତ୍ରୀବାହୀ ବସ୍‌ଗୁଡ଼ିକୁ ଚଠା ସୁବ୍ୟବସ୍ଥାକରଣ ସମୟ ସାରଣୀରେ (Draft Rationalized time) ଅନ୍ତର୍ଭୁକ୍ତ କରାଯାଇଅଛି ଉକ୍ତ ବସ୍‌ଗୁଡିକର ପଞ୍ଜୀକୃତ ନମ୍ବର ଓ ସମୟ ସାରଣୀ STA websiteରେ ଉପଲବ୍ଧ ଅଛି । STA websiteର ଠିକଣା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

Website:- www.odishatransport.gov.in

ସ୍ୱା./- ସଚିବ,
OIPR-38003/11/0050/2425 ରାଜ୍ୟ ପରିବହନ ପ୍ରାଧିକାରୀ, ଓଡ଼ିଶା, କଟକ

See Career Appointment on every **Wednesday & Saturday**

ODISHA PUBLIC SERVICE COMMISSION, CUTTACK

NOTICE

No. 1059/P.S.C., Dt. 14.02.2025
(1R-29-2024/25)(DR-V)

No.D-266 : It is for information of all concerned that, document verification of candidates having **PPSAN** mentioned below for the Post of **Associate Professor in Civil Engineering**, pursuant to advertisement No.32 of 2023-24 shall be held on **28.02.2025 & 01.03.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

PROGRAMME OF DOCUMENT VERIFICATION

Date	Time of verification	PPSAN
28.02.2025	10.30 A.M.	P220000003, P230181344, P240245064 & P240301823 = **04 Candidates**
	2.30 P.M.	P240302365, P240302479 & P240303241 = **03 Candidates**
01.03.2025	10.30 A.M.	P240303468, P240304846, P240305788 & P240306409 = **04 Candidates**
	2.30 P.M.	P240306811 & P240306836 = **02 Candidates**

The candidates are required to submit the following documents at the time of verification :-

1. The hard copies of **online application forms** indicating their **PPSAN at the top right hand corner**.
2. Four passport size **photographs**.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent certificate in support of declaration of age issued by the concerned Board/Council.
5. Bachelor's Degree (BE/B.Tech.) certificate issued by the recognized University in the relevant branch.
6. M.E./M.Tech./M.S./Integrated M. Tech certificate issued by the recognized University in the relevant branch.
7. Ph.D. Degree certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board/Council/ University/Institution.
9. Research Papers.
10. Research Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post Ph.D. experience.
13. Caste certificate wherever applicable.
14. No Objection Certificate from the competent authorities in case of Government Servants.
15. Any proof of identity
16. Any other documents as mentioned in para-09 of Advt. No.32 of 2023-24.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

Note : It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0153/2425 Sd./- Secretary

GOVERNMENT OF ODISHA
OFFICE OF THE PANCHAYAT SAMITI, JAGANNATH PRASAD, GANJAM

RE-TENDER CALL NOTICE:- 02/2024-25, DATED:
INVITATION FOR COMPETATIVE BIDDING

Bid Notice No.526 Dated:13.02.2025

No.i-487: The Block Development Officer, Jagannath Prasad on behalf of Govt. of Odisha, invites sealed tender in confirming with sealed tender call notice (D.T.C.N.) from the Registered contractor of state PWD or equivalent class of CPWD/ Railway/MES/Central Govt./ State Govt. Undertaking for the following works to be eventually drawn up in the percent rate contractor from (P-1).

Sl. No.	Name of the Work	Value of Work (in Rs.) (Excluding GST 18%)	Bid Security @1% (in Rs.)	Cost of Tender Paper (in Rs.)	Class of Bidder	Period of Completion
1	Construction of GPLF Building with Market Complex at Adheigam GP	23,63,590	23700	6000/-	Class- B & C	6 (Six) Calendar Months
2	Construction of GPLF Building with Market Complex at Alladi GP	23,63,590	23700	6000/-	Class- B & C	6 (Six) Calendar Months
3	Construction of GPLF Building with Market Complex at B D Pur GP	23,63,590	23700	6000/-	Class- B & C	6 (Six) Calendar Months
4	Construction of GPLF Building with Market Complex at Gandadhara GP	23,63,590	23700	6000/-	Class- B & C	6 (Six) Calendar Months
5	Construction of GPLF Building with MarketComplex at Kumpapada GP	23,63,590	23700	6000/-	Class- B & C	6 (Six) Calendar Months
6	Construction of GPLF Building with Market Complex at Khetamundali GP	23,63,590	23700	6000/-	Class- B & C	6 (Six) Calendar Months
7	Construction of GPLF Building with Market Complex at Kokalaba GP	23,63,590	23700	6000/-	Class- B & C	6 (Six) Calendar Months

Terms and Conditions: 1. Cost of Tender paper. The tender specification can be obtained from the office of the Block Development Officer, JN Prasad on payment towards the cost of Tender Papers as mentioned above (Non-Refundable) in shape of Bank Draft or Demand Draft only (No other modes will be entertained) drawn in favour of Block Development Officer, JN Prasad in any Nationalised Bank having its branch at J.N. Prasad on any working day from Dt.17.02.2025 to Dt.24.02.2025 for the above work. **2. Sale of Tender Papers:** The tender documents will be sold from Dt.17.02.2025 to Dt.24.02.2025 at Block Office, JN Prasad between 10.00 AM to 5.00 PM on working days only. **3. Date of receipt and mode of submission of Tender Papers:** The tenderers have to submit the sealed tender papers in complete shape through **Registered Post/ Speed Post** only, by directly sending it to the BDO, JN Prasad in his official postal address. The last date of receipt of tender papers 24.02.2025 upto 5.00 PM. The undersigned will not be responsible for postal delay if any or non receipt of the papers in time. **The tenders must superscribe the name of the work/ project on the sealed envelope. 4. Date of Opening of Tender Paper:** The tender paper shall be opened on 25.02.2025 at 11.00 AM in the presence of the tenderers or their authorised representatives having written authorization for the purpose and the members of tender committee. **5. Earnest Money Deposit:** 1% (One percent) of the bid value in shape of post office Term Deposit/ Short Term Deposit/ N.S.C./ K.V.P./ Deposit Receipt of any Nationalised Bank duly pledged in favour of Block Development Officer, JN Prasad. The tender papers without required amount of E.M.D. will not be considered and transfer or adjustment of E.M.D. is also inadmissible. 6. The Block Development Officer, JN Prasad reserves the right to reject any or all the tenders without assigning any reasons thereof. Other details can be seen in the bidding documents.

OIPR-19289/11/0004/2425 Sd./- Block Development Officer, Jagannath Prasad

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
Odisha Rural Development & Marketing Society
creating competence and values in rural Odisha
Panchayati Raj and DW Department, Government of Odisha
ORMAS BHUBANESWAR

No. 341 Date : 14.02.2025
File No. : ORMAS-mkt-Event-0001-2024

REQUEST FOR PROPOSAL (RFP)

Selection of an Event Management Agency for Designing, Fabricating, Erection of stall with other allied works and Management of Event for Sisir Saras- 2025 in Bhubaneswar, Odisha

No.CAD-2581 : ORMAS under the Panchayati Raj & Drinking Water Department, Government of Odisha (The Client) invites sealed two bid systems from the eligible bidders through e-tender process for **"Selection of an Event Management Agency for Designing, Fabricating, Erection of stall with other allied works and Management of Event for Sisir Saras- 2025 in Bhubaneswar, Odisha"** in Bhubaneswar, Odisha". Bidders fulfilling the prescribed eligibility criteria of the RFP can access and download the complete RFP Document and other details from **www.ormas.org/panchayat.odisha.gov.in/ www.tendersodisha.gov.in**.The bid calendar under the end to end process are :

Date of Isue of RFP	Date of Pre-Bid Meeting	Last Date for Submission of Bid	Date of Opening of Technical Bid	Date of Technical Presentation & Opening of Financial Bid	Bid Processing Fee in Rs.	EMD in Rs.
14/02/2025	21/02/2025 4 P.M.	06/03/2025 up to 3 P.M.	06/03/2025 4 P.M.	07/03/2025 10.30 A.M. & 4.30 P.M.	10,000/- Including GST	2,00,000/-

The bidders must apply their proposal through e-tender process latest by 06/03/2025 up to 3 PM clearly mentioning "REQUEST FOR PROPOSAL - **"Selection of an Event Management Agency for Designing, Fabricating, Erection of stall with other allied works and Management of Event for SISIR SARAS- 2025 in Bhubaneswar, Odisha"**. The proposals received beyond the last date and time will be rejected without assigning any reason. The authority reserves all the rights to reject any/ all proposals at any stage without assigning any reason thereof.

OIPR-19004/11/0009/2425 Sd./- Chief Executive Officer, ORMAS

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ଗୁନ୍‌ଗୁନ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ବ୍ୟବସାୟକୁ ତିନିଗୁଣ ବଢ଼ାଇବାକୁ ଲକ୍ଷ୍ୟ

ନୂଆଦିଲ୍ଲୀ,୧୫।୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବୟନ ଶିଳ୍ପ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ କମ୍ପାନୀ ଗ୍ରାଇଣ୍ଡେଷ୍ଟ ଗ୍ରୁପ୍ ଭାରତ ଟେକ୍ସ ୨୦୨୫ରେ ଉଚ୍ଚାଭିଳାଷୀ ଯୋଜନା ଘୋଷଣା କରିଛି। ଏପରି କି ୨୦୨୭ ସୁଦ୍ଧା କମ୍ପାନୀ ଭାରତରେ ତା'ର ବ୍ୟବସାୟକୁ ତିନିଗୁଣ ବଢ଼ାଇବାକୁ ଲକ୍ଷ୍ୟ ରଖିଛି। ଘରୋଇ ବୟନ ଶିଳ୍ପ, ସୂତା ଏବଂ ଶକ୍ତି ବ୍ୟବସାୟରେ ସ୍ଥିରତା, ଆଧୁନିକୀକରଣ ଏବଂ ସମ୍ପତ୍ତି ବୃଦ୍ଧି ଉପରେ ଧ୍ୟାନ ଦେଇ ୨୦୨୫-୨୬ ଆର୍ଥିକ ବର୍ଷରେ କମ୍ପାନୀ ୧୦୦୦କୋଟି ଟଙ୍କାର ପୁଞ୍ଜି ବ୍ୟୟ ମାଧ୍ୟମରେ ଏହି ଅଭିବୃଦ୍ଧି ହାସଲ କରିବା ପାଇଁ ଗ୍ରୁପ ଯୋଜନା କରିଛି। ଗ୍ରାଇଣ୍ଡେଷ୍ଟ ଗ୍ରୁପର ଅଧ୍ୟକ୍ଷ ପଦ୍ମଶ୍ରୀ (ଡ.) ରାଜିନ୍ଦର ଗୁପ୍ତା କହିଥିଲେ, ଆମେ ନବସୃଜନ ଏବଂ ସ୍ଥାୟିତ୍ୱକୁ ସମନ୍ୱିତ କରି ବୟନ ଶିଳ୍ପର ଭବିଷ୍ୟତକୁ ରୂପ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଆଧୁନିକୀକରଣ, ମୂଲ୍ୟ ସୃଷ୍ଟି ଏବଂ ବିଶ୍ୱ ସମ୍ପ୍ରସାରଣ ଉପରେ ଆମର ଅଟୁଟ ଧ୍ୟାନ ରହିଛି।

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ

ଶ୍ରୀସୁଲକ୍ଷଣା ମିଶ୍ର
ବୀରବଳଭଦ୍ରପୁର, ଚନ୍ଦନପୁର, ପୁରୀ
ଆବିର୍ଭାବ: ୦୪।୦୨।୧୯୨୩
ତିରୋଧାନ: ୦୭।୦୨।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଭକ୍ତିପୂତ ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଝିଆରୀ, ଘୁଡୁରା, ଅଣନାତି, ପଣନାତି, ବନ୍ଧୁ ଓ ପରିବାରବର୍ଗ ।
ଧ-୨୯୧୭

ଏନ୍‌ଟିପିସି କଣିହାଁକୁ ସ୍ୱର୍ଣ୍ଣଶକ୍ତି ପୁରସ୍କାର

ତାଳଚେର,୧୫।୨(ମନୋଜ ନନ୍ଦ)

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସିକୁ ସାମଗ୍ରିକ ଉତ୍କର୍ଷ ପୁରସ୍କାର ଏବଂ ସାମଗ୍ରିକ ସୁରକ୍ଷା (ଓଆଣ୍ଡଏମ୍) ୨୦୨୩-୨୪ ବର୍ଷ ନିମନ୍ତେ ସ୍ୱର୍ଣ୍ଣଶକ୍ତି ପୁରସ୍କାର ପ୍ରଦାନ କରାଯାଇଛି। ଆଞ୍ଚଳିକ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ଇଷ୍ଟର୍ନ ରିଜନ-୨) ଅରିନ୍ଦମ ସିହ୍ନା, ଏନ୍‌ଟିପିସି କଣିହାଁ ପ୍ରୋଜେକ୍ଟର ମୁଖ୍ୟ ଏ.କେ. ସେହଗଲ, ସିଏମ୍‌ଡି ଗୁରୁଦୀପ ସିଂ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ପୁରସ୍କାର ଗୁଡିକ ଗ୍ରହଣ କରିଥିଲେ। ପ୍ରକାଶ ଯେ, ରାୟପୁରଠାରେ ଗତ ୧୩ ଫ୍ରୁ୧୫ ତାରିଖ ଯାଏ ଭାରତର ସର୍ବବୃହତ୍ ଇଣ୍ଟିଗ୍ରେଟେଡ୍ ପାୱାର ୟୁଟିଲିଟି ଏନ୍‌ଟିପିସି ଲିମିଟେଡ ଏହାର ଫ୍ଲାଗଶିପ୍ ଇଭେଣ୍ଟ, ଇଣ୍ଡିଆନ ପାୱାର

ଏନ୍‌ଟିପିସି ଅଧିକାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

ଷ୍ଟେଶନ୍ସ ଓଆଣ୍ଡଏମ ସମ୍ମିଳନୀ (ଆଇପିଏସ୍-୨୦୨୫) ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ସଚିବ (ଶକ୍ତି) ପଙ୍କଜ ଅଗ୍ରୱାଲ କହିଥିଲେ, ଏନ୍‌ଟିପିସି ସମଗ୍ର ଦେଶରେ ଥର୍ମାଲ ପାୱାର ଷ୍ଟେଶନ ଅପରେଟରମାନଙ୍କ ପାଇଁ ଏକ ମାନଦଣ୍ଡ ସ୍ଥାପନ କରିଛି। ଇତିହାସରେ ପ୍ରଥମ ଥର ପାଇଁ ଏନଟିପିସି ଦ୍ୱାରା ଉଲ୍ଲେଖନୀୟ ଅବଦାନ ସହିତ ୫୦ ମିଲିୟନ ଟନ୍ କୋଇଲା ଷ୍ଟକ ରକ୍ଷଣାବେକ୍ଷଣ କରାଯାଇଛି।

୨୦୨୫-୨୬ ରେ ୨.୫୨ ଲକ୍ଷ କୋଟିର ଋଣ ଆକଳନ

ଷ୍ଟେଟ କ୍ରେଡିଟ୍ ସେମିନାର-୨୦୨୫ ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୨ (ଅଭୟ ଦାଶ)

ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ ବା ନାବାର୍ଡର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଷ୍ଟେଟ କ୍ରେଡିଟ ସେମିନାର-୨୦୨୫ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏପରି କି ଭୁବନେଶ୍ୱରଠାରେ ଆୟୋଜିତ ଏହି ସେମିନାର ଅବସରରେ ନାବାର୍ଡ ପକ୍ଷରୁ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ଷ୍ଟେଟ୍ ଫୋକସ୍ ପେପର୍ ପ୍ରକାଶ ପାଇଥିଲା। ଏହି ପେପର ଆଧାରରେ ଚଳିତ ଆର୍ଥିକବର୍ଷ ପାଇଁ ଋଣ ଆକଳନ ସହ ପ୍ରାଥମିକତା କ୍ଷେତ୍ର ଅଧୀନରେ ସାମଗ୍ରିକ ଋଣ ସମ୍ଭାବନା ୨,୫୨,୦୦୦ କୋଟି ଟଙ୍କା ରହିବ ବୋଲି ଉକ୍ତ ପେପରରେ ଦର୍ଶାଯାଇଥିଲା। ସେହିଭଳି ଏହି ଅବସରରେ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା।

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଜଣେ ସଫଳ ଉଦ୍ୟୋଗୀଙ୍କୁ ପୁରସ୍କୃତ କରୁଥିବାବେଳେ ଅନ୍ୟମାନେ ନିକଟରେ ଉପସ୍ଥିତ ଅଛନ୍ତି।

ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ ଏବଂ ଏସ୍‌ଏଲ୍‌ବିସିର ଆବାହକ ଗୌତମ ପାତ୍ରଙ୍କ ସମେତ ଓଡ଼ିଶା ସରକାରଙ୍କ ବହୁ ବରିଷ୍ଠ ଅଧିକାରୀ ଏବଂ ନାବାର୍ଡର ଅଂଶୀଦାର ଓ ବିଭିନ୍ନ ଜିଲ୍ଲାର ନିୟନ୍ତ୍ରଣକାରୀ ବ୍ୟାଙ୍କ ମୁଖ୍ୟ, କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟମାନେ ଉପସ୍ଥିତ ଥିଲେ।

ଏ ନେଇ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଡ. ଏସ୍. କେ. କେ. ମିଶ୍ରା କହିଥିଲେ, ଗ୍ରାମୀଣ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସହ ଋଣ ପହଞ୍ଚାଇବାକୁ ଗୁରୁତ୍ୱ ଦିଆଯାଉଛି। ଏପରି କି ୨୦୨୫-୨୬ ବର୍ଷ ପାଇଁ ନାବାର୍ଡ ୨,୫୨,୦୦୦ କୋଟି ଟଙ୍କାର ଋଣ ଆକଳନ କରିଛି। ଏହି ଋଣ ଅଗ୍ରାଧିକାର କ୍ଷେତ୍ର ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ନାବାର୍ଡକୁ ଋଣ ଯୋଜନା କାର୍ଯ୍ୟ ଠିକ୍ ସମୟରେ ଶେଷ କରିଥିବାରୁ ଅଭିନନ୍ଦନ ଜଣାଇବା ସହ ଓଡ଼ିଶାରେ ଅଗ୍ରାଧିକାର କ୍ଷେତ୍ର ପାଇଁ ବ୍ୟାଙ୍କ ଋଣ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ଅପରପକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, ଓଡ଼ିଶା ଦ୍ରୁତଗତିରେ ବୃଦ୍ଧି ପାଉଛି ଏବଂ ବ୍ୟାଙ୍କଗୁଡ଼ିକ ଋଣର ଗୁଣବତ୍ତାରେ ଉନ୍ନତି ଆଣିବାକୁ ପଡ଼ିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ ଏବଂ ଏସ୍‌ଏଲ୍‌ବିସି କନ୍‌ଭେନର ଗୌତମ ପାତ୍ର ରାଜ୍ୟରେ ନାବାର୍ଡର ଭୂମିକା ଓ କାର୍ଯ୍ୟକ୍ରମ ଆଦି ବିଷୟରେ କହିଥିଲେ। ପରିଶେଷର ସଫଳ ଚାଷୀ ଓ ଉଦ୍ୟୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା।

ଜୟଆଲୁକ୍କାସ୍‌ରେ ସର୍ବବୃହତ୍ ଅଳଙ୍କାର ସେଲ୍

ଭୁବନେଶ୍ୱର,୧୫।୨

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ 'ଜୟଆଲୁକ୍କାସ୍'ର ବହୁ ପ୍ରତୀକ୍ଷିତ ବିକ୍ରୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବର୍ଷର ସର୍ବବୃହତ୍ ଅଳଙ୍କାର ବିକ୍ରୟ (ଦି ବିଗେଷ୍ଟ ଜ୍ୱଏଲେରି ସେଲ୍‌ସ ଅଫ୍ ଦି ଇୟର) ନିକଟରେ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆକର୍ଷଣୀୟ ଅଫର ସାଙ୍ଗକୁ ମେକିଂ ଚାର୍ଜ (ଭିଏ) ଉପରେ ଫ୍ଲାଟ୍ ୫୦% ରିହାତି ପ୍ରଦାନ କରାଯାଉଛି।

Happy Marriage Anniversary

Sudhir & Sona

May every day of your life be full of love, happiness and prosperity !

The true love and trust you share with each other make you the best couple in the world.

D-2944

Classified Everyday

0674-2580101, 9692975378

MATRIMONIAL

BRIDE WANTED

Handsome Karan Boy 1994, 6ft., B.Tech, MBA (NIT), serving MNC Hyderabad. "Sunasansar". 9937512659 D-76239

ମନବୁଝା ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ୍ ବୟସ୍କ ବ୍ରାହ୍ମଣ ଉଚ୍ଚଶିକ୍ଷାପ୍ରାପ୍ତ ସରକାରୀ ଆୟୁର୍ବେଦ ଡାକ୍ତର। ସକାରାତ୍ମକ; ବେଳହୁଁ ପହଞ୍ଚ ସ୍ୱାଗତଯୋଗ୍ୟ। 9437593214. D-2939

GROOM WANTED

Beautiful Teli girl 28+ Govt. II Officer (Caste No bar). 9938199964. D-2938

REAL ESTATE

SALE

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

One Acre NH facing commercial plot between Bhubaneswar-Cuttack, suitable for Vehicle Showroom, Hospital, available for outright sale. Contact: 9937805500. D-75595

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

Indivisual Re-Sale Plot sale Sundarpada, Hi-Tech Plaza @ 1400/- Nakhara- 1700/. 9776866520. D-76235

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 6372509299. D-76239

(A) Commercial Plot, facing to NH Road, Nakhara to Niali NH 10,000 Sq.ft., 3 Sides Road, (B) Residential Plot Near Petal English Medium School 1250 Sq.ft. with Boundarywall at Brahmanjharilo, Cuttack, 11 Km. to BBSR. Personal Plots, No Builders. 7809525452. D-76417

ଆଶ୍ଚର୍ଯ୍ୟଜନକ ଅପ୍ରିୟ ସତ୍ୟ, ଦଶହଜାରରୁ ତିନିଲକ୍ଷ ମଧ୍ୟରେ best investment project-8917622925. D-2923

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888. D-2937

Luxury flat all amenity and newly full furnished (1350sqft) at M.J. Woods Andharua, Jagannath Prasad, Bhubaneswar, Mob- 9078280148 ready to move (no broker). D-2848

Ready to move 4BHK flat 1st floor with double parking, Saubhagya Nagar near Narula Sweets, 2049 SBA, 6500/- per sqft. Contact: 7978584549. D-75594

CONSTRUCTION

Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2630

FOR RENT

2Acre (87000 sqft) NH facing plot near Chandanpur, Puri for any commercial purposes Rent/Lease. 9438400633 D-76236

Ground floor single room 200sqft with attached toilet at VSS Nagar-7873657633. D-2864

Office/ Residence 1475 sqft. 4th Lane, Somanath Nagar, Berhampur. Ph No.- 8847842379, 9437423568. D-2929

ଧରିତ୍ରୀ DHARITRI

Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ ।

Q199723846@ybl | T&C Apply

BHIM | UPI BHARAT INTERFACE FOR MONEY | UNIFIED PAYMENTS INTERFACE

ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

AFFIDAVIT

By virtue of an affidavit sworn before Executive Magistrate, Bhadrak, dated 07.02.2025, I, Rajesh Das (24yrs), S/o-Amina Das, Address: Vill./P.O.- Rambhila, P.S.- Bhadrak (R), Dist.- Bhadrak, Odisha, PIN- 756111 declare that I have changed my name Rajesh Kumar Das to Rajesh Das. Henceforth, I shall be known as Rajesh Das for all purposes. D-2943

By virtue of an affidavit sworn before Executive Magistrate, Balasore dated 06.01.2025, I, Kartik Behera, Address: Village- Susa, P.O.- Saragan, P.S.- Sadar, Dist.- Balasore, Odisha 756002, declare that I have changed my daughter's name from Suchismita Behera to Susmita Behera. Henceforth, she shall be known as Susmita Behera for all purposes.
Kartik Behera
D-2936

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

LEGAL NOTICE

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ୍ କୋର୍ଟ ନଂ.- ୪, ସ୍ଥାନ- ସରକାରୀ ଅଫିସ୍ ୟୁନିଟ୍- ୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ.- ୧୩୫୧/୨୦୨୨

ପ୍ରମିଳା ରଥ ...ବାଦୀ

ବନାମ

ଦିଗାମ୍ବର ଚକ୍ରବର୍ତ୍ତୀ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର- ୫, ରୁଲ୍-୨୦ ମୁତାବକ

୩. ଦିଗାମ୍ବର ଚକ୍ରବର୍ତ୍ତୀ, ପିତା ଗୌରାଙ୍ଗ ଚକ୍ରବର୍ତ୍ତୀ, ସ୍ଥାନ-ଜଗଦୀଶପୁର, ଯାଜପୁର

ପ୍ରାପ୍ତେଷୁ,

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲ୍‌ମେଣ୍ଟ୍ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୩ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି। ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କୁ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାନ୍ତି ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୪ ଇଜିଲାସ ୪ର୍ଥ ମହଲା ହେଡ୍ଡ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୧।୦୪।୨୦୨୫ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତପସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତପସିଲ ସମ୍ପତ୍ତିର ବିବରଣୀ

ମୌଜା-ଗୋଠପାଟଣା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା ।
ସାବକ ଖାତା ନଂ.-୬୭, ସାବକ ପ୍ଲଟ୍ ନଂ.-୪୪୪, ଏରିଆ- ୨୬୧ଡି. ମୋଟ ସମ୍ପତ୍ତି ଏମ୍.୨୫୦ଡି., ହାଲ୍ ଖାତା ନଂ.-୨୧୨, ହାଲ୍ ପ୍ଲଟ୍ ନଂ.-୨୦୦୫, ଏରିଆ- ୨୬୧ଡି.

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୪ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୨୯୪୦

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସୁନିଦ୍ରା ଜରୁରୀ

ଦିନସାରା କାର୍ଯ୍ୟବ୍ୟସ୍ତତାର ଚାପକୁ ଦୂରକରିବା ଲାଗି ପ୍ରତ୍ୟେକ ମଣିଷକୁ ଏକ ଭଲ ନିଦ୍ରା ନିହାତି ଆବଶ୍ୟକ। କାରଣ ଏହି ସମୟରେ ମସ୍ତିଷ୍କକୁ ମଧ୍ୟ ବିଶ୍ରାମ ମିଳିଥାଏ, ଯାହାଦ୍ୱାରା ଶରୀରର ଥକ୍କାପଣ ଦୂରହେବା ସହ ପୁନର୍ବାର କାର୍ଯ୍ୟ କରିବାର ଉର୍ଜା ମିଳିଥାଏ। ତେବେ ଆବଶ୍ୟକରୁ ବହୁ କମ୍ ଅର୍ଥାତ୍ ଦିନକୁ ମାତ୍ର ୨-୩ ଘଣ୍ଟା କିମ୍ବା ଆବଶ୍ୟକରୁ ଅଧିକ ଅର୍ଥାତ୍ ୮ଘଣ୍ଟାରୁ ଅଧିକ ଶୋଇବା ମଣିଷ ଜୀବନର ଗୁଣବତ୍ତା ଓ ଆୟୁକାଳ ଉଭୟକୁ ପ୍ରଭାବିତ କରିଥାଏ। କାରଣ ଏଭଳି ବ୍ୟକ୍ତିଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ତେବେ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ନାଇଟ୍ ଡ୍ୟୁଟି କରିବା, ରାତିରେ ଅଧିକ ସମୟ ମୋବାଇଲ ବ୍ୟବହାର କିମ୍ବା ଅନ୍ୟାନ୍ୟ କାରଣରୁ କମ୍ ସମୟ ଶୋଉଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, ଖାଦ୍ୟପେୟରେ ଅସନ୍ତୁଳନ ଓ ଚିନ୍ତା, ଅବସାଦ ଭଳି କେତେକ କାରଣରୁ ଅନେକେ ନିଦ୍ରାହୀନତାର ଶିକାର ବି ହେଉଛନ୍ତି। ତେଣୁ ପ୍ରତ୍ୟେକଙ୍କୁ ନିଜର ଦୈନନ୍ଦିନ ଜୀବନଶୈଳୀ ଅନୁଯାୟୀ ଶୋଇବା ପାଇଁ ସମୟ ବାହାର କରିବା ନିହାତି ଆବଶ୍ୟକ। ଆଉ ଯେଉଁମାନେ ସମୟ ଥିଲେ ସୁଦ୍ଧା କୌଣସି କାରଣରୁ ନିଦ୍ରାହୀନତାର ଶିକାର ହେଉଥାନ୍ତି ସେମାନେ ଜୀବନଶୈଳୀରେ ପରିବର୍ତ୍ତନ ସହ ଆବଶ୍ୟକ ସ୍ଥଳେ ଡାକ୍ତରଙ୍କ ପରାମର୍ଶନେବା ଜରୁରୀ।

ଭଲ ଭାବେ ଶୋଇବା ମଣିଷକୁ ନୀରୋଗ ଏବଂ ମାନସିକ ସ୍ତରରେ ଖୁସି ରଖିବାରେ ବେଶ୍ ସାହାଯ୍ୟକରେ। ହେଲେ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଅସନ୍ତୁଳିତ ଖାଦ୍ୟାଭ୍ୟାସ, ନାଇଟ୍‌ଶିଫ୍ଟ ୱାର୍କ କଲ୍‌ଚର, ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍‌ର ବହୁଳ ବ୍ୟବହାର ଭିତରେ ଜୀବନଶୈଳୀ ଏତେ ମାତ୍ରାରେ ଅବ୍ୟବସ୍ଥିତ ହୋଇପଡ଼ିଛି ଯେ, ଅନେକଙ୍କ ପାଇଁ ପ୍ରତିଦିନ ପର୍ଯ୍ୟାପ୍ତ ମାତ୍ରାରେ ସୁନିଦ୍ରା ନେବା ଯେମିତି ଏକ ସ୍ୱପ୍ନ ପାଲଟିଯାଇଛି। ଏହାଦ୍ୱାରା କେତେଜଣଙ୍କଠାରେ ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟା ଦେଖିବାକୁ ମିଳୁଛି...

କେମିତି ହେବ ଭଲ ନିଦ

– ଜୀବନଶୈଳୀକୁ ବ୍ୟବସ୍ଥିତ କରନ୍ତୁ। ଏଥିପାଇଁ ଅଧିକ ରାତି ପର୍ଯ୍ୟନ୍ତ କାମ କରିବା, ଟିଭି ଦେଖିବା, ମୋବାଇଲ ବ୍ୟବହାର କରିବା, ବହି ପଢ଼ିବା ଆଦି ଅଭ୍ୟାସ ଥିଲେ ବଦଳାନ୍ତୁ। ଯଦି ନାଇଟ୍ ଡ୍ୟୁଟି କରୁଛନ୍ତି ତେବେ ଦିନରେ ପର୍ଯ୍ୟାପ୍ତ ଶୋଇବାକୁ ଚେଷ୍ଟା କରନ୍ତୁ। ଶରୀରକୁ ଫିଟ୍ ରଖିବାକୁ ହେଲେ ପ୍ରତିଦିନ ଶୋଇବା ଲାଗି ଅତିକମ୍‌ରେ ୬ ରୁ ୭ ଘଣ୍ଟାର ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରନ୍ତୁ।

– ପାଠପଢ଼ା, ଜବ୍ ହେଉ କିମ୍ବା ଅନ୍ୟ କୌଣସି କାରଣକୁ ନେଇ ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। କାରଣ ମାନସିକ ଚାପ ଅବା ଅବସାଦ ନିଦ୍ରାହୀନତାର ଆଉ ଏକ ବଡ଼ କାରଣ। ତେଣୁ ସବୁବେଳେ ଟେନ୍‌ସନ ଫ୍ରି ରହିବାକୁ ଚେଷ୍ଟାକରନ୍ତୁ। ହାଲୁକା ରହିଲେ ହିଁ ଭଲ ନିଦ ହେବ।

– ତେଲ, ମସଲାଯୁକ୍ତ ଖାଦ୍ୟ ଏବଂ ଜଙ୍କ୍ ଫୁଡ୍, ଫାଷ୍ଟ ଫୁଡ୍ ଆଦି ନିଦ୍ରାହୀନତାର ଅନ୍ୟତମ କାରଣ। ତେଣୁ ଏଭଳି ଖାଦ୍ୟ ବଦଳରେ ସୁଷମ ଖାଦ୍ୟ ଖାଆନ୍ତୁ। ବିଶେଷକରି ଖାଦ୍ୟ ତାଲିକାରେ ଭିଟାମିନ୍ ବି-୧୨ଯୁକ୍ତ ଖାଦ୍ୟକୁ ସାମିଲକଲେ ମେଲାଟୋନିନ୍ ହର୍‌ମୋନ୍‌ର କ୍ଷରଣ ବୃଦ୍ଧିହେବା ସହ ନିଦ୍ରାହୀନତା ଦୂରହେବ। ରାତିରେ ଅଧିକ ଚା କିମ୍ବା କଫି ପିଇବା ଅଭ୍ୟାସଠୁ ଦୂରେଇରହନ୍ତୁ। କାରଣ ଏହା ନିଦ ହେବାରେ ବିଳମ୍ବ କରାଇଥାଏ।

– ନିଶାଦ୍ରବ୍ୟ ସେବନ ଶରୀର ଲାଗି ଆଦୌ ହିତକର ନୁହେଁ। ଏହା ବିଭିନ୍ନ ରୋଗ ସୃଷ୍ଟି କରିବା ସହ ନିଦ୍ରାହୀନତାର ମଧ୍ୟ ମୁଖ୍ୟ କାରଣ। ତେଣୁ ଏହାଠାରୁ ନିଜକୁ ଦୂରେଇରଖନ୍ତୁ।

– ପ୍ରତିଦିନ କିଛି ସମୟ ଯୋଗ, ଆସନ, ପ୍ରାଣାୟମ, ବ୍ୟାୟାମ ଆଦିର ଅଭ୍ୟାସ ରଖନ୍ତୁ। ଏହା ଶରୀରକୁ ଫିଟ୍ ରଖିବା ସହ ସୁଖନିଦରେ ସାହାଯ୍ୟ କରିବ। କିଛି ସମୟ ରିଲାକ୍ସିଂ ମ୍ୟୁଜିକ୍ ଶୁଣନ୍ତୁ, ଏହା ବି ମନକୁ ଚାପମୁକ୍ତ କରିବା ସହ ଭଲ ନିଦ ହେବାରେ ସାହାଯ୍ୟ କରିବ।

ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ କୁପ୍ରଭାବ

ପ୍ରତି ୨୪ ଘଣ୍ଟାରେ ଆମର ଶାରୀରିକ, ମାନସିକ ସ୍ଥିତି ଓ ବ୍ୟବହାରରେ ପରିବର୍ତ୍ତନ ଆସିଥାଏ। ଏହାକୁ ସିର୍‌କାଡିଆନ ରିଦିମ୍(Circadian rhythm) ବା Biological clock(ଜୈବିକ ଘଣ୍ଟା) କୁହାଯାଇଥାଏ। ଏହା ମୁଖ୍ୟତଃ ଦିନ ଓ ରାତି ଉପରେ ନିର୍ଭର କରିଥାଏ। ଏହି ଜୈବିକ ଘଣ୍ଟା ଆମର ନିଦ, ଭୋକ, ଦେହରେ ବିଭିନ୍ନ ହର୍‌ମୋନ କ୍ଷରଣକୁ ପ୍ରଭାବିତ କରିଥାଏ। ଯେଉଁମାନେ ଅଧିକ ଦିନ ପର୍ଯ୍ୟନ୍ତ ରାତିରେ ଡ୍ୟୁଟି କରିଥାନ୍ତି କିମ୍ବା ଶିଫ୍ଟରେ ଡ୍ୟୁଟି କରିଥାନ୍ତି, ଯେଉଁମାନେ ରାତିରେ ଅଧିକ ସମୟ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ବ୍ୟବହାରକରି କମ୍ ସମୟ ଶୋଇଥାନ୍ତି ସେମାନଙ୍କର ଜୈବିକ ଘଣ୍ଟାରେ ଅସମାନତା ଆସିଥାଏ। ଫଳରେ ସେମାନଙ୍କର ସ୍ୱାସ୍ଥ୍ୟ ଉପରେ ଅନେକ କୁପ୍ରଭାବ ପଡ଼ିଥାଏ। ଏଥିମଧ୍ୟରୁ ପ୍ରମୁଖ ହେଲା ଅନିଦ୍ରା, ଦିନବେଳା ନିଦ ଆସିବା, ନିଦରେ ଅଧିକ ସ୍ୱପ୍ନ ଆସିବା, ମାନସିକ ଚାପ(ଷ୍ଟ୍ରେସ୍), ଅବସାଦ ରୋଗ ଓ ଅତ୍ୟଧିକ ଚିଡ଼ିଚିଡ଼ାପଣ ଆଦି। ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ରାତିରେ ଡ୍ୟୁଟି କଲେ କିମ୍ବା ଶିଫ୍ଟରେ ଡ୍ୟୁଟି କଲେ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ଯଥା- ଥକ୍କାପଣ, ହୃଦ୍‌ରୋଗ, ହାର୍ଟ ଆଟାକ୍, ଉଚ୍ଚ ରକ୍ତଚାପ,ମେଦବହୁଳତା,ଡାଇବେଟିସ୍,ପେଟରୋଗ,ବଦହଜମି ଓ ବାରମ୍ବାର ମୁଣ୍ଡବିନ୍ଧା ଦେଖାଯିବା ଆଶଙ୍କା ଅଧିକ ଥାଏ। ଏଥିସହ ସେମାନଙ୍କର ସାମାଜିକ ଓ ପାରିବାରିକ ସମ୍ପର୍କରେ ମଧ୍ୟ ଅସୁବିଧା ଦେଖା ଦେଇଥାଏ। ତେଣୁ ରାତିରେ କମ୍ ଶୋଉଥିବା ଯୁବପିଢ଼ି ନିଜର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ପ୍ରତିଦିନ ଖାଦ୍ୟପେୟ ସନ୍ତୁଳିତ ରଖିବା ସହ ଭଲ ଭାବେ ନିଦ୍ରା ଯିବା ଉଚିତ।

-ଡା. ସତ୍ୟକାମ ମହାପାତ୍ର, ମାନସିକ ରୋଗ ବିଶେଷଜ୍ଞ, କଟକ
ମୋ- ୮୮୯୫୨୯୩୯୯୭

ଏ ସପ୍ତାହର ପ୍ରଶ୍ନ

୧- ନ୍ୟାଶନାଲ ୟୁଥ୍ ପାର୍ଲାମେଣ୍ଟ ସ୍କିମ୍ ୨.୦ ..... ପକ୍ଷରୁ ଆରମ୍ଭ କରାଯାଇଛି ?
୨- ଭାରତୀୟ ସହର ..... ଠାରେ ବିଜୟ ଦୁର୍ଗ ରହିଛି ?
୩- ପିନାକ ମଲ୍ଟିପଲ୍ ରକେଟ ଲଞ୍ଚ ସିଷ୍ଟମ ..... ଦ୍ୱାରା ନିର୍ମାଣ କରାଯାଇଛି ?
୪- ଭୀମଗଡ଼ ଅଭୟାରଣ୍ୟ ..... ରାଜ୍ୟରେ ଅବସ୍ଥିତ ?
୫- ନିକଟରେ ..... ରାଜ୍ୟର ମୁଖ୍ୟମନ୍ତ୍ରୀ ବିକଶିତ ଗାଁ ସ୍କିମ୍‌ର ଶୁଭାରମ୍ଭ କରିଛନ୍ତି ?

ଗତ ଥରର ଉତ୍ତର

୧ ମଧ୍ୟ ପ୍ରଦେଶ
୨ ଉତ୍ତର ପ୍ରଦେଶ
୩ ଫେବୃୟାରୀ ୨
୪ ଚାଇନା
୫ ୟୁନାଇଟେଡ୍ ବାଏ ୟୁନିକ୍

ଉତ୍ତରଦାତା

ଚିନ୍ତାମଣି ବିଶାଲ
ବରଗଡ଼

ସ୍ମିତା ନାୟକ,
ଭଞ୍ଜନଗର

ସୁଦୀପ୍ତା ପଟ୍ଟନାୟକ,
ଭୁବନେଶ୍ୱର

ଟପ୍ ୧୦

ସବୁଠୁ ବଡ଼ ୟୁନିଭର୍ସିଟି-୨୦୨୫

(ଦ ୱାର୍ଲ୍ଡ ୟୁନିଭର୍ସିଟି ର‍ୟାଙ୍କିଙ୍ଗ୍)

୧..... ୟୁନିଭର୍ସିଟି ଅଫ୍ ଅକ୍ସଫୋର୍ଡ
୨..... ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି
୩..... ହାର୍ଭାର୍ଡ ୟୁନିଭର୍ସିଟି
୪..... ପ୍ରିନ୍ସଟନ୍ ୟୁନିଭର୍ସିଟି
୫..... ୟୁନିଭର୍ସିଟି ଅଫ୍ କେମ୍ବ୍ରିଜ୍
୬..... ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି
୭..... କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି
୮..... ୟୁନିଭର୍ସିଟି ଅଫ୍ କାଲିଫର୍ନିଆ, ବେର୍କେଲେ
୯..... ଇମ୍ପେରିଆଲ୍ କଲେଜ ଲଣ୍ଡନ
୧୦..... ୟାଲେ ୟୁନିଭର୍ସିଟି

ଜାଣନ୍ତୁ ଦୁନିଆ

ଆରିଜୋନା

ଆମେରିକାର ଦକ୍ଷିଣ-ପଶ୍ଚିମ ରାଜ୍ୟ ଆରିଜୋନା ଏହାର ଗ୍ରାଣ୍ଡ କ୍ୟାନିଅନ୍ ଭଳି ବିସ୍ମୟ ସ୍ଥାନ ପାଇଁ ପୃଥିବୀ ପ୍ରସିଦ୍ଧ। ଜାଣନ୍ତୁ , ଏହି ରାଜ୍ୟ ସମ୍ପର୍କରେ କିଛି କୌତୂହଳପୂର୍ଣ୍ଣ ତଥ୍ୟ...

▶▶ ମେକ୍ସିକାନ୍-ଆମେରିକାନ୍ ୱାର୍ ବା ଯୁଦ୍ଧ ପରେ ଆମେରିକା ମେକ୍ସିକୋର ପ୍ରାୟ ଅଧା ଭାଗ ଦଖଲ କରିନେଲା। ଫଳରେ ପ୍ରଥମେ ମେକ୍ସିକୋରେ ଥିବା ଆରିଜୋନା ୧୯୬୨ରେ ଆମେରିକାର ୪୮ତମ ରାଜ୍ୟର ମାନ୍ୟତା ପାଇଲା। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ମେକ୍ସିକୋ ପୂର୍ବରୁ ଏହି ରାଜ୍ୟ ସ୍ପେନ୍ ଅଧୀନରେ ରହିଥିଲା।

▶▶ ଏହାର ରାଜଧାନୀ ଫୋଏନିକ୍ସ ହେଉଛି ଆମେରିକାର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ରାଜଧାନୀ। ଏଠାକାର ଜନସଂଖ୍ୟା ହେଉଛି ୧.୬୬ ମିଲିଅନ। ତେବେ ଏଠାରେ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ତାପମାତ୍ରା ହାରାହାରି ୩୭.୬° ସେଲ୍‌ସିୟସ୍ କିମ୍ବା ଅଧିକ ରହିଥାଏ। ସେଥିପାଇଁ ଏହାକୁ ଆମେରିକାର ସବୁଠୁ ଉତ୍ତପ୍ତ ସହରର ମାନ୍ୟତା ମିଳିଛି।

▶▶ ଏହି ରାଜ୍ୟର ଅଧିକାଂଶ ସ୍ଥାନ ମରୁଭୂମି ଘେରା। ଫଳରେ ସେଠାରେ ଅନେକ ସମୟରେ ଜଳସଙ୍କଟ ଦେଖାଦେଇଥାଏ। ଏଠାକାର ସମସ୍ତ ଜଳ ଯୋଗାଣର ପ୍ରାୟ ୩୬% କଲରାଡୋ ନଦୀରୁ ଆସିଥାଏ।

▶▶ ଏହି ରାଜ୍ୟରେ ମରୁଭୂମି ଅଧିକ ଥିବାରୁ ଜଙ୍ଗଲ, ପାହାଡ଼ ଖୁବ୍ କମ୍ ତଥାପି ଏଠାରେ ୩୫ଟି ନ୍ୟାଶନାଲ ପାର୍କ ରହିଥିବା ବେଳେ ସେଥିମଧ୍ୟରୁ ଗ୍ରାଣ୍ଡ କାନିୟନ ନ୍ୟାଶନାଲ ପାର୍କ ହେଉଛି ଆମେରିକାର ୪ର୍ଥ ବୃହତ୍ତମ ପର୍ଯ୍ୟଟନ ସ୍ଥଳୀ। ଏଠାକୁ ପ୍ରତିବର୍ଷ ପ୍ରାୟ ୫.୯ ମିଲିଅନ ପର୍ଯ୍ୟଟକ ଆସିଥା'ନ୍ତି।

▶▶ ଏହି ରାଜ୍ୟରେ ମ୍ୟୁଜିକ୍‌କୁ ଏକ ବଡ଼ ବିଜ୍‌ନେସ୍ ଭାବେ ଗ୍ରହଣ କରାଯାଏ। କାରଣ ଏଠାରେ ଅଧିକାଂଶ ବାସିନ୍ଦା ସଙ୍ଗୀତପ୍ରେମୀ। ଏଠାରେ ଥିବା ଫୋଏନିକ୍ସଠାରେ ବିଶ୍ୱର ଏକ ବୃହତ୍ତମ ସିମ୍ଫୋନୀ ହାଉସ୍ ରହିଥିବା ବେଳେ ଶହ ଶହ ସଂଖ୍ୟାରେ ମ୍ୟୁଜିକ୍ ହାଉସ୍ ରହିଛି। ସଙ୍ଗୀତପ୍ରେମୀ ପର୍ଯ୍ୟଟକଙ୍କ ପାଇଁ ସେଠାରେ ଥିବା ଫୋଏନିକ୍ସ ମ୍ୟୁଜିକାଲ ଇନ୍‌ଷ୍ଟ୍ରୁମେଣ୍ଟ ମ୍ୟୁଜିଅମ୍ ଏକ ବିଶେଷ ଆକର୍ଷଣ।

▶▶ ଶୀତଦିନେ ଏଠାକାର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରାୟ ୫ ଇଞ୍ଚ ପର୍ଯ୍ୟନ୍ତ ତୁଷାରପାତ ବା ସ୍ନୋ ଫଲ୍ ହୋଇଥାଏ, ଯାହାକି ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ।

ଯୁଥ୍ ଆଲର୍ଟ

କାକୟାକ ଶପିଂ ଆଡ୍ ଆସୁଥିଲେ...

ଅନ୍‌ଲାଇନ ଶପିଂ ବର୍ତ୍ତମାନ ବହୁ ପରିମାଣରେ ବୃଦ୍ଧି ପାଇଛି। ତେଣୁ ଯେକୌଣସି ସାଇଟ୍ ଖୋଲିଲେ ବି ବିଭିନ୍ନ ଶପିଂ ବିଜ୍ଞାପନ ଦେଖିବାକୁ ମିଳିଥାଏ, ଯାହାକି ଆମ ରୁଚି ଏବଂ ପୂର୍ବ ଶପିଂ ହିଷ୍ଟ୍ରି ଆଧାରରେ ଦେଖାଯାଇଥାଏ। ହେଲେ ବାରମ୍ବାର ଏପରି ବିଜ୍ଞାପନ ଆସିବା ଦ୍ୱାରା ଶପିଂ କରିବା ବେଳେ ଡାଟା ହ୍ୟାକ୍ ହେବା ଆଶଙ୍କା ବି ରହିଥାଏ। ତେଣୁ କିପରି ଏହି ସମସ୍ୟା ଦୂର କରାଯାଇପାରିବ ଜାଣିରଖନ୍ତୁ...

▶▶ ଫାୟାରଫକ୍ସ ଏବଂ ବ୍ରେଭ୍ ଭଳି ବ୍ରାଉଜର ଆପଣଙ୍କ ଅନ୍‌ଲାଇନ ଗତିବିଧିକୁ ଟ୍ରାକ୍ କରିପାରେ। ଫଳରେ ବ୍ୟକ୍ତିଗତ ତଥ୍ୟ ମଧ୍ୟ ଅନ୍ୟ ହାତରେ ପଡ଼ିବା ଯୋଗୁ ଆପଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ତେଣୁ ବ୍ରାଉଜରର ପ୍ରାଇଭେସି ସେଟିଂକୁ ଯାଇ କୁକିଜ୍ ଏବଂ ଟ୍ରାକର୍ସକୁ ବ୍ଲକ୍ କରିଦେଇପାରିବେ।

▶▶ ବ୍ରାଉଜର ସେଟିଂକୁ ଯାଇ କୁକିଜ୍‌ଗୁଡିକୁ ନିୟମିତ ଅନ୍ତରାଳରେ ସଫାକରନ୍ତୁ। ଏହାଦ୍ୱାରା ୱେବ୍‌ସାଇଟ୍ ଆପଣଙ୍କ ଶପିଂ ହିଷ୍ଟ୍ରି ଟ୍ରାକ୍ ନ କରିପାରିବା ଯୋଗୁ ବାରମ୍ବାର ଆଡ୍ ଆସିବା ବି କମିଯିବ।

▶▶ ଆଡ୍ ନ ଆସିବା ପାଇଁ କାମ ନ ଥିବା ବେଳେ ଆକାଉଣ୍ଟ ଲଗ୍‌ଆଉଟ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ କୌଣସି ୱେବ୍‌ସାଇଟ୍ ଲଗ୍‌ଇନ୍ ରଖିଲେ ସେ ଆପଣଙ୍କ ଗତିବିଧି ଉପରେ ନଜର ରଖିବା ସହ ଡାଟା ଟ୍ରାକ୍ କରିପାରେ। ତେଣୁ କାମ ସରିବା ମାତ୍ରେ ଲଗ୍ ଆଉଟ୍ କରିଦିଅନ୍ତୁ, ଏହାଦ୍ୱାରା ପ୍ରାଇଭେସି ବୃଦ୍ଧିପାଇଥାଏ।

▶▶ ଡିସ୍ପୋଜେବଲ୍ ଇ-ମେଲ୍ ଆଇଡି ବ୍ୟବହାରକରି ନିଜ ପ୍ରକୃତ ଆଇଡିକୁ ୱେବ୍‌ସାଇଟ୍‌ଠାରୁ ଗୋପନ ରଖିପାରିବେ। ଏପରି କଲେ ବିଜ୍ଞାପନଦାତା ଉକ୍ତ ଇ-ମେଲ୍ ଆଇଡି ବ୍ୟବହାର କରି କୌଣସି ଆଡ୍‌ଭାର୍ଟାଇଜ୍‌ମେଣ୍ଟ ପଠାଇବେ ନାହିଁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୧୬ ଫେବୃଆରୀ, ୨୦୨୫ Bhubaneswar, Sunday, 16 February, 2025

ବିଜୟ ସହ ଭାରତୀୟ ମହିଳା ଦଳର ଅଭିଯାନ

ଇଂଲଣ୍ଡ ବିପକ୍ଷ ମହିଳା ଏଫଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍‌ରେ ଗୋଲ୍ ସ୍କୋର ପରେ ଉଲ୍ଲସିତ ଭାରତୀୟ ଖେଳାଳି। (ଫଟୋ: ବିକାଶ ନାୟକ)

ଏଫଆଇଏଚ୍ ପ୍ରୋ ଲିଗ୍

ଭୁବନେଶ୍ୱର, ୧୫ା୨ (ତପନ ସ୍ୱାଇଁ)

ଭୁବନେଶ୍ୱରକୁ ଫେରିଛି ହକି ଆକ୍ସନ। ଶନିବାରଠାରୁ ଏଠାରେ ଆରମ୍ଭ ହୋଇଛି ଏଫଆଇଏଚ୍ ପ୍ରୋ ଲିଗ୍। ଉଭୟ ମହିଳା ଓ ପୁରୁଷ ବିଭାଗରେ ହେଉଛି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା। ପ୍ରଥମ ଦିବସରେ ମହିଳା ବିଭାଗରେ ୨ଟି ଓ ପୁରୁଷ ବିଭାଗରେ ଗୋଟିଏ ମ୍ୟାଚ ଅନୁଷ୍ଠିତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଭାରତ ପ୍ରୋ ଲିଗ୍ ୨୦୨୪-୨୫ ସିଜନ ଏହି କଳିଙ୍ଗ ଷ୍ଟାଡିୟମରୁ ହିଁ ଆରମ୍ଭ କରିଛି। ଏଫଆଇଏଚ୍‌ର ନିୟମ ଅନୁସାରେ ପ୍ରୋ ଲିଗ୍‌ର ବିଜେତା ସିଧାସଳଖ ୨୦୨୬ ହକି ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ତେଣୁ ଘରୋଇ ପରିବେଶରେ ଏଠାରେ ଅନୁଷ୍ଠିତ ମ୍ୟାଚଗୁଡ଼ିକ ଭାରତୀୟ ମହିଳା ଓ ପୁରୁଷ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଘରୋଇ ଦର୍ଶକଙ୍କ ସମର୍ଥନରେ ଭାରତୀୟ ମହିଳା ଦଳ ଏଠାରେ ଆରମ୍ଭରୁ ଉତ୍ସାହ ପ୍ରଦର୍ଶନ କରିଛି। ପ୍ରଥମ ମ୍ୟାଚରେ ଇଂଲଣ୍ଡକୁ ୩-୨ ଗୋଲରେ ହରାଇ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି ଭାରତୀୟ ମହିଳା। ଫଳରେ ଭାରତ ଏହି ମ୍ୟାଚରୁ ପୂରା ୩ ପଏଣ୍ଟ ହାସଲ କରିଛି। ମ୍ୟାଚର ୬ଷ୍ଠ ମିନିଟରେ ଦଳକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ଭିଥାଲ ବୈଷ୍ଣବୀ ଫାଲ୍‌କେ ଏହାକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରିଥିଲେ। ମାତ୍ର ଏହାର ୬ ମିନିଟ ପରେ ଅର୍ଥାତ୍ ୧୨ଶ ମିନିଟରେ ଇଂଲଣ୍ଡର ଡାର୍ସି ବୋର୍ନେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଫଳରେ ମ୍ୟାଚ ୧-୧ ସ୍ଥିତିକୁ ଆସି ଯାଇଥିଲା। ୨୫ତମ ମିନିଟରେ ଭାରତକୁ ମିଳିଥିବା ଆଉ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଦୀପିକା ଭାରତକୁ ପୁଣି ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତ ୨-୧ରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଫିନିଶିଂ ଅଭାବରୁ ଗୋଲ ହୋଇପାରି ନ ଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଜୋରଦାର ଟକ୍କର ହୋଇଥିଲା। ବିଶେଷ କରି ୫୮ତମ ମିନିଟରେ ଇଂଲଣ୍ଡର ଫିଓନା କ୍ରାକ୍‌ଲେସ ଗୋଲ ପରିଶୋଧ କରିବାରୁ ମ୍ୟାଚ ୨-୨କୁ ଚାଲି ଆସିଥିଲା ଏବଂ ଡ୍ର ସମ୍ଭାବନା ବଢ଼ିଥିଲା। ତେବେ ଶେଷ କ୍ଷଣରେ ଅର୍ଥାତ୍ ୫୯ତମ ମିନିଟରେ ଭାରତର ନଭନିତ କୌର ଏକ ଫିଲ୍ଡ ଗୋଲ କରି ଭାରତକୁ ବିଜୟ ମୁକୁଟ ପିନ୍ଧାଇଥିଲେ। ନଭନିତ କୌରଙ୍କ ଗୋଲ ସହ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକମାନେ ଖୁସିରେ ଝୁମି ଉଠିଥିଲେ। ଭାରତ ରବିବାର ପୁଣି ଇଂଲଣ୍ଡ ବିପକ୍ଷରେ ଦ୍ୱିତୀୟ ମ୍ୟାଚ ଖେଳିବ। ମ୍ୟାଚ ଶେଷରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ସୁନେଲିକା ଟପୋଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ଏଫଆଇଏଚ୍ ପ୍ରୋ ଲିଗ୍

ଆଜିର ମ୍ୟାଚ (ମହିଳା)
ସ୍ପେନ ବନାମ ଜର୍ମାନୀ:
ସମୟ- ଅପରାହ୍ଣ ୩ଟା ୧୫ ମିନିଟ।
ଭାରତ ବନାମ ଇଂଲଣ୍ଡ:
ସମୟ- ଅପରାହ୍ଣ ୫ଟା ୧୫।
ଆଜିର ମ୍ୟାଚ (ପୁରୁଷ)
ଭାରତ ବନାମ ସ୍ପେନ୍
ସମୟ: ସନ୍ଧ୍ୟା ୭ଟା ୩୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ସ୍ପୋର୍ଟ୍ସ୧୮, ଷ୍ଟାର ସ୍ପୋର୍ଟ୍ସ

ପୁରୁଷ ଏଫଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ପୁରୁଷ ଦଳ ପରାସ୍ତ

ଭୁବନେଶ୍ୱର, ୧୫ା୨ (ତପନ ସ୍ୱାଇଁ)

ଭାରତୀୟ ପୁରୁଷ ହକି ଦଳର ଏଫଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ ଅଭିଯାନ ଭଲରେ ଆରମ୍ଭ ହୋଇନାହିଁ। କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ନିଜର ପ୍ରଥମ ମ୍ୟାଚରେ ଭାରତ ୧-୩ ଗୋଲରେ ସ୍ପେନ୍ ନିକଟରୁ ହାରି ଯାଇଛି। ଫଳରେ ପରାଜୟ ସହ ଭାରତର ଅଭିଯାନ ଆରମ୍ଭ ହୋଇଛି। ମ୍ୟାଚ ଆରମ୍ଭରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ସମ୍ପାଦକ ଭୋଳାନାଥ ସିଂ ଉପସ୍ଥିତ ଥିଲେ। ଏହି ସମୟରେ ଭାରତୀୟ ଖେଳାଳିମାନେ ଉଭୟ ଅତିଥିଙ୍କୁ ହକି ଷ୍ଟିକ୍ ଦେଇଥିଲେ। ପ୍ରଥମ ଉପମୁଖ୍ୟମନ୍ତ୍ରୀ ଓ ପରେ କ୍ରୀଡ଼ାମନ୍ତ୍ରୀ ଏହି ଷ୍ଟିକ୍ ସହାୟତାରେ ବଲ୍ ଗଡ଼ାଇଥିଲେ। ଏହାପରେ ହକି ଇଣ୍ଡିଆ ପକ୍ଷରୁ କନକ ବର୍ଦ୍ଧନ ଓ ସୂର୍ଯ୍ୟବଂଶୀଙ୍କୁ ଫଳକ ଦିଆଯାଇ ସମ୍ମାନିତ କରାଯାଇଥିଲା। ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ଲଢ଼େଇ ଜୋରଦାର ଥିଲେ ମଧ୍ୟ କୌଣସି ଦଳର ଖେଳାଳି ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟର ଘଟଣା ବହୁଳ ରହିଥିଲା। ୩୪ତମ ମିନିଟରେ ସୁଖଜିତ ସିଂ ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିଲେ। ମାତ୍ର ଭାରତୀୟ ଦଳର ଏହି ଖୁସି ବେଶୀ ସମୟ ରହି ନ ଥିଲା। ୩ ମିନିଟ ପରେ ୨୮ତମ ମିନିଟରେ ଭାରତୀୟ ରକ୍ଷଣଭାଗରେ ବଡ଼ ଗ୍ୟାପ୍‌ର ସୁଯୋଗ ନେଇ ବୋର୍ଜା ଲାସାଲେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ପଲ୍ କୋବ୍ରେ ଭେର୍ଡେଲ ଚତୁରତାର ସହ ଲାସାଲେଙ୍କ ନିକଟକୁ ବଲ୍ ବଢ଼ାଇ ଦେଇଥିଲେ। ଲାସାଲେଙ୍କ ଷ୍ଟିକ୍ ବାଜି ବଲ୍ ଭାରତୀୟ ଗୋଲପୋଷ୍ଟରେ ପ୍ରବେଶ କରିଥିଲା। ଫଳରେ ପ୍ରଥମାର୍ଦ୍ଧ ଶେଷରେ ସ୍କୋର ୧-୧ ରହିଥିଲା। ତୃତୀୟ କ୍ୱାର୍ଟରରେ ଉଭୟ ଦଳ ଏକାଧିକ ପେନାଲ୍ଟି କର୍ନର ପାଇଥିଲେ। ମାତ୍ର ସ୍ପେନ୍‌ର ଇଗ୍ନାସିଓ କୋବୋସ ୩୮ତମ ମିନିଟରେ ଗୋଲ ଦେଇ ସ୍ପେନ୍‌କୁ ଆଗୁଆ କରିଥିଲେ। ୪୭ତମ ମିନିଟରେ ଗୋଲ ପରିଶୋଧ ପାଇଁ ବଡ଼ ସୁଯୋଗ ଆସିଥିଲା। ମାତ୍ର ପେନାଲ୍ଟି କର୍ନରରୁ ଅଧିନାୟକ ହରମନପ୍ରୀତ ସିଂ ମାରିଥିବା ଶଟ୍‌ର ଦମ୍ ନ ଥିଲା। ମ୍ୟାଚ ଶେଷ ହେବାପାଇଁ ୪ ମିନିଟ ବାକି ଥିବାବେଳେ ସ୍ପେନ୍‌କୁ ମିଳିଥିବା ପେନାଲ୍ଟି କର୍ନରକୁ ଆଭିଲା ବ୍ରୁନୋ ଗୋଲରେ ପରିଣତ କରିବାରୁ ଭାରତ ପରାଜୟ ଏକପ୍ରକାର ନିଶ୍ଚିତ ହୋଇ ଯାଇଥିଲା। ଉନ୍ନତ ପ୍ରଦର୍ଶନ ପାଇଁ ସ୍ପେନର ଗେରାଡ କ୍ଲାପେସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଜାନିକ ସିନର ୩ ମାସ ବାସନ୍ଦ

ଲଣ୍ଡନ, ୧୫ା୨(ଏପି)

ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ୍ ଏଜେନ୍ସି (ୱାଡା) ସହିତ ଆପୋସ ବୁଝାମଣା ପରେ ଶୀର୍ଷ ର୍ୟାଙ୍କିଙ୍ଗପ୍ରାପ୍ତ ଟେନିସ ଖେଳାଳି ଜାନିକ ସିନରଙ୍କୁ ୩ ମାସ ବାସନ୍ଦ କରାଯାଇଛି। ସିନର ଦୁଇଥର ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ସିନରଙ୍କୁ ଅତିକମ୍‌ରେ ଏକ ବର୍ଷ ବାସନ୍ଦ କରିବା ଲାଗି ୱାଡା ଚାହୁଁଥିଲା।

ପଙ୍କଜ ଲୋଚନ ମହାନ୍ତି ଓସିଏ ସଭାପତି

କଟକ, ୧୫ା୨ (କାର୍ତ୍ତିକ ସାହୁ)

ଅଗ୍ରଣୀ ସ୍ପୋର୍ଟ୍ସପ୍ରମୋଟର ତଥା ଏମ୍‌ଜିଏମ୍ ଗ୍ରୁପର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜଲୋଚନ ମହାନ୍ତି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ନୂଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଖାଲି ପଡ଼ିଥିବା ଏହି ପଦବୀ ପାଇଁ ପଙ୍କଜ ଏକମାତ୍ର ପ୍ରାର୍ଥୀ ଥିଲେ। କେବଳ ଆନୁଷ୍ଠାନିକ ଘୋଷଣା ବାକି ରହିଛି ବୋଲି ଓସିଏ ତରଫରୁ ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ କୁହାଯାଇଛି। ପୂର୍ବରୁ ସଭାପତି ପଦବୀରେ ଥିବା ପ୍ରଣବ ପ୍ରକାଶ ଦାସ ଗତ ଡିସେମ୍ବର ୨୯ ତାରିଖରେ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେବାରୁ ସଭାପତି ପଦ ଖାଲିପଡ଼ିଥିଲା।

ପଙ୍କଜ ଏବେ ଓସିଏର ଉପସଭାପତି ଅଛନ୍ତି। ସେ ଗତ ୧୨ତାରିଖରେ ତାଙ୍କର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତାଙ୍କ ପ୍ରାର୍ଥିତ୍ୱ ବିରୋଧରେ କୌଣସି ଆପତ୍ତି ଆସିନାହିଁ। ନିର୍ବାଚନ ଅଧିକାରୀ ଏମ୍. ଏଲ୍. ମଜୁମଦାର ଯାଞ୍ଚ କରିବା ପରେ ପଙ୍କଜଙ୍କ ପାର୍ଥିପତ୍ର କାଏମ ରହିଥିଲା। ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଫେବୃୟାରୀ ୧୪ ରଖାଯାଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନର ରୁଲ୍‌ସ ଆଣ୍ଡ ରେଗୁଲେସନ୍ସର ନିୟମ-୩୨ ଅନୁଯାୟୀ ମହାନ୍ତିଙ୍କ ପ୍ରାର୍ଥିପତ୍ର କାଏମ ରହିବା ସହ ସେ ଅପ୍ରତିଦ୍ୱନ୍ଦ୍ୱୀ ଥିବା ଶନିବାର ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ ଯେ, ପଙ୍କଜଲୋଚନ ମହାନ୍ତି ଓସିଏର ଉପସଭାପତି ଭାବେ ୨୦୨୨ ଅକ୍ଟୋବର ୨୮ ତାରିଖ ଓସିଏ ଆପେକ୍ସ କାଉନସିଲର ବାର୍ଷିକ ସାଧାରଣ ଅଧିବେଶନରେ ନିର୍ବାଚିତ ହୋଇଥିଲେ। ତେବେ ଆସନ୍ତା ୨୩ ତାରିଖରେ ଓସିଏର ସ୍ୱତନ୍ତ୍ର ସାଧାରଣ ଅଧିବେଶନ ହେବାକୁ ଥିବାରୁ ତା' ପୂର୍ବରୁ ମହାନ୍ତି ଉପସଭାପତି ପଦରୁ ଯେକୌଣସି ସମୟରେ ଇସ୍ତଫା ଦେଇପାରନ୍ତି ବୋଲି ଆଶା କରାଯାଉଛି। ତାଙ୍କ ଇସ୍ତଫାପତ୍ର ଗୃହୀତ ହେବା ପରେ ଉକ୍ତ ଅଧିବେଶନରେ ମହାନ୍ତିଙ୍କୁ ବିଧିବଦ୍ଧ ସଭାପତି ଭାବେ ଘୋଷଣା କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

ଜର୍ମାନୀକୁ ହରାଇଲା ସ୍ପେନ୍

କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫଆଇଏଚ୍ ପ୍ରୋ ଲିଗ୍‌ର ମହିଳା ବିଭାଗ ପ୍ରଥମ ମ୍ୟାଚରେ ଉଚ୍ଚ ର୍ୟାଙ୍କପ୍ରାପ୍ତ ଜର୍ମାନୀକୁ ସ୍ପେନ୍ ୨-୧ ଗୋଲରେ ପରାସ୍ତ କରିଛି। ଏଫଆଇଏଚ୍ ର୍ୟାଙ୍କିଙ୍ଗ୍‌ରେ ଜର୍ମାନୀ ସମ୍ପ୍ରତି ୪ ଓ ସ୍ପେନ୍ ୮ ନମ୍ବର ସ୍ଥାନରେ ରହିଛି। ମାତ୍ର ଏଠାରେ ପ୍ରଭାବୀ ପ୍ରଦର୍ଶନ କରି ସ୍ପେନ୍ ବାଜି ମାରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପ୍ରଥମ ଦୁଇ କ୍ୱାର୍ଟର ଗୋଲଶୂନ୍ୟ ରହିବାରୁ ପ୍ରଥମାର୍ଦ୍ଧ ୦-୦ ସ୍ଥିତିରେ ଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୫ତମ ମିନିଟରେ ସ୍ପେନ୍‌ର ଇସ୍ତେଲ ପେଚାମି ଏକ ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ତୃତୀୟ କ୍ୱାର୍ଟର ଶେଷ ହେବାକୁ ଅଳ୍ପ କିଛିକ୍ଷଣ ଥିବାବେଳେ ଜର୍ମାନୀର ସୋଫିଆ ସ୍କାବେ ୪୪ତମ ମିନିଟରେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଫଳରେ ସ୍ୱାଭାବିକ ଭାବେ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ବେଶ୍ ରୋମାଞ୍ଚକ ରହିଥିଲା। ଅଗ୍ରଣୀ ନେବା ପାଇଁ ଉଭୟ ପକ୍ଷ ଜୋରଦାର ଉଦ୍ୟମ କରିଥିବାବେଳେ ଶେଷ କ୍ଷଣରେ ଅର୍ଥାତ୍ ୫୯ତମ ମିନିଟରେ ଆଗୁଲୋ ବେର୍ଟା ଏକ ଫିଲ୍ଡ ଗୋଲ ଦେଇ ସ୍ପେନ୍‌କୁ ବିଜୟ ମୁକୁଟ ପିନ୍ଧାଇଥିଲେ। ମ୍ୟାଚରେ ଜର୍ମାନୀ ଗୋଟିଏ ମାତ୍ର ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିବାବେଳେ ସ୍ପେନ୍ ୪ ପେନାଲ୍ଟି କର୍ନର ପାଇଥିଲା। ମାତ୍ର ଏଥିରେ ଗୋଟିଏ ହେଲେ ଗୋଲ ହୋଇପାରି ନ ଥିଲା। ୪ ମ୍ୟାଚରୁ ସ୍ପେନ୍‌ର ଏହା ପ୍ରଥମ ବିଜୟ ହୋଇଥିବାବେଳେ ଜର୍ମାନୀ ସମାନ ସଂଖ୍ୟକ ମ୍ୟାଚ ଖେଳି ଦ୍ୱିତୀୟ ପରାଜୟ ବରଣ କରିଛି।

ଟିକେଟ ସୋଲ୍ଡ ଆଉଟ, ଗ୍ୟାଲେରି ଫାଙ୍କା

କଳିଙ୍ଗ କର୍ନର

ଭୁବନେଶ୍ୱର, ୧୫ା୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ଏଫଆଇଏଚ୍ ପ୍ରୋ ଲିଗ୍ ପାଇଁ ହକି ଇଣ୍ଡିଆ ପକ୍ଷରୁ ଟିକେଟ ଫ୍ରି କରାଯାଇଥିଲା। ଦର୍ଶକମାନେ ଅନ୍‌ଲାଇନରେ ଟିକେଟ କିଣି ଏହାକୁ ଷ୍ଟାଡିୟମ ନିକଟରେ ଥିବା କାଉଣ୍ଟରରେ ଦେଖାଇ ଅସଲ ଟିକେଟ ଆଣି ପାରିବେ ବୋଲି କୁହାଯାଇଥିଲା। ଶନିବାର ମ୍ୟାଚ ପାଇଁ ଶୁକ୍ରବାର ଅନ୍‌ଲାଇନରେ ଟିକେଟ ସୋଲ୍ଡ ଆଉଟ ଦେଖାଇଥିଲା। ମାତ୍ର ମ୍ୟାଚ ସମୟରେ ୪ଟି ଯାକ ଗ୍ୟାଲେରିର ଅଧିକାଂଶ ଭାଗ ଫାଙ୍କା ରହିଥିବା ପରିଲକ୍ଷିତ ହୋଇଥିଲା। ଅନ୍‌ଲାଇନରେ ମାଗଣାରେ ଟିକେଟ ଉପଲବ୍ଧ ହେଉଥିବାରୁ ଦର୍ଶକମାନେ ଏକାଧିକ ଟିକେଟ କିଣି ଦେଇ ପରେ ଷ୍ଟାଡିୟମକୁ ସମ୍ଭବତଃ ଆସି ନ ଥିଲେ। ଭାରତ-ଇଂଲଣ୍ଡ ମହିଳା ହକି ମ୍ୟାଚ ବେଳେ ଇଷ୍ଟ ଗ୍ୟାଲେରିରେ କିଛି ସ୍କୁଲ ପିଲାଙ୍କୁ ଦେଖିବାକୁ ମିଳିଥିଲା। ପ୍ରଥମ ଦିବସ ହୋଇଥିବାରୁ ଅଧିକ ସଂଖ୍ୟାରେ ସ୍କୁଲ ପିଲା ସମ୍ଭବତଃ ଆସି ନ ଥିଲେ ବୋଲି ମଧ୍ୟ ଆଲୋଚନା ହେଉଥିଲା। ତେବେ ଯେତିକି ସଂଖ୍ୟାରେ ବି ଦର୍ଶକ ଉପସ୍ଥିତ ଥିଲେ ଭାରତୀୟ ଦଳର ମ୍ୟାଚକୁ ଖୁବ୍ ମନଭରି ଉପଭୋଗ କରିଥିଲେ।

ଏଫଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍: କଳିଙ୍ଗ ଷ୍ଟାଡିୟମରେ ଦର୍ଶକଙ୍କ ମଧ୍ୟରେ ଭାରତୀୟ ଜର୍ସିରେ କିଛି ବିଦେଶୀ ସମର୍ଥକ।

୩,୦୦୦ ମିଟର ଇନ୍‌ଡୋର ରେକର୍ଡ ଭଙ୍ଗ କଲେ ଗୁଲ୍‌ବୀର

ନୂଆଦିଲ୍ଲୀ, ୧୫ା୨ (ପି.ଟି.)

ବୋଷ୍ଟନସ୍ଥିତ ବିୟୁ ଡେଭିଡ୍ ହେମେରି ଭାଲେଣ୍ଟାଇନ୍ ଇନ୍‌ଭିଟେଶନାଲରେ ଅନୁଷ୍ଠିତ ପୁରୁଷ ୩,୦୦୦ ମିଟର ଇନ୍‌ଡୋର ରେସ୍‌ରେ ଭାରତର ଗୁଲ୍‌ବୀର ସିଂ ୧୬ବର୍ଷ ତଳର ପୁରୁଣା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଆର୍ମିର ଏହି ୨୬ବର୍ଷୀୟ ଧାବକ ୭:୩୮.୨୬ ଟାଇମିଂ ସହ ଇଭେଣ୍ଟରେ ଦ୍ୱିତୀୟ ହୋଇଥିଲେ। ଫଳରେ ସେ ୨୦୦୮ରେ ସୁରେନ୍ଦର ସିଂଙ୍କ ଦ୍ୱାରା ୭:୪୯.୪୭ ଟାଇମିଂ ସହ ରହିଥିବା ଭାରତୀୟ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ସୂଚନାଯୋଗ୍ୟ, ଗୁଲ୍‌ବୀର ହାଙ୍ଗଝୋ ଏସିଆନ ଗେମ୍ସରେ ଭାରତ ପାଇଁ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ଗୁଲବୀରଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ପୁରୁଷ ୧୦,୦୦୦ ମିଟରରେ ୨୦୨୫ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ। ଏଥିପାଇଁ ପ୍ରବେଶିକା ଅଙ୍କ ୨୭: ୦୦.୦୦ ରଖାଯାଇଛି।

ଦୁବାଇରେ ଭାରତୀୟ କ୍ରିକେଟ ଦଳ

ଚାମ୍ପିୟନ୍ସ ଟ୍ରଫି

ମୁମ୍ବାଇ, ୧୫ା୨ (ପି.ଟି.)

ଆଇସିସି ଚାମ୍ପିୟନ୍ସ ଟ୍ରଫି ଟୁର୍ନାମେଣ୍ଟ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ଶନିବାର ସ୍ଥାନୀୟ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବିମାନ ଯୋଗେ ଦୁବାଇରେ ପହଞ୍ଚିଛନ୍ତି। ଅଧିନାୟକ ରୋହିତ ଶର୍ମା, ଉପଅଧିନାୟକ ଶୁବମନ ଗିଲ୍ ଏବଂ ଷ୍ଟାର ବ୍ୟାଟର ବିରାଟ କୋହଲି ଏବଂ ମୁଖ୍ୟକୋଚ୍ ଗୌତମ ଗମ୍ଭୀରଙ୍କ ସମେତ ଦଳର ଅଧିକାଂଶ ସଦସ୍ୟ ଟିମ୍ ବସ୍ ଯୋଗେ ବିମାନ ବନ୍ଦରରେ ପହଞ୍ଚିଥିଲେ। ଦଳକୁ ବିଦାୟ ଜଣାଇବା ଲାଗି ବହୁ ଖେଳାଳି ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ସେମାନଙ୍କ ପ୍ରିୟ ଖେଳାଳିଙ୍କଠାରୁ ଅଟୋଗ୍ରାଫ୍ ନେଇଥିଲେ। ଗତ ଜୁନ୍‌ରେ ଟି୨୦ ବିଶ୍ୱକପ୍ ଜିତିଥିବା ଭାରତ ଆଉ ଏକ ବିଶ୍ୱକପ୍ ଟ୍ରଫି ଜିତିବା ଲାଗି ଆଶା ରଖିଛି। ଯଶପ୍ରୀତ୍ ବୁମ୍‌ରାଙ୍କ ବିନା ଭାରତ ଦୁବାଇରେ ଫେବୃଆରୀ ୨୦ରେ ବାଂଲାଦେଶକୁ ଭେଟି ଏହାର ଅଭିଯାନ ଆରମ୍ଭ କରିବ। ପରେ ଫେବୃଆରୀ ୨୩ରେ ଦଳ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ମାର୍ଚ୍ଚ ୨ରେ ଦଳ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ନ୍ୟୁଜିଲାଣ୍ଡ ସହିତ ମୁକାବିଲା କରିବ। ନିକଟରେ ଇଂଲଣ୍ଡ ବିପକ୍ଷରେ ୩-୦ରେ ଅନ୍ତର୍ଜାତୀୟ ଦିନିକିଆ ସିରିଜ ବିଜୟ ପରେ ଭାରତର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଚାମ୍ପିୟନ୍ସ ଟ୍ରଫିରେ ଭାରତ ରୋହିତ ଓ କୋହଲିଙ୍କଠାରୁ କିଛି ରନ ଆଶା କରୁଛି। ଟେଷ୍ଟ କ୍ରିକେଟରେ ବାରମ୍ବାର ବିଫଳ ହେବାରୁ ଦୁଇ ବ୍ୟାଟରଙ୍କୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ତେବେ ନିକଟରେ ସେମାନେ ତାହାର ଜବାବ ଦେଇଛନ୍ତି। ଇଂଲଣ୍ଡ ବିପକ୍ଷ କଟକ ଅନ୍ତର୍ଜାତୀୟ ଦିନିକିଆରେ ରୋହିତ ୯୦ ବଲ୍‌ରୁ ଚମତ୍କାର ୧୧୯ ରନ କରିଛନ୍ତି। ଅହମଦାବାଦରେ କୋହଲି ତାଙ୍କର ୭୩ତମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏଥିଯୋଗୁ ଦୁଇ ବ୍ୟାଟରଙ୍କୁ ହୁଏତ ସାମୟିକ ଆଶ୍ୱସ୍ତି ମିଳିଥାଇପାରେ, ହେଲେ ଚାମ୍ପିୟନ୍ସ ଟ୍ରଫିରେ ସେମାନଙ୍କ ପ୍ରଦର୍ଶନ ସେମାନଙ୍କ କ୍ରିକେଟ ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ। ପରବର୍ତ୍ତୀ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ସାଇକେଲ(ଚକ୍ର) ଜୁନ୍‌ରୁ ଆରମ୍ଭ ହେବ। ଏଥିରୁ ୨୦୨୭ରେ ହେବାକୁଥିବା ୫୦ ଓଭର ବିଶ୍ୱକପ୍ ପାଇଁ ଏକ ଦଳ ଗଢିବାକୁ ହେବ। ତେଣୁ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ସିଲେକ୍ସନ ପ୍ୟାନେଲ ଦୁବାଇରେ ଏହି ଦୁଇ ଭେଟେରାନ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରଖିବ। ଅନ୍ତର୍ଜାତୀୟ ଦିନିକିଆ ଇତିହାସରେ ୧୪,୦୦୦ ରନ ପୂରଣ କରିବାରେ ତୃତୀୟ ବ୍ୟାଟର ହେବାର ଗୌରବ ଅର୍ଜନ କରିବା ଲାଗି କୋହଲି ଆଉ ମାତ୍ର ୩୭ରନ ଆବଶ୍ୟକ କରୁଛନ୍ତି। ସେହିପରି ରୋହିତ ଆଉ ମାତ୍ର ୧୨ ରନ କରିପାରିଲେ ୧୧,୦୦୦ ରନ ପୂରଣ କରିବାରେ ୧୦ମ ବ୍ୟାଟର ହେବେ। କିନ୍ତୁ ଟ୍ରଫିହାସଲ ବିନା ଏହି ରେକର୍ଡର ମୂଲ୍ୟ ଖାସ୍ ରହିବ ନାହିଁ। ଅନ୍ୟପକ୍ଷରେ ଯୁବ ଖେଳାଳିଙ୍କ ଲାଗି ଏହି ଟୁର୍ନାମେଣ୍ଟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯୁବ ବ୍ୟାଟର ଗିଲ୍‌ଙ୍କୁ ବଡ଼ ପଦୋନ୍ନତି ଦିଆଯାଇ ତାଙ୍କୁ ଉପ ଅଧିନାୟକ କରାଯାଇଛି, ଯାହାଙ୍କର କି ଏହି ଫର୍ମାଟରେ ଆଭରେଜ ପାଖାପାଖି ୬୧ ରହିଛି। ଚାମ୍ପିୟନ୍ସ ଟ୍ରଫିରେ ତାଙ୍କ ପ୍ରଦର୍ଶନ କିପରି ରହୁଛି ତାହା ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ। ଇଞ୍ଜୁରୀ ପାଇଁ ବୁମ୍‌ରାଙ୍କ ଅନୁପସ୍ଥିତି ଅର୍ଶଦୀପ ସିଂ ଓ ହର୍ଷିତ ରାଣାଙ୍କ ଭଳି ବୋଲରଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଦଳର ଅନ୍ୟତମ ବଡ଼ ଅସ୍ତ୍ର ବୋଲି ବରୁଣ ଚକ୍ରବର୍ତ୍ତୀଙ୍କୁ ପ୍ରମାଣ କରି ଦେଖାଇବାକୁ ପଡ଼ିବ।

ଦୁବାଇ ଯିବା ପୂର୍ବରୁ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ